ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୮/୨୦୨୫ (୧୪ ପୃଷ୍ଠା) Bhubaneswar, Monday, April 28/2025 Page 14 ₹ 7.00
୫୧ଶ ଭାଗ ୧୫୩ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 51 ISSUE 153 ମୂଲ୍ୟ ₹୭/-

# ୨ ଭାଇଙ୍କୁ ମାରି ଜାଳିଦେଲେ

**ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅଞ୍ଚଳରେ ରବିବାର ଘଟିଛି ଡବଲ ମର୍ଡର। ସୁମଣ୍ଡଳ ପଞ୍ଚାୟତ ଭାଲିଆଝର ଗାଁର ଦୁଇଭାଇଙ୍କୁ ସଂଘବଦ୍ଧ ଆକ୍ରମଣ କରାଯାଇ ହତ୍ୟା କରାଯାଇଛି। ଏହାପରେ ପ୍ରମାଣ ନଷ୍ଟ ପାଇଁ ସେମାନଙ୍କ ମୃତଦେହକୁ ନିକଟ ଜଙ୍ଗଲରେ ପୋଡ଼ି ଦିଆଯାଇଛି। ପୂର୍ବ ଶତ୍ରୁତା ଓ ପୁଞ୍ଜିଭୂତ ଅଶାନ୍ତିରୁ ଏହି ଘଟଣା ଘଟିଥିବା କୁହାଯାଉଛି। ଏହି ଡବଲ ମର୍ଡରକୁ ମିଶାଇ ରାଜ୍ୟରେ ରବିବାର ୫ଟି ହତ୍ୟାକାଣ୍ଡ ଘଟିଛି। କେବଳ ହତ୍ୟା ନୁହେଁ, ଗଣବଳାତ୍କାର, ବଳାତ୍କାର, ଡକାୟତି, ଶିଶୁ ଚୋରି ଆଦି ଏକାଧିକ ଘଟଣା ଚଳିତମାସରେ ଘଟିଛି। ଏଥିରୁ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅନେକେ ମତ ଦେଉଛନ୍ତି।**


ସଞ୍ଜୟ ବାରିକ


ଅଜୟ ବାରିକ

**ଖଲ୍ଲିକୋଟ/ବ୍ରହ୍ମପୁର,୨୭।୪**
**(ପ୍ରଶାନ୍ତ କୁମାର ମିଶ୍ର/ସୁବାସ ଚନ୍ଦ୍ର ପାଢ଼ୀ)**

ବେଗୁନିଆପଡ଼ା ଘଟଣାରେ ମୃତକ ଦ୍ୱୟ ହେଲେ ସଞ୍ଜୟ ବାରିକ ଓରଫ ବାଙ୍କା (୨୫) ଓ ତାଙ୍କ ସାନଭାଇ ଅଜୟ ବାରିକ(୨୩)। ସେମାନେ ରବିବାର ବେଗୁନିଆପଡ଼ା ଥାନା ଶାଳବଣ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ପାଇଁ ଆୟୋଜିତ ନାମଯଜ୍ଞସ୍ଥଳକୁ ଯାଇଥିଲେ। ସେଠାରେ ଶାଳବଣ କେତେଜଣ ଲୋକଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଏହାପରେ ଗାଁର କେତେଜଣ ମେଳିହୋଇ ଉଭୟଙ୍କୁ ପିଟି ପିଟି କିଛି ଦୂରକୁ ନେଇ ହତ୍ୟା କରିଥିଲେ। ପରେ ସେମାନେ ମୃତଦେହ ଉପରେ ପାଳ ଜାଳି ଦେଇଥିଲେ। ମଧ୍ୟାହ୍ନରେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ମରେଇ ନୂଆଗାଁ ରାସ୍ତାକଡ଼ରେ ୨ଟି ଦରପୋଡା ମୃତଦେହ ପଡ଼ିଥିବା ଦେଖି କେତେଜଣ ଲୋକ ପୋଲିସକୁ ଖବର ଦେଇଥିଲେ। ବେଗୁନିଆପଡ଼ା ପୋଲିସ, ପୁରୁଷୋତ୍ତମପୁର ଏସ୍‌ଡିପିଓ ଦୀପକ କୁମାର ମିଶ୍ର, ଗଞ୍ଜାମ ଅତିରିକ୍ତ ଏସ୍‌ପି ରଞ୍ଜିତ୍ କୁମାର ପୁଷ୍ଟି ଓ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହର ପୋଡା ଅଂଶ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଏ ନେଇ ଥାନାରେ ୨୨୦/୨୫ ନମ୍ବରରେ ହତ୍ୟା ମାମଲା ରୁଜୁ ହୋଇଛି। ଅନ୍ୟପଟେ ମୃତ ୨ ଭାଇଙ୍କ ନାମରେ ବିଭିନ୍ନ ଥାନାରେ ଆପରାଧିକ ମାମଲା ରହିଥିବା ସୂଚନା ମିଳିଛି। ୨୦୨୧ରେ ଅଜୟ ବେଗୁନିଆପଡ଼ା ବ୍ଲକର ପୂର୍ବତନ ଚେୟାରମ୍ୟାନ ଦେବରାଜ ସାହୁ ହତ୍ୟା ମାମଲାରେ ଗିରଫ ହୋଇ ଜେଲ ଯାଇଥିଲେ। ସେ କିଛିଦିନ ହେଲା ଜାମିନରେ ଆସିଥିଲେ ବୋଲି ଏସ୍‌ଡିପିଓ ମିଶ୍ର ସୂଚନା ଦେଇଛନ୍ତି।

(ଅଧିକ ଅପରାଧ ଖବର ପୃଷ୍ଠା-୭)

# ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ମୋଗଲ ବିଷୟ ବାଦ୍

**ନୂଆଦିଲ୍ଲୀ,୨୭।୪**

## ସାମିଲ ହେଲା ମଗଧ ସାମ୍ରାଜ୍ୟ, ମହାକୁମ୍ଭ

ସପ୍ତମ ଶ୍ରେଣୀ ପିଲାମାନେ ଗତବର୍ଷ ପର୍ଯ୍ୟନ୍ତ ସେମାନଙ୍କ ସାମାଜିକ ବିଜ୍ଞାନ ପାଠ୍ୟକ୍ରମରେ ମୋଗଲ ଏବଂ ଦିଲ୍ଲୀ ସୁଲତାନ ଶାସନ ବିଷୟ ପଢ଼ିଆସୁଥିଲେ। ଜାତୀୟ ପାଠ୍ୟକ୍ରମ ରୂପରେଖ (ଏନ୍‌ସିଏଫ୍) ଅନୁଯାୟୀ ନୂଆ ଏନ୍‌ସିଇଆର୍‌ଟି ପାଠ୍ୟପୁସ୍ତକରୁ ଉପରୋକ୍ତ ଅଧ୍ୟାୟଗୁଡ଼ିକୁ ବାଦ୍ ଦିଆଯାଇ ଭାରତୀୟ ଲୋକାଚାରକୁ ଗୁରୁତ୍ୱ ଦେଇ ଉକ୍ତ ସ୍ଥାନରେ ମଗଧ, ମୌର୍ଯ୍ୟ, ଶୁଙ୍ଗ ଏବଂ ସାତବାହନ ଭଳି ପୁରାତନ ଭାରତୀୟ ରାଜବଂଶ ଉପରେ ନୂଆ ଅଧ୍ୟାୟ ସାମିଲ କରାଯାଇଛି। ଏଥିସହିତ ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚଳିତବର୍ଷ ଆୟୋଜିତ ହୋଇଥିବା ମହାକୁମ୍ଭକୁ ମଧ୍ୟ ନୂତନ ପାଠ୍ୟପୁସ୍ତକରେ ନିଆଯାଇଛି। କେବଳ ସେତିକି ନୁହେଁ, ବିଭିନ୍ନ ଅଧ୍ୟାୟରୁ ସଂସ୍କୃତ ଶବ୍ଦ ଯଥା ଜନପଥ, ଅଧିରାଜ, ରାଜାଧିରାଜ ଆଦିକୁ ହଟାଇ ଦିଆଯାଇଛି।

ଜାତୀୟ ଶିକ୍ଷାନୀତି(୨୦୨୦) ଏବଂ ନୂଆ ଏନ୍‌ସିଏଫ୍ ଅନୁଯାୟୀ ଏନ୍‌ସିଇଆର୍‌ଟି ସପ୍ତମ ଶ୍ରେଣୀର ନୂଆ ପାଠ୍ୟପୁସ୍ତକ 'ଏକ୍ସପ୍ଲୋରିଂ ସୋସାଇଟି: ଇଣ୍ଡିଆ ଆଣ୍ଡ ବିୟଣ୍ଡ', ପ୍ରଥମ ଭାଗରେ ଅନେକ ପରିବର୍ତ୍ତନ କରିଛି, ଯେଉଁଥିରେ ଭାରତୀୟ ଏବଂ ସ୍ଥାନୀୟ ବିଷୟବସ୍ତୁ ଓ ଲୋକାଚାରକୁ ଗୁରୁତ୍ୱ ଦିଆଯାଇଛି। ପୁସ୍ତକର ମୁଖବନ୍ଧରେ ଏନ୍‌ସିଇଆର୍‌ଟି ନିର୍ଦ୍ଦେଶକ ଦୀନେଶ ପ୍ରସାଦ ସାକ୍‌ଲାନ ଲେଖିଛନ୍ତି, 'ଆମ ଛାତ୍ରୀଛାତ୍ରଙ୍କ ବିକାଶ ପାଇଁ ଆମେ ଚାହୁଁଥିବା ଭାରତୀୟ ସାଂସ୍କୃତିକ ସନ୍ଦର୍ଭ ଆଧାରିତ ମୂଲ୍ୟବୋଧକୁ ପାଠ୍ୟପୁସ୍ତକରେ ସନ୍ନିବେଶିତ କରିବା ସହ ବୟସ ଉପଯୁକ୍ତତା ଅନୁଯାୟୀ ବୈଶ୍ୱିକ ଦୃଷ୍ଟିକୋଣକୁ ସାମିଲ କରିଛୁ'। ଗତବର୍ଷ ଏନ୍‌ସିଇଆର୍‌ଟି ତୃତୀୟ ଓ ଷଷ୍ଠ ଶ୍ରେଣୀ ପାଇଁ ନୂଆ ପୁସ୍ତକ ଆଣିଥିବାବେଳେ ଏଥର ଚତୁର୍ଥ ଓ ସପ୍ତମ ଶ୍ରେଣୀ ପୁସ୍ତକରେ ପରିବର୍ତ୍ତନ କରିଛି। ଆସନ୍ତା ମାସରେ ଉକ୍ତ ପୁସ୍ତକର ଦ୍ୱିତୀୟ ଭାଗ ପ୍ରକାଶ ପାଇବ ବୋଲି ଏନ୍‌ସିଇଆର୍‌ଟିର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେଥିରେ ଅନେକ ଅତିରିକ୍ତ ବିଷୟ ସାମିଲ ହେବାକୁ ଯାଉଛି।

**ଆଜିର ସମ୍ପାଦକୀୟ**
ଭଡ଼ଭଡ଼

DSPL-46


ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ


ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ
୧୭୭ତମ ଜୟନ୍ତୀ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ

ମୁଖ୍ୟ ଅତିଥି
ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ ଓଡ଼ିଶା

ସଦୟ ଉପସ୍ଥିତି
ଶ୍ରୀ ପ୍ରଦିପ ବଳ ସାମନ୍ତ
ସମବାୟ, ହସ୍ତତନ୍ତ ଓ ବୟନଶିଳ୍ପ ମନ୍ତ୍ରୀ, ଓଡ଼ିଶା ସରକାର

ଆଲୋଚନା ଚକ୍ର
ଓଡ଼ିଶା ମାଟିରେ ସମବାୟ ଆନ୍ଦୋଳନର ମୂଳଦୁଆ ସ୍ଥାପନରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଭୂମିକା
କୃଷି ଭବନ, ଭୁବନେଶ୍ୱର

ଜମା ରାଶି ଫେରସ୍ତ
ସହରାଞ୍ଚଳ ସମବାୟ ବ୍ୟାଙ୍କ, ଭୁବନେଶ୍ୱରର ଜମାକାରୀମାନଙ୍କର ଜମା ରାଶି ଫେରସ୍ତ
ଲୋକସେବା ଭବନ ଓ କୃଷି ଭବନ, ଭୁବନେଶ୍ୱର

ବୁଝାମଣାପତ୍ର ସାକ୍ଷର
କୃଷି ସମବାୟ ସମିତି ଗୁଡ଼ିକର ବ୍ୟବସାୟିକ ବିବିଧିକରଣ ତଥା କୃଷକମାନଙ୍କୁ ଉନ୍ନତ ସେବା ପ୍ରଦାନ ପାଇଁ ତ୍ରିଭୁବନ ସମବାୟ ବିଶ୍ୱବିଦ୍ୟାଳୟ, IRMA ସ୍କୁଲ, ଆନନ୍ଦ, ଗୁଜରାଟ ସହିତ ବୁଝାମଣାପତ୍ର ସାକ୍ଷର
ଲୋକସେବା ଭବନ, ଭୁବନେଶ୍ୱର

୨୮ ଏପ୍ରିଲ ୨୦୨୫ | ସନ୍ଧ୍ୟା ୫.୦୦ ଘଟିକା

ସମବାୟ ବିଭାଗ, ଓଡ଼ିଶା ସରକାର




89 YEARS TRUST IS TIMELESS | 100% BIS Hallmarked HUID Pure Gold Jewellery | 100% Exchange of Old Gold | Fair Price Policy | Free Insurance on Diamonds | Tested and Certified Diamonds | Safe Gold Purchase Scheme | Lifetime Buyback Guarantee

BHUBANESWAR 621, Saheed Nagar, Janpath
BHUBANESWAR 309, District Center, Chandrasekharpur
BHUBANESWAR 551/1815, Samantarapur
BHUBANESWAR 5089, Soubhagya Nagar
PURI Opp. Police Line, VIP Road

STORES ALSO AT:
BERHAMPUR | CUTTACK | JHARSUGUDA | ROURKELA
ANGUL Opening Soon | JAJPUR ROAD Opening Soon

UP TO ₹3,000 EXTRA CASHBACK* SBI card
*Min. Trxn.: ₹40,000; Max. Cashback: ₹3,000 per card account; Validity: 25 Apr - 04 May 2025. T&C Apply.

khimjijewellers.com 1800 3131 777 Follow us on:

KHIMJI
JEWELLERS SINCE 1936

# ଭାରତର ଶକ୍ତି ପ୍ରଦର୍ଶନ, ପାକ୍‌ର ଧମକ

**ନୂଆଦିଲ୍ଲୀ/ଇସ୍‌ଲାମାବାଦ,୨୭।୪**

ଭାରତୀୟ ନୌସେନା ରବିବାର ଦୂରଗାମୀ ଲକ୍ଷ୍ୟଭେଦୀ ଆକ୍ରମଣ ପ୍ରସ୍ତୁତିକୁ ଦୋହରାଇବାକୁ ଯାଇ ସମୁଦ୍ରରେ ଅନେକ ଆଣ୍ଟି-ଶିପ୍ ମିଶାଇଲ୍ ଫାୟାରିଂ କରିଛି। ପହଲଗାମ୍ ଆକ୍ରମଣରେ ୨୬ ହିନ୍ଦୁଙ୍କ ପ୍ରାଣହାନିକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ବଢୁଥିବାବେଳେ ସାମୁଦ୍ରିକ ଜଳରାଶି ଉପରେ ଯୁଦ୍ଧପୋତରୁ ଏହି ମିଶାଇଲ ପରୀକ୍ଷଣ କରି ଭାରତ ସବୁ ପ୍ରକାର ସମ୍ଭାବ୍ୟ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ବୋଲି ପଡ଼ୋଶୀ ଦେଶକୁ ପରୋକ୍ଷରେ ବାର୍ତ୍ତା ଦେଇଛି। ଏପରି କି ଏହି ଆତଙ୍କବାଦୀ ଆକ୍ରମଣର ଦୃଶ୍ୟ ଦେଖି ଦେଶବାସୀଙ୍କ ରକ୍ତ ତାତିଯାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ଏହି ପୃଷ୍ଠଭୂମିରେ ପାକିସ୍ତାନ ପଟୁ ତୁହାକୁ ତୁହା ଧମକ ଆସିବାରେ ଲାଗିଛି। ପାକିସ୍ତାନ ମନ୍ତ୍ରୀ ହାନିଫ୍ ଅବ୍ବାସି ଭାରତକୁ ଖୋଲାଖୋଲି ଆଣବିକ ଆକ୍ରମଣର ଧମକ ଦେଇଛନ୍ତି। ଘୋରୀ, ଶାହିନ୍ ଓ ଗଜ୍‌ନବି ମିଶାଇଲ୍ ସମେତ ୧୩୦ ଆଣବିକ ଯୁଦ୍ଧାସ୍ତ୍ରକୁ କେବଳ ଭାରତ ପାଇଁ ପ୍ରସ୍ତୁତ କରି ରଖାଯାଇଥିବା ସେ କହିଛନ୍ତି।

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଶନିବାର ଭାରତକୁ କୌଣସି ପ୍ରକାର ସାମରିକ କାର୍ଯ୍ୟାନୁଷ୍ଠାନର ଜବାବ ଦେବାକୁ ପ୍ରସ୍ତୁତ ବୋଲି କହିଥିଲେ।




ସେହିପରି ପୂର୍ବତନ ବହିର୍ବ୍ୟାପାର ମନ୍ତ୍ରୀ ବିଲାୱଲ ଭୁଟ୍ଟୋ ଭାରତ ସିନ୍ଧୁ ନଦୀ ଜଳ ବନ୍ଦ କଲେ ରକ୍ତ ବହିବ ବୋଲି ଧମକ ଦେଇଥିଲେ। ଏହାର ଦିନକ ପରେ ଶରିଫ୍‌ଙ୍କ କ୍ୟାବିନେଟରେ ରେଳମନ୍ତ୍ରୀ ଥିବା ହାନିଫ୍ ଅବ୍ବାସି କହିଛନ୍ତି, ଭାରତ ଯଦି ୧୯୬୦ର ସିନ୍ଧୁ ଜଳ ଚୁକ୍ତି (ଆଇଡବ୍ଲ୍ୟୁଟି) ରଦ୍ଦ କରି ପାକିସ୍ତାନର ପାଣି ରୋକିବାକୁ ଉଦ୍ୟମ କରେ ତେବେ ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇ ରହିବା ଉଚିତ।



**୧୩୦ ଆଣବିକ ଯୁଦ୍ଧାସ୍ତ୍ର କେବଳ ଭାରତ ପାଇଁ ରଖିଛୁ: ହାନିଫ୍ ଅବ୍ବାସି**

ପାକିସ୍ତାନର ଆଣବିକ ଅସ୍ତ୍ରଗୁଡ଼ିକ କେବଳ ପ୍ରଦର୍ଶନ ପାଇଁ ନୁହେଁ, ସାରା ଦେଶରେ ବିଭିନ୍ନ ସ୍ଥାନରେ ଲୁକ୍କାୟିତ ଭାବେ ଏଭଳି ଅସ୍ତ୍ର ଗଚ୍ଛିତ ରଖାଯାଇଛି। ଭାରତ ଉସୁକାଉଲେ ସେଗୁଡ଼ିକୁ ପ୍ରୟୋଗ କରାଯିବ। ଏହି ଦୂରଗାମୀ କ୍ଷେପଣାସ୍ତ୍ର କେବଳ ଭାରତକୁ ଆକ୍ରମଣ କରିବା ପାଇଁ ଉଦ୍ଦିଷ୍ଟ ବୋଲି ହାନିଫ୍ କହିଛନ୍ତି। ସେହିପରି ପାକିସ୍ତାନ ଭାରତ ପାଇଁ ୨ ଦିନ ହେଲା ନିଜ ବାୟୁସୀମାକୁ ବନ୍ଦ କରିଛି। ଏହି ସ୍ଥିତି ଆଉ ୧୦ ଦିନ ଲାଗିରହିଲେ ଭାରତୀୟ ଏୟାରଲାଇନ୍ସଗୁଡ଼ିକ ଦେବାଳିଆ ହୋଇଯିବେ। ଭାରତର ନିଜ ସୁରକ୍ଷା ବିଫଳତା ଯୋଗୁ ପହଲଗାମ୍ ଆକ୍ରମଣ ଘଟିଲା ବୋଲି ସେମାନେ ସ୍ୱୀକାର କରିବା ପରିବର୍ତ୍ତେ ପାକିସ୍ତାନ ଉପରେ ଦୋଷ ଲଦୁଛନ୍ତି। ଇସ୍‌ଲାମାବାଦ ଏହା ବିରୋଧରେ ନିଆଯାଉଥିବା ଯେକୌଣସି ଆର୍ଥିକ ପଦକ୍ଷେପର ମୁକାବିଲା ପାଇଁ ପ୍ରସ୍ତୁତ ହୋଇ ରହିଥିବା ସେ କହିଛନ୍ତି। ହାନିଫ୍‌ଙ୍କ ମନ୍ତବ୍ୟ ଏଭଳି ସମୟରେ ଆସିଛି, ଯେତେବେଳେ କି ୨ ଦିନ ପୂର୍ବରୁ ପାକିସ୍ତାନ ପ୍ରତିରକ୍ଷା ମନ୍ତ୍ରୀ ଖ୍ୱାଜା ଆସିଫ୍ ଏକ ସାକ୍ଷାତକାରରେ ଆତଙ୍କବାଦୀଙ୍କୁ ତାଙ୍କ ଦେଶ ତାଲିମ, ଅସ୍ତ୍ର ପ୍ରଦାନ ଓ ପାଣ୍ଠି ଯୋଗାଣ କରୁଥିବା ବିଷୟ ସ୍ୱୀକାର କରିଥିଲେ।

ଅନ୍ୟପକ୍ଷେ ପହଲଗାମ୍ ଆକ୍ରମଣ ପରେ ଦୁଇଦେଶ ମଧ୍ୟରେ ତିକ୍ତତା ଚରମସୀମାରେ ଥିବାରୁ ପାକିସ୍ତାନ ଯୁଦ୍ଧ ଆଶଙ୍କା କରି ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ଅସ୍ତ୍ରଶସ୍ତ୍ର ଓ ସୈନ୍ୟ ଠୁଳ କରିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ୨ ଦିନ ତଳେ ରାଜସ୍ଥାନ ସୀମାରେ ଭାରତୀୟ ସେନା ଟ୍ୟାଙ୍କଗୁଡ଼ିକୁ ନେଇ ସୈନ୍ୟମାନେ ସାମରିକ କୌଶଳ ପ୍ରଦର୍ଶନ କରିଥିଲେ। ରବିବାର ଭାରତୀୟ ନୌସେନା ପକ୍ଷରୁ ଏକ୍ସ'ରେ ଏକ ବିବୃତି ଜାରି କରାଯାଇଛି। ଏଥିରେ ଦେଶର ଯୁଦ୍ଧ ପ୍ରସ୍ତୁତିକୁ ମଜଭୁତ୍ କରିବା ଲାଗି ଆଣ୍ଟି-ଶିପ୍ ଫାୟରିଂ କରାଯାଇଥିବା ଉଲ୍ଲେଖ କରାଯାଇଛି। ଏଥିସହ କ୍ଷେପଣାସ୍ତ୍ର ଛଡ଼ାଯିବାବେଳର କେତେକ ଫଟୋ ମଧ୍ୟ ପୋଷ୍ଟ କରାଯାଇଛି।

## 'ପହଲଗାମ୍ ମୃତକଙ୍କୁ ନିଶ୍ଚୟ ନ୍ୟାୟ ମିଳିବ'

**ନୂଆଦିଲ୍ଲୀ,୨୭।୪(ପି.ଟି.)**

**ମୋଦିଙ୍କ ମନ୍ କୀ ବାତ୍**



ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ମୃତକମାନଙ୍କୁ ନିଶ୍ଚୟ ନ୍ୟାୟ ମିଳିବ। ୨୬ ଜଣ ନିରୀହ ଲୋକଙ୍କୁ ହତ୍ୟା କରିଥିବା ଆତଙ୍କବାଦୀ ଓ ଷଡ଼ଯନ୍ତ୍ରକାରୀମାନଙ୍କୁ ଅତ୍ୟନ୍ତ କଠୋର ଓ ନିର୍ମମ ଦଣ୍ଡ ମିଳିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ତାଙ୍କର ମାସିକ ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇ କହିଛନ୍ତି। ଆକ୍ରମଣର ଦୃଶ୍ୟ ଦେଖି ପ୍ରତ୍ୟେକ ଭାରତୀୟଙ୍କ ରକ୍ତ ଗରମ ହୋଇଛି। ଆତଙ୍କବାଦ ବିରୋଧୀ ଲଢ଼େଇରେ ଦେଶର ଏକତା ଏବଂ ଏହାର ୧୪୦ କୋଟି ଜନସାଧାରଣଙ୍କ ସମର୍ଥନ ସବୁଠୁ ବଡ଼ ଶକ୍ତି। ଏହି ଏକତା ଆତଙ୍କବାଦ ବିରୋଧରେ ଆମ ନିର୍ଣ୍ଣାୟକ ଲଢ଼େଇର ଆଧାର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

କଶ୍ମୀରରେ ଶାନ୍ତି ଫେରିଥିବାବେଳେ ପ୍ରସିଦ୍ଧ ପର୍ଯ୍ୟଟନ ସହର ଉପରେ ଆକ୍ରମଣ ଆତଙ୍କବାଦର ପୃଷ୍ଠପୋଷକମାନଙ୍କର ଭୀରୁତା ଏବଂ ନିରାଶାକୁ ପ୍ରତିଫଳିତ କରୁଛି ବୋଲି ପାକିସ୍ତାନକୁ ଲକ୍ଷ୍ୟ କରି ପ୍ରଧାନମନ୍ତ୍ରୀ କହିଛନ୍ତି। କଶ୍ମୀରରେ ନିର୍ମାଣ କାର୍ଯ୍ୟରେ ଅଭୂତପୂର୍ବ ଅଗ୍ରଗତି ହେବା ସହ ଗଣତନ୍ତ୍ର ସୁଦୃଢ଼ ହୋଇଛି। ପର୍ଯ୍ୟଟକ ସଂଖ୍ୟାରେ ରେକର୍ଡ ବୃଦ୍ଧି ଘଟିବା ସହ ଲୋକଙ୍କ ଆୟ ବଢ଼ିଛି ଓ ନୂଆ ସୁଯୋଗ ସୃଷ୍ଟି ହୋଇଛି। ଦେଶ ତଥା ଜମ୍ମୁ-କଶ୍ମୀରର ଶତ୍ରୁମାନେ ଏହାକୁ ପସନ୍ଦ କରୁନାହାନ୍ତି। ଆତଙ୍କବାଦୀ ଓ ଆତଙ୍କବାଦର ମାଷ୍ଟରମାଇଣ୍ଡମାନେ କଶ୍ମୀରକୁ ପୁଣିଥରେ ଧ୍ୱଂସ କରିଦେବାକୁ ଚାହାନ୍ତି। ସେଥିପାଇଁ ସେମାନେ ଏଭଳି ବଡ଼ ଷଡ଼ଯନ୍ତ୍ର କରିଥିବା ମୋଦି କହିଛନ୍ତି।

ଭାରତ କମ୍ ବ୍ୟୟରେ ଓ ସଫଳତାର ସହ ମହାକାଶ କାର୍ଯ୍ୟକ୍ରମ କରାଇ ସାରା ବିଶ୍ୱରେ ଅଗ୍ରଣୀ ଭୂମିକା ନେବା ସହ ଏକ ବୈଶ୍ୱିକ ମହାକାଶ ଶକ୍ତିରେ ପରିଣତ ହୋଇଛି। ଭବିଷ୍ୟତରେ ଏହା ନୂଆ ଶିଖର ଛୁଇଁବାକୁ ଯାଉଛି। ସ୍ପେସ୍ ଷ୍ଟାର୍ଟଅପ୍‌ଗୁଡ଼ିକରେ ଯୁବବର୍ଗ ନୂତନ ସଫଳତା ହାସଲ କରୁଛନ୍ତି। ଏହି କ୍ଷେତ୍ରରେ ୩୨୫ରୁ ଊର୍ଦ୍ଧ୍ୱ ଷ୍ଟାର୍ଟଅପ୍ କାର୍ଯ୍ୟ କରୁଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ସେ ଗତ ୨୫ ତାରିଖରେ ପ୍ରାଣ ହରାଇଥିବା ଇସ୍ରୋର ପୂର୍ବତନ ଅଧ୍ୟକ୍ଷ କେ. କସ୍ତୁରୀରଙ୍ଗନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଭାରତୀୟ ମହାକାଶ କାର୍ଯ୍ୟକ୍ରମ ଓ ଶିକ୍ଷା କ୍ଷେତ୍ରରେ ତାଙ୍କ ଅବଦାନ ସ୍ମରଣୀୟ ହୋଇ ରହିବ ବୋଲି କହିଛନ୍ତି।

## ଗାଜାରେ ୫୧ ମୃତ

**ଡେର୍ ଅଲ୍-ବଲାହ, ୨୭।୪**

ଇସ୍ରାଏଲୀ ଏୟାର ଷ୍ଟ୍ରାଇକ୍‌ରେ ୨୪ ଘଣ୍ଟାରେ ଗାଜାରେ ୫୧ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ହମାସ୍ ପରିଚାଳିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ରବିବାର ସୂଚନା ଦେଇଛି। ଯୁଦ୍ଧ ଆରମ୍ଭ ହେବା ପରଠାରୁ ୧୮ ମାସ ମଧ୍ୟରେ ପାଲେଷ୍ଟିନୀୟଙ୍କ ମୃତ୍ୟୁ ସଂଖ୍ୟା ୫୨ ହଜାର ପାର୍ କରିଛି। ରବିବାର ସୁଦ୍ଧା ଇସ୍ରାଏଲର ଏୟାରଷ୍ଟ୍ରାଇକ୍‌ରେ ୫୨,୨୪୩ ଜଣ ପାଲେଷ୍ଟିନୀୟଙ୍କର ମୃତ୍ୟୁ ଘଟିଥିବା ଗାଜାସ୍ଥିତ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ କହିଛି।

## ବିମାନରେ ବୋମା ଗୁଜବ, କାନାଡା ନାଗରିକ ଅଟକ

**ବାରାଣସୀ, ୨୭।୪**

ବାରାଣସୀରୁ ବେଙ୍ଗାଲୁରୁ ଯାଉଥିବା ଏକ ଇଣ୍ଡିଗୋ ବିମାନ ଟେକଅଫ୍ କରୁଥିବା ସମୟରେ ସେଥିରେ ବୋମା ଥିବା ନେଇ ରବିବାର କାନାଡାର ଜଣେ ଯାତ୍ରୀ ଦାବି କରିଥିଲେ। ଫଳରେ ବିମାନରୁ ଯାତ୍ରୀମାନଙ୍କୁ ଓହ୍ଲାଯାଇଥିଲା। ଘଟଣାକୁ ନେଇ ବାରାଣସୀ ଏୟାରପୋର୍ଟରେ ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ସୁରକ୍ଷା ଅଧିକାରୀମାନେ ଯାଞ୍ଚ ପରେ ବିମାନରୁ କୌଣସି ସନ୍ଦିଗ୍ଧ ବସ୍ତୁ ନ ପାଇବାରୁ ଏହା ପୁଣି ଉଡ଼ାଣ କରିଥିଲା। ଗୁଜବ କରିଥିବା କାନାଡୀୟଙ୍କୁ ପୋଲିସ ଅଟକ ରଖିଛି।

## ଭେଙ୍କୁଭରରେ କାର୍ ମଡ଼ାଇ ୧୧ ଜଣଙ୍କୁ ହତ୍ୟା

**ଭେଙ୍କୁଭର,୨୭।୪**

କାନାଡାର ବ୍ରିଟିଶ୍ କଲମ୍ବିଆସ୍ଥିତ ଭେଙ୍କୁଭରରେ ଶନିବାର ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଜଣେ ବ୍ୟକ୍ତି ଦ୍ରୁତଗତିରେ କାର୍ ଚଢ଼ାଇ ଦେଇଛନ୍ତି। ଏଥିରେ ୧୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ୩୦ ବର୍ଷୀୟ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି। ତେବେ ଏହା ଆତଙ୍କବାଦୀ କାର୍ଯ୍ୟ ନୁହେଁ ବୋଲି ପୋଲିସ ସ୍ପଷ୍ଟ କରିଛି। ଭେଙ୍କୁଭରରେ ଶନିବାର ସ୍ଥାନୀୟ ସମୟ ରାତି ୮ଟା ୧୪ରେ ଫିଲିପିନୋ ସମ୍ପ୍ରଦାୟର ଲୋକେ ଲାପୁ-ଲାପୁ ଉତ୍ସବ ପାଳୁଥିବାବେଳେ ଇ୪୩ତମ ଆଭେନ୍ୟୁ ଏବଂ ଫ୍ରାସର ଷ୍ଟ୍ରିଟ୍‌ରେ ଏକ କଳାରଙ୍ଗର ଏସ୍‌ୟୁଭି ହଠାତ୍ ମାଡ଼ିଆସିଥିଲା। ଭିଡ଼ ଉପରେ କାର୍ ଚଢ଼ିଯିବାରୁ ଚାହୁଁଚାହୁଁ ୯ ଜଣଙ୍କ ଜୀବନ ଚାଲିଗଲା। ଆହତ ହୋଇଥିବା ଅନ୍ୟୂନ ୨୦ ଜଣଙ୍କୁ ବିଭିନ୍ନ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଲୋକେ କାର୍ ଚାଳକଙ୍କୁ କାବୁ କରିଥିଲେ। ପୋଲିସ ତାଙ୍କୁ ପୂର୍ବରୁ ଜାଣିଥିବା କହିଛି। କାନାଡାରେ ସାଧାରଣ ନିର୍ବାଚନକୁ ୨ ଦିନ ବାକି ଥିବାବେଳେ ଏହା ପୂର୍ବରୁ ଏଭଳି ଘଟଣା ଘଟିଛି। କାନାଡା ପ୍ରଧାନମନ୍ତ୍ରୀ ମାର୍କ କେନି ଘଟଣାର ନିନ୍ଦା କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି।



ଲାପୁ-ଲାପୁ ଷ୍ଟ୍ରିଟ୍ ଫେଷ୍ଟିଭାଲ ବେଳେ ଭିଡ଼ ଉପରକୁ ଚଢ଼ିଯାଇଥିବା ବ୍ଲାକ୍ ଏସ୍‌ୟୁଭି।

## 'ପଞ୍ଜାବ ଚାଷୀ ୪୮ ଘଣ୍ଟାରେ ଫସଲ ଅମଳ କରନ୍ତୁ'

**ଚଣ୍ଡିଗଡ଼,୨୭।୪**

ପହଲଗାମ୍ ଆକ୍ରମଣକୁ ନେଇ ଭାରତ-ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହିଥିବାବେଳେ ସୀମାନ୍ତ ଜମିରୁ ୪୮ ଘଣ୍ଟା ମଧ୍ୟରେ ଫସଲ ଅମଳ ଶେଷ କରିବାକୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)ର ଅଧିକାରୀମାନେ ଶନିବାର ପଞ୍ଜାବ ଚାଷୀଙ୍କୁ କହିଥିବା ଅଭିଯୋଗ ହୋଇଛି। ତେବେ ଏଭଳି କୌଣସି ନିର୍ଦ୍ଦେଶନାମା ଜାରି ହୋଇ ନ ଥିବା ସ୍ଥାନୀୟ ପ୍ରଶାସନ ଏବଂ ବିଏସ୍‌ଏଫ୍ ପକ୍ଷରୁ କୁହାଯାଇଛି। ୪୮ ଘଣ୍ଟା ମଧ୍ୟରେ ଗହମ ଫସଲ ଅମଳ କରି ଜମିରୁ ନେଇଯିବା ପାଇଁ ଅମୃତସର, ତରନ୍‌ତାରନ୍, ଫିରୋଜପୁର ଏବଂ ଫାଜିଲ୍‌କା ଜିଲାର ଚାଷୀମାନଙ୍କୁ ଗ୍ରାମ ଗୁରୁଦ୍ୱାରାଗୁଡ଼ିକ ଜରିଆରେ ଘୋଷଣା କରାଯାଇଥିଲା। ସ୍ଥିତି ଅଧିକ ଖରାପ ହେଲେ ଆଗୁଆ ଅଞ୍ଚଳଗୁଡ଼ିକୁ ଯିବା ପାଇଁ ଗେଟ୍ ବନ୍ଦ ହୋଇଯିବ ଏବଂ ସୀମାନ୍ତ ଜମିକୁ ଚାଷୀମାନେ ଯାଇପାରିବେ ନାହିଁ। ଭାରତ-ପାକିସ୍ତାନ ଅନ୍ତର୍ଜାତୀୟ ସୀମାର ଜିରୋ ଲାଇନ୍ ଏବଂ ଭାରତୀୟ ପାର୍ଶ୍ୱ ସୀମାନ୍ତ ବାଡ଼ ମଧ୍ୟରେ ପଞ୍ଜାବ ଚାଷୀଙ୍କର ପ୍ରାୟ ୪୫,୦୦୦ ଏକର ଜମି ରହିଛି। ବିଏସ୍‌ଏଫ୍ ପକ୍ଷରୁ ନିର୍ଦ୍ଦେଶ ଜାରି ହୋଇ ନ ଥିବାବେଳେ ଏହାର ଅଫିସରମାନେ ସୋମବାର ସନ୍ଧ୍ୟା ସୁଦ୍ଧା ଫସଲ ଉଠାଇବାକୁ କହିଥିବା ଜଣେ ଚାଷୀନେତା ଅଭିଯୋଗ ଆଣିଛନ୍ତି।

## ଭାରତ ଝେଲମ୍‌ରୁ ପାଣି ଛାଡ଼ିବାରୁ ପିଓକେରେ ବନ୍ୟା

**ଇସ୍‌ଲାମାମାଦ,୨୭।୪**

ଭାରତ କୌଣସି ପୂର୍ବ ସତର୍କ ସୂଚନା ନ ଦେଇ ଶନିବାର ଅଚାନକ ଉରି ଡ୍ୟାମ୍‌ରୁ ପାଣି ଛାଡ଼ିଦେବାରୁ ଝେଲମ୍ ନଦୀର ଜଳସ୍ତର ହଠାତ୍ ବଢ଼ିଯାଇ ପାକ୍ ଅଧିକୃତ କଶ୍ମୀର (ପିଓକେ)ରେ ଭୟର ବାତାବରଣ ସୃଷ୍ଟି ହୋଇଥିବା ସ୍ଥାନୀୟ ଅଧିକାରୀ ଅଭିଯୋଗ କରିଛନ୍ତି। ହଠାତ୍ ଜଳ ଛଡ଼ାଯିବାରୁ ହାଟିଆନ୍ ବାଲା ଜିଲାରେ ୱାଟର ଏମର୍ଜେନ୍ସି ସୃଷ୍ଟି ହୋଇଛି। ନଦୀକୂଳବର୍ତ୍ତୀ ଲୋକେ ଘରଦ୍ୱାର ଛାଡ଼ି ସୁରକ୍ଷିତ ସ୍ଥାନକୁ ପଳାଇଯିବାକୁ ବାଧ୍ୟ ହୋଇଛନ୍ତି। ପାଣି ଜୋର୍‌ରେ ମାଡ଼ିଆସିବାରୁ ଧନଜୀବନର ସୁରକ୍ଷାକୁ ନେଇ ବିଚଳିତ ହୋଇପଡ଼ିଥିଲୁ ବୋଲି ପିଓକେର ଜଣେ ବାସିନ୍ଦା କହିଛନ୍ତି। ପିଓକେ ରାଜଧାନୀ ମୁଜାଫରାବାଦ ଏବଂ ଚାକୋଟିରେ ଅଧିକାରୀମାନେ ଡାକବାଜି ଯନ୍ତ୍ର ଯୋଗେ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ଚାଲିଯିବା ପାଇଁ ସତର୍କ କରାଇଛନ୍ତି। ଝେଲମ୍ ନଦୀ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରୁ ଦୂରେଇ ରହିବା ପାଇଁ ମୁଜାଫରାବାଦ ଜିଲା ଅଧିକାରୀ ଏକ ବିବୃତି ଜରିଆରେ ଲୋକଙ୍କୁ ସତର୍କ କରାଇଛନ୍ତି। କୋହାଲା ଏବଂ ଧଲକୋଟ୍‌ର ଖାଲୁଆ ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟା ସୃଷ୍ଟି ହୋଇଛି।

## ୟୁକ୍ରେନ୍‌କୁ ୧୪୯ ଡ୍ରୋନ୍ ଛାଡ଼ିଲା ରୁଷିଆ

**କିଭ୍,୨୭।୪**

ରୁଷିଆ ପକ୍ଷରୁ ରବିବାର ଭୋର ସମୟରେ ୟୁକ୍ରେନ୍ ଉପରେ ୧୪୯ ଡ୍ରୋନ୍ ଛଡ଼ାଯାଇଛି। ଖେର୍‌ସନ ସହରରେ ହୋଇଥିବା ଏହି ଆକ୍ରମଣରେ ଅନ୍ୟୂନ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକେ ଆହତ ହୋଇଛନ୍ତି। ତେବେ ସେଥିରୁ ୫୭ଟିକୁ ଖସାଇ ଦିଆଯାଇଥିବାବେଳେ ଅନ୍ୟ ୬୭ ଡ୍ରୋନ୍‌କୁ ଅବରୋଧ କରାଯାଇଥିବା କିଭ୍ କହିଛି। ଯୁଦ୍ଧାବସାନ ନେଇ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍‌ଙ୍କ ଆଗ୍ରହ ଉପରେ ଆମେରିକା ପ୍ରତିପକ୍ଷ ଡୋନାଲ୍ଡ ଟ୍ରମ୍ପ ସନ୍ଦେହ ବ୍ୟକ୍ତ କରିବା ପରେ ମସ୍କୋ ଏହି ଡ୍ରୋନ୍ ଆକ୍ରମଣ କରିଛି। ଏହା ପୂର୍ବରୁ ରୁଷିଆ କୁର୍ସ୍କ ରିଜିଅନ୍‌ର ଅବଶିଷ୍ଟ ଅଂଶକୁ ପୁନଃ ଦଖଲ କରିଥିବା ଦାବି କରିଥିଲା। ଅନ୍ୟପକ୍ଷେ ସମ୍ପୃକ୍ତ ଅଞ୍ଚଳରେ ଏବେ ବି ଯୁଦ୍ଧ ଜାରି ରହିଥିବା ୟୁକ୍ରେନ୍ କହିଥିଲା।

## ପହଲଗାମ୍‌ରେ ଏନ୍‌ଆଇଏ ତନାଘନା

**ନୂଆଦିଲ୍ଲୀ,୨୭।୪(ପି.ଟି.)**

ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ରବିବାର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ମାମଲା ସମ୍ପର୍କିତ ତଥ୍ୟପ୍ରମାଣ ଯୋଗାଡ଼ ଲାଗି ବିଭିନ୍ନ ସ୍ଥାନରେ ଚଢ଼ାଉକୁ ଜୋରଦାର କରିଛି। ଆକ୍ରମଣ ପଛର ଷଡ଼ଯନ୍ତ୍ର ଦିଗକୁ ଖୋଜି ବାହାର କରିବା ଲାଗି ଏନ୍‌ଆଇଏ ସାକ୍ଷୀମାନଙ୍କୁ ପଚରାଉଚରା କରୁଛି। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ମିଳିବା ପରେ ଏନ୍‌ଆଇଏ ରବିବାର ଜମ୍ମୁରେ ମାମଲା ରୁଜୁ କରିଛି। ଏହାର ଏକାଧିକ ଟିମ୍ ତଦନ୍ତରେ ସାମିଲ ହୋଇଛନ୍ତି। ଗତ ମଙ୍ଗଳବାର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣରେ ୨୬ ଜଣ ପର୍ଯ୍ୟଟକଙ୍କ ମୃତ୍ୟୁ ଘଟଣା ପରେ ଏନ୍‌ଆଇଏ ଅଧିକାରୀମାନଙ୍କ ଏକ ଟିମ୍ ଆଇଜିଙ୍କ ନେତୃତ୍ୱରେ ସେଠାରେ ପହଞ୍ଚି ସ୍ଥାନୀୟ ପୋଲିସକୁ ତଦନ୍ତରେ ସହାୟତା କରିଥିଲା। ବୁଧବାରଠାରୁ ଏନ୍‌ଆଇଏ ଟିମ୍ ଆକ୍ରମଣ ସ୍ଥଳରେ ରହି ତଥ୍ୟପ୍ରମାଣ ସଂଗ୍ରହ କରୁଛି। ପର୍ଯ୍ୟଟନ ସ୍ଥଳର ପ୍ରବେଶ ଓ ପ୍ରସ୍ଥାନ ପଥକୁ ଯାଞ୍ଚ କରାଯାଇଛି। ଟିମ୍ ସହ ଫୋରେନ୍‌ସିକ ଓ ଅନ୍ୟ ବିଶେଷଜ୍ଞ ରହିଛନ୍ତି।

# ଅଟ୍ଟାରୀ ଦେଇ ଫେରିଲେଣି ୫୩୭ ପାକିସ୍ତାନୀ



ଅଟ୍ଟାରୀ-ୱାଘା ସୀମା ଦେଇ ଜଣେ ପାକିସ୍ତାନୀ ନିଜ ଦେଶକୁ ଫେରିଯାଉଥିବାବେଳେ ତାଙ୍କ ଭଉଣୀ କାନ୍ଦୁଛନ୍ତି।

**ନୂଆଦିଲ୍ଲୀ,୨୭।୪**

ପହଲଗାମ୍ ଆକ୍ରମଣ ପରେ ପାକିସ୍ତାନୀମାନଙ୍କୁ ଭାରତ ଛାଡ଼ି ଚାଲିଯିବା ପାଇଁ ନିର୍ଦ୍ଦେଶନାମା ଜାରି ହୋଇଥିଲା। ତଦନୁଯାୟୀ ୨୪ରୁ ଅଦ୍ୟାବଧି ଅଟ୍ଟାରୀ-ୱାଘା ସୀମା ଦେଇ ୫୩୭ ପାକିସ୍ତାନୀ ନାଗରିକ ଭାରତ ଛାଡ଼ିଛନ୍ତି। ସେମାନଙ୍କ ମଧ୍ୟରେ ୯ ଜଣ କୂଟନୀତିଜ୍ଞ ରହିଛନ୍ତି। ମା'ଙ୍କୁ ଛାଡ଼ି ପିଲାଙ୍କୁ ପାକିସ୍ତାନ ଫେରିଯିବାକୁ ହେଉଥିବାରୁ ସୀମାରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

ଆକ୍ରମଣକୁ ନେଇ ଦୁଇ ଦେଶ ମଧ୍ୟରେ ଉତ୍ତେଜନା ଦେଖାଦେଇଥିବାବେଳେ ଭାରତରେ ରହିଥିବା ପାକିସ୍ତାନୀଙ୍କ ଭିଜା ରଦ୍ଦ କରାଯାଇଥିଲା। ସାର୍କ ଭିଜାଧାରୀଙ୍କ ପାଇଁ ସମୟସୀମା ଏପ୍ରିଲ ୨୬ ରଖାଯାଇଥିଲାବେଳେ ମେଡିକାଲ ଭିଜାଧାରୀଙ୍କ ପାଇଁ ଏହା ଏପ୍ରିଲ ୨୯ ରହିଛି। ୧୨ ପ୍ରକାରର ସ୍ୱଳ୍ପମିଆଦୀ ଭିଜାଧାରୀଙ୍କୁ ରବିବାର ସୁଦ୍ଧା ଦେଶ ଛାଡ଼ିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବାବେଳେ ଏହା ପରେ ଯେଉଁମାନେ ରହିବେ, ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଯେଉଁମାନେ ଦୀର୍ଘମିଆଦୀ ବା କୂଟନୈତିକ ଭିଜା ପାଇଛନ୍ତି, ସେମାନଙ୍କୁ 'ଭାରତ ଛାଡ଼' ନିର୍ଦ୍ଦେଶନାମାରୁ ବାଦ୍ ଦିଆଯାଇଛି। ତଦନୁଯାୟୀ ଅଟ୍ଟାରୀ-ୱାଘା ସୀମା ଦେଇ ୨୫ ତାରିଖରେ ୧୯୧ ଜଣ ଏବଂ ୨୬ରେ ୮୧ ଜଣ ପାକିସ୍ତାନୀ ଭାରତ ଛାଡ଼ିଛନ୍ତି। ସେହିପରି ବର୍ତ୍ତମାନ ସୁଦ୍ଧା ପାକିସ୍ତାନରୁ ୧୪ ଜଣ କୂଟନୀତିଜ୍ଞ ଓ ଅଫିସରଙ୍କ ସମେତ ୮୫୦ ଜଣ ଭାରତୀୟ ଅନ୍ତର୍ଜାତୀୟ ସୀମା ଦେଇ ପାକିସ୍ତାନରୁ ପଳାଇଆସିଲେଣି।

**ପ୍ରତ୍ୟାବର୍ତ୍ତନ କଲେଣି ୮୫୦ ଭାରତୀୟ**

ପଞ୍ଜାବ ସୀମା ଦେଇ ୧୧ ବର୍ଷୀୟ ଜୈନାବ ଏବଂ ୮ ବର୍ଷୀୟା ଜେନିଶଙ୍କୁ ପାକିସ୍ତାନ ପଠାଇଦିଆଯାଇଛି। ସେମାନେ ଦିଲ୍ଲୀରେ ସେମାନଙ୍କ ମାଆଙ୍କୁ ଛାଡ଼ି ଯାଉଥିବାରୁ ଦୁଃଖରେ ଭାଙ୍ଗିପଡ଼ିଥିବା ଦେଖାଯାଇଥିଲା। ମା'ଙ୍କୁ ଛାଡ଼ି ଯିବା ବହୁତ କଷ୍ଟ ବୋଲି ଜୈନାବ ଗଣମାଧ୍ୟମକୁ କାନ୍ଦିକାନ୍ଦି କହୁଥିବା ଦେଖାଯାଇଛି। ସେହିପରି ପାକିସ୍ତାନୀ ନାଗରିକ ସରିତା କନୱେରଙ୍କୁ ତାଙ୍କ ଭାରତୀୟ ନାଗରିକ ମା' ପ୍ରିୟା କନୱେରଙ୍କୁ ଛାଡ଼ିବାକୁ ପଡ଼ିଛି।




# ଓପିଏସ୍‌ସି, ଓଏସ୍‌ଏସ୍‌ସି ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି

କଟକ,୨୭।୪(କାର୍ତ୍ତିକ ସାହୁ)

- ■ ଉଭୟ ଆୟୋଗ ନିଜ ଆଡ଼ୁ ତ୍ରୁଟି ସ୍ୱୀକାର କଲେ
- ■ ପରୀକ୍ଷାର୍ଥୀଙ୍କ ଅସନ୍ତୋଷ ପ୍ରକାଶ

ଓଡ଼ିଶା ଲୋକ ସେବା ଆୟୋଗ (ଓପିଏସ୍‌ସି) ଏବଂ ଓଡ଼ିଶା କର୍ମଚାରୀ ଚୟନ ଆୟୋଗ (ଓଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ୨ଟି ବଡ଼ ପ୍ରତିଯୋଗିତାମୂଳକ ନିଯୁକ୍ତି ପରୀକ୍ଷା ପ୍ରଶ୍ନପତ୍ରରେ ତ୍ରୁଟି ପରିଲକ୍ଷିତ ହୋଇଛି। ରବିବାର ଗୋଟିଏ ଦିନରେ ଏହି ୨ଟି ପରୀକ୍ଷାରେ ତ୍ରୁଟି ନେଇ ପରୀକ୍ଷାର୍ଥୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପରୀକ୍ଷା ସହ ସେମାନଙ୍କ ଭବିଷ୍ୟତ ଜଡ଼ିତ ଥିବାରୁ ଏଭଳି ତ୍ରୁଟି ଚିନ୍ତାର ବାହାରେ ବୋଲି ଅନେକ ପରୀକ୍ଷାର୍ଥୀ ମତ ଦେଇଛନ୍ତି। ଅପରପକ୍ଷେ ୨ଟି ପରୀକ୍ଷା ପରିଚାଳନା କରୁଥିବା ଉଭୟ ଆୟୋଗ ନିଜ ଆଡ଼ୁ ତ୍ରୁଟି ସ୍ୱୀକାର କରି ୱେବସାଇଟ୍ ଜରିଆରେ ପରୀକ୍ଷାର୍ଥୀମାନଙ୍କୁ ଅବଗତ କରାଇଥିବା କୁହାଯାଇଛି।

ସୂଚନାନୁସାରେ, ସିଭିଲ ସର୍ଭିସ ସେବା ମେନ-୨୦୨୩ର ଆନ୍ଥ୍ରୋପୋଲୋଜିର ୨ଟି ପେପର ପରୀକ୍ଷା ଥିଲା। ପୂର୍ବାହ୍ନ ୯ରୁ ୧୨ଟା ଯାଏ ଆନ୍ଥ୍ରୋପୋଲୋଜି ପ୍ରଥମ ପେପର ଏବଂ ଅପରାହ୍ନ ୨ଟାରୁ ୫ଟା ଯାଏ ଆନ୍ଥ୍ରୋପୋଲୋଜି ଦ୍ୱିତୀୟ ପେପର୍ ପରୀକ୍ଷା ଥିଲା। ପରୀକ୍ଷାର୍ଥୀମାନେ ପ୍ରଶ୍ନୋତ୍ତର ଶିଟ୍ ଖୋଲିବା ପରେ ପ୍ରଥମ ପେପର ପରୀକ୍ଷାରେ କିଛି ପ୍ରଶ୍ନ ଦ୍ୱିତୀୟ ପେପରରୁ ଆସିଥିଲା ଏବଂ ଦ୍ୱିତୀୟ ପେପର ପରୀକ୍ଷାରେ ପ୍ରଥମ ପେପର କିଛି ପ୍ରଶ୍ନ ଆସିଥିବା ଅଭିଯୋଗ କରିଛନ୍ତି। ଓପିଏସ୍‌ସି ପକ୍ଷରୁ ୱେବସାଇଟ୍‌ରେ ଅନ୍‌ଲାଇନ ନୋଟିସ ଜରିଆରେ ଏହି ତ୍ରୁଟି ସ୍ୱୀକାର କରାଯାଇଛି।

ସେହିପରି ଓଏସ୍‌ଏସ୍‌ସିର ଏକ୍ସାଇଜ୍ ଓ ଟ୍ରାଫିକ ଏସ୍‌ଆଇ ପଦବୀ ନିମନ୍ତେ ପରୀକ୍ଷା ହୋଇଥିଲା। ପରୀକ୍ଷାର୍ଥୀମାନେ ପରୀକ୍ଷାରେ ଆସିଥିବା ପ୍ରଶ୍ନକୁ ନେଇ ଅଭିଯୋଗ ଉଠାଇବା ପରେ ଆୟୋଗ ତ୍ରୁଟି ସ୍ୱୀକାର କରି ଦୁଃଖପ୍ରକାଶ କରିଛନ୍ତି। ଅନ୍‌ଲାଇନ୍ ନୋଟିସ ଜରିଆରେ କୁହାଯାଇଛି ଯେ, ଆୟୋଗ ଅବଗତ ହେଲେ ଯେ, ରବିବାର ଅନୁଷ୍ଠିତ ବିଭିନ୍ନ ପଦବୀର ମିଳିତ ପରୀକ୍ଷାର (ମୁଖ୍ୟ) ପ୍ରଶ୍ନପତ୍ରରେ ପାଠ୍ୟକ୍ରମର କିଛି ଅଂଶରୁ ପ୍ରଶ୍ନ ପଚରା ଯାଇ ନ ଥିଲା। ଆୟୋଗ ତ୍ରୁଟିକୁ ସ୍ୱୀକାର କରି ଦୁଃଖ ପ୍ରକାଶ କରିଛନ୍ତି ଏବଂ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ପ୍ରତିବଦ୍ଧ। ଅବଶିଷ୍ଟ ଅଂଶ ଯଥା ସାଧାରଣ ଇଂଲିଶ, ଓଡ଼ିଆ ଭାଷା, ସାଧାରଣ ଅଧ୍ୟୟନର କିଛି ଅଂଶକୁ ଅନ୍ତର୍ଭୁକ୍ତ କରି ଆଉ ଏକ ପରୀକ୍ଷାର ବିକଳ୍ପ ଉପରେ ବିଚାର କରୁଛନ୍ତି। ପରୀକ୍ଷାରେ ଉପସ୍ଥିତ ପରୀକ୍ଷାର୍ଥୀମାନଙ୍କୁ ଆସନ୍ତା ମେ ୪ ତାରିଖ ୨୦୨୫ ପୂର୍ବରୁ ଆୟୋଗର ୱେବସାଇଟ୍ ଏବଂ ଇମେଲ ମାଧ୍ୟମରେ ପ୍ରତିକାରମୂଳକ ପଦକ୍ଷେପ ପାଇଁ ପରାମର୍ଶ ପ୍ରଦାନ କରିବାକୁ ଉତ୍ସାହିତ କରାଯାଉଛି ବୋଲି ନୋଟିସରେ ଦର୍ଶାଇଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ମାସ ୩୦ ତାରିଖରେ ଓପିଏସ୍‌ସି ଦ୍ୱାରା ପରିଚାଳିତ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପରୀକ୍ଷା ଥିଲା। ଉକ୍ତ ପରୀକ୍ଷାରେ ୧୦୦ ନମ୍ବର ପ୍ରଶ୍ନ ବଦଳରେ ୯୪ ନମ୍ବର ପ୍ରଶ୍ନ ଆସିଥିଲା।

# କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଟପ୍ପର


ଯଶ୍ ଜୈନ

କଣ୍ଟାବାଞ୍ଜି,୨୭।୪(ଗୁରୁଦୟାଲ ହଂସ)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିର ଯଶ୍ ଜୈନ ନିଟ୍ ସୁପର ସ୍ପେଶାଲିଟି ଏଣ୍ଟ୍ରାନ୍ସ ପରୀକ୍ଷା-୨୦୨୫ରେ ସର୍ବଭାରତୀୟ ସ୍ତରରେ ଟପ୍ପର ହୋଇଛନ୍ତି। ସେ ହେଉଛନ୍ତି କଣ୍ଟାବାଞ୍ଜି ଅଞ୍ଚଳର ବ୍ୟବସାୟୀ ସୁନୀଲ ଜୈନ ଓ ପୂଜା ଜୈନଙ୍କ ପୁଅ। ଯଶ୍ ମୁମ୍ବାଇର ଏକ ପ୍ରତିଷ୍ଠିତ ମେଡିକାଲ କଲେଜରୁ ଏମ୍‌ବିବିଏସ୍‌ରେ ୧୪୭(ନିଟ୍)ର ଡିଗ୍ରୀ ହାସଲ ପରେ ମହାରାଷ୍ଟ୍ର ନାଗପୁର ମେଡିକାଲ କଲେଜରେ ସାଧାରଣ ସର୍ଜରିରେ ମାଷ୍ଟର ଡିଗ୍ରୀ ହାସଲ କରିଛନ୍ତି। ଯଶ୍‌ଙ୍କ ଏହି ସଫଳତା ପାଇଁ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି। ବିଭିନ୍ନ ମହଲରୁ ଯଶ୍ ଓ ତାଙ୍କ ପରିବାରବର୍ଗଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

# ୧୦ ହଜାର ନଳକୂପରୁ ବାହାରୁଛି ଲୁଣିପାଣି

## କେନ୍ଦ୍ରାପଡ଼ାରେ ଜଳକଷ୍ଟ

**କେନ୍ଦ୍ରାପଡ଼ା ଜିଲାରେ ଖରାତାତି ବଢ଼ିଚାଲିଛି। ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ୭ ନଦୀ ଶୁଖିଲା ପଡ଼ିଛି। ଜନଜୀବନ ପାଇଁ ପାଣି ନାହିଁ। ଜିଲା ପ୍ରଶାସନ ଜନଶୁଣାଣି ଶିବିରରେ ଏ ପ୍ରକାର ଅଭିଯୋଗ ବଢ଼ି ଚାଲିଛି। କେତେକ ସ୍ଥାନରେ ପାନୀୟ ଜଳ ପାଇଁ ଆନ୍ଦୋଳନ ହେଉଛି। ଉପକୂଳବର୍ତ୍ତୀ ଏହି ଜିଲାରେ ୧୭,୨୩୮ଟି ନଳକୂପ, ୩୩୧ ପାନୀୟ ଜଳ ପ୍ରକଳ୍ପ, ୧୮୧ ଓଭରହେଡ ଟାଙ୍କି ଜିଲାବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ରହିଥିବା ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ତଥ୍ୟରେ ଉଲ୍ଲେଖ ଅଛି। ହେଲେ ଜିଲାବାସୀଙ୍କ ଶୋଷ ମେଣ୍ଟୁନାହିଁ। କାରଣ ୧୦ ହଜାରରୁ ଅଧିକ ନଳକୂପରୁ ଲୁଣିପାଣି ବାହାରୁଛି। କେନ୍ଦ୍ରାପଡ଼ାକୁ ରାଜ୍ୟର ଏକମାତ୍ର ଜଳ ସଙ୍କଟ ଜିଲା ଭାବେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚିହ୍ନଟ କରାଯାଇ ଜଳଶକ୍ତି ଅଭିଯାନ ମାଧ୍ୟମରେ ଭୂତଳ ଜଳ ରିଚାର୍ଜ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଏହାର ସୁଫଳ ଜିଲାବାସୀ ଅନୁଭବ କରୁନାହାନ୍ତି। କେନ୍ଦ୍ର ସରକାରଙ୍କ ୨୦୨୪ ସୁଦ୍ଧା ଦେଶର ସମସ୍ତ ଘରକୁ ପାଣି ଯୋଜନା ଏହି ଜିଲାରେ ଏବେବି ସ୍ୱପ୍ନ ହୋଇ ରହିଥିବା ମତ ମିଳିଛି।**


କେନ୍ଦ୍ରାପଡ଼ା ଜିଲା କଳପଡ଼ାଠାରେ ଲୁଣାନଦୀ ଶୁଖିବାରେ ଲାଗିଛି।

କେନ୍ଦ୍ରାପଡ଼ା,୨୭।୪(ଜଗନ୍ନାଥ ଧଳ)

କେନ୍ଦ୍ରାପଡ଼ା ଜିଲାରେ ୭ ନଦୀ ପ୍ରବାହିତ ହେଉଥିବା ସତ୍ତ୍ୱେ ଏଠାରେ ପାନୀୟ ଜଳ ସଙ୍କଟ ଏକ ମୁଖ୍ୟ ସମସ୍ୟା ହୋଇରହିଛି। କାରଣ ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀ ସିଷ୍ଟମରେ ଥିବା ବ୍ୟାରେଜ, ଶିଳ୍ପ, କ୍ଷେତ ୭ ନଦୀରୁ ଜଳ ଶୋଷୁଛି। ଫଳରେ ଜଳଧାରା ହ୍ରାସ ହୋଇଛି। ଏଥିଯୋଗୁ ଭୂତଳ ଜଳ ରିଚାର୍ଜ ହେବା ସମ୍ଭାବନା କମିଛି। ଅନ୍ୟପକ୍ଷରେ ସମୁଦ୍ର ତଟବର୍ତ୍ତୀ କେନ୍ଦ୍ରାପଡ଼ା ଜିଲା ହୋଇଥିବାରୁ ଭୂତଳ ଜଳ ଲୁଣି ହୋଇଯାଇଛି। ଗୋଟିଏ ନଳକୂପ ଖୋଳିଲେ ଅନ୍ୟୁନ ୩ ଲକ୍ଷ ଟଙ୍କା ଖର୍ଚ୍ଚ ହେଉଛି। ହେଲେ ସେଥିରୁ ଲୁଣି ପାଣି ବାହାରୁଛି।

ଜିଲାର ଗରଦପୁର ବ୍ଲକ ଅଞ୍ଚଳର ଭୂତଳ ଜଳସ୍ତର ପାନୀୟ ଜଳ ପାଇଁ ଅନୁପଯୁକ୍ତ ବୋଲି ରାଜ୍ୟ ଓ କେନ୍ଦ୍ର ଜଳସମ୍ପଦ ବିଭାଗ ରିପୋର୍ଟରୁ ସୂଚନା ମିଳିଛି। ସେହିପରି ଆଳି, ରାଜନଗର, ରାଜକନିକା ଅଞ୍ଚଳରେ କେନାଲ ନାହିଁ। ଏଠାରେ ଭୂତଳ ଜଳ ରିଚାର୍ଜ ହୋଇପାରୁ ନ ଥିବାରୁ ପାନୀୟ ଜଳ ଅଭାବ ଦେଖାଦେଇଛି। ଭୂତଳ ଜଳସ୍ତର ରିଚାର୍ଜ ପାଇଁ ୨୦୧୯ରେ ରାଜ୍ୟର ଏକମାତ୍ର କେନ୍ଦ୍ରାପଡ଼ା ଜିଲାକୁ ଜଳଶକ୍ତି ଅଭିଯାନରେ ସାମିଲ କରାଯାଇଛି। ଏହି ଅଭିଯାନରେ ପ୍ରତି ନଳକୂପରେ ସର୍କି ପାଇପ ପିଟ୍ ଫିଟିଂ, ବନୀକରଣ, ବର୍ଷାଜଳ ସଂରକ୍ଷଣ, ଜଳ ଉତ୍ସର ପୁନରୁଦ୍ଧାର ଆଦିକୁ ଗୁରୁତ୍ୱ ଦିଆଯାଇଛି। ତେବେ ଏହି ଅଭିଯାନ ଜିଲାର ପ୍ରଶାସନିକ ଅବହେଳା ଯୋଗୁ ଫେଲ୍ ମାରିଛି ବୋଲି ସାମାଜିକ କର୍ମୀ ପ୍ରତାପ ପାଢ଼ୀ, ବିଭୂତି ଭୂଷଣ ରାଉତ, ପ୍ରତାପ ରଞ୍ଜନ ତ୍ରିପାଠୀ, ଦେବାଶିଷ ସାମଲ, ପ୍ରକାଶ ଚନ୍ଦ୍ର ଦାସ ପ୍ରମୁଖ କହିଛନ୍ତି।

ଅପରପକ୍ଷରେ ୨୦୨୫ ମାର୍ଚ୍ଚ ସୁଦ୍ଧା ଜିଲାର ୨,୯୧,୧୬୦ ପରିବାରକୁ ପାଇପ୍ ଯୋଗେ ପାନୀୟ ଜଳ ଯୋଗାଣ ନିମନ୍ତେ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇ ପାରିଲାନାହିଁ। ତେବେ ମାତ୍ର ୩୩ ହଜାର ପରିବାର ଏଥିରୁ ଉପକୃତ ହୋଇଛନ୍ତି। ପାଇପ ଯୋଗେ ପାଣି ଯୋଗାଇବା ପାଇଁ ଜିଲାର ବିଭିନ୍ନ ସ୍ଥାନରେ ମେଗା ଉଠାଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ପ୍ରକଳ୍ପ ଆରମ୍ଭ ପୂର୍ବରୁ ଜମି ଓ ପରିବେଶ ସମ୍ପର୍କରେ ତଦନ୍ତ ହୋଇନାହିଁ। ଫଳରେ ମାର୍ଶାଘାଇ ବ୍ଲକ ମଣିକୁଣ୍ଡାଠାରେ ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ଏନ୍‌ଜିଟି ମାମଲାରେ ଛନ୍ଦି ହୋଇଯାଇଛି। ନେତା ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ସମନ୍ୱୟ ନ ଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଥିବା କୁହାଯାଉଛି। ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ନିକଟରେ ପାନୀୟ ଜଳ ଯୋଗାଣ ସମ୍ପର୍କରେ ବୈଠକ ହୋଇଥିଲା। ଗ୍ରାମାଞ୍ଚଳରେ ପାଇପ ପାଣି ସଂଯୋଗ ପାଇଁ ବିଭିନ୍ନ ପ୍ରକଳ୍ପ ପ୍ରକ୍ରିୟା ଜାରି ରହିଛି। ଖୁବ୍‌ଶୀଘ୍ର ସମସ୍ତଙ୍କ ଘରେ ପାନୀୟ ଜଳ ପାଇପ ମାଧ୍ୟମରେ ପହଞ୍ଚିବ ବୋଲି ସେ କହିଛନ୍ତି।

# ୧ ଯାଏ ବର୍ଷା, କମିବ ତାତି

ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)

ରାଜ୍ୟରେ ଗରମ ଓ ଗୁଳୁଗୁଳି ଜାରି ରହିଥିବାବେଳେ କାଳବୈଶାଖୀ ବର୍ଷା ଆଶ୍ୱସ୍ତି ଦେଉଛି। ଝାରସୁଗୁଡାରେ ସର୍ବୋଚ୍ଚ ତାପମାତ୍ରା ୪୪.୮ ଡିଗ୍ରୀ ରେକର୍ଡ କରାଯାଇଥିଲେ ମଧ୍ୟ ବର୍ଷା ହେଉଥିବା ସ୍ଥାନରେ ତାପମାତ୍ରା ହ୍ରାସ ପାଇଛି। କଳାହାଣ୍ଡି ଜୟପାଟନାରେ ୮ ସେ.ମି., ନୂଆପଡ଼ାରେ ୭, ନବରଙ୍ଗପୁରର ରାଇଗଡ଼, ମୟୂରଭଞ୍ଜର ମୁରୁଡା, ବେତନଟି ଓ ନବରଙ୍ଗପୁର ଜିଲାର ପାପଡ଼ାହାଣ୍ଡିରେ ୫ ସେ.ମି. ଲେଖାଏ ବର୍ଷା ହୋଇଛି। ତେବେ ମେ' ୧ ଯାଏ ବିଭିନ୍ନ ଜିଲାରେ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ବର୍ଷା ହେବାର ସମ୍ଭାବନା ଥିବାରୁ ତାପମାତ୍ରା କ୍ରମଶଃ ହ୍ରାସ ପାଇବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି।

ମିଳିଥିବା ସୂଚନାନୁସାରେ, ରବିବାର ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ସ୍ଥାନରେ ସର୍ବାଧିକ ତାପମାତ୍ରା ପ୍ରାୟ ୨-୪ ଡିଗ୍ରୀ ହ୍ରାସ ପାଇଛି। ତେବେ ଉତ୍ତର ଆଭ୍ୟନ୍ତରୀଣ ଓଡ଼ିଶାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ତାପମାତ୍ରା ସ୍ୱାଭାବିକଠାରୁ ପ୍ରାୟ ୪ ଡିଗ୍ରୀ ଓ ଉପକୂଳ ଓଡ଼ିଶାର କିଛି ଜିଲାରେ ସ୍ୱାଭାବିକଠାରୁ ପ୍ରାୟ ୨-୩ ଡିଗ୍ରୀ ଅଧିକ ରହିଥିବାବେଳେ ଆଭ୍ୟନ୍ତରୀଣ ଓଡ଼ିଶା ସମେତ ଅନ୍ୟ କେତେକ ଜିଲାରେ ତାପମାତ୍ରା ସ୍ୱାଭାବିକ ରହିଥିଲା। ଅନ୍ୟପକ୍ଷରେ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର ବଲାଙ୍ଗୀର ଜିଲାର କିଛି ସ୍ଥାନରେ ଉଷ୍ମ ରାତି ଅନୁଭୂତ ହୋଇଥିଲା।

ସୋମବାର ଅପରାହ୍ନରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଗଜପତି, ଗଞ୍ଜାମ, ରାୟଗଡ଼ା ଓ କୋରାପୁଟ ଆଦି ଜିଲାରେ ଘଣ୍ଟା ପ୍ରତି ୫୦ରୁ ୬୦ କି.ମି. ବେଗରେ ପବନ ବହିବା ସହ ଘଡ଼ଘଡ଼ି, ବିଜୁଳି ଓ କୁଆପଥର ସହ ପ୍ରବଳ ବର୍ଷା ସମ୍ଭାବନା ରହିଛି। ଏହି ଜିଲାଗୁଡ଼ିକୁ ପାଣିପାଗ କେନ୍ଦ୍ର ପକ୍ଷରୁ ଅରେଞ୍ଜ ୱାର୍ନିଂ ଜାରି କରାଯାଇଛି। ସେହିପରି ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର ଓ ମାଲକାନଗିରି ଆଦି ଜିଲାରେ ଅପରାହ୍ନରେ ଝଡ଼ବର୍ଷାର ସମ୍ଭାବନା ରହିଛି। ଏହିସବୁ ଜିଲାଗୁଡ଼ିକରେ ଘଣ୍ଟାପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ସହ ବିଜୁଳି ଓ ଘଡ଼ଘଡ଼ିର ସମ୍ଭାବନା ଥିବାରୁ ଏସବୁ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଜୋଲାପୁଟ ରିଜର୍ଭୟର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକ ମୃତ

## ମୃତଦେହ ଜବତ କଲା ଅଗ୍ନିଶମ ବିଭାଗ


ବଳରାମ ଡୁରୁ

ନନ୍ଦପୁର,୨୭।୪
(ତୁଷାରକାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ପାଛଲୁଙ୍ଗ ପଞ୍ଚାୟତର ଜୋଲାପୁଟ ରିଜର୍ଭୟର ଚମ୍ପାପୁଟ ଘାଟରେ ଡଙ୍ଗା ବୁଡ଼ି ଯୁବକଙ୍କ ମୃତ୍ୟୁ ହୋଇଥିବା ବେଳେ ଅଗ୍ନିଶମ ବିଭାଗ ରବିବାର ସକାଳୁ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ଚମ୍ପାପୁଟ ଗ୍ରାମର ବଳରାମ ଡୁରୁ(୪୧)।

ସୂଚନା ଅନୁଯାୟୀ, ବଳରାମ ଶନିବାର ରାତିରେ ଜୋଲାପୁଟ ରିଜର୍ଭୟର ମଧ୍ୟକୁ ମାଛ ଧରିବାକୁ ଯାଇଥିଲେ। ଅସାବଧାନତାରୁ ଡଙ୍ଗା ବୁଡ଼ିଯିବାରୁ ସେ ନିଖୋଜ ରହିଥିଲେ। ରାତିରେ ଘରକୁ ନ ଆସିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ଏହାପରେ ଡଙ୍ଗା ପାଣିରେ ଭାସୁଥିବା ଓ ବଳରାମ ନିଖୋଜ ଥିବା ନେଇ ତାଙ୍କ ସାନଭାଇ କୃଷ୍ଣଚନ୍ଦ୍ର ଡୁରୁ ପାଡୁଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ସୂଚନା ଅନୁସାରେ ନନ୍ଦପୁର ଅଗ୍ନିଶମ ବାହିନୀ ଓଆଇସି ଚିତ୍ତରଞ୍ଜନ ପାଙ୍ଗିଆ, ଗାଡ଼ି ଚାଳକ ଦିଲେଶ୍ୱର ସିଠିଆ, ଫାୟାରମ୍ୟାନ୍ ରଞ୍ଜନ ମଲ୍ଲିକ ଓ ବିଷ୍ଣୁପ୍ରସାଦ ନାୟକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୩ ଘଣ୍ଟାର ଉଦ୍ୟମ ପରେ ଜଳଭଣ୍ଡାରରୁ ବଳରାମଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ପାଡୁଆ ପୋଲିସ ୫/୨୫ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଥିବା ଥାନା ଅଧିକାରୀ ଅଶୋକ ବିଷୋୟୀ ସୂଚନା ଦେଇଛନ୍ତି। ସ୍ଥାନୀୟ ସରପଞ୍ଚ ପୂଜା ଖିଲ ମୃତକଙ୍କ ପରିବାରକୁ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଟଙ୍କା ସହାୟତା ପ୍ରଦାନ କରିଛନ୍ତି।


# ଭୁବନେଶ୍ୱର ଛାଡ଼ିଲେ ପାକିସ୍ତାନୀ ମହିଳା

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବିଜେବିନଗରରେ ରହୁଥିବା ପାକିସ୍ତାନୀ ମହିଳା ନଗମା ୟୁସୁଫ୍(୫୫) ରବିବାର ପାକିସ୍ତାନ ଅଭିମୁଖେ ଯାତ୍ରା କରିଛନ୍ତି। ପୋଲିସ ପକ୍ଷରୁ ତାଙ୍କୁ ନୋଟିସ ହୋଇଥିବାବେଳେ ସେ ରବିବାର ପୂର୍ବାହ୍ନରେ ଘର ଛାଡ଼ିଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ମହମ୍ମଦ ନିଜାମୁଦ୍ଦିନଙ୍କୁ ନଗମା ୨୦୦୮ରେ ପ୍ରେମ ବିବାହ କରି ଭିଜା ନେଇ ଭୁବନେଶ୍ୱରରେ ପରିବାର ସହ ରହୁଥିଲେ। ୨୦୨୪ରେ ତାଙ୍କର ଭିଜା ଅବଧି ଶେଷ ହୋଇଥିଲା। ଏହାପରେ ସେ ଭିଜିଟର୍ସ ଭିଜାରେ ରହୁଥିଲେ ମଧ୍ୟ ଏହାର ଅବଧି ଗତ ଫେବୃଆରୀରେ ଶେଷ ହୋଇଯାଇଛି। ଭିଜା ନବୀକରଣ କରି ମିଆଦ ବୃଦ୍ଧି ପାଇଁ ମଧ୍ୟ ସେ ଆବେଦନ କରିଥିଲେ। ତେବେ ଗତ ୨୨ତାରିଖରେ କଶ୍ମୀର ପହଲ୍‌ଗାମ୍‌ଠାରେ ପର୍ଯ୍ୟଟକଙ୍କ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ପାକିସ୍ତାନ ନାଗରିକଙ୍କୁ ୪୮ ଘଣ୍ଟାରେ ଦେଶ ଛାଡିବାକୁ କେନ୍ଦ୍ର ସରକାର ନିର୍ଦ୍ଦେଶ ଦେଇଥିଲେ। ଏହାପରେ ନଗମା ଏକ୍ଜିଟ ପରମିଟ୍ ପାଇଁ ଆବେଦନ କରିଥିଲେ। କମିଶନରେଟ୍ ପୋଲିସ ତାଙ୍କ ଆବେଦନ ଗ୍ରହଣ କରିବା ସହ ଦେଶ ଛାଡ଼ିବାକୁ ନୋଟିସ୍ କରିଥିଲା।

DADLS-
ଓଡ଼ିଶା ସରକାର



ଉତ୍କଳଗୌରବ
ମଧୁସୂଦନ ଦାସଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ
ତାରିଖ -୨୮ ଅପ୍ରେଲ ୨୦୨୫

ସକାଳ- ଘ.୯.୪୫ ମିନିଟ୍ ସମୟରେ ରାଜଭବନ ଛକ, ଭୁବନେଶ୍ୱରସ୍ଥିତ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସକାଳ ୧୦ ଘଟିକା- ଓଡ଼ିଶା ବିଧାନସଭା ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ, ଉପ ମୁଖ୍ୟମନ୍ତ୍ରୀ, ବାଚସ୍ପତି, ମନ୍ତ୍ରୀ ତଥା ବିଧାୟକମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା
-ସମ୍ମାନନୀୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର-ଭୁବନେଶ୍ୱର
ଶ୍ରୀଯୁକ୍ତ ଗୋଲକ ପ୍ରସାଦ ମହାପାତ୍ର
ଉପଦେଷ୍ଟା, ଶ୍ୟାମାପ୍ରସାଦ ମୁଖାର୍ଜୀ ଫାଉଣ୍ଡେସନ୍
-ମୁଖ୍ୟବକ୍ତା-
ଶ୍ରୀଯୁକ୍ତ ଦାଶ ବେନହୁର
ବିଶିଷ୍ଟ ସାହିତ୍ୟିକ ଏବଂ ସ୍ତମ୍ଭକାର

ସଭା ପରେ ଲାବଣ୍ୟ ଥିଏଟର, ଭୁବନେଶ୍ୱରର କଳାକାରମାନଙ୍କ ଦ୍ୱାରା ନାଟକ 'ନିଶୀଥ ସୂର୍ଯ୍ୟ' ପରିବେଷଣ।

ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁଯାୟୀ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ଆୟୋଜିତ ଏହି ସମାରୋହରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ



**ଆଜିର ମନ୍ତବ୍ୟ**

"ପହଲଗାମ୍ ଆତଙ୍କବାଦୀ ଆକ୍ରମଣର ଦୋଷୀଙ୍କ ବିରୋଧରେ କେନ୍ଦ୍ର ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ କଂଗ୍ରେସ ପୂର୍ଣ୍ଣ ସମର୍ଥନ ଜଣାଇଛି। କିନ୍ତୁ ସରକାର ସମସ୍ତଙ୍କୁ ବିଶ୍ୱାସକୁ ନେବା ଜରୁରୀ। **–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**"

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଭାଜପାର ଜନମାରଣ ନୀତି ବିରୋଧରେ ସିପିଆଇର ବିକ୍ଷୋଭ, ସ୍ଥାନ: ରାଜମହଲ ଛକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଓଡ଼ିଶା ରାଜ୍ୟ ସେଣ୍ଟ୍ରାଲ ବ୍ୟାଙ୍କ ସେବା ନିବୃତ୍ତ ସଂଘ ବୈଠକ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଭୁବନେଶ୍ୱର ବାର୍ ଆସୋସିଏଶନ ପକ୍ଷରୁ ଓକିଲ ଦିବସ ଓ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ, ସଂସ୍କୃତି ଓ ସଂସ୍କୃତି ଏବଂ ଓଡ଼ିଆ, ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସୀତା ବିବାହ ଦିବସ, ସ୍ଥାନ: ବୁଦ୍ଧ ମନ୍ଦିର, ସମୟ: ସନ୍ଧ୍ୟା ୬ଟା।
- ସମ୍ବାଦ ଓ ଆମ ଓଡ଼ିଶା ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ପୁଣ୍ୟ ଜୟନ୍ତୀରେ ସ୍ୱାଭିମାନ ଦିବସ, ସ୍ଥାନ: ୪ ଆର୍ ୧/୨, ୟୁନିଟ୍–୩, ଖାରବେଳ ନଗର, ସମୟ: ସନ୍ଧ୍ୟା ୬ଟା ୩୦।

## କଟକ

- ନିଖିଳ ଓଡ଼ିଶା ଆଇନଜୀବୀ ସଂଘ ପକ୍ଷରୁ ମଧୁ ଜୟନ୍ତୀ ଓ ଆଇନଜୀବୀ ଦିବସ ପାଳନ, ସ୍ଥାନ: ମଧୁସୂଦନ ପାର୍କ, ତୁଳସୀପୁର, ସମୟ: ସକାଳ ୬ଟା ୩୦।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ମଧୁବାବୁଙ୍କ ସମାଧିପୀଠରେ ପୁଷ୍ପମାଲ୍ୟ ଅର୍ପଣ, ସ୍ଥାନ: ଗୋରାକବର, ସମୟ: ସକାଳ ୭ଟା।
- ହାଇକୋର୍ଟ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ଆଇନଜୀବୀ ଦିବସ ପାଳନ, ସ୍ଥାନ: ହାଇକୋର୍ଟ ପରିସର, ସମୟ: ସକାଳ ୯ଟା ୩୦।
- ଭାରତୀୟ କମ୍ୟୁନିଷ୍ଟ ପାର୍ଟି ସିପିଆଇର କଟକ ଜିଲା କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ୪ର୍ଥ ପ୍ରତିଷ୍ଠା ଦିବସ, ସ୍ଥାନ: ବିଶ୍ୱବିଦ୍ୟାଳୟର ପୁଷ୍ପଗିରି ପରିସର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ରାଜନେତା ଶାକ୍ୟସିଂହ ମିଶ୍ରଙ୍କ ଉଦ୍ଦେଶ୍ୟରେ ସର୍ବଦଳୀୟ ଶୋକସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ସନ୍ଧ୍ୟା ୬ଟା।
- ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ଏବଂ ମଧୁସୂଦନ ସାଂସ୍କୃତିକ ପରିଷଦ, ସତ୍ୟଭାମାପୁର ମିଳିତ ଆନୁକୂଲ୍ୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ୧୭୭ତମ ଜୟନ୍ତୀ ସମାରୋହ, ସ୍ଥାନ: ସତ୍ୟଭାମାପୁର, ସମୟ: ସନ୍ଧ୍ୟା ୬ଟା ୩୦।
- ନୀଳଚକ୍ର ମର୍କତନଗର ଶାଖାର ୧୯ତମ ବାର୍ଷିକ ଉତ୍ସବ ଓ ମଧୁ ଜୟନ୍ତୀ, ସ୍ଥାନ: ମଙ୍ଗଳା ମନ୍ଦିର ପ୍ରାଙ୍ଗଣ, ସିଡିଏ ସେକ୍ଟର–୭ ସରକାରୀ ବିଦ୍ୟାଳୟ ନିକଟ, ସମୟ: ସନ୍ଧ୍ୟା ୭ଟା।

## ପୁରୀ

- ଜନଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।
- ପୁରୀ ବେଳାଭୂମି ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ କଶ୍ମୀର ପୀଡ଼ିତଙ୍କ ପାଇଁ ନୀରବ ଶୋଭାଯାତ୍ରା ଓ ଦୀପଦାନ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ବେଳାଭୂମି, ସମୟ: ସକାଳ ୮ଟା।
- ପୁରୀ ବାର୍ ଆସୋସିଏଶନ ପକ୍ଷରୁ ଆଇନଜୀବୀ ଦିବସ ପାଳନ ଅବସରରେ ରକ୍ତଦାନ ଶିବିର, ସ୍ଥାନ: ପୁରୀ ବାର୍ ଆସୋସିଏଶନ ପରିସର, ସମୟ: ସକାଳ ୮ଟା।
- ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ସାଧାରଣ ସଭା, ସ୍ଥାନ: ପୁରୀ ବାର୍ ଆସୋସିଏଶନ ପରିସର, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ରାଜ୍ୟସ୍ତରୀୟ ସ୍ୱାଭିମାନ ଦିବସ ସମାରୋହ, ସ୍ଥାନ: ମହାପାତ୍ର ହାଇସ୍କୁଲ, ରୂପସା, ସମୟ: ଦିବସବ୍ୟାପୀ।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବ୍ଲକ ପରିସର, ସିମୁଳିଆ, ସମୟ: ପୂର୍ବାହ୍ନ ୭ଟା ୩୦।
- ବାର୍ଷିକ ଉତ୍ସବ 'ସାଇ ଫେଷ୍ଟ'ର ଉଦ୍‌ଯାପନୀ ସନ୍ଧ୍ୟା, ସ୍ଥାନ: ସତ୍ୟସାଇ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଶନ କ୍ୟାମ୍ପସ, ଶ୍ରୀକୋଣା, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ପୁରୁଣାକୋର୍ଟ ପରିସର, ଭଦ୍ରକ, ସମୟ: ସକାଳ ୮ଟା।
- ବାସୁଦେବପୁର ସୌରଭ ସମ୍ମାନ ମହୋତ୍ସବ ୪ର୍ଥ ସନ୍ଧ୍ୟା, ସ୍ଥାନ: ଯାଦବ ପଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠା ଉତ୍ସବରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ରତ୍ନମୁଦ, ସ୍ଥାନ : ଅସିଆ, ଛେନାପଦି, ସମୟ: ସକାଳ ୮ ଟା।

## ମୟୂରଭଞ୍ଜ

- ଆମେ– ୮୦ ପକ୍ଷରୁ ଜଳସେବା, ସ୍ଥାନ: ପିଡବ୍ଲ୍ୟୁଡି ଅଫିସ ସମ୍ମୁଖ ବାରିପଦା, ସମୟ: ସକାଳ ୯ଟା।
- ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଉଦଳା ଓକିଲ ସଂଘ ସଭାଗୃହ, ସମୟ: ସକାଳ ୯ଟା। ।
- ଅନ୍ନଭୋଗ ବିକ୍ରି, ସ୍ଥାନ: ପୂର୍ଣ୍ଣେଶ୍ୱର ମନ୍ଦିର ପରିସର, କରଞ୍ଜିଆ,ସମୟ: ଅପରାହ୍ନ ୩ଟା।

## ବ୍ରହ୍ମପୁର

- ମଧୁସୂଦନ ଦାସଙ୍କ ଜୟନ୍ତୀ, ସ୍ଥାନ: ଗାନ୍ଧୀନଗର ଛକ, ସମୟ: ସକାଳ ୮ଟା।

## ଗଞ୍ଜାମ

- ମଧୁସୂଦନ ଜୟନ୍ତୀ ଓ ଆଇନଜୀବୀ ଦିବସ, ସ୍ଥାନ : ଛତ୍ରପୁର ଓକିଲ ସଙ୍ଘ କାର୍ଯ୍ୟାଳୟ , ସମୟ : ପୂର୍ବାହ୍ନ ୧୦ ଟା ୩୦।

## ଢେଙ୍କାନାଳ

- ରାଜ୍ୟସ୍ତରୀୟ ମଧୁ ଜୟନ୍ତୀ, ସ୍ଥାନ: ଜିଲା ସିଭିଲ କୋର୍ଟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଓଡାପଡା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା

## ଜଗତ୍‌ସିଂହପୁର

- ପାରାଦୀପ ପୌରପରିଷଦ ପକ୍ଷରୁ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଦୋଛକି, ପାରାଦୀପ, ସମୟ: ସକାଳ ୯ଟା।

## କେନ୍ଦ୍ରାପଡ଼ା

- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ଗରଦପୁର, ସମୟ: ସକାଳ ସାଢେ ୮ଟା।

## ଯାଜପୁର

- ରାଜ୍ୟସ୍ତରୀୟ ବିରଜାକ୍ଷେତ୍ର ଫେଷ୍ଟିଭାଲ, ସ୍ଥାନ : ଯାଜପୁର ଗୌତମ ବୁଦ୍ଧ ସଂସ୍କୃତି ଭବନ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼

- ଗଣିଆ ଲଙ୍କାପୋଡ଼ି ମହୋତ୍ସବରେ ଲକ୍ଷ୍ମଣ ଶକ୍ତି ଭେଦ ଓ ବୀରବାହୁ ବଧ, ସ୍ଥାନ: ଗଣିଆ ଯାତ୍ରା ପଡ଼ିଆ, ସମୟ:ରାତି ୧୦ଟା।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ:ଗଣିଆ ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ସାଢ଼େ ୭ଟା।
- ନୀଳମାଧବଙ୍କ ଚନ୍ଦନ ଯାତ୍ରା ପ୍ରସ୍ତୁତି ବୈଠକ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ଅପରାହ୍ନ ୪ଟା ।

## ରାୟଗଡ଼ା

- ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ,ପଦ୍ମପୁର , ସମୟ: ପୂର୍ବାହ୍ନ ୧୦ଟା।
- ଓକିଲ ସଂଘ ପକ୍ଷରୁ ମଧୁସୁଦନ ଦାସଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଣପୁର କୋର୍ଟ ପରିସର, ସମୟ: ସନ୍ଧ୍ୟା ୬ଟା।

## ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପାପଡାହାଣ୍ଡି ବ୍ଲକ୍ କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

## କୋରାପୁଟ

- ପଥ ସଞ୍ଚାଳନ କାର୍ଯ୍ୟକ୍ରମ, ସ୍ଥାନ: ନାଲକୋ ଟାଉନଶିପରୁ ମାଥାଲପୁଟ ହାଟପଦା, ସମୟ: ଅପରାହ୍ନ ୩ଟା ୩୦।
- ରଥ ଯାତ୍ରା ପାଳନ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ପୌରସଭାଗୃହ, ଜୟପୁର, ସମୟ: ଅପରାହ୍ନ ୪ଟା।

## ମାଲକାନଗିରି

- ରକ୍ତଦାନ, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚାରାରୋପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାକୋର୍ଟ ପରିସର, ମାଲକାନଗିରି, ସମୟ: ସକାଳ ୮ଟା ୪୫।

## ସମ୍ବଲପୁର

- ଯୋଗ ପରିବାର ପକ୍ଷରୁ ଯୋଗ ଶିବିର, ସ୍ଥାନ : ଗାନ୍ଧୀ ପାର୍କ, ସମୟ : ସକାଳ ୭ଟା।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡଭେଲା, ସମୟ: ସକାଳ ୭ଟା।

## ରାଉରକେଲା

- ଶ୍ରୀ ଶ୍ରୀ ଦକ୍ଷିଣକାଳୀ ମନ୍ଦିରରେ ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ସେକ୍ଟର–୧, ସମୟ: ସକାଳ ୬ଟା।

## ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣି, ସ୍ଥାନ: ଲହୁଣୀପଡା ବ୍ଲକ କାର୍ଯ୍ୟାଳୟ ସଭାକକ୍ଷ, ସମୟ: ସକାଳ ୭ଟା।
- ଜିଲା ଓକିଲ ସଂଘ ପକ୍ଷରୁ ମଧୁବାବୁଙ୍କ ୧୩୯ତମ ଜୟନ୍ତୀ, ସ୍ଥାନ:ସଂସ୍କୃତି ଭବନ, ସୁନ୍ଦରଗଡ଼, ସମୟ: ପୂର୍ବାହ୍ନ ୧୧ଟା।

## ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଗାଇସିଲେଟ୍, ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ଗୋଡ଼ଭଗା, ଅତାବିରା, ସମୟ: ସକାଳ ୭ଟା।

## କଳାହାଣ୍ଡି

- କଳାହାଣ୍ଡି ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଥୁଆମୂଳ ରାମପୁର ପଞ୍ଚାୟତ ସମିତି ସଭାଗୃହ, ସମୟ: ସକାଳ ୭ଟା।

## ବୌଦ୍ଧ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ: ସାମ୍ପୋଚ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ହରଭଙ୍ଗା ବ୍ଲକ, ସମୟ: ସକାଳ ୭ଟା
- ମା' ଭୈରବୀଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବର ଚତୁର୍ଥ ଦିନ ସ୍ନାନାଧିବାସ, ସ୍ଥାନ: ମନ୍ଦିର ପ୍ରାଙ୍ଗଣ ପୁରୁଣାକଟକ, ସମୟ: ସକାଳ ୯ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ତିଲେଇବଣି ବ୍ଲକ, ଦୁଧିଆନାଳି ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ସକାଳ ୮ଟା
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତ, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ଦେବଗଡ, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉଲୁଣ୍ଡା ବ୍ଲକ ସମ୍ମିଳନୀ କକ୍ଷ, ସମୟ: ସକାଳ ୭ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ , କୋମନା, ସମୟ : ପୂର୍ବାହ୍ନ ୧୦ ଟା।

## ଝାରସୁଗୁଡ଼ା

- ଜନଶୁଣାଣି ଅଭିଯୋଗ କାର୍ଯ୍ୟକ୍ରମ, ସ୍ଥାନ: ଲଖନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସମୟ: ସକାଳ ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ରବିଙ୍କ ରାଶ୍ୟାବସ୍ଥାନ ହେତୁ ଦୂରସ୍ଥ ସନ୍ତାନଙ୍କ ପାଇଁ ମନ ଉଦ୍‌ବେଗ ରହିପାରେ। ମାନସିକ ଅସ୍ଥିରତାଜନିତ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ। ମାଙ୍ଗଳିକ କାମର ତତ୍ପରତା ସାଙ୍ଗକୁ ପାରିବାରିକ କେତେକ ସମସ୍ୟାକୁ କେନ୍ଦ୍ର କରି ଅନ୍ତର୍ଦ୍ୱନ୍ଦ୍ୱ ସୃଷ୍ଟି ହେବ। ରଚନାତ୍ମକ କାର୍ଯ୍ୟ,ସାହିତ୍ୟ ଚର୍ଚ୍ଚା ଓ ଚଳଚ୍ଚିତ୍ର ସମ୍ବନ୍ଧୀୟ ସମସ୍ୟା ସୁଧୁରିଯିବ।

**ବୃଷ**: ବୃହସ୍ପତିଙ୍କ ପ୍ରଭାବରେ ନୂତନ ଯୋଜନା କରିବା ସକାଶେ ମନ ବଳାଇବେ। କିନ୍ତୁ ଅସ୍ତଗତ ଚନ୍ଦ୍ରଜନିତ କର୍ମ କ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ପରିବହନ, ପ୍ରଶାସନ ଓ ପ୍ରକାଶନ, ଆନୁଷ୍ଠାନିକ କାମ ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ସମ୍ପନ୍ନ ହେବ। ଆର୍ଥିକ ସଙ୍କଟ ଦୂରେଇବାରେ ବନ୍ଧୁଙ୍କ ସାହାଯ୍ୟ ଲାଭ କରିପାରନ୍ତି।

**ମିଥୁନ**: କର୍ମଭାବରେ ରାଜଯୋଗ ହେତୁ ବହୁତ ଦିନରୁ ମନରେ ଚିନ୍ତା କରିଥିବା କାମଟିକୁ ଆଜି ସମ୍ପନ୍ନ କରିବେ। ଚନ୍ଦ୍ରଙ୍କ ପ୍ରଭାବରୁ ସାଧାରଣ ଯୁକ୍ତିତର୍କ ହେତୁ ବନ୍ଧୁଙ୍କ ସହ ସୁସମ୍ପର୍କ ବ୍ୟାହତ ହୋଇପାରେ। ବାଣିଜ୍ୟ, ପ୍ରଶାସନ, ସାହିତ୍ୟ ଚର୍ଚ୍ଚା ତଥା ସଙ୍ଗୀତ ଆସରରେ ନିଜକୁ ହଜାଇ ଦେବେ। ଆର୍ଥିକ ଅନଟନ ଯୋଗୁ ପାରିବାରିକ ଜୀବନ କଷ୍ଟପ୍ରଦ ହେବ।

**କର୍କଟ**: ମନଖୋଲା କଥା ମାଧ୍ୟମରେ ପରିବାର ଭିତରେ ସୌହାର୍ଦ୍ଦ୍ୟତା ଫେରିଆସିବାର ସମ୍ଭାବନା ରହିଛି। ଦେବଦର୍ଶନ ଓ ଭ୍ରମଣ ସାଙ୍ଗକୁ କୌଣସି ଜିନିଷ କିଣିବାକୁ ମନ ବଳାଇବେ। ଭାଇଙ୍କ ଅଭାବ ଅସୁବିଧାକୁ କେନ୍ଦ୍ରକରି ମନ ଅଶାନ୍ତ ରହିପାରେ। କର୍ମକ୍ଷେତ୍ରରେ ବନ୍ଧୁ ନିଜ କାମ ହାସଲ କରିବା ସକାଶେ ଆପଣଙ୍କୁ ଅସ୍ତ୍ର ରୂପେ ବ୍ୟବହାର କରିପାରନ୍ତି।

**ସିଂହ**: ବଳହୀନ ଚତୁର୍ଥାଧିପ ଯୋଗୁ କେତେକ ଆକସ୍ମିକ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଆଜି ସକାଳୁ ଭାଇ, ଭଉଣୀ କିମ୍ବା ପଡୋଶିନୀଙ୍କ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ କାମ କରିପାରନ୍ତି। ଆମଦାନୀ କାରବାର, ପରିବହନ, ଷ୍ଟେସନେରୀ କିମ୍ବା ଫଳ ଦୋକାନୀ ବିଶେଷ ଭାବେ ଲାଭବାନ ହୋଇପାରନ୍ତି।

**କନ୍ୟା**: ଏକାଧିକ ଗ୍ରହ ରାଶିକୁ ଦେଖୁଥିବାରୁ ସମସ୍ତ କାମ ସୁବିଧାରେ ସମ୍ପନ୍ନର ପରିବେଶ ସୃଷ୍ଟି ହେବ। ଦେବଗୁରୁ ସ୍ୱ ସ୍ଥାନରୁ ଷଷ୍ଠସ୍ଥ ଯୋଗୁ ପାରିବାରିକ କ୍ଷେତ୍ରରେ ଅନାଦର ପାଇପାରନ୍ତି। ମନର ଅକୁହା କଥା ସାଙ୍ଗକୁ କେତେକ ଅପୂରଣୀୟ ଆଶା ମନରେ ଦୁଃଖ ଦେବ। କର୍ମକ୍ଷେତ୍ରରେ ଅବହେଳା ଯୋଗୁ ବନ୍ଧୁମହଲରେ ଅପମାନିତ ହୋଇପାରନ୍ତି।

**ତୁଳା**: ଯାହା ଆଜି ପର୍ଯ୍ୟନ୍ତ ପାଉ ନ ଥିଲେ ତାହା ପାଇ ମନ ଏକବାର ଖୁସି ହୋଇଯିବ। ଗୁରୁଙ୍କ ବିପରୀତ ରାଜଯୋଗ ପ୍ରଭାବଜନିତ ଶତ୍ରୁତା କରୁଥିବା ଲୋକଠାରୁ କାମ ହାସଲ କରିନେବେ। ବନ୍ଧୁଗହଣରେ ଆଲୋଚନା କ୍ଷେତ୍ରରେ ଭୁଲ୍ ବୁଝାମଣା ବୃଦ୍ଧି ପାଇବା କାରଣରୁ ସମସ୍ୟା ବଢିପାରେ। ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚା ଦିଗକୁ ମନ ବଳାଇପାରନ୍ତି।

**ବିଛା**: ବ୍ୟୟଭାବସ୍ଥ ଗ୍ରହଦୃଷ୍ଟିରୁ ଆଜିର ଯାତ୍ରା ମଙ୍ଗଳମୟ ହେବ ଓ ଲକ୍ଷ୍ୟ ହାସଲ କରିବାରେ କୌଣସି ଅସୁବିଧା ହେବ ନାହିଁ। ସହକର୍ମୀଙ୍କ ତରଫରୁ କୌଣସି ସମସ୍ୟା ମନଟାକୁ ଗୋଳମାଳିଆ କରିଦେବାର ଆଶଙ୍କାକୁ ଏଡିହେବ ନାହିଁ। ପରୋକ୍ଷ ଭାବେ ଆପଣଙ୍କ ଶତ୍ରୁମାନେ ସମସ୍ୟା ସୃଷ୍ଟି କରିବା ସକାଶେ ଯୋଜନା କରିପାରନ୍ତି।

**ଧନୁ**: ଆଜି ନୂତନ ସ୍ଥାନ ପରିଦର୍ଶନ ସାଙ୍ଗକୁ କ୍ରୀଡା ଓ ମନୋରଞ୍ଜନ କାର୍ଯ୍ୟରେ ନିଜକୁ ମଜ୍ଜାଇ ରଖିପାରନ୍ତି। ଉପରିସ୍ଥ କର୍ମଚାରୀଙ୍କ ଅନୁକମ୍ପାରୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବଢ଼ିବ। ପିଲାଙ୍କ ସଫଳତାରେ ଆନନ୍ଦିତ ହେବେ। ନିର୍ମାଣାଧୀନ କାର୍ଯ୍ୟ ସ୍ଥଗିତ ସହ ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଆସିପାରେ।

**ମକର**: ପାରିବାରିକ ସ୍ତରରେ ଭୁଲ ବୁଝାମଣା କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ସ୍ଥଗିତ କାମରେ ଚେଷ୍ଟା ସଫଳ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ନିଜର କିଛି କାମ କରାଇନେବା ସକାଶେ ଜିଦ୍‌ଖୋର ପ୍ରକୃତିରୁ ଅନର୍ଥ ସୃଷ୍ଟି ହେବ। ଅନ୍ତରଙ୍ଗ ବନ୍ଧୁଙ୍କ ବ୍ୟବହାରରେ ପରିବର୍ତ୍ତନ ଅନୁଭବ କରି ଦୁଃଖପ୍ରକାଶ କରିପାରନ୍ତି।

**କୁମ୍ଭ**: ଆଜି ଏକାଧାରରେ ଅର୍ଥ, ସମ୍ମାନ ଓ ପ୍ରଶଂସା ପାଇ ଉଲ୍ଲସିତ ହେବେ। ବାକ୍ ଅସଂଯମତା ଯୋଗୁ ସୁସମ୍ପର୍କ ବ୍ୟାହତ ହେବା କାରଣରୁ ମନ ଭଲ ରହିବ ନାହିଁ। କ୍ରୀଡା, ସଙ୍ଗୀତ, ସାହିତ୍ୟରେ ସମସ୍ୟା ସମାଧାନ ହେବ। ପରୋକ୍ଷ ଶତ୍ରୁତା କାରଣରୁ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିଲେ ମଧ୍ୟ ଆପଣଙ୍କୁ କିଛି ଫରକ ପଡିବନାହିଁ।

**ମୀନ**: ନିଜର କିଛି ଅସୁବିଧା ନ ଥିଲେ ମଧ୍ୟ ଅନ୍ୟମାନଙ୍କ ଅସୁବିଧା ସୁଧାରିବାକୁ ନେଇ ମନ ଉଦ୍‌ବେଗ ରହିବ। ବନ୍ଧୁଙ୍କ ପରାମର୍ଶରେ ବିଭିନ୍ନ ଯୋଜନା କରି ପରିସ୍ଥିତିକୁ ସୁଧାରି ନେବାର ପ୍ରଯତ୍ନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି ହେବନି। ସାମାଜିକ ସ୍ତରରେ ଲୋକସମ୍ପର୍କ ବୃଦ୍ଧି ଘଟିବ।

ଆଜି ଏପ୍ରିଲ ୨୮ ତାରିଖ, ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ, ଓକିଲ ଦିବସ, ବୈଶାଖ ଶୁକ୍ଳ ପ୍ରତିପଦା ସୋମବାର, ରାଶି ନକ୍ଷତ୍ର–ଦ୍ୱିଜା/ମେଷ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୨୩ମି. ଗତେ, ଘ.୦୬।୫୮ମି. ମଧ୍ୟେ, ଘ.୧୦।୨୮ ମି. ଗତେ, ଘ.୦୧।୦୦ ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୬।୫୮ ମି. ଗତେ, ଘ. ୦୮।୩୩ ମି. ମଧ୍ୟେ ରାହୁକାଳ।

# କାନ୍ଥ ଭୁଶୁଡ଼ି ବୃଦ୍ଧା ମୃତ

**ତେନ୍ତୁଳିଖୁଣ୍ଟି, ୨୭।୪(ଚିଦାନନ୍ଦ ସାହୁ)**

ଘର କାନ୍ଥ ଭୁଶୁଡି ପଡ଼ିବାରୁ ଏହା ତଳେ ଚାପିହୋଇ ରବିବାର ସକାଳେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଥାନା ଅନ୍ତର୍ଗତ ଦିଗିସଲପା ଗ୍ରାମର ଯମୁନା ବିଷୋୟୀ (୬୬)। ଯମୁନା ବହୁ ପୁରୁଣା ଇନ୍ଦିରା ଆବାସ ଘରେ ଏକାକୀ ରହି ଆସୁଥିଲେ। ରବିବାର ସକାଳ ୯ଟାରେ ଘର କାନ୍ଥ ପାର୍ଶ୍ୱରେ ଯମୁନା କାମ କରୁଥିଲେ। ଏହି ସମୟରେ କାନ୍ଥଟି ତାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଥିଲା। ତେନ୍ତୁଳିଖୁଣ୍ଟି ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନବରଙ୍ଗପୁର ଜିଲା ଡାକ୍ତରଖାନାକୁ ପଠାଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପରିବାରକୁ ମୃତଦେହ ହସ୍ତାନ୍ତର କରିଛି। ଏହି ଖବର ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ନକଲି ଡାକ୍ତରଙ୍କ ଚିକିତ୍ସା ପରେ ନାବାଳିକା ଗୁରୁତର



ମେଡିକାଲରେ ଚିକିତ୍ସିତ ହେଉଥିବା ନାବାଳିକା।

**ପଦ୍ମପୁର, ୨୭।୪ (ପ୍ରଶାନ୍ତ କୁମାର କର)**

ଆଦିବାସୀ ଅଞ୍ଚଳରେ ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ନକଲି ଡାକ୍ତର (କ୍ୱାକ୍)। ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବାର ସୁବିଧା ନ ଥିବାରୁ ଏବଂ ଲୋକେ ସଚେତନ ନ ଥିବାରୁ କ୍ୱାକ୍‌ମାନେ ରୋଗୀଙ୍କୁ ଚିକିତ୍ସା ନାଁରେ ଲୁଟି ଚାଲିଛନ୍ତି। ଜଣେ ନକଲି ଡାକ୍ତରଙ୍କ ଚିକିତ୍ସା ପରେ ରାୟଗଡ଼ା ପଦ୍ମପୁର ବ୍ଲକ୍‌ର ତାବଲାଗୁଡା ପଞ୍ଚାୟତ ମିଳିକାପାଙ୍ଗା ଗ୍ରାମର ଜଣେ ୭ ବର୍ଷର ନାବାଳିକା ଗୁରୁତର ହୋଇପଡ଼ିଛନ୍ତି। ଗୁରୁତର ଅବସ୍ଥାରେ ନାବାଳିକାଙ୍କୁ ପରିବାର ଲୋକେ ପଦ୍ମପୁର ହସ୍ପିଟାଲକୁ ନେଇଥିବାବେଳେ ଡାକ୍ତର ତାଙ୍କୁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଛନ୍ତି। ସୂଚନା ଅନୁଯାୟୀ, ମିଳିକାପାଙ୍ଗା ଗ୍ରାମର ଆଦିବାସୀ ଯୁବକ ରୁନା ଲିମାଙ୍କ ୭ ବର୍ଷର ଝିଅ ସମ୍ପର୍ଣ୍ଣା ଲିମାଙ୍କୁ ଗତ କିଛିଦିନ ଧରି ଜ୍ୱର ଲାଗିରହିଥିଲା। ସେଠାକାର ଜଣେ ନକଲି ବଙ୍ଗାଳୀ ଡାକ୍ତର (କ୍ୱାକ୍) ଝିଅକୁ ଭଲ କରିଦେବେ ବୋଲି କହି ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ। ବହୁ ଟଙ୍କା ଖର୍ଚ୍ଚ ପରେ ମଧ୍ୟ ଝିଅ ସୁସ୍ଥ ହୋଇ ନ ଥିଲା। ବରଂ ଦିନକୁ ଦିନ ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ରବିବାର ପଦ୍ମପୁର ହସ୍ପିଟାଲକୁ ଆଣିଥିଲେ। ପଦ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଝିଅର ରକ୍ତ ପରୀକ୍ଷା କରାଇବା ପରେ ମ୍ୟାଲେରିଆ ପଜିଟିଭ ଥିବା ଜଣାପଡ଼ିଥିଲା। ଡାକ୍ତର ନାବାଳିକାଙ୍କୁ ମ୍ୟାଲେରିଆ ଔଷଧ ଓ ଇଞ୍ଜେକ୍ସନ ଦେଇଥିଲେ ମଧ୍ୟ ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ଅଧିକ ଚିକିତ୍ସା ପାଇଁ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ରେଫର କରିଛନ୍ତି। ତେବେ ଏହି ଘଟଣା ସମ୍ପର୍କରେ ଡାକ୍ତରଙ୍କୁ ପଚାରିବାରୁ, ନକଲି ଡାକ୍ତର ଯେଉଁ ଔଷଧ ଓ ଇଞ୍ଜେକ୍ସନ ଦେଇଛନ୍ତି, ତା'ର ପାର୍ଶ୍ୱ ପ୍ରତିକ୍ରିୟା ଯୋଗୁ ଝିଅ ଗୁରୁତର ହୋଇପଡ଼ିଥିବାରୁ ଆମ୍ବୁଲାନ୍ସ ଯୋଗେ ରାୟଗଡ଼ା ପଠାଯାଇଥିବା କହିଛନ୍ତି।

**ଆଦିବାସୀ ଅଞ୍ଚଳରେ ସ୍ୱାସ୍ଥ୍ୟସେବା ପାଇଁ କ୍ୱାକ୍ ଭରସା**

# ପାଣିରେ ବୁଡ଼ି ଚାଲିଗଲା ୯ ଜୀବନ

## ଦଶପଲ୍ଲାରେ ୩, କଟକ ୧, ଭଦ୍ରକ ୧, କେନ୍ଦୁଝର ୨, ବାଲକାଟୀରେ ୨

**ରାଜ୍ୟର ବିଭିନ୍ନ ସ୍ଥାନରେ ରବିବାର ପାଣିରେ ବୁଡ଼ି ୯ଜଣଙ୍କ ଜୀବନ ଯାଇଛି। ସେମାନଙ୍କ ମଧ୍ୟରେ ଦଶପଲ୍ଲାର ଗୋଡ଼ିବିଡ଼ାରେ ୩ଜଣ ନାବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଥିବାବେଳେ, ଭଦ୍ରକ ଜିଲା ତିହିଡ଼ିରେ ହୀରାଘାଇ ନଦୀରେ ବୁଡ଼ି ଜଣେ ୭ବର୍ଷର ନାବାଳକଙ୍କ ମୃତ୍ୟୁ ଘଟିଛି। ସେହିପରି କଟକ ଖାନ୍‌ନଗରରେ ଜଣେ ନାବାଳକ ମହାନଦୀରେ ଗାଧୋଉଥିବାବେଳେ ବୁଡ଼ିଯାଇଛନ୍ତି। ଅନ୍ୟଏକ ଘଟଣାରେ କେନ୍ଦୁଝର ଜିଲା ହରିଚନ୍ଦପୁରଠାରେ ଏକ ଜଳପ୍ରପାତ ନିକଟରେ ଫଟୋ ଉଠାଉଥିବାବେଳେ ଗୋଡ଼ ଖସିଯିବାରୁ ୨ଜଣ ଯୁବକଙ୍କ ପାଣିରେ ବୁଡ଼ି ମୃତ୍ୟୁ ଘଟିଛି। ଆଉ ଏକ ଘଟଣା ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ନିକଟରେ ଘଟିଛି। ଭାର୍ଗବୀ ନଦୀରେ ୨ ଯୁବକ ବୁଡ଼ି ପ୍ରାଣ ହରାଇଛନ୍ତି।**

### ଖେଳୁଥିବା ବେଳେ ପୋଖରୀରେ ବୁଡ଼ିଗଲେ ୩ ନାବାଳକ

**ନୟାଗଡ଼/ ଦଶପଲ୍ଲା, ୨୭।୪ (ଲୋକନାଥ ମିଶ୍ର/ ପ୍ରକାଶ କୁମାର ପାଣି)**

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଗୋଡିବିଡ଼ା ଗାଁ ପୋଖରୀରେ ବୁଡ଼ି ୩ ନାବାଳକଙ୍କ ରବିବାର ମୃତ୍ୟୁ ଘଟିଛି। ମୃତକମାନେ ହେଲେ ଗୋଡିବିଡ଼ା ଶିମିଳିସାହିର ଉମାକାନ୍ତ ନାୟକ(୧୦), ନୂଆଗାଁ ଥାନା ଖାଲମଡ଼ା ଗାଁର ରିତେଶ ପ୍ରଧାନ(୧୧), ଓଡ଼ଗାଁ ଥାନା ପୋଡ଼ାସାହି ଗାଁର ଶୁଭମ୍ ଖିଲାର(୧୨)। ରିତେଶ ଓ ଶୁଭମ୍ ଉମାକାନ୍ତଙ୍କ ଘରେ ହେଉଥିବା ବାହାଘର ଭୋଜି ଖାଇବାକୁ ଆସିଥିଲେ । ସେମାନେ ସାଙ୍ଗ ହୋଇ ପୋଖରୀ ନିକଟରେ ଖେଳୁଥିଲେ। ହେଲେ ଜଣକ ପରେ ଜଣେ ପୋଖରୀରେ ବୁଡ଼ି ଯାଇଥିଲେ। ଏଭଳି ଅଘଟଣ ଜଣାପଡ଼ିବା ପରେ ଗୋଡ଼ିବିଡ଼ା ଗାଁରେ ଶୋକର ଛାୟା ଖେଳିଯାଇଛି । ଦଶପଲ୍ଲା ଥାନା ପୋଲିସ ମୃତଦେହ ଜବତ କରି ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୮/୨୫)ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଗୋଡିବିଡ଼ା ଶିମିଳିସାହିର ବିଜୟ କୁମାର ନାୟକଙ୍କ ଭାଇଙ୍କ ଗତ ଶୁକ୍ରବାର ବାହାଘର ଥିଲା । ଶନିବାର ଭୋଜିର ଆୟୋଜନ କରାଯାଇଥିଲା। ଏଥିପାଇଁ ତାଙ୍କ ଘରେ ବନ୍ଧୁବାନ୍ଧବଙ୍କ ଭିଡ଼ ଜମିଥିଲା। ରବିବାର ସକାଳୁ ବିଜୟଙ୍କ ପୁଅ ଉମାକାନ୍ତଙ୍କ ସହ ବାହାଘରକୁ ଆସିଥିବା ଶୁଭମ୍ ଓ ରିତେଶ ସାଙ୍ଗ ହୋଇ ଗାଁ ପୋଖରୀ ନିକଟରେ ଖେଳୁଥିଲେ । ଏକ ପ୍ଲାଷ୍ଟିକ ପାଇପ୍ ଧରି ଜଣଙ୍କ ପରେ ଜଣେ ପୋଖରୀ ଭିତରକୁ ଦୌଡି ଯାଉଥିଲେ । ଏପରି ଖେଳ ଚାଲିଥିବା ବେଳେ ଆଗରେ ଥିବା ନାବାଳକ ଗଭୀର ପାଣିକୁ ଚାଲିଯାଇ ବୁଡ଼ିଯାଇଥିଲେ। ପରେ ଜଣକ ପରେ ଜଣେ ବୁଡ଼ି ଯାଇ ପ୍ରାଣ ହରାଇଥିଲେ। ଦୀର୍ଘ ସମୟ ଧରି ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ପରେ ୩ଜଣ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ।

### ଜଳପ୍ରପାତରେ ବୁଡ଼ି ୨ ମୃତ

**କେନ୍ଦୁଝର, ୨୭।୪(ନରେଶ ଚନ୍ଦ୍ର ପଟ୍ଟନାୟକ)**

କେନ୍ଦୁଝର ଜିଲା ହରିଚନ୍ଦନପୁର ଥାନା ଅନ୍ତର୍ଗତ ଗରଗଡ଼ବାହାଳ ନିକଟ ଚନ୍ଦନଗିରିର ପାଟହରା ଜଳପ୍ରପାତରେ ରବିବାର ପୂର୍ବାହ୍ନରେ ବୁଡ଼ି ୨ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ ଜଗତ୍‌ସିଂହପୁର ଜିଲାର ଅତୁଲ ରଞ୍ଜନ ସାହୁ (୨୦) ଓ ରୁଦ୍ର ନାରାୟଣ ମିଶ୍ର (୨୦)। ସେମାନେ କଳିଙ୍ଗନଗରସ୍ଥିତ ଏକ ଘରୋଇ କମ୍ପାନୀରେ କାମ କରୁଥିଲେ। ପୋଲିସ ମୃତଦେହ ଜବତ କରି ତଦନ୍ତ କରୁଛି। ସୂଚନା ଅନୁଯାୟୀ, ରବିବାର ଛୁଟି ଥିବାରୁ ରଞ୍ଜନ ଓ ରୁଦ୍ର ଅନ୍ୟ ୨ ସାଙ୍ଗଙ୍କ ସହିତ ପାଟହରା ଗୁମ୍ଫା ଓ ଜଳପ୍ରପାତ ବୁଲିବାକୁ ଆସିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟାରେ ଜଳପ୍ରପାତ ନିକଟରେ ଫଟୋ ଉଠାଇବାବେଳେ ଗୋଡ଼ ଖସିଯିବାରୁ ୨୦ଫୁଟ୍ ଗଭୀର ପାଣିରେ ବୁଡ଼ି ଯାଇଥିଲେ। ହରିଚନ୍ଦନପୁର ପୋଲିସ ଓ ଅଗ୍ନିଶମ କର୍ମଚାରୀ ପହଞ୍ଚି ଖୋଜାଖୋଜି କରି ଦୀର୍ଘ ସମୟ ପରେ ମୃତଦେହ ଠାବ କରିଥିଲେ। ପରେ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇ ଅଧିକ ତଦନ୍ତ ଜାରି ରହିଥିବା ଥାନା ଅଧିକାରୀ ପ୍ରଫୁଲ୍ଲ ବାର୍ଲା କହିଛନ୍ତି। ସୂଚନାଯୋଗ୍ୟ, ଉକ୍ତ ପର୍ଯ୍ୟଟନ କେନ୍ଦ୍ର ସରକାରୀସ୍ତରରେ ପର୍ଯ୍ୟଟନ କେନ୍ଦ୍ରର ମାନ୍ୟତା ପାଇ ନ ଥିଲେ ହେଁ ବର୍ଷତମାମ ଲୋକଙ୍କ ଭିଡ଼ ଜମୁଛି। ଲୋକମାନେ ପାଟହରା ଗୁମ୍ଫା ଦେଖିବା, ଜଳପ୍ରପାତରେ ଗାଧୋଇବା ସହ ଭୋଜିଭାତ କରୁଛନ୍ତି। ଜଳପ୍ରପାତ ତଳକୁ ବିପଦପୂର୍ଣ୍ଣ ଗଣ୍ଡ ରହିଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ସତର୍କତା ବ୍ୟବସ୍ଥା ଗ୍ରହଣ କରାଯାଉ ନ ଥିବାରୁ ଦୁର୍ଘଟଣା ଘଟୁଛି। ପ୍ରଶାସନ ପକ୍ଷରୁ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

### ହୀରାଘାଇ ନଈରେ ବୁଡ଼ି ବାଳକ ମୃତ

**ତିହିଡି,୨୭।୪(ସଞ୍ଜିତ ବଳ)**

ଭଦ୍ରକ ଜିଲା ତିହିଡି ଥାନା କାଁପଡ଼ା ପଞ୍ଚାୟତ ଅଧୀନ ଦପା ଗ୍ରାମ ନିକଟସ୍ଥ ହୀରାଘାଇ ନଈରେ ବୁଡ଼ି ଜଣେ ବାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ଦେବେନ୍ଦ୍ର ଦାସଙ୍କ ପୁଅ ସ୍ୱରାଜ(୭)। ସୂଚନା ମୁତାବକ, ସ୍ୱରାଜ ଅପରାହ୍ନ ୨ଟାରେ ନଈରେ ସାଙ୍ଗମାନଙ୍କ ସହ ଗାଧୋଉଥିବା ବେଳେ ପାଣିରେ ବୁଡ଼ି ଯାଇଥିଲେ। ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ଜଣାଇଥିଲେ। ପରିବାର ଲୋକେ ପାଣିରୁ ଉଦ୍ଧାର କରି ତିହିଡି ଡାକ୍ତରଖାନାକୁ ନେଇଥିବାବେଳେ ସେଠାରେ ଡାକ୍ତର ସ୍ୱରାଜଙ୍କୁ ମୃତ ଘୋଷଣା କରିଥିଲେ। ତିହିଡି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।

### ଭାର୍ଗବୀରେ ବୁଡ଼ି ୨ ଯୁବକ ମୃତ

**ବାଲକାଟୀ,୨୭।୪(ମନୋଜ କୁମାର ମଣ୍ଡଳ)**

ଭୁବନେଶ୍ୱର ଉପକଣ୍ଠ ବାଲକାଟୀ ଫାଣ୍ଡି ପଛପଟେ ପ୍ରବାହିତ ଭାର୍ଗବୀ ନଦୀରେ ବୁଡ଼ି ରବିବାର ଅପରାହ୍ନରେ ୨ ଯୁବକଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ବଡ଼ଗଡ଼ ଅଞ୍ଚଳରେ ରହୁଥିବା ଢେଙ୍କାନାଳ ନିହଲ ପ୍ରସାଦ ଅଞ୍ଚଳର ପ୍ରାଣବନ୍ଧୁ ମହାଲିକ (୩୦) ଓ ପୁରୀ ସମୁଦ୍ର କୂଳ ଥାନା ଅଞ୍ଚଳର ଆଶିଷ ବେହେରା (୨୬)। ଏ ସମ୍ପର୍କରେ ବାଲକାଟୀ ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି। ୪/୫ ଜଣ ସାଙ୍ଗ ଭୋଜି ଖାଇ ସାରିବା ପରେ ବାଲକାଟୀସ୍ଥିତ ଭାର୍ଗବୀ ନଦୀକୁ ଅପରାହ୍ନ ୪ଟା ସମୟରେ ଗାଧେଇବାକୁ ଆସିଥିଲେ। ୨ ଜଣ ନଦୀରେ ଗାଧଉଥିବାବେଳେ ଅନ୍ୟମାନେ କୂଳରେ ଠିଆ ହୋଇଥିଲେ। ନଦୀରେ ୨ ସାଙ୍ଗ ବୁଡ଼ି ଯାଉଥିବା ଦେଖି ଅନ୍ୟମାନେ ସ୍ଥାନୀୟ ଲୋକଙ୍କୁ ଡାକିବା ସହ ଅଗ୍ନିଶମ ବିଭାଗ ଓ ସ୍ଥାନୀୟ ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ଭୁବନେଶ୍ୱର କଳ୍ପନା ଅଗ୍ନିଶମ ବିଭାଗ କର୍ମଚାରୀ ପହଞ୍ଚି ୨ ଯୁବକଙ୍କୁ ମୃତ ଅବସ୍ଥାରେ ପାଇଥିଲେ। ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲ ପଠାଯାଇଥିଲା। ୨ ଜଣଙ୍କ ମଧ୍ୟରୁ ଜଣେ ଅଟୋ ଚାଳକ ଓ ଅନ୍ୟ ଜଣେ ଏକ ଘରୋଇ କମ୍ପାନୀରେ କାମ କରୁଥିବା ଜଣାପଡ଼ିଛି। ଭାର୍ଗବୀ ନଦୀରେ ପ୍ରତିବର୍ଷ ମୁଣ୍ଡ ଗଡୁଥିବାବେଳେ ପ୍ରଶାସନ ପକ୍ଷରୁ ଏଠାରେ ଗାଧେଇବାକୁ କୌଣସି ବାରଣ ନ ଥିବାରୁ ଏପରି ଘଟଣା ଚିନ୍ତାର କାରଣ ପାଲଟିଛି।

### କାଠଯୋଡ଼ିରେ ବୁଡ଼ି ନାବାଳକ ମୃତ

**କଟକ,୨୭।୪(କାର୍ତ୍ତିକ ସାହୁ)**

କଟକ ଖାନନଗର ପୂଜା ମଣ୍ଡପ ସମ୍ମୁଖ କାଠଯୋଡ଼ି ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସାଙ୍ଗ ମେଳରେ ଗାଧୋଇବା ବେଳେ ଏଭଳି ଅଘଟଣ ଘଟିଥିଲା। ମୃତ ନାବାଳକ ଖାନନଗର ବେତବିନ୍ଧାଣୀ ସାହିରେ ଭଡ଼ାରେ ରହୁଥିବା ଗଦାଧର ମାଝିଙ୍କ ପୁଅ ସୂର୍ଯ୍ୟକାନ୍ତ ମାଝି(୧୪)। ବକ୍ସିବଜାର ଅଗ୍ନିଶମ ବାହିନୀ ରବିବାର ମଧ୍ୟାହ୍ନ ୧୨ଟା ୧୦ରେ ଖବର ପାଇ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ନଦୀରେ ଖୋଜାଖୋଜି କରିବା ପରେ ନାବାଳକଙ୍କୁ ସଂଜ୍ଞାହୀନ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଏସ୍‌ସିବି ମେଡିକାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାଜ୍ୟରେ ସୃଷ୍ଟି ହେଉନାହାନ୍ତି ଅନ୍ନଦାତା

## ସରକାରଙ୍କ ଉପରେ ଗଡୁଛି ୩୩୦କୋଟିର ସୁଧ ରିହାତି

ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)

ରାଜ୍ୟରେ କୃଷକ ଏବଂ କୃଷିକ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର କୃଷି କ୍ୟାବିନେଟ୍ କରାଯିବା ସହିତ ଗୃହରେ ପ୍ରତିବର୍ଷ ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରାଯାଉଛି। ଚାଷୀଙ୍କ ପାଇଁ 'କାଳିଆ' ଓ 'ବଳିଆ' ଭଳି ଯୋଜନା କାର୍ଯ୍ୟକାରୀ କରାଯାଇଛି। ଚାଷୀଙ୍କଠାରୁ ଧାନ ସଂଗ୍ରହ ପରିମାଣ ବର୍ଷକରେ ୭୫ଲକ୍ଷ ମେଟ୍ରିକ୍ ଟନ୍‌ରୁ ବଢ଼ି ୮୫ଲକ୍ଷ ମେଟ୍ରିକ୍ ଟନ୍‌ରେ ପହଞ୍ଚିଲାଣି। ହେଲେ ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି ହୋଇପାରୁନାହିଁ। ସରକାରଙ୍କ ୨୦୧୮ ସର୍ଭେ ଅନୁଯାୟୀ ଓଡ଼ିଶା ଚାଷୀଙ୍କ ମାସିକ ଆୟ ୫୧୨୦ଟଙ୍କାରେ ସୀମିତ ରହିଛି।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ରାଜ୍ୟରେ ଚାଷୀ କିଏ ଏବଂ କେତେ ଚାଷୀ ଅଛନ୍ତି ତା'ର ଛବି ଏବେ ବି ଅସ୍ପଷ୍ଟ ରହିଛି। କୃଷି ବିଭାଗ ପକ୍ଷରୁ ୪୭ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀ ରହିଥିବା ବିଧାନସଭାରେ ଦର୍ଶାଯାଇଥିବାବେଳେ ସମବାୟ ବିଭାଗ ପକ୍ଷରୁ କେବଳ ଋଣ ନେଉଥିବା ୧୮.୮୬ଲକ୍ଷ ଚାଷୀଙ୍କୁ ହିଁ ଚାଷୀ ଭାବେ ଗ୍ରହଣ କରାଯାଉଛି। ୨୦୨୪-୨୫ ବର୍ଷରେ ଏହି ସଂଖ୍ୟା ସମବାୟ ନିବନ୍ଧକଙ୍କ ପକ୍ଷରୁ ଦର୍ଶାଯାଇଥିବାବେଳେ ଚଳିତ ୨୦୨୫-୨୬ ଆର୍ଥିକବର୍ଷରେ ମଧ୍ୟ ସମାନ ସଂଖ୍ୟକ ଚାଷୀ ଦର୍ଶାଯାଇଛି। ବିଭାଗର ଆକଳନରେ ଗୋଟିଏ ହେଲେ ବି ନୂଆ ଅନ୍ନଦାତା ରାଜ୍ୟରେ ସୃଷ୍ଟି ହୋଇନାହାନ୍ତି। ସମବାୟ ବିଭାଗର ଏହି ତଥ୍ୟକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ସରକାର ଯେଉଁ ଶସ୍ୟଋଣ ପ୍ରଦାନ କରୁଛନ୍ତି ତାହା କେବଳ ବ୍ୟାଙ୍କରେ ନୂଆ-ପୁରୁଣାରେ ସୀମିତ ରହୁଛି ବୋଲି ଅଭିଯୋଗ ହେଉଛି।

ଅନ୍ୟପକ୍ଷରେ ସରକାରଙ୍କ ପକ୍ଷରୁ ବିନା ସୁଧରେ ୧ଲକ୍ଷ ଟଙ୍କାର ଋଣ ଯୋଗାଇ ଦିଆଯାଉଛି। ହେଲେ ତଥ୍ୟ ଅନୁଯାୟୀ, ୨୦୧୯-୨୦ ଆର୍ଥିକବର୍ଷରୁ ୨୦୨୩-୨୪ ଆର୍ଥିକବର୍ଷ ମଧ୍ୟରେ ୩୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଚାଷୀଙ୍କ ସୁଧ ରିହାତି ବାବଦକୁ ସରକାରଙ୍କ ଉପରେ ଗଡୁଛି । ରାଜ୍ୟ ସମବାୟ ନିବନ୍ଧକଙ୍କ ପକ୍ଷରୁ ଏନେଇ ସରକାରଙ୍କୁ ବହୁବାର ପତ୍ର ଲେଖାଯାଇଥିଲେ ହେଁ ଟଙ୍କା ମିଳୁନାହିଁ। ଏହାକୁ ନେଇ ଚଳିତମାସ ୨୪ରେ ରାଜ୍ୟ ସମବାୟ ନିବନ୍ଧକ ସମବାୟ ବିଭାଗ ସଚିବଙ୍କୁ ପତ୍ର ଲେଖି ୩ ବର୍ଷ ଲାଗି ବକେୟା ଥିବା ୩୩୦.୭୪କୋଟି ଟଙ୍କା ଦେବାକୁ ଅନୁରୋଧ କରିଛନ୍ତି।

ରାଜ୍ୟ ସମବାୟ ନିବନ୍ଧକ ସରକାରଙ୍କୁ ଦେଇଥିବା ପତ୍ରରେ ଦର୍ଶାଇଛନ୍ତି ଯେ, ଚଳିତବର୍ଷ ବଜେଟରେ ୯୦୦କୋଟି ଟଙ୍କା ସୁଧ ରିହାତି ବାବଦକୁ ବ୍ୟବସ୍ଥା କରାଯାଇଛି; ଯେଉଁଥିରେ ଶସ୍ୟ ଋଣ ବାବଦକୁ ଚାଷୀଙ୍କୁ ସୁଧ ରିହାତିରେ ୫ ପ୍ରତିଶତ ଦିଆଯିବାକୁ ରହିଛି। ଏନେଇ ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକ ୩୩୦.୭୪କୋଟିର ଏକ ପ୍ରସ୍ତାବ ଦେଇଛନ୍ତି। ଏଥିରେ ୨୦୧୯-୨୦, ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକବର୍ଷର ସୁଧ ରିହାତି ବାବଦକୁ ଉକ୍ତ ଟଙ୍କା ରହିଛି। ତେଣୁ ଉକ୍ତ ଅର୍ଥକୁ ତୁରନ୍ତ ପ୍ରଦାନ କରିବା ଲାଗି ସେ ଅନୁରୋଧ କରିଛନ୍ତି।

ରାଜ୍ୟ ସମବାୟ ବ୍ୟାଙ୍କ ପରିଚାଳନା ନିର୍ଦ୍ଦେଶକଙ୍କ ପ୍ରସ୍ତାବ ଅନୁଯାୟୀ, ୨୦୧୯-୨୦ରେ ୬୯୫.୧୫କୋଟି ଟଙ୍କା ଚାଷୀଙ୍କ ସୁଧର ରିହାତି ବାବଦକୁ ଦାବି କରାଯାଇଥିବାବେଳେ ସରକାର ସେଥିରୁ ୬୩୫.୩୪ କୋଟି ଟଙ୍କା ଦେଇଛନ୍ତି, ହେଲେ ଏବେ ବି ୫୯.୮୧କୋଟି ଟଙ୍କା ବକେୟା ଗଡୁଛି। ସେହିପରି ୨୦୨୨-୨୩ ଆର୍ଥିକବର୍ଷରେ ୯୨୦.୨୬କୋଟିରୁ ୭୭୧.୫୯କୋଟି ଟଙ୍କା ମିଳିଥିବାବେଳେ ୧୪୮.୬୭କୋଟି ଟଙ୍କା ବକେୟା ରହିଥିବାବେଳେ ୨୦୨୩-୨୪ ବର୍ଷରେ ୯୨୨.୨୫କୋଟି ଟଙ୍କା ମଧ୍ୟରୁ ୮୦୦କୋଟି ଟଙ୍କା ମିଳିଛି। ଉକ୍ତ ବର୍ଷ ୧୨୨.୨୫କୋଟି ଟଙ୍କା ଏପର୍ଯ୍ୟନ୍ତ ମିଳିନାହିଁ।

ଅନ୍ୟପକ୍ଷରେ ସମବାୟ ବିଭାଗର ତଥ୍ୟ ଅନୁଯାୟୀ, ୨୦୨୪-୨୫ ଆର୍ଥିକବର୍ଷରେ ରାଜ୍ୟରେ ୧୮ଲକ୍ଷ ୮୬ହଜାର ୭୪ ଚାଷୀ ରହିଥିବାବେଳେ ୨୦୨୫-୨୬ରେ ମଧ୍ୟ ସମାନ ସଂଖ୍ୟକ ଚାଷୀଙ୍କୁ ଶସ୍ୟ ଋଣ ଦେବା ଲାଗି ୧୧ହଜାର କୋଟି ଟଙ୍କାର ପ୍ରସ୍ତାବ ସରକାରଙ୍କୁ ଦିଆଯାଇଛି। ବରଗଡ଼ରେ ୯୩ହଜାର ୮୭୧ ଚାଷୀଙ୍କ ପାଇଁ ୯୦୦କୋଟି ଟଙ୍କାର ଶସ୍ୟଋଣ ଦେବାକୁ ରହିଥିବାବେଳେ କେନ୍ଦ୍ରାପଡାରେ ୧ଲକ୍ଷ ୩୬ହଜାର ୬୪୭ ଚାଷୀଙ୍କୁ ୭୦୦କୋଟି, ବଲାଙ୍ଗୀରରେ ୬୦ହଜାର ୫୯ ଚାଷୀଙ୍କୁ ୬୧୦କୋଟି, ଖୋର୍ଦ୍ଧାରେ ୯୬ହଜାର ୨୨୦ ଚାଷୀଙ୍କୁ ୫୨୫କୋଟି ଟଙ୍କାର ଋଣ ଦେବାକୁ ରହିଥିବାବେଳେ ଅନ୍ୟ ଜିଲାରେ ଏହାଠାରୁ କମ୍ ପରିମାଣ ଶସ୍ୟ ଋଣ ଦେବାକୁ ରହିଛି ବୋଲି ସମବାୟ ନିବନ୍ଧକଙ୍କ ତଥ୍ୟରୁ ଜଣାଯାଇଛି।



ବ୍ରହ୍ମପୁର ଦେଶୀବେହେରା ସାହି ଅସ୍ଥାୟୀ ମଣ୍ଡପରେ ରବିବାର ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ ପାଇଁ ପହଞ୍ଚିଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଭାଜପା ନେତାମାନେ।

# ବୁଢ଼ୀ ଠାକୁରାଣୀଙ୍କ ଦର୍ଶନ କଲେ ମୁଖ୍ୟମନ୍ତ୍ରୀ

ବ୍ରହ୍ମପୁର,୨୭।୪ (ସ୍ମୃତି ରଞ୍ଜନ ମହାଲିକ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ଗଞ୍ଜାମ ଜିଲା ଗସ୍ତରେ ଆସିଥିଲେ। ସେ ପ୍ରଥମେ ବ୍ରହ୍ମପୁର ଯାଇ ଐତିହାସିକ ଠାକୁରାଣୀ ଯାତ୍ରାରେ ଯୋଗଦେଇଥିଲେ। ତାଙ୍କୁ ସ୍ୱାଗତ ପାଇଁ ବାଘ ବେଶଧାରୀମାନେ ତାଙ୍କୁ ବାଦ୍ୟ ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। ମୁଖ୍ୟମନ୍ତ୍ରୀ ଦେଶୀ ବେହେରା ସାହିସ୍ଥିତ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଥିଲେ। ଏଥିପାଇଁ ସେଠାରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ଏହାପରେ ମୁଖ୍ୟମନ୍ତ୍ରୀ ପାତ୍ରପୁର ବ୍ଲକ ଅଭିମୁଖେ ଯାଇଥିଲେ। ସାମନ୍ତିଆପଲ୍ଲୀ ପଞ୍ଚାୟତ ଭୀମପୁର ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶତବାର୍ଷିକୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାର ଶିକ୍ଷାକୁ ଗୁରୁତ୍ୱ ଦେଉଥିବା କହିଥିଲେ। ଏହି ଅବସରରେ ସେ ଉକ୍ତ ବିଦ୍ୟାଳୟର ପୁରାତନ ବୟୋଜ୍ୟେଷ୍ଠ ଛାତ୍ର ଗୋବିନ୍ଦ ପତି, ନବୀନ ଚନ୍ଦ୍ର ପାଣିଗ୍ରାହୀ, ସରୋଜ ଚନ୍ଦ୍ର ପାଣିଗ୍ରାହୀ, ଆପନ୍ନା ପତି, ରାମକୃଷ୍ଣ ପତି, ରଜନୀ କାନ୍ତ ପଣ୍ଡା ଓ ବସନ୍ତ କୁମାରୀ ପଣ୍ଡା ପ୍ରମୁଖଙ୍କୁ ମଞ୍ଚ ଉପରକୁ ଡାକି ସମ୍ବର୍ଦ୍ଧିତ କରିଥିଲେ। ବିଦ୍ୟାଳୟର ସମସ୍ୟାଗୁଡିକ ତୁରନ୍ତ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ମୁଖ୍ୟମନ୍ତ୍ରୀ ବୁଗୁଡ଼ା ବ୍ଲକ ଅନ୍ତର୍ଗତ ଘୋଳପୁର ଗ୍ରାମକୁ ଆସି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ଘରକୁ ଆସିଥିଲେ। ସେଠାରେ ମନ୍ତ୍ରୀ ଗୋକୁଳାନନ୍ଦଙ୍କ ମା' ମାଳତୀ ମଲ୍ଲିକଙ୍କ ଦ୍ୱାଦଶାହରେ ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ପାର୍ଟପ୍ଲଟ କେଁ: ପଞ୍ଜୀକରଣ ରାଜସ୍ୱ ୧୬୭ କୋଟି ହ୍ରାସ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ରାଜ୍ୟରେ ଜମିଜମା ପଞ୍ଜୀକରଣ ରାଜସ୍ୱ ହ୍ରାସ ପାଇଛି। ୨୦୨୩-୨୪ ଆର୍ଥିକବର୍ଷରେ ଏହି ଉତ୍ସରୁ ରାଜ୍ୟ ସରକାର ଯେତିକି ପରିମାଣର ରାଜସ୍ୱ ପାଇଥିଲେ ୨୦୨୪-୨୫ ଆର୍ଥିକବର୍ଷରେ ତା'ଠାରୁ ୧୬୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କମ୍ ପାଇଛନ୍ତି। କେବଳ ଯେ ରାଜସ୍ୱ କମିଛି ତାହା ନୁହେଁ, ପାର୍ଟପ୍ଲଟ୍ ଯୋଗୁ ଜମି ପଞ୍ଜୀକରଣ ମଧ୍ୟ ହ୍ରାସ ପାଇଛି ବୋଲି ରାଜସ୍ୱ ବିଭାଗ ପକ୍ଷରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ୨୦୨୩-୨୪ ଆର୍ଥିକବର୍ଷରେ ୪ଲକ୍ଷ ୫୦ହଜାର ୧୫ ଦଲିଲ ପଞ୍ଜୀକୃତ ହୋଇଥିଲା। ବିଭାଗକୁ କେବଳ ଷ୍ଟାମ୍ପ ଚାର୍ଜ ବାବଦକୁ ୧୩୭୧.୨୦କୋଟି ଟଙ୍କା ମିଳିଥିବାବେଳେ ପଞ୍ଜୀକରଣ ଫିସ୍ ବାବଦକୁ ୬୫୬.୨୧କୋଟି ଟଙ୍କା ମିଳିଥିଲା। ଉକ୍ତବର୍ଷ ୨୦୨୭.୪୧କୋଟି ଟଙ୍କାର ରାଜସ୍ୱ ମିଳିଥିଲା। ମାତ୍ର ୨୦୨୪-୨୫ ଆର୍ଥିକବର୍ଷରେ ୪ଲକ୍ଷ ୨୨ହଜାର ୫୯୮ ଦଲିଲ ପଞ୍ଜୀକୃତ ହୋଇଛି। ଏଥିଲାଗି ସରକାରଙ୍କ କେବଳ ଷ୍ଟାମ୍ପ ଚାର୍ଜ ବାବଦକୁ ୧୨୪୮.୨୭କୋଟି ଟଙ୍କା ମିଳିଥିବାବେଳେ ପଞ୍ଜୀକରଣ ଫିସ୍ ବାବଦକୁ ୬୧୨.୧୨କୋଟି ଟଙ୍କା ମିଳିଛି। ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟ ସରକାରଙ୍କୁ ଜମିଜମା ପଞ୍ଜୀକରଣ ଉତ୍ସରୁ ୧୮୬୦.୩୯କୋଟି ଟଙ୍କା ମିଳିଛି। ୨୦୨୨-୨୩ ଆର୍ଥିକବର୍ଷଠାରୁ ମଧ୍ୟ ଏହି ପରିମାଣ କମ୍ ବୋଲି ଜଣାଯାଇଛି। ଉକ୍ତବର୍ଷ ରାଜ୍ୟ ସରକାର ଏହି ଉତ୍ସରୁ ୧୮୮୬.୭୩କୋଟି ଟଙ୍କାର ରାଜସ୍ୱ ପାଇଥିବାବେଳେ ଗତବର୍ଷ ଏହି ପରିମାଣ ତା'ଠାରୁ ପ୍ରାୟ ୨୭କୋଟି ଟଙ୍କା କମ୍ ରହିଛି।

# ମନଇଚ୍ଛା ଲାଗିପାରିବନି ଜାତୀୟ ଚିହ୍ନ

## ସବୁ ଆର୍‌ଡିସି, ଜିଲାପାଳଙ୍କୁ ସରକାରଙ୍କ ତାଗିଦ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ରାଜ୍ୟରେ କୌଣସି ବ୍ୟକ୍ତିବିଶେଷ, ବ୍ୟବସାୟ ପ୍ରତିଷ୍ଠାନ କିମ୍ବା ଅନୁଷ୍ଠାନ ପକ୍ଷରୁ ଜାତୀୟ ଚିହ୍ନ(ଅଶୋକସ୍ତମ୍ଭ)କୁ ମନଇଚ୍ଛା ବ୍ୟବହାର କରାଯାଇପାରିବ ନାହିଁ। ଯଦି କୌଣସିଠାରେ ଏହାର ଅପବ୍ୟବହାର କରାଯାଉଥିବ ତେବେ ସେଠାରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଭାରତର ଜାତୀୟ ଚିହ୍ନ ଆଇନ-୨୦୦୫ ଏବଂ ନିୟମ-୨୦୦୭ ଓ ସଂଶୋଧନ ଆଇନ-୨୦୧୦ ଅନୁଯାୟୀ ଜାତୀୟ ଚିହ୍ନ ସରକାରୀସ୍ତରରେ ବ୍ୟବହାର ହୋଇପାରିବ। ଏହି ମର୍ମରେ ଭାରତ ସରକାରଙ୍କ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଯୁଗ୍ମସଚିବ ଜି. ପାର୍ଥସାରଥି ମୁଖ୍ୟଶାସନ ସଚିବଙ୍କୁ ଅବଗତ କରିବା ପରେ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏନେଇ ରାଜ୍ୟ ସରକାରଙ୍କ ଗୃହବିଭାଗ ଯୁଗ୍ମସଚିବ ଶରତ ଚନ୍ଦ୍ର ମାରାଣ୍ଡି ୨୯ ମାର୍ଚ୍ଚରେ ସବୁ ଆର୍‌ଡିସି ଓ ଜିଲାପାଳଙ୍କୁ ପତ୍ର ଲେଖି ଅବଗତ କରାଇଥିବାବେଳେ ଚଳିତମାସ ୧୭ରେ ଜଳସମ୍ପଦ ବିଭାଗ ପକ୍ଷରୁ ଅଧସ୍ତନ ଅଧିକାରୀଙ୍କୁ ପତ୍ର ଲେଖି ଅବଗତ କରାଯାଇଛି।

ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଯୁଗ୍ମସଚିବ ପାର୍ଥସାରଥି ପତ୍ରରେ ଦର୍ଶାଇଥିଲେ, ଭାରତର ଜାତୀୟ ଚିହ୍ନ ତିନୋଟି ଅଶୋକସ୍ତମ୍ଭ ସହିତ ଅଶୋକଚକ୍ର ଓ ସତ୍ୟମେବ ଜୟତେ(ଦେବନାଗରୀ ଭାଷା) ନିର୍ଦ୍ଦିଷ୍ଟ ଭାବେ ସରକାରଙ୍କ ନିୟମ ଅନୁଯାୟୀ ରହିବା କଥା, ହେଲେ କେତେଜଣ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନ ଏହାର ଉଲ୍ଲଂଘନ କରୁଥିବା ନଜରକୁ ଆସିଛି। କେତେକ ସ୍ଥାନରେ ଅଶୋକସ୍ତମ୍ଭ ତଳେ ସତ୍ୟମେବ ଜୟତେ ଦେବନାଗରୀ ଭାଷାରେ ଉଲ୍ଲେଖ ରହୁନାହିଁ, ଯାହା କି ଜାତୀୟ ଚିହ୍ନ ପ୍ରତି ଅବମାନନା ହେଉଛି। ଏନେଇ ବ୍ୟାପକ ସଚେତନତା ସୃଷ୍ଟି କରିବା ସହିତ ନିୟମକୁ ଠିକଣା ଭାବେ ପାଳନ କରିବା ଲାଗି ସେ ଦର୍ଶାଇଛନ୍ତି।

## ନୋଟିସ

ମୁଁ ଶ୍ରୀ ଭକ୍ତ ଚରଣ ସାହୁ, ଏତଦ୍ୱାରା ସର୍ବସାଧାରଣଙ୍କୁ ଅବଗତ କରାଇ-ଦେଉଛି ଯେ, ମୋର ହ୍ୟାଣ୍ଡ ବ୍ୟାଗରେ ରଖାଯାଇଥିବା ଶ୍ରୀ ଭକ୍ତ ଚରଣ ସାହୁଙ୍କ ନାମରେ ମୌଜା- ଖାରପଡ଼ା, ୟୁନିଟ୍-୩୩, ତହସିଲ- ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାର ମୂଳ ଲିଙ୍କ୍ ଆର୍‌ଓଆର୍ ନଂ. ୯୨୮/୧୪୮୨ ଲକ୍ଷ୍ମୀସାଗର ଛକ, ଭୁବନେଶ୍ୱର ଆଖପାଖରେ କେଉଁଠି ହଜିଯାଇଛି ଏବଂ ସମସ୍ତ ସାଧ ଚେଷ୍ଟା ସତ୍ତ୍ୱେ ମୁଁ ତାହାର ସନ୍ଧାନ ପାଉନାହିଁ। ତେଣୁ, ଯଦି କୌଣସି ସହୃଦୟ ବ୍ୟକ୍ତି ତାହାକୁ ପାଇଥାନ୍ତି, ତେବେ ଅନୁରୋଧ ଯେ, ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ସେ ସମ୍ପର୍କରେ ବଜାଜ ଫାଇନାନ୍ସ ଲିମିଟେଡର ଆଡଭୋକେଟ୍ ଶ୍ରୀ ଏନ୍.ସି. ପଟ୍ଟନାଏକଙ୍କ ସହ ମୋ.-୯୮୫୩୩୧୧୧୮୯ରେ ଯୋଗାଯୋଗ କରନ୍ତୁ, ଅନ୍ୟଥା ଉକ୍ତ ଦସ୍ତାବିଜ ତାହାର ଆଇନଗତ ପ୍ରଭାବ ହରାଇବ ଏବଂ ଦସ୍ତାବିଜର କୌଣସି ଅପବ୍ୟବହାର ଆଇନ ଅଧୀନରେ ଦଣ୍ଡନୀୟ ହେବ।



# ଭଡ଼ଭଡ଼

ଏପ୍ରିଲ ୨୨ରେ ଜମ୍ମୁ ଓ କଶ୍ମୀରର ପହଲଗାମ୍ ଅନ୍ତର୍ଗତ ବୈସରନ୍‌ରେ ଘଟିଥିବା ଆତଙ୍କବାଦୀ ଆକ୍ରମଣ ବିଷୟକୁ ନେଇ ଭାରତରେ ତର୍ଜମା ଚାଲିଛି। ଏଥର ଆତଙ୍କବାଦୀ ଆକ୍ରମଣରେ ସାମରିକ ନୁହେଁ, ବିଶେଷକରି ବେସାମରିକ ବ୍ୟକ୍ତି ବା ୨୬ ସାଧାରଣ ପର୍ଯ୍ୟଟକଙ୍କ ଜୀବନ ଯାଇଛି। ୨୦୧୯ ଅଗଷ୍ଟ ୫ରେ ଜମ୍ମୁ ଓ କଶ୍ମୀରରେ ଦୀର୍ଘବର୍ଷ ଧରି ଲାଗୁ ହୋଇ ଆସିଥିବା ସମ୍ବିଧାନର ଅନୁଚ୍ଛେଦ ୩୭୦ କେନ୍ଦ୍ର ସରକାର ଉଚ୍ଛେଦ କରିଦେଇଥିଲେ। ତା' ପରଠାରୁ ସରକାରୀ ସ୍ତରରେ ପ୍ରଚାର କରାଯାଇଥିଲା ଯେ ସେଠାରେ ଆତଙ୍କବାଦୀ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ହ୍ରାସ ପାଇଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଲୋକେ ଯାଇ ଜମ୍ମୁ ଓ କଶ୍ମୀରର ପ୍ରାକୃତିକ ସୌନ୍ଦର୍ଯ୍ୟ ଅବଲୋକନ କଲେ। ଜମ୍ମୁ ଓ କଶ୍ମୀର ସରକାରଙ୍କଠାରୁ ମିଳିଥିବା ତଥ୍ୟ ଆଧାରରେ ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗତବର୍ଷ ସଂସଦକୁ ଜଣାଇଥିଲେ ଯେ ଗତ ୩ ବର୍ଷ ମଧ୍ୟରେ ସେଠାକାର ପର୍ଯ୍ୟଟନ କ୍ଷେତ୍ରରେ ହାରାହାରି ୧୫.୧୩ ପ୍ରତିଶତ ବୃଦ୍ଧି ଘଟିଛି। ଏପରିକି ଗତ ୬ ମାସ ମଧ୍ୟରେ ୧ କୋଟି ୮ ଲକ୍ଷ ପର୍ଯ୍ୟଟକ ଜମ୍ମୁ ଓ କଶ୍ମୀର ଗସ୍ତ କରିଥିବା ରାଜ୍ୟ ସଭାକୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଲିଖିତ ଉତ୍ତରରୁ ଜଣାପଡ଼ିଛି। ଏଭଳି ସକାରାତ୍ମକ ରିପୋର୍ଟ ପ୍ରକାଶ ପାଇବା ପରେ ଜମ୍ମୁ ଓ କଶ୍ମୀର ବୁଲିଯିବା ପାଇଁ ସମଗ୍ର ଦେଶବାସୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ହେଲେ ସେହି କେନ୍ଦ୍ର ଶାସିତ ଅଞ୍ଚଳକୁ ନିରାପତ୍ତା ଦୃଷ୍ଟିରୁ ଯେଉଁଭଳି ଗୁରୁତ୍ୱ ଦେବା କଥା କେନ୍ଦ୍ର ସରକାର ସେଥିରେ ବିଫଳ ହେବାରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟିଲା ବୋଲି କୁହାଯାଇପାରେ।

ଦେଖିବାକୁ ଗଲେ ଦକ୍ଷିଣ କଶ୍ମୀରର ପହଲଗାମ୍ ସହରଠାରୁ ଆକ୍ରମଣସ୍ଥଳ ବୈସରନ୍ ପ୍ରାୟ ୫ କିଲୋମିଟର ବାଟ। ସେହି ସ୍ଥାନକୁ ଟ୍ରେକ୍ କରିବା ଲାଗି ପାଦରେ କିମ୍ବା ଘୋଡ଼ା ପିଠିରେ ବସିଯାଇ ହେବ। ଏଥିରୁ ବୁଝିବାକୁ ହେବ ଯେ ସେଠାରେ କୌଣସି ଅଘଟଣ ଘଟିଲେ ପର୍ଯ୍ୟଟକଙ୍କୁ ତୁରନ୍ତ ମାନବୀୟ ସହାୟତା ମିଳିବା କଷ୍ଟକର। ପୁଣି କୁହାଯାଉଛି ଅମରନାଥ ଯାତ୍ରା ବେଳକୁ ପ୍ରାୟତଃ ବୈସରନ୍‌କୁ ଲୋକଙ୍କ ପାଇଁ ଖୋଲାଯାଇଥାଏ। ଉଲ୍ଲେଖଯୋଗ୍ୟ, ଅମରନାଥ ଯାତ୍ରା ଜୁଲାଇରେ ଅଗଷ୍ଟ ଯାଏ ଅନୁଷ୍ଠିତ ହୋଇଥାଏ। ଅନ୍ୟବର୍ଷ ଅପେକ୍ଷା ବୈସରନ୍‌କୁ ଯିବା ଲାଗି ପୂର୍ବରୁ କାହିଁକି ପର୍ଯ୍ୟଟକଙ୍କୁ ସୁଯୋଗ ମିଳିଲା ତାହାକୁ କେନ୍ଦ୍ର ପଚାରୁ ଉଠିଲାଣି। ଜମ୍ମୁ ଓ କଶ୍ମୀରକୁ ପର୍ଯ୍ୟଟକଙ୍କ ଆଗମନ ବଢ଼ିବାକୁ ଲକ୍ଷ୍ୟରେ ରଖାଯାଇ ଯଦି ଏଭଳି ନିଷ୍ପତ୍ତି ନିଆଯାଇଥିବ, ତେବେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାର ଥିଲା। ଯାହା ଶୁଣିବାକୁ ମିଳୁଛି ଏପ୍ରିଲ ୨୨ରେ ସମ୍ପୃକ୍ତ ଅଞ୍ଚଳ ସେମିତି ଆତଙ୍କବାଦୀଙ୍କ ପାଇଁ ଚରାଭୂଇଁ ଭଳି ଛାଡ଼ି ଦିଆଯାଇଥିଲା। ଏହା ଜଣାଶୁଣା ଯେ ଆକ୍ରମଣକାରୀ ସର୍ବଦା ସୁରକ୍ଷା କେଉଁଠାରେ ଢିଲା ରହିଛି, ତାହାକୁ ଦରାଣ୍ଡୁ ଥାଆନ୍ତି। କୁହାଯାଉଛି ଯେ, ଆତଙ୍କବାଦୀ ଆକ୍ରମଣ ସଂକ୍ରାନ୍ତରେ ସରକାରୀ ଗୋଇନ୍ଦା ସଂସ୍ଥା ପୂର୍ବରୁ କର୍ତ୍ତୃପକ୍ଷଙ୍କୁ ତଥ୍ୟ ଦେଇଥିଲା। ଖବର ପାଇବା ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରା ନ ଯିବା ବିଷୟ ଏବେ ଆଶ୍ଚର୍ଯ୍ୟ କରୁଛି।

> କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ୍, ପୁଲଓ୍ୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି। ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ। ପୁଣି ଯେଉଁ କଥାକୁ ସେଇ କଥା। ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା।

ସୀମାନ୍ତ ଅଞ୍ଚଳ ଓ ଦୀର୍ଘବର୍ଷ ଧରି ଭାରତ ଓ ପାକିସ୍ତାନ ମଧ୍ୟରେ ଏକ ବିବାଦୀୟ ଭୂଖଣ୍ଡ ରହିଆସିଥିବା ଜମ୍ମୁ ଓ କଶ୍ମୀର ଉପରେ କେନ୍ଦ୍ର ସରକାରର ତୀକ୍ଷ୍ଣ ନଜର ରଖିବାର ଥିଲା। ଏହି ଆକ୍ରମଣରେ ଯେଉଁମାନଙ୍କ ପରିବାରବର୍ଗ ସବୁ ଦିନ ପାଇଁ ହରାଇ ବସିଲେ ତାହାର ପୂରଣ କୌଣସି ଅର୍ଥରେ କରାଯାଇ ନ ପାରେ। ସେଥିଲାଗି ପାକିସ୍ତାନକୁ ଧମକ ଦେଲେ ତାହାର କେବଳ ବଡ଼ ପ୍ରତିଧ୍ୱନି ସୃଷ୍ଟି ହେଉଥିବ। ଏଇ ଯେମିତି ସିନ୍ଧୁ ନଦୀ ଚୁକ୍ତିକୁ ଭାରତ ବାତିଲ କରିଦେବାରୁ ତାହାର ଜବାବ ଦେବାକୁ ଯାଇ ପାକିସ୍ତାନ ସିମ୍ଲା ଚୁକ୍ତିକୁ ମଧ୍ୟ ରଦ୍ଦ କରିଦେଇଛି। ଭାରତର ନେତୃତ୍ୱ ଗୋଟେ ଧମକ ଦେଲା ବେଳକୁ ପାକିସ୍ତାନ ପଟରୁ ମଧ୍ୟ ଅନୁରୂପ ଅନେକ ଚେତାବନୀ ଆସୁଛି। ଘଟଣାଟା ଗରମ ଥିବାରୁ ସମସ୍ତେ କିଛିଦିନ ଆରୋପ ପ୍ରତ୍ୟାରୋପ ଲାଗି ରହିପାରେ। ଆତଙ୍କବାଦୀଙ୍କୁ ଉଚିତ ଜବାବ ଦେବା ଲାଗି ଭାରତ ବ୍ୟବସ୍ଥିତ ଢଙ୍ଗରେ କୌଶଳନୀତ ବାହାର କରିବା ଦରକାର। ଉଦାହରଣ ସ୍ୱରୂପ, ହମାସ ୭ ଅକ୍ଟୋବର ୨୦୨୩ରେ ଇସ୍ରାଏଲ ଉପରେ ଆକ୍ରମଣ କରିଦେଲା। କିନ୍ତୁ ତା' ପରଠାରୁ ହମାସର ବଂଶ ନିପାତ ଲାଗି ଇସ୍ରାଏଲ ସଂପୂର୍ଣ୍ଣ ରଣକୌଶଳ କରି ତା'ର ଟାର୍ଗେଟ ପୂରଣ କରିବାରେ ଲାଗିଛି। ଦୀର୍ଘ ୧୮ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଲାଗି ରହିଥିବା ଯୁଦ୍ଧରେ ଗାଜା ପ୍ରାୟତଃ ଧୂଳିସାତ ହୋଇଗଲାଣି। କିନ୍ତୁ ଏହି ଲମ୍ବା ସମୟ ଯୁଦ୍ଧ ପାଇଁ ଆମେରିକାର ହାତଖୋଲା ସାହାଯ୍ୟ ଇସ୍ରାଏଲକୁ ଟେକି ଧରିଛି। ଅନ୍ୟପକ୍ଷରେ ଏହା ଜଣାଶୁଣା ଯେ ଏବେ ଭାରତ ଯୁଦ୍ଧ କରିବା ସ୍ଥିତିରେ ନାହିଁ। ଯଦି ଯୁଦ୍ଧ ହୁଏ ତେବେ ଭାରତକୁ ସାହାଯ୍ୟ ଯୋଗାଇବା ପାଇଁ କୌଣସି ଦେଶ ଆଗରେ ଆସିବେ ନାହିଁ। ସେପଟେ ପାକିସ୍ତାନ ଅତ୍ୟନ୍ତ ଦୁର୍ବଳ ହେବା ସତ୍ତ୍ୱେ ଚାଇନାର ଆର୍ଥନୈତିକ ସ୍ୱାର୍ଥ ଥିବାରୁ ସେହି ଦେଶ ଯଥେଷ୍ଟ ସାହାଯ୍ୟ ପାକିସ୍ତାନକୁ ଯୋଗାଇବାର ସମ୍ଭାବନା ରହିଛି। ଏଭଳି ପୃଷ୍ଠଭୂମିରେ କୁହାଯାଇପାରେ ଯେ, ଉରି, ପଠାନ୍‌କୋଟ୍, ପୁଲଓ୍ୱାମା ଆକ୍ରମଣ ବେଳେ ଯେମିତି ତତ୍ପରତା ଦେଖାଦେଇଥିଲା, ପହଲଗାମ୍ ପରେ ସେମିତି ତତ୍ପରତା ଦେଖିବାକୁ ମିଳିଛି। ଏମିତି ସମୟରେ ଅନେକ ବଡ଼ ବଡ଼ ଭାଷଣ ଶୁଣିବାକୁ ମିଳେ। ପୁଣି ଯେଉଁ କଥାକୁ ସେଇ କଥା। ଲୋକେ ଭୁଲିଯିବା ପାଇଁ ଗଣମାଧ୍ୟମକୁ ନୂଆ ଖୋରାକ ଯୋଗାଇ ଦିଆଯାଏ। ଦେଶ ପୁନର୍ବାର ଅନ୍ୟ ଏକ ଅଘଟଣ ପାଇଁ ଅପେକ୍ଷା କରି ବସିଥାଏ। ସେଥିପାଇଁ ଭାରତର କର୍ତ୍ତୃପକ୍ଷ ଏବେ ଭଡ଼ଭଡ଼ ହେବା ପରିବର୍ତ୍ତେ ସମ୍ପୂର୍ଣ୍ଣ ନୀରବ ରହି ଭିନ୍ନ ପନ୍ଥା ଆପଣାଇବା ବୁଦ୍ଧିମାନର ଲକ୍ଷଣ ଦର୍ଶାନ୍ତା।

# ପୋକା ପନିପରିବା ଓ କୀଟନାଶକ



ଡ. ପ୍ରମୋଦ କୁମାର ପଣ୍ଡା

ପାଠକ ବନ୍ଧୁ ! ବର୍ତ୍ତମାନ ପନିପରିବାରେ ମାତ୍ରାଧିକ କୀଟନାଶକ ପ୍ରୟୋଗ ଆମ ସମସ୍ତଙ୍କ ସ୍ୱାସ୍ଥ୍ୟକୁ ନଷ୍ଟ କରିବାରେ ଲାଗିଛି। କୀଟନାଶକ ପ୍ରୟୋଗ ହୋଇ ନ ଥିବା ଅବା କୀଟନାଶକଶୂନ୍ୟ ପନିପରିବା ବଜାରରୁ ଚିହ୍ନି କିଣିବା ଖାଉଟିଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରୁଛି। ପନିପରିବା ଭିତରେ ବାଇଗଣରେ ସର୍ବାଧିକ କୀଟନାଶକ ପ୍ରୟୋଗ ହେଉଥିବାରୁ, ଏହି ସମସ୍ୟାକୁ ବାଇଗଣ ମାଧ୍ୟମରେ ବୁଝିବାକୁ ଚେଷ୍ଟା କରିବା ଆସନ୍ତୁ। ଓଡ଼ିଶାର ପ୍ରାୟ ସବୁ ଜିଲାରେ ବାଇଗଣ ଚାଷ ହୁଏ। ମାତ୍ର ଏହି ଫସଲରେ ଏକ ମୁଖ୍ୟ ସମସ୍ୟା ହେଲା ବାଇଗଣ ଫଳ ଓ କାଣ୍ଡବିନ୍ଧା ପୋକ। ଗଛରେ ଏହି ପୋକ ଲାଗିଲେ ବାଇଗଣକୁ ପୋକ କରିଦିଅନ୍ତି। ଏହାର ବଜାର ଦର କମିଯାଏ ଏବଂ ଚାଷୀଙ୍କର ବିପୁଳ କ୍ଷତି ହୁଏ। ସେହିପରି କାଣ୍ଡବିନ୍ଧା ପୋକ ଗଛର ଅଗ୍ରଭାଗକୁ ଭିତରୁ ଖାଇଦେବା ଦ୍ୱାରା ଡାଳଟି ସମ୍ପୂର୍ଣ୍ଣ ଶୁଖି ଯାଏ। ଫଳରେ ଗଛରେ ନୂଆ ଫୁଲ ଧରେନି। ସେଥିପାଇଁ ଚାଷୀଭାଇମାନେ କୀଟନାଶକ ପ୍ରୟୋଗ କରନ୍ତି। ଏହି କୀଟନାଶକ ମୁଖ୍ୟତଃ ଦୁଇ ପ୍ରକାର। ପ୍ରଥମଟି ସର୍ବାଙ୍ଗଭେଦୀ କୀଟନାଶକ ଓ ଦ୍ୱିତୀୟଟି ସ୍ପର୍ଶଭେଦୀ କୀଟନାଶକ। ସର୍ବାଙ୍ଗଭେଦୀ କୀଟନାଶକ ଗଛରେ କେଉଁ ଏକ ଅଙ୍ଗରେ (ପତ୍ର, ଡାଳ, ଫୁଲ ଓ ଫଳ ଇତ୍ୟାଦି) ପଡିଲେ ବି ସମଗ୍ର ଗଛକୁ ପ୍ରବେଶ କରେ ଓ ଫଳ ମଧ୍ୟରେ ପ୍ରବେଶ କରେ ରହିଯାଏ। ପୋକ ଗଛର ଯେଉଁ ଅଂଶ ଖାଇଲେ ବି ମରିଯାଏ। ଏହା ସବୁଠୁ ମାରାତ୍ମକ। ଅନ୍ୟ ପକ୍ଷରେ ସ୍ପର୍ଶଭେଦୀ କୀଟନାଶକ ଗଛର ଯେଉଁ ଅଂଶରେ ପଡେ ସେଠି ରହେ ଓ ତାକୁ ବିଷାକ୍ତ କରାଏ। ଗଛର ଅନ୍ୟ ଅଂଶ ବିଷମୁକ୍ତ ଥାଏ। ଏହା ପ୍ରଥମ ତୁଳନାରେ ଅନେକ ଭଲ। ପ୍ରଥମଟିରେ ପୋକ ସମ୍ପୂର୍ଣ୍ଣ ମରିଯାଏ କିନ୍ତୁ ସେଥିରୁ ମିଳୁଥିବା ପନିପରିବାରେ କୀଟନାଶକର ମାତ୍ରା ରହୁ ଥିବାରୁ ସେସବୁ ଖାଇବା ଦ୍ୱାରା ଶରୀରରେ ନାନାବିଧ ରୋଗ ଯଥା କ୍ୟାନ୍ସର ପ୍ରଭୃତି ହେବା ସମ୍ଭାବନା ଅଧିକ ଥାଏ।

ପରିସଂଖ୍ୟାନରୁ ଜଣାଯାଏ ଓଡ଼ିଶାରେ ବର୍ଷକୁ ପ୍ରାୟ ୧୨୪୦୦ କୁଇଣ୍ଟାଲ ଆକ୍ଟିଭ ଇନଗ୍ରେଡ଼ିଏଣ୍ଟ କୀଟନାଶକ ବ୍ୟବହାର ହୁଏ। ବଜାରରେ ଉପଲବ୍ଧ ବ୍ୟବସାୟିକ ଉତ୍ପାଦ ହିସାବକୁ ନେଲେ ଏହି ପରିମାଣ ୨/୩ ଗୁଣରୁ ଅଧିକ ହେବ। ଆମ ଦେଶରେ ବାଇଗଣ ଫସଲରେ ଉତ୍ପାଦନ ରଚୁରେ ହେକ୍ଟର ପିଛା ୪.୭ କିଲୋ କୀଟନାଶକ ଦ୍ରବ୍ୟଗୁଣ (ଆକ୍ଟିଭ ଇନଗ୍ରେଡ଼ିଏଣ୍ଟ) ଅର୍ଥାତ ୯.୨ରୁ ୧୩.୮ କିଲୋ ବଜାର ଉପଲବ୍ଧ କୀଟନାଶକ ବ୍ୟବହାର କରାଯାଉଛି। ଏହା ସ୍ୱାସ୍ଥ୍ୟ



ଓ ପରିବେଶ ପ୍ରତି ହାନିକାରକ। ଏହି ରାସାୟନିକ କୀଟନାଶକ ପରିବେଶରେ ଥିବା ଲାଭଦାୟକ କୀଟ ଯଥା ମହୁମାଛି, ଭଅଁର, ପ୍ରଜାପତି ଆଦିକୁ ମାରିଦିଅନ୍ତି। ସେମାନଙ୍କ ସଂଖ୍ୟା କମିଗଲେ ଯେଉଁ ଫସଲ ବା ଫଳ ଗଛରେ ପୃଥକ ପୃଥକ ମାଈ ଓ ଅଣ୍ଡିରା ଫୁଲ ଫୁଟେ (ଯଥା ବୋଇତାଳୁ, କଖାରୁ, କାକୁଡ଼ି, କଲରା ପ୍ରଭୃତି) ସେଠାରେ ପରାଗ ସଂଗମ ଠିକ୍ ଭାବେ ହୋଇ ନ ପାରିବାରୁ ଅମଳ କମିଯାଏ। କାରଣ ଏହି ଉପକାରୀ କୀଟ ମୁଖ୍ୟତଃ ପରାଗ ସଙ୍ଗମ କରିଥାନ୍ତି।

ପୋକା ବାଇଗଣର ଅର୍ଥ ହେଉଛି ସେଥିରେ ରାସାୟନିକ କୀଟନାଶକ ପ୍ରୟୋଗ ହୋଇ ନାହିଁ। ବାଇଗଣ ପୋକ ହୋଇଛି ଅର୍ଥ ସେଥିରେ କୀଟନାଶକ ସିଞ୍ଚନ କରାଯାଇନାହିଁ। ପୋକା ବାଇଗଣରେ ପୋକ କୌଣସି ପ୍ରକାର କ୍ଷତିକାରକ ରାସାୟନିକ ପଦାର୍ଥ ଛାଡ଼ି ନଥାଏ। ପୋକା ବାଇଗଣ କିଣି ଘରେ କାଟି ପୋକା ଅଂଶ ଓ ପୋକ ବାହାର କରି ଦିଅନ୍ତିଥିବାରୁ ଭଲ ଅଂଶକୁ ତରକାରି କରି ଖାଆନ୍ତୁ। ଏହା ଜୈବିକ ଉତ୍ପାଦ ଭଳି ସ୍ୱାସ୍ଥ୍ୟପ୍ରଦ। ଯଦି ବାଇଗଣ ଫଳରେ ପୋକର ଅଂଶ କିମ୍ବା ପୋକ ତରକାରିରେ ରହିଯାଏ, ତା ହେଲେ ଏହା ଶରୀର ପାଇଁ କ୍ଷତିକାରକ ନୁହେଁ। ଆମେ ସାଧାରଣତଃ ପୋକା ବାଇଗଣ କିଣିନ୍ତି। ମାତ୍ର ଥରେ ଭାବିକି ଦେଖନ୍ତୁ ତ ଦେଶୀ କୁକୁଡ଼ା ପୋକ, ଯୋକ, ଖରାପ ଜିନିଷ କେତେ କ'ଣ ନ ଖାଉଛି ? ମାତ୍ର ତା' ମାଂସକୁ ତ ଆମେ ଆଗ୍ରହରେ ଖାଉଛେ। ସେହିପରି ଘୁଷୁରି କେତେ ପଚା, ଶଢ଼ା ଖରାପ ଖାଦ୍ୟ ସବୁ ଖାଉଛି। ମାତ୍ର ଆମେ ତା'ର ମାଂସକୁ ତ ଆରାମରେ ଖାଉଛେ, କିନ୍ତୁ ଯେଉଁ ପୋକ ଫୁଲ, ଫଳ, ପନିପରିବା, ମକରନ୍ଦ ଇତ୍ୟାଦି ଖାଉଛି, ତାକୁ ବହୁତ ଘୃଣା କରୁଛେ। ଏହା ଆମ ମାନସିକତାର ସମସ୍ୟା। ପୋକା ବାଇଗଣ କିଣି ଖାଇବାରେ ଅସୁବିଧା ନାହିଁ। ଆପଣମାନେ ରୋଗରେ ପଡ଼ିବେ ନାହିଁ। ପୋକା ବାଇଗଣକୁ ବଜାରରୁ ଉଚିତ ମୂଲ୍ୟ ଦେଇ କିଣନ୍ତୁ। ବଜାରରେ ପୋକା ବାଇଗଣ ଉଚିତ ଦରରେ ବିକ୍ରି ହେଲେ ଚାଷୀ ଭାଇ ଆଉ ବାଇଗଣ କିଆରିରେ ଅଧିକ କୀଟନାଶକ ପ୍ରୟୋଗ କରିବେ ନାହିଁ। ଜମିରେ କୀଟନାଶକ ପ୍ରୟୋଗ ନ ହେଲେ ଉପକାରୀ ଜୀବଙ୍କ ସଂଖ୍ୟା ବଢ଼ିବ ଓ ଭଲ ପରାଗ ସଂଗମ ହେବା ଦ୍ୱାରା ଫସଲ ଉତ୍ପାଦନ ଅଧିକ ହେବ। ଆମ ପରିବେଶ ସୁସ୍ଥ ରହିବ। ଆମ ମାଟି ପାଣି ପବନ ଇତ୍ୟାଦି ପ୍ରଦୂଷଣ ମୁକ୍ତ ରହିବ। ମାଟିରେ କୀଟନାଶକ ମାତ୍ରା କମିଲେ ଜିଆ ଓ ଜୈବ ପଦାର୍ଥ ବିଘଟକ କୀଟଙ୍କ ସଂଖ୍ୟା ବୃଦ୍ଧି ହେବ, ଯାହାକି ପରିବେଶ ସୁରକ୍ଷାରେ ବିଶେଷ ଭାବେ ସହାୟକ ହେବ। ଆମକୁ ଏ ବିଷୟରେ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାର ଆବଶ୍ୟକତା ରହିଛି।

କିଛି ଦିନ ପୂର୍ବେ ଓଡ଼ିଶାର ଏକ ପ୍ରମୁଖ ବାଇଗଣ ଚାଷ ହେଉଥିବା ଅଞ୍ଚଳରେ ମୁଁ ଚାଷୀଙ୍କ ସହିତ ଭାବ ବିନିମୟ ସମୟରେ ଜାଣିବାକୁ ପାଇଲି ଯେ ଏବେକାର ଚାଷୀମାନେ ବାଇଗଣରେ ପୋକ ଲାଗିବା ଆଗରୁ ସତର୍କତାମୂଳକ କୀଟନାଶକ ସିଞ୍ଚନ କରୁଛନ୍ତି। ମୁଁ ଆଶ୍ଚର୍ଯ୍ୟ ହୋଇଗଲି। ମନୁଷ୍ୟ କ୍ଷେତ୍ରରେ ମଧ୍ୟ ସତର୍କତାମୂଳକ ଔଷଧ ଖାଇବାର ବ୍ୟବସ୍ଥା ନାହିଁ କେବଳ ଟିକା ନେବାର ବ୍ୟବସ୍ଥା ଅଛି। ବାଇଗଣ କ୍ଷେତ୍ରରେ ଏହା ସମ୍ପୂର୍ଣ୍ଣ ଭୁଲ। ଦ୍ୱିତୀୟରେ ବାଇଗଣ କିଆରିରେ ବାଇଗଣରେ ପୋକ ଲାଗିଲେ କୀଟନାଶକ ସିଞ୍ଚନ କରିବା କଥା ନୁହେଁ। ଯେତେବେଳେ ଏହା ଆର୍ଥନୈତିକ କ୍ଷତି ସୀମା ଟପିବ ତା' ପରେ ଯାଇ କୀଟନାଶକ ସିଞ୍ଚନ କରିବା ଦରକାର। ବାଇଗଣ ପାଇଁ ଆର୍ଥନୈତିକ କ୍ଷତି ସୀମା ହେଉଛି ସମଗ୍ର କିଆରିରେ ଶତକଡ଼ା ୫ ଭାଗ ପୋକା ବାଇଗଣ ଦୃଶ୍ୟମାନ ହେବା କିମ୍ବା ଶତକଡ଼ା ୦.୫ରୁ ୧ ଭାଗ ଗଛ ଅଗ ନଷ୍ଟ ହେବା। ତେଣୁ ଚାଷୀଭାଇ ଏହି ଅନୁସାରେ କୀଟନାଶକ ପ୍ରୟୋଗ କରିବା ଦରକାର। ଏ ତ ଗଲା ବାଇଗଣ କଥା। ଭେଣ୍ଡି, ଫୁଲକୋବି, ବନ୍ଧାକୋବି ଭଳି ସବୁ ପନିପରିବାର କାହାଣୀ ବାଇଗଣ ପରି। ଆମେ ଅଣରାସାୟନିକ ପଦ୍ଧତିରେ କୀଟ ଦମନ କରିପାରିଲେ ସର୍ବୋତ୍ତମ। ମାତ୍ର ପୋକା ଫଳ ଓ ପନିପରିବାକୁ ନିକୃଷ୍ଟ ଭାବିବା ଠିକ୍ ନୁହେଁ। ପୋକା ଫଳ ଓ ପନିପରିବାକୁ ଘୃଣା କରିବା ମାନବ ସମାଜର ଏକ ବଡ଼ ଅଜ୍ଞତା। ତାକୁ ଆମର ମିଳିତ ପ୍ରୟାସରେ ଦୂର କରିବାକୁ ହେବ। ଗଣମାଧ୍ୟମ, ପ୍ରଶାସନ ଏବଂ ସ୍କୁଲ, କଲେଜ ଓ ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଏ ଦିଗରେ ସଚେତନତା ସୃଷ୍ଟି କରିପାରିଲେ ଟନ୍ ଟନ୍ ରାସାୟନିକ ବିଷ ଖାଦ୍ୟରେ ପ୍ରୟୋଗ କରିବାକୁ ପଡିବନି ଏବଂ ଚାଷୀର ଚାଷ ଖର୍ଚ୍ଚ ମଧ୍ୟ ବଢ଼ିବ ନାହିଁ।

ପ୍ରଧାନ ବୈଜ୍ଞାନିକ, ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ, ଭୁବନେଶ୍ୱର
ମୋ: ୮୯୧୭୪୨୬୪୮୦

# ସହସ୍ର ରୂପରେ, ସହସ୍ର କ୍ଷେତ୍ରରେ ମଧୁସୂଦନ




ସୀତାଂଶୁ ମୋହନ ଦ୍ୱିବେଦୀ

ଉତ୍କଳଗୌରବ ମଧୁସୂଦନ ଏବଂ ଉତ୍କଳମଣି ଗୋପବନ୍ଧୁ ଉଭୟ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଉତ୍ସର୍ଗୀକୃତ ପ୍ରାଣ। ଓଡ଼ିଆ ଭାଷା ଅଞ୍ଚଳକୁ ନେଇ ଏକ ନୂତନ ଓଡ଼ିଶା ପ୍ରଦେଶ ଗଠନ ହୋଇପାରିଲେ ଓଡ଼ିଆ ଜାତି ଓ ଓଡ଼ିଆ ଭାଷାର ସର୍ବାଙ୍ଗୀନ ଉନ୍ନତି ହୋଇପାରିବ। ଏହି ଲକ୍ଷ୍ୟରେ ମଧୁସୂଦନ ଓ ଗୋପବନ୍ଧୁ ଉତ୍କଳ ସମ୍ମିଳନୀ ଜରିଆରେ ମଧ୍ୟପ୍ରଦେଶ, ବଙ୍ଗ ଏବଂ ମାନ୍ଦ୍ରାଜ ସହିତ ଯୋଡ଼ି ହୋଇ ରହିଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ପାଇଁ ଲଢ଼େଇ କରିଥିଲେ।

ଓଡ଼ିଶାର ଜାତୀୟତାବାଦୀ ନେତା ତଥା ଭାରତୀୟ ଆଇନଜ୍ଞ ଓ ଦେଶସେବକ ନାୟକ ରୂପେ ମଧୁସୂଦନ ଦାସଙ୍କର ଓଡ଼ିଶା ପାଇଁ ସର୍ବଶ୍ରେଷ୍ଠ ଅବଦାନ ରହିଥିଲା। ଜାଗ୍ରତ ପ୍ରହରୀ ମଧୁସୂଦନଙ୍କର ଓଡ଼ିଶା ପ୍ରତି ଅତୁଳନୀୟ ଅବଦାନ ଥିଲେ ମଧ୍ୟ ରାଷ୍ଟ୍ରମର୍ଯ୍ୟାଦା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ସେଥିପାଇଁ ସମସ୍ତେ ମଧୁବାବୁଙ୍କ ଜନ୍ମଦିବସକୁ ଓକିଲ ଦିବସରେ ସୀମିତ ନ ରଖି ତାଙ୍କୁ ରାଷ୍ଟ୍ର ଦିବସ ରୂପେ ପାଳନ କଲେ ତାଙ୍କ ପାଇଁ ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ମଧୁବାବୁ ଥିଲେ ଏକାଧାରରେ ଜଣେ ସମାଜ ସଂସ୍କାରକ, ସାହିତ୍ୟ ସାଧକ, ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାତା, ଶିଳ୍ପୋଦ୍ୟୋଗୀ, କଳାପ୍ରେମୀ, ଶିକ୍ଷାବିତ୍, ଦାର୍ଶନିକ, ବ୍ୟବସ୍ଥାପକ, ଜନନାୟକ ଏବଂ ରାଷ୍ଟ୍ରନାୟକ। ମଧୁବାବୁ ପ୍ରଥମ ଓଡ଼ିଆ ଗ୍ରାଜୁଏଟ୍, ପ୍ରଥମ ଓଡ଼ିଆ ଏମ୍.ଏ. । ସେ ଥିଲେ ପ୍ରଥମ ବିଲାତ ଯାତ୍ରୀ, ପ୍ରଥମ ଓଡ଼ିଆ ଓକିଲ। ସେ ଥିଲେ ପ୍ରଥମ ଓଡ଼ିଆ ମନ୍ତ୍ରୀ ଏବଂ ମନ୍ତ୍ରୀପଦ ଅବୈତନିକ ଦାବି କରି ଇସ୍ତଫା ଦେବାରେ ଭାରତର ପ୍ରଥମ ମନ୍ତ୍ରୀ। ଲେଜିସଲେଟିଭ୍ ସଭା ଏବଂ କାଉନ୍‌ସିଲ୍ ସଭାରେ ସେ ଥିଲେ ପ୍ରଥମ ଓଡ଼ିଆ ସଦସ୍ୟ। ସେ ଥିଲେ ପ୍ରଥମ ଭାରତୀୟ ଖ୍ରୀଷ୍ଟିଆନ୍ ମଣ୍ଡଳର ସଭାପତି।

ମଧୁସୂଦନ ଯେଉଁସବୁ ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠାତା ଥିଲେ, ତାଙ୍କର ସୁଦୀର୍ଘ ତାଲିକାରେ ପ୍ରଥମ ହେଉଛି ଉତ୍କଳ ସମ୍ମିଳନୀ (୧୯୦୩)। ଅନ୍ୟଗୁଡ଼ିକ ହେଲା ଓଡ଼ିଆ ସାହିତ୍ୟ ମଞ୍ଚ, ଉତ୍କଳ ସାହିତ୍ୟ ସମାଜ (୧୯୦୩), କୃଷକମାନଙ୍କ ସୁରକ୍ଷାର ପ୍ରଥମ ଅନୁଷ୍ଠାନ ପ୍ରଜା ପରିଷଦ (୧୯୦୯), ଉତ୍କଳ ଟ୍ୟାନେରୀ (୧୯୦୫), ତାଳଗୁଡ଼ ସଂସ୍ଥା (୧୯୦୪), ନାରୀ ଜାଗରଣ ପାଇଁ ବାଳିକା ଉଚ୍ଚ ବିଦ୍ୟାଳୟ (୧୯୦୮), ତନ୍ତଶିଳ୍ପ ପ୍ରଶିକ୍ଷଣ କେନ୍ଦ୍ର (୧୯୦୫), ତାରକସି ଶିଳ୍ପର ଉନ୍ନୟନ ପାଇଁ ଓଡ଼ିଶା ଆର୍ଟୱେର ପ୍ରତିଷ୍ଠାନ (୧୮୯୭), ପ୍ରାଦେଶିକ ସ୍ତରରେ କ୍ରୀଡ଼ାର ଉନ୍ନୟନ ଓ ସଂଗଠନ ପାଇଁ ଓଡ଼ିଶା ଷ୍ଟୋୟୀ ରଙ୍ଗମଞ୍ଚ (୧୮୮୭), ବିହାରୀବାଗରେ ପ୍ରଥମ ଶାସ୍ତ୍ରୀୟ ଓଡ଼ିଆ ସଙ୍ଗୀତ ଆସର (୧୮୮୨) ଇତ୍ୟାଦି। ଓଡ଼ିଶାବାସୀଙ୍କ ପାଇଁ ଆଇନଜୀବୀ ଭାବରେ ମଧୁସୂଦନ ଦାସଙ୍କ ଗୌରବୋଜ୍ଜ୍ୱଳ ଅବଦାନ ହେଲା ବ୍ରିଟିଶ୍ ସରକାରଙ୍କ ଲୁଟ୍ ଏବଂ ଚକ୍ରାନ୍ତମୂଳକ ଆକ୍ରମଣରୁ ଶ୍ରୀଜଗନ୍ନାଥ ମନ୍ଦିରକୁ ସୁରକ୍ଷା ପ୍ରଦାନ ସହିତ ଗଜପତି ପରମ୍ପରାକୁ ସ୍ୱୀକୃତି ପ୍ରଦାନ ମହନୀୟ ବ୍ୟବସ୍ଥା ଗ୍ରହଣ। ଏହାଛଡ଼ା ମାନସିଂହ ପାଟଣା ଡକାୟତି ମୋକଦ୍ଦମା, ଖଣ୍ଡପଡ଼ା ଓ କେନ୍ଦୁଝର ରାଜାଙ୍କ ମୋକଦ୍ଦମା, ସୁବର୍ଣ୍ଣମଣି ପାଟଦେଈ, ପଟିଆ ରାଜା, ପୁରୀ ରାଜା ରାମଚନ୍ଦ୍ର ଦେବ ପ୍ରମୁଖଙ୍କ ପୋଷ୍ୟପୁତ୍ର ଗ୍ରହଣ ମୋକଦ୍ଦମାରେ ମଧୁବାବୁଙ୍କ ବିଜ୍ଞତା ଏବଂ କାର୍ଯ୍ୟ ଦକ୍ଷତାର ପରିଚୟ ଦେଇଛନ୍ତି। ମଧୁସୂଦନଙ୍କଠାରୁ ଆରମ୍ଭ ହୋଇଛି ଓଡ଼ିଆମାନଙ୍କ ରାଜନୈତିକ ପରମ୍ପରା ଓ ପ୍ରଥମେ ଓଡ଼ିଆମାନଙ୍କୁ ମିଳିଥିଲା ରାଜନୈତିକ କ୍ଷେତ୍ରରେ ପ୍ରବେଶ କରିବାର ମୁକ୍ତ ଅଧିକାର। ଓଡ଼ିଶାର



ପ୍ରାଣ ପ୍ରତିଷ୍ଠାତା, କୁଳବୃଦ୍ଧ ମଧୁସୂଦନଙ୍କର ସମଗ୍ର ଭାରତବର୍ଷରେ ଅନେକ ଭାବଗ୍ରାହୀ ପ୍ରଶଂସକ ଥିଲେ। ସେମାନଙ୍କ ମଧ୍ୟରେ ଜାତିର ଜନକ ମହାତ୍ମା ଗାନ୍ଧୀ, ପଣ୍ଡିତ ମୋତିଲାଲ ନେହରୁ, ଦେଶବନ୍ଧୁ ଚିତ୍ତ ରଞ୍ଜନ ଦାସ, ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହରୁ, ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ଅଗ୍ରଗଣ୍ୟ। ଦେଶମାତୃକାର ସେବାରେ ନିୟୋଜିତ କରିବାରେ ତାଙ୍କ ଅବଦାନ ଅତୁଳନୀୟ।

୧୯୦୩ରେ ମଧୁବାବୁ କଂଗ୍ରେସରୁ ଅଲଗା ହୋଇ ଉତ୍କଳ ସମ୍ମିଳନୀ ଗଠନ କରିଥିଲେ। ଓଡ଼ିଆ ଭାଷା ଅଞ୍ଚଳକୁ ଏକତ୍ର କରି ନୂତନ ଓଡ଼ିଶା ରାଜ୍ୟ ଗଠନ ନିମନ୍ତେ ଆପ୍ରାଣ ଚେଷ୍ଟା କରିଥିଲେ। ସେତେବେଳେ ଓଡ଼ିଶାର କିଛି ଅଂଶ ପ୍ରଶାସନିକ ସ୍ତରରେ ବଙ୍ଗ ଏବଂ ଆଉ କିଛି ଅଂଶ ବିହାର ଓ ମଧ୍ୟପ୍ରଦେଶ ସହିତ ମିଶି ରହିଥିଲା। ମଧୁସୂଦନଙ୍କ ବ୍ୟକ୍ତିତ୍ୱରେ ପ୍ରଭାବିତ ହୋଇ ଇଂରେଜ ସରକାର ୧୯୦୪ରେ ତାଙ୍କୁ 'ଭାରତ ସାମ୍ରାଜ୍ୟର ସାଥୀ' ଉପାଧିରେ ଭୂଷିତ କରିଥିଲେ। ବଙ୍ଗ, ବିହାର, ମଧ୍ୟପ୍ରଦେଶ ଓ ମାନ୍ଦ୍ରାଜ ସହିତ ମିଶି ରହିଥିବା ଉତ୍କଳର ବିଭିନ୍ନ ଅଞ୍ଚଳକୁ ମିଶାଇବା ଲାଗି ଯେଉଁ ଆନ୍ଦୋଳନ ହୋଇଆସୁଥିଲା, ତାହା ଓଡ଼ିଆ ଆନ୍ଦୋଳନ ନାମରେ ପରିଚିତ। ୧୮୯୫ରେ ସାର୍ ଜନ୍ ଉଡ୍ ବର୍ଣ୍ଣ ସମ୍ବଲପୁରରୁ ଓଡ଼ିଆ ଭାଷା ଉଠାଇ ହିନ୍ଦୀଭାଷା ପ୍ରଚଳନ ପାଇଁ ଆଦେଶ ଦେଇଥିଲେ। ମଧୁବାବୁଙ୍କ ଅଦମ୍ୟ ପ୍ରଚେଷ୍ଟା ଫଳରେ ୧୯୦୫ରେ ସମ୍ବଲପୁର ଉତ୍କଳ ସହିତ ମିଶ୍ରଣ ହୋଇଥିଲା। ଉତ୍କଳ ସମ୍ମିଳନୀ ଓ ଓଡ଼ିଆ ପତ୍ରିକା ମାଧ୍ୟମରେ ଅହେତୁକରେ ଉତ୍କଳର ସ୍ୱାଭିମାନ ଫେରାଇ ଆଣିବା ପାଇଁ ସେ ଆନ୍ଦୋଳନ ଚଳାଇ ଆସିଥିଲେ। ମଧୁବାବୁ ମଧ୍ୟ ସାଇମନ୍ କମିଶନ, ଓଡେଲେ କମିଟି ଓ ହବାକ୍ କମିଟି ଆଗରେ ସାକ୍ଷ୍ୟ ଦେଇଥିଲେ। ୧୯୨୭ରେ ସାଇମନ୍ କମିଶନ ଆଗରେ ମଧୁବାବୁ ତାଙ୍କର ଅନ୍ୟ ସହଯୋଗୀ ବନ୍ଧୁମାନଙ୍କ ସହିତ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଯଥାର୍ଥତା ଜଣାଇଥିଲେ। ୧୯୩୧ରେ ସରକାର 'ଓଡେଲେ କମିଟି' ମାଧ୍ୟମରେ ଓଡ଼ିଶାର ନ୍ୟାଯ୍ୟ ଦାବି ସମ୍ପର୍କରେ ପ୍ରଶ୍ନଉତ୍ଥାପନ କଲେ। ଏହି କମିଟି ସୁପାରିଶ ଅନୁଯାୟୀ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ହୋଇପାରିଲା। ୧୯୩୬ ଏପ୍ରିଲ ପହିଲାରେ ମଧୁବାବୁଙ୍କର ସ୍ୱପ୍ନର ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟର ସମ୍ମାନ ହାସଲ କଲା। କିନ୍ତୁ ତା' ପୂର୍ବରୁ ମଧୁବାବୁ ମୃତ୍ୟୁବରଣ କରିଥିଲେ।

ମଧୁସୂଦନ ଥିଲେ ସ୍ୱଦେଶୀ ଶିଳ୍ପୀ ଆନ୍ଦୋଳନର ପ୍ରଥମ ପ୍ରବର୍ତ୍ତକ। ତେଣୁ ସେ ଚାରକସି ଶିଳ୍ପର ବିକାଶ ପ୍ରତି ଯଥେଷ୍ଟ ଦୃଷ୍ଟି ଦେଇଥିଲେ। ମଧୁବାବୁ ଓଡ଼ିଶାର ଚମଡ଼ା କାରିଗରମାନଙ୍କର ମାନରେ ଉନ୍ନତି ଆଣିବା ପାଇଁ କଟକରେ ୧୯୦୫ରେ 'ଉତ୍କଳ ଟ୍ୟାନେରୀ' ନାମରେ ଚମଡ଼ା ଶିଳ୍ପ କାରଖାନା ଗଢ଼ିଥିଲେ। ସେ ନିଜେ ସେହି ଚମଡ଼ା କାରଖାନାରେ ଅନ୍ୟାନ୍ୟ କାରିଗରଙ୍କ ସହ ଶାରୀରିକ ପରିଶ୍ରମ କରୁଥିଲେ। ମଧୁବାବୁ ମନେକରିଥିଲେ ଯେ, ଯଦି ଓଡ଼ିଶା ନିର୍ମିତ ଜୋତା ଉତ୍କଳୀୟ ରକ୍ଷା ନ କରେ, ତା'ହେଲେ ତାହା ଓଡ଼ିଆ ଜାତି ପ୍ରତି ଲଜ୍ଜାକର ହେବ। ମଧୁବାବୁ ହେଉଛନ୍ତି ଓଡ଼ିଶାର ଚିରକାଳର ବର୍ତ୍ତମାନ, ଯାହାଙ୍କର ନିରବଚ୍ଛିନ୍ନ ଅବଦାନ ଓଡ଼ିଶାକୁ ମହିମାମଣ୍ଡିତ କରିଛି। ଯେତେ ଦିନ ପର୍ଯ୍ୟନ୍ତ ଓଡ଼ିଶା ତିଷ୍ଠି ରହିଥିବ, ପୁରୁଷୋତ୍ତମହୀନ ସମ୍ରାଟ ଉତ୍କଳ ଗୌରବ ମଧୁବାବୁ ମୃତ୍ୟୁଞ୍ଜୟ ହୋଇ ରହିଥିବେ। ମଧୁବାବୁଙ୍କ ପ୍ରଚେଷ୍ଟା ଯୋଗୁ ଭାରତୀୟ ନାଗରିକମାନେ ପାଇଥିଲେ ଆଇନକାନୁନ ବୁଝି ଗ୍ରହଣର ଯୁଗାନ୍ତକାରୀ ଅଧିକାର ୧୯୩୩ ସାଲରେ। ଓଡ଼ିଶାର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନାରେ ଇଂରେଜ ସରକାରଙ୍କର ଅଧିକାରକୁ ପ୍ରତିହତ କରିଥିଲେ ମଧୁସୂଦନ ଆଇନଗତ ସଂଗ୍ରାମରେ, ଯେଉଁଥିପାଇଁ ସମଗ୍ର ଓଡ଼ିଆ ଜାତି ତାଙ୍କ ନିକଟରେ କୃତଜ୍ଞ ରହିବ। ଏହାଛଡ଼ା ମଧୁସୂଦନ ଥିଲେ ଗଡ଼ଜାତ ଶାସନ ବ୍ୟବସ୍ଥାର ଦୃଢ଼ ସମାଲୋଚକ। ଭାରତର ପ୍ରଖ୍ୟାତ ଜାତୀୟତାବାଦୀ ନେତା ମଧୁସୂଦନଙ୍କର ଜଣେ ଦେଶସେବକ ନାୟକ ରୂପେ ସର୍ବଶ୍ରେଷ୍ଠ ଅବଦାନ ଥିଲା। ଜଣେ ଆଇନଜୀବୀ ଭାବେ ତାଙ୍କ ଭୂମିକା ଅତ୍ୟନ୍ତ ପ୍ରେରଣାଦାୟକ ତଥା ଗରିମାମୟ, ଯାହା ଦେଶବାସୀଙ୍କୁ କାଳକାଳକୁ ମାର୍ଗଦର୍ଶନ କରୁଥିବ।

ମୋ: ୯୯୩୭୦୮୦୦୦୧

## ଏଇ ଭାରତରେ

ଖାଦି କପଡ଼ାରେ ପୋଷାକ ଖଣ୍ଡେ ପିନ୍ଧି ନିତିଦିନିଆ କାମ କରୁଥିବେ, କିଛି ସମୟ ପରେ ଦେହରେ ଆପେଆପେ ଏସିର ଥଣ୍ଡା ପବନ ବାଜିବା ଭଳି ଅନୁଭବ ହେବ। ଏମିତି ଏକ କଥାକୁ କଳ୍ପନା ବୋଲି ଭାବୁଛନ୍ତି କି! ଆଦୌ ନୁହେଁ। ବିହାରର ଭାଗଲପୁରରେ ଏପରି ଏକ ସ୍ୱତନ୍ତ୍ର ଧରଣର କପଡ଼ା ପ୍ରସ୍ତୁତ କରାଯାଇଛି, ଯାହା ଥଣ୍ଡା ଅନୁଭବ ଆଣିଦେଇପାରିବ। ଏଠାକାର ବୁଣାକାରମାନେ ଖରାଦିନ ପାଇଁ ସ୍ୱତନ୍ତ୍ର ଏଭଳି ବିଭିନ୍ନ ପ୍ରକାର କପଡ଼ା ତିଆରି କରିଛନ୍ତି। ଜଣେ ବୁଣାକାର ହେମନ୍ତ କୁମାର କହିଛନ୍ତି ଯେ ସାରା ଦେଶରେ ଭାଗଲପୁର କପଡ଼ାର ସ୍ୱତନ୍ତ୍ର ଚାହିଦା ରହିଛି। ତେଣୁ କିଛି ନୂଆ ଢଙ୍ଗରେ କପଡ଼ା ତିଆରି କରିବା ପାଇଁ ବୁଣାକାରମାନେ ସବୁବେଳେ ଚେଷ୍ଟା କରନ୍ତି ଏବଂ ଏବେ ଖରାଦିନ ପାଇଁ ଏଭଳି କପଡ଼ା ତିଆରି ହୋଇଛି, ଯେଉଁଥିରେ ପୋଷାକ ତିଆରି କରି ପିନ୍ଧିଲେ ଆଦୌ ଗରମ ଅନୁଭବ ହେବ ନାହିଁ। ବିଶେଷକରି ଏହା କଟନ ଓ ସ୍ୱତନ୍ତ୍ର ପ୍ରକାର ସିଲ୍କ କପଡ଼ାରେ ତିଆରି କରାଯାଇଛି। ଏହି କପଡ଼ା ଶରୀରରୁ ବାହାରୁଥିବା ଝାଳକୁ ତୁରନ୍ତ ଗ୍ରହଣ କରିନେବ। ତେଣୁ କପଡ଼ାର ବିଶେଷତ୍ୱ ଅନୁସାରେ ଅଳ୍ପ ପବନ ବାଜିଲେ ତାହା ଶରୀରକୁ ଏକପ୍ରକାର ଥଣ୍ଡା ଅନୁଭବ ଦେବ। ତା'ଛଡ଼ା ଏହାକୁ ପିନ୍ଧିଲେ ଆରାମ ଅନୁଭବ ସହିତ ତ୍ୱଚାର କୌଣସି ସମସ୍ୟା ମଧ୍ୟ ଦେଖାଦେବ ନାହିଁ। ତେଣୁ ଅନ୍ୟ ଅର୍ଥରେ କହିବାକୁ ଏହି କପଡ଼ାରୁ ତିଆରି ପୋଷାକ ଏକ ଚଳନ୍ତା ଏସି କହିଲେ ବି ଭୁଲ ହେବ ନାହିଁ। ତେବେ ଅନ୍ୟ କପଡ଼ା ଭଳି ଏଥିରେ ନିଜ ଇଚ୍ଛା ଅନୁସାରେ ବିଭିନ୍ନ ଡିଜାଇନ୍ ପୋଷାକ ବି ତିଆରି କରିହେବ।

## ୫୦ ବର୍ଷ ତଳର ଧରିତ୍ରୀ

୨୮ ଏପ୍ରିଲ ୧୯୭୫

- ଦେଶରେ ଖୋଟ ଶିଳ୍ପ ପାଇଁ କେନ୍ଦ୍ର ସରକାରଙ୍କ ୨୦ ଜଣିଆ ଏକ ତ୍ରିପାକ୍ଷିକ ଶିଳ୍ପ କମିଟି ଗଠନ।
- ସୋଭିଏତ୍ ରୁଷିଆର ପ୍ରତିରକ୍ଷା ମନ୍ତ୍ରୀ ମାର୍ଶାଲ ଆନ୍ଦ୍ରି ଆଣ୍ଟୋନୋଭିଚ୍ ଗ୍ରେଚକୋଙ୍କ ୭୨ ବର୍ଷ ବୟସରେ ପରଲୋକ।
- ଭିଏତ୍‌ନାମ୍ ପ୍ରଦେଶର ସାମରିକ ଜେଲ ଭିତରେ ୫ ଶହରୁ ଅଧିକ ରାଜନୈତିକ ବନ୍ଦୀଙ୍କ ସଶସ୍ତ୍ର ସଂଘର୍ଷ ଘଟାଇ ଜେଲରୁ ପଳାୟନ।

## ଚିରନ୍ତନୀ

ସେ କାଳ ଏକାଳ ପୀରତିରେ ସିନା
ବଦଳି ଗଲାଣି ବାହାର ରୂପ
ସବୁରି ତଳରେ ସତ ଯାହା ଅଛି
କହିବାର ନୁହେଁ, ରହିବା ଚୁପ।
-(ପ୍ରେମର ଅର୍ଥ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su do ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | 3 | | | 1 | |
| | | | | | 8 | | | |
| 1 | | | | 7 | 9 | | | 6 |
| | 1 | | | | | | | 5 |
| | | 3 | | | | | | 2 |
| 9 | | | 2 | | 7 | 4 | | |
| | | 4 | | 2 | | | | |
| | | | 4 | | | 5 | | 7 |
| | 5 | | | 8 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 6 | 1 | 5 | 8 | 9 | 2 | 7 | 3 |
| 9 | 3 | 8 | 4 | 2 | 7 | 1 | 6 | 5 |
| 5 | 2 | 7 | 6 | 1 | 3 | 8 | 4 | 9 |
| 1 | 5 | 3 | 8 | 9 | 4 | 6 | 2 | 7 |
| 2 | 7 | 4 | 3 | 6 | 1 | 5 | 9 | 8 |
| 6 | 8 | 9 | 2 | 7 | 5 | 4 | 3 | 1 |
| 8 | 9 | 6 | 1 | 3 | 2 | 7 | 5 | 4 |
| 3 | 1 | 5 | 7 | 4 | 6 | 9 | 8 | 2 |
| 7 | 4 | 2 | 9 | 5 | 8 | 3 | 1 | 6 |

ଗତକାଲିର ଉତ୍ତର

# ପାଠକ ଶ୍ରେଷ୍ଠ ବିଚାରକ

## ବିଚାର ଆଜି ଅବିଚାର ପଛାରେ ଧାବମାନ

ମହାଶୟ,

ଭାରତ ଭୂଇଁରେ ବିଚାରକ, ନ୍ୟାୟ ଓ ସମ୍ବିଧାନର ମୂଲ୍ୟବୋଧ ଆଜି କଳଙ୍କିତ। ନିନ୍ଦନୀୟ ବିଷୟ ଏହି ଯେ କିଛିଦିନ ତଳେ ଜଣେ ଭାରତୀୟ ବରିଷ୍ଠ ବିଚାରପତିଙ୍କ ଘରୁ ରହସ୍ୟପୂର୍ଣ୍ଣ ଭାବେ ଅଧା ପୋଡ଼ିଯାଇଥିବା ଲକ୍ଷ ଲକ୍ଷ ଟଙ୍କାବିଡ଼ାକୁ ଜବତ କରାଯାଇଛି। ଏହା ଯେତିକି ଦୁଃଖଦ ସେତିକି ଆଶ୍ଚର୍ଯ୍ୟଜନକ ଘଟଣା। ଏହାକୁ ଭାରତର ଜନତା ଦେଖିପାରିଲେ ଏବଂ ଆଲୋଚନା, ସମାଲୋଚନା କଲେ। ଆଜି ଭାରତର ଜଜିକଚିରେ ତୀବ୍ର ଅସନ୍ତୋଷ ସହିତ ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହେଉଛି। ଗୋଟିଏ ବିଶେଷ କଥା ଭାରତୀୟ ସମ୍ବିଧାନର କ'ଣ ମୂଲ୍ୟ କିଛି ନାହିଁ ?

-ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

**ଓଭରବ୍ରିଜ ଗାର୍ଡୱାଲରେ ପିଟିହେଲା ବାଇକ୍: ୨ ମୃତ, ଜଣେ ଗୁରୁତର**

ଭଦ୍ରକ,୨୭।୪(ସନାତନ ରାଉତ): ୧୬ ନଂ. ଜାତୀୟ ରାଜପଥର ଭଦ୍ରକ ସହର ବନ୍ତ ଛକ ଓଭରବ୍ରିଜ୍‌ର ନେହେରୁ ଷ୍ଟାଡିୟମ୍ ସାମ୍ନାରେ ରବିବାର ଏକ ମର୍ମନ୍ତୁଦ ଦୁର୍ଘଟଣାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ୩ ଯୁବକ ବାଇକ୍‌ରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଭରବ୍ରିଜ୍ ଗାର୍ଡୱାଲରେ ପିଟି ହେବାରୁ ଏଭଳି ଦୁର୍ଘଟଣା ଘଟିଥିଲା। ମୃତକ ହେଲେ ପଶ୍ଚିମବଙ୍ଗ ମେଦିନାପୁର ଜିଲା କିସମତ ନଇକୁଣ୍ଡି ଗ୍ରାମର ଶେଖ୍ ଆକବର ଅଲ୍ଲାଙ୍କ ପୁଅ ଶେଖ ଆସେଦ ଅଲ୍ଲା ଓ ଶେଖ ହାସିବୁଲଙ୍କ ପୁଅ ଅନସାର ଅଲ୍ଲା। ଗୁରୁତର ଯୁବକଙ୍କ ପରିଚୟ ମିଳିପାରିନାହିଁ।

# ବଢୁଛି ପାରିବାରିକ ହତ୍ୟାକାଣ୍ଡ

ବଢ଼ିବାରେ ଲାଗିଛି ଅପରାଧ। ସାମାନ୍ୟ କଥାକୁ କେନ୍ଦ୍ରକରି ଘଟୁଛି ହତ୍ୟାକାଣ୍ଡ। ବିଶେଷକରି ରାଜ୍ୟର ବିଭିନ୍ନ ସ୍ଥାନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ଏବେ ବହୁ ହତ୍ୟାକାଣ୍ଡ ଘଟୁଛି। ଗତ ୨୪ଘଣ୍ଟାରେ ଗଞ୍ଜାମ ଜିଲା ଭଞ୍ଜନଗରରେ ଜଣେ ସାନଭାଇଙ୍କୁ ବଡ଼ଭାଇ ହତ୍ୟା କରିଥିବାବେଳେ ଖୋର୍ଦ୍ଧା ଜିଲା ଜଟଣୀରେ ସ୍ତ୍ରୀଙ୍କୁ ହତ୍ୟା କରିବାକୁ ଆସିଥିବାବେଳେ ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକେ ହତ୍ୟା କରିଛନ୍ତି। ମିଳିଥିବା ତଥ୍ୟ ଅନୁସାରେ ଗତ ୧୫ଦିନରେ ପାରିବାରିକ ବିବାଦକୁ କେନ୍ଦ୍ରକରି ୬ରୁ ଊର୍ଦ୍ଧ୍ୱ ହତ୍ୟାକାଣ୍ଡ ଘଟିଲାଣି। ସେଥିମଧ୍ୟରେ ଅଧିକାଂଶ ବଚସାରୁ ହତ୍ୟାକାଣ୍ଡ ଘଟିଥିବା ଜଣାପଡ଼ିଛି।

## ରାସ୍ତାରେ ଯୁବ ବ୍ୟବସାୟୀଙ୍କୁ ହତ୍ୟା

ବୌଦ୍ଧ,୨୭।୪(ଅଜିତ୍ କୁମାର ବାରିକ)

**ଅଭିଯୁକ୍ତଙ୍କୁ ଗିରଫ ଦାବିରେ ରାସ୍ତାରୋକୋ**


ମନୋଜ କୁମାର ପାତ୍ର

ବୌଦ୍ଧ ଜିଲା ଜଗଦୀଶପୁର ଛକ ନିକଟରେ ରବିବାର ଜଣେ ଯୁବ ବ୍ୟବସାୟୀଙ୍କୁ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରାଯାଇଛି। ସେ ହେଲେ ବୌଦ୍ଧର ମନୋଜ କୁମାର ପାତ୍ର ଓରଫ ମୁନା। ହତ୍ୟାକାଣ୍ଡ ପରେ ଘଟଣାସ୍ଥଳରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକମାନେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ବୌଦ୍ଧ ପୋଲିସ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। କିଛି ସମୟ ପରେ ବଜରଙ୍ଗ ଦଳର କର୍ମୀମାନେ ଘଟଣାସ୍ଥଳରେ ପହଞ୍ଚି ରାସ୍ତାରୋକ କରିବାରୁ ଉତ୍ତେଜନା ଲାଗିରହିଛି। ତୁରନ୍ତ ହତ୍ୟାକାରୀଙ୍କୁ ଗିରଫ କରିବା ପାଇଁ ବଜରଙ୍ଗ ଦଳର କର୍ମୀମାନେ ଦାବି କରିଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ବୌଦ୍ଧ-ବଘିଆପଡା ରାସ୍ତାର ଜଗଦୀଶପୁର ଛକ ନିକଟରେ ଅପରାହ୍ଣ ପ୍ରାୟ ୫ଟାରେ ମନୋଜ ଯାଉଥିବାବେଳେ କେତେଜଣ ଯୁବକ ଧାରୁଆ ଅସ୍ତ୍ରରେ ତାଙ୍କ ଛାତିକୁ ହାଣିଦେଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତମାନେ ଏକ ସ୍କୁଟିରେ ବସି ବୁରୁପାଲି ରାସ୍ତାରେ ଫେରାର ହୋଇଯାଇଥିଲା। ଏହାକୁ ନେଇ ଉତ୍ତ୍ୟକ୍ତ ଲୋକମାନେ ରାସ୍ତାରୋକ କରିଥିଲେ। ଏନେଇ ବୌଦ୍ଧ ଥାନା ଅଧିକାରୀ ରଞ୍ଜିତ୍ କୁମାର ମୁନି କହିଛନ୍ତି, ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ ରହିଥିବାବେଳେ ବ୍ୟବସାୟିକ ଶତ୍ରୁତାକୁ କେନ୍ଦ୍ରକରି ମନୋଜଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ଘଟଣାର ତଦନ୍ତ କରାଯିବା ସହ ସ୍ଥାନୀୟ ଅଞ୍ଚଳରେ ଲାଗିଥିବା ସିସିଟିଭି ଫୁଟେଜ ଯାଞ୍ଚ କରାଯାଉଛି। ରିପୋର୍ଟ ଲେଖାଯିବା ବେଳକୁ ରାସ୍ତାରୋକ ଜାରି ରହିଛି।

## ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଲେ ବଡ଼


ପୋଲିସ ଘଟଣାର ତଦନ୍ତ କରୁଛି।

ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ସାନଭାଇଙ୍କୁ ଗାଁ ଦାଣ୍ଡରେ ବାନ୍ଧି ପିଟି ମାରିଦେଇଛନ୍ତି ବଡ଼ଭାଇ। ମୃତକ ହେଲେ ବଳରାମ ଗୌଡ଼(୩୫)। ଖବର ପାଇ ତାରସିଂ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖବରରୁ ଜଣାପଡ଼ିଛି, ରଙ୍ଗମିସ୍ତ୍ରି କାମ କରୁଥିବା ବଳରାମ ଭଞ୍ଜନଗରରେ ସ୍ତ୍ରୀ ଏବଂ ପିଲାଙ୍କୁ ନେଇ ରହୁଥିଲେ। ଶନିବାର ରାତିରେ ବଳରାମ କୌଣସି କାମରେ ବ୍ରାହ୍ମଣପଦର ଗ୍ରାମକୁ ଆସିଥିଲେ। ମା'ବାପା ରହୁଥିବା ଘରେ କିଛି ସମୟ ରହିବା ପରେ ସେ ପରିସ୍ରା କରିବାକୁ ଯାଉଛି କହି ଯାଇଥିଲେ। ପରେ ସେ ବଡ଼ଭାଇଙ୍କ ଘରଆଡ଼େ ଯାଇଥିଲେ। ଏହି ସମୟରେ ବଡ଼ଭାଇଙ୍କ ସହ ଘର ସମ୍ମୁଖରେ କୌଣସି କାରଣକୁ ନେଇ ବଳରାମଙ୍କ ବଚସା ହୋଇଥିଲା। ଏହାକୁ ନେଇ ବଡ଼ଭାଇ ଏବଂ ଅନ୍ୟମାନେ ବଳରାମଙ୍କୁ ଗାଁ ଦାଣ୍ଡର ଏକ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ଏହା ତାଙ୍କ ମା' ଜାଣିବା ପରେ ବଳରାମଙ୍କୁ ଉଦ୍ଧାର କରିବାକୁ ଯାଇଥିଲେ। ସେତେବେଳକୁ ବଳରାମଙ୍କ ମୃତ୍ୟୁ ହୋଇ ସାରିଥିଲା। ରବିବାର ସକାଳେ ବଳରାମଙ୍କ ସ୍ତ୍ରୀ ସୁମିତ୍ରା ଏହା ଜାଣିବା ପରେ ଗ୍ରାମରେ ପହଞ୍ଚି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନାକୁ ପଠାଇଥିଲା। ବଡ଼ଭାଇଙ୍କୁ ଥାନାକୁ ନେଇ ପୋଲିସ ପଚରାଉଚରା କରିବା ସହ ଏକ ହତ୍ୟା ମାମଲା ରୁଜୁ କରି ଅଧିକ ତଦନ୍ତ ଜାରି ରଖିଛି।

## ଶ୍ୱଶୁର ଘରେ ଜ୍ୱାଇଁଙ୍କୁ ହତ୍ୟା

**ପତ୍ନୀ, ଶାଶୁଙ୍କୁ ହାଣିଲେ, ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ଗଲା**

ଭୁବନେଶ୍ୱର/ଯାଁଳା/ଜଟଣୀ,୨୭।୪ (ସତ୍ୟଜିତ୍ ରାଉତ/ବୁଲା ବାରିକ/ରବୀନ୍ଦ୍ରନାଥ ମହାକୁଡ଼)


ଦିବାକର ବସ୍ତିଆ

ଦାମ୍ପତ୍ୟ ଜୀବନରେ ଲାଗି ରହିଥିବା କଳି ଶେଷରେ ଉଗ୍ରରୂପ ଧାରଣ କରିଛି। ଶ୍ୱଶୁର ଘରେ ଥିବା ସ୍ତ୍ରୀ ଏବଂ ଶାଶୁଙ୍କୁ ଖଣ୍ଡାରେ ଆକ୍ରମଣ କରି ଲହୁଲୁହାଣ କରିଥିବା ଜଣେ ଯୁବକ ଶଳାଙ୍କ ଠେଙ୍ଗା ମାଡ଼ରେ ପ୍ରାଣ ହରାଇଛନ୍ତି। ଭୁବନେଶ୍ୱର ଉପକଣ୍ଠ ଇନ୍‌ଫୋଭ୍ୟାଲି ଥାନା ଅନ୍ତର୍ଗତ ଗଙ୍ଗପଡା ପଞ୍ଚାୟତ ଗ୍ରାମଡିହ ଗାଁରେ ଶନିବାର ବିଳମ୍ବିତ ରାତିରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତ ଜ୍ୱାଇଁ ହେଲେ ପୁରୀ ଜିଲା ଡେଲାଙ୍ଗ ଥାନା ଅନ୍ତର୍ଗତ ମଣିଗାଁ ଜଟିସାହିର ଦିବାକର ବସ୍ତିଆ। ଦିବାକରଙ୍କ ଆକ୍ରମଣରେ ଗୁରୁତର ସ୍ତ୍ରୀ ଲକ୍ଷ୍ମୀପ୍ରିୟା ଜେନା ଓ ଶାଶୁ ବିଦ୍ୟୁଲତା ଜେନାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ଲକ୍ଷ୍ମୀପ୍ରିୟାଙ୍କ ଭାଇ ରାଜେଶଙ୍କୁ ଅଟକ ରଖି ତଦନ୍ତ କରୁଛି। ଦିବାକରଙ୍କ ସାନଭାଇ ସନ୍ତୋଷଙ୍କ ଏତଲାକୁ ଆଧାର କରି ପୋଲିସ ଏକ ହତ୍ୟା ମାମଲା (ନଂ.୧୨୧/୨୦୨୫) ରୁଜୁ କରିଛି। ଅନ୍ୟପକ୍ଷରେ ମୃତ ଦିବାକରଙ୍କ ଶ୍ୱଶୁର ପ୍ରମୋଦଙ୍କ ଏତଲା କ୍ରମେ ପୋଲିସ ଏକ ହତ୍ୟା ଉଦ୍ୟମ ଜନିତ ମାମଲା (ନଂ.୧୨୨/୨୦୨୫) ରୁଜୁ କରି ତଦନ୍ତ କରୁଛି। ତେବେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ପୋଲିସ ଟିମ୍ ଘଟଣାସ୍ଥଳରୁ ଖଣ୍ଡା, ଠେଙ୍ଗା ଓ ରକ୍ତଲଗା କପଡ଼ା ଜବତ କରିଛି। ରାଜେଶଙ୍କୁ ପଚରାଉଚରା ଚାଲିଛି। ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନାନୁଯାୟୀ, ୨୦୨୨ରେ ଗ୍ରାମଡିହ ଗାଁର ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ବିବାହ କରିଥିଲେ। ପରେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ଦିବାକର ମଦ୍ୟପାନ କରି ଅଧିକାଂଶ ସମୟରେ ସ୍ତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ହେଉଥିଲେ। ଫଳରେ କିଛି ମାସ ହେବ ଲକ୍ଷ୍ମୀପ୍ରିୟା ବାପଘରେ ରହୁଥିଲେ। ବାପଘରେ ରହିବା ପରେ ମଧ୍ୟ ଦିବାକର ଏଠାକୁ ଆସି ସ୍ତ୍ରୀଙ୍କୁ ମାରଧର କରୁଥିଲେ। ଶନିବାର ରାତିରେ ଦିବାକର ବାଇକ୍ ଯୋଗେ ଶ୍ୱଶୁର ଘର ନିକଟକୁ ଆସିଥିଲେ। କିଛିଦୂରରେ ବାଇକ୍ ରଖି ଲୁଚି ରହିଥିଲେ। ରାତି ପ୍ରାୟ ୨ଟା ବେଳେ ଘର ପଛପଟେ ଥିବା ଝରକା ଡେଇଁ ଛାତ ଉପରକୁ ଚଢ଼ିଥିଲେ। ପରେ ଶିଡିଘର ଦେଇ ଭିତରେ ପଶିଥିଲେ। ହଠାତ୍ ଲକ୍ଷ୍ମୀପ୍ରିୟାଙ୍କୁ ଦିବାକର ଖଣ୍ଡାରେ ଆକ୍ରମଣ କରିଥିଲେ। ଲକ୍ଷ୍ମୀପ୍ରିୟାଙ୍କ ଚିତ୍କାର ଶୁଣି ତାଙ୍କ ମା' ବିଦ୍ୟୁଲତା ନିଦରୁ ଉଠିବା ସହ ଦିବାକରଙ୍କୁ ଅଟକାଇଥିଲେ। ଶାଶୁଙ୍କୁ ମଧ୍ୟ ଜ୍ୱାଇଁ ଖଣ୍ଡାରେ ଦୁଇ ଚୋଟ ପକାଇଥିଲେ। ଫଳରେ ବିଦ୍ୟୁଲତାଙ୍କ ହାତ ଓ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଏହି ସମୟରେ ରାଜେଶ ନିଦରୁ ଉଠି ଏକ ଠେଙ୍ଗା ଧରି ରାଜେଶଙ୍କୁ ନିସ୍ତୁକ ପିଟିଥିଲେ। ଫଳରେ ଦିବାକର ଶିଡ଼ିରୁ ଖସି ତଳେ ପଡ଼ିଯାଇଥିଲେ। ପଡୋଶୀମାନେ ଏନେଇ ଖବର ଦେବା ପରେ ପୋଲିସ ପହଞ୍ଚି ଦିବାକରଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ମାଓବାଦୀଙ୍କ ସୁଡ଼ଙ୍ଗ ଠାବ

ମାଲକାନଗିରି,୨୭।୪(ଦୁର୍ଯ୍ୟୋଧନ ପାତ୍ର)

**ଅପରେଶନ କାଗାର ଜାରି**

ଛତିଶଗଡ଼ ଓ ତେଲଙ୍ଗାନା ସୀମାରେ ଥିବା କେରେଗୁଟା ଜଙ୍ଗଲରେ ମାଓବାଦୀ ନେତା ହିଡମାଙ୍କ ସହ ହଜାରରୁ ଊର୍ଦ୍ଧ୍ୱ ମାଓବାଦୀ ଥିବା ଗୋଇନ୍ଦା ସୂଚନା ପାଇ ଛତିଶଗଡ଼ ଓ ତେଲଙ୍ଗାନା ପୋଲିସ, ସୁରକ୍ଷା କର୍ମୀମାନେ ଗତ ୫ ଦିନ ଧରି ଉକ୍ତ ଜଙ୍ଗଲକୁ ଘେରାବନ୍ଦୀ କରି ରଖିଛନ୍ତି। ଫଳରେ ମାଓବାଦୀମାନେ ସୁରକ୍ଷାକର୍ମୀଙ୍କ ଭୟରେ କେଉଁଠି ଲୁଚି ଯାଇଛନ୍ତି। ତେବେ ସୁରକ୍ଷାକର୍ମୀ ଉକ୍ତ ଅଞ୍ଚଳରେ ସର୍ଚ୍ଚ ସମୟରେ ଶନିବାର ଏକ ସୁଡ଼ଙ୍ଗ ଠାବ କରିଥିଲେ। ସୁଡ଼ଙ୍ଗ ଭିତରେ ସର୍ଚ୍ଚ ସମୟରେ ମାଓବାଦୀ ସାମଗ୍ରୀ, ରନ୍ଧା ଖାଦ୍ୟ ଇତ୍ୟାଦି ଦେଖିବାକୁ ପାଇଥିଲେ। ସୁରକ୍ଷା କର୍ମୀ ଆସୁଥିବା ସୂଚନା ପାଇ ମାଓବାଦୀମାନେ କିଛି ସମୟ ପୂର୍ବରୁ ସେଠାରୁ ଛତ୍ରଭଙ୍ଗ ଦେଇଥିବା ଜାଣିବାକୁ ମିଳିଥିଲା। ସୁଡଙ୍ଗ ଭିତରୁ ବାହାରକୁ ଯିବାପାଇଁ ତିନୋଟି ରାସ୍ତା ରହିଛି। ଉକ୍ତ ରାସ୍ତାଦେଇ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିବା ଜଣାପଡିଛି।

ଉକ୍ତ ସୁଡ଼ଙ୍ଗରେ ୧୦୦ରୁ ଊର୍ଦ୍ଧ୍ୱ ମାଓବାଦୀ ଏବଂ ସେମାନଙ୍କ ମଧ୍ୟରେ ନେତା ହିଡ୍‌ମା ଥିବା ସନ୍ଦେହ କରାଯାଉଛି। ଉକ୍ତ ଅଞ୍ଚଳରେ ଅପରେଶନ କାଗାର ଜାରି ରହିଥିବା ବେଳେ କେବଳ ସ୍ଥଳପଥରେ ନୁହେଁ, ଆକାଶ ମାର୍ଗରେ ହେଲିକପ୍ଟର ଓ ଡ୍ରୋନ୍ କ୍ୟାମେରା ଯୋଗେ ମଧ୍ୟ ମାଓବାଦୀଙ୍କୁ ଗିରଫ କରିବା ପାଇଁ ଉଭୟ ରାଜ୍ୟର ସୁରକ୍ଷା କର୍ମୀମାନେ ସର୍ଚ୍ଚ ଅପରେଶନ ଜାରି ରଖିଛନ୍ତି।

ପ୍ରକାଶ ଯେ, ଗତ ଏକ ମାସ ପୂର୍ବେ ମାଓବାଦୀ ସଂଗଠନ ତରଫରୁ ଶାନ୍ତି ବାର୍ତ୍ତା ପାଇଁ ତେଲଙ୍ଗାନା ସରକାରଙ୍କୁ ଜଣାଇଥିଲେ। କିନ୍ତୁ ତାଙ୍କର ଏହି ଶାନ୍ତିବାର୍ତ୍ତାର କୌଣସି ଉତ୍ତର ମିଳିନାହିଁ। ଅପରେଶନ କାଗାରକୁ ସଫଳ କଲେ ଉଭୟ ରାଜ୍ୟ ମାଓବାଦୀ ମୁକ୍ତ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ଉଭୟ ସରକାର ଅପରେଶନ ଜାରି ରଖିଛନ୍ତି।

## ୨ ଭାଇ ଅଟକ, ପାକିସ୍ତାନ ଲିଙ୍କ୍ ସନ୍ଦେହ

ଗୋପ,୨୭।୪ (ଭାରତୀ ଭୂଷଣ ଉପାଧ୍ୟାୟ)


ଗୋପ ଥାନାରେ ଇଣ୍ଟେଲିଜେନ୍ସ ବ୍ୟୁରୋ ଅଧିକାରୀ ତଦନ୍ତ କରି ଫେରୁଛନ୍ତି।

**ବିଦେଶୀ ଟଙ୍କା ଠକେଇ ଅଭିଯୋଗ**

- **ଗୋପ ଥାନାରେ ଇଣ୍ଟେଲିଜେନ୍ସ ବ୍ୟୁରୋ ଅଧିକାରୀଙ୍କ ତଦନ୍ତ**
- **କମ୍ପ୍ୟୁଟର, ହାର୍ଡଡିସ୍କ, ପେନ୍‌ଡ୍ରାଇଭ ସହ ବହୁ ସାମଗ୍ରୀ ଜବତ**

ବିଦେଶୀ ଟଙ୍କା ଠକେଇ ଅଭିଯୋଗରେ ପୁରୀ ଜିଲାର ଗୋପ ଅଞ୍ଚଳରେ ଇଣ୍ଟେଲିଜେନ୍ସ ବ୍ୟୁରୋ ପକ୍ଷରୁ ଖୋଳତାଡ଼ ଆରମ୍ଭ ହୋଇଛି। ଇଣ୍ଟେଲିଜେନ୍ସ ବ୍ୟୁରୋ ଟିମ୍ ଉକ୍ତ ଘଟଣାରେ ଗୋପ ଥାନା ଅନ୍ତର୍ଗତ ପୋଡ଼ପଡ଼ା ଗ୍ରାମର ଦୁଇଭାଇ ପ୍ରଦୀପ୍ତ କୁମାର ପ୍ରଧାନ (୩୭) ଓ କିତାବ ପ୍ରଧାନ (୨୯)ଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏହି ଘଟଣାରେ ପାକିସ୍ତାନ ସମେତ ଅନ୍ୟ ଦେଶର ଲିଙ୍କ ଥିବା ସନ୍ଦେହ କରାଯାଉଛି। ଉଭୟଙ୍କ ଘରୁ କମ୍ପ୍ୟୁଟର, ହାର୍ଡଡିସ୍କ ଓ ପେନ୍‌ଡ୍ରାଇଭ ସହିତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ଏହା ଏବେ ଗୋପ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଅଭିଯୁକ୍ତ ପ୍ରଦୀପ ଓ କିତାବ ପ୍ରଧାନ କିଛି ଦିନ ହେବ ଘରେ କମ୍ପ୍ୟୁଟର ଦ୍ୱାରା କୌଣସି କାର୍ଯ୍ୟ କରୁଥିଲେ। ଏହା ସନ୍ଦେହାତ୍ମକ ହେବାରୁ ଇଣ୍ଟେଲିଜେନ୍ସ ବ୍ୟୁରୋ ନିକଟରେ କୌଣସି ସୂତ୍ରରୁ ଅଭିଯୋଗ ହୋଇଥିଲା। ଇଣ୍ଟେଲିଜେନ୍ସ ବ୍ୟୁରୋର ୬ଜଣ ଅଧିକାରୀଙ୍କୁ ନେଇ ଏକ ଟିମ୍ ଶନିବାର ସନ୍ଧ୍ୟାରେ ଗୋପ ଥାନାରେ ପହଞ୍ଚି ସ୍ଥାନୀୟ ପୋଲିସ ସହାୟତାରେ ପୋଡ଼ପଡ଼ା ଗ୍ରାମକୁ ଯାଇ ଅଭିଯୁକ୍ତ ଦୁଇଭାଇଙ୍କୁ ପଚରାଉଚରା କରିଛନ୍ତି। ଏଥିସହ ସେମାନଙ୍କ ଘରୁ କମ୍ପ୍ୟୁଟର, ହାର୍ଡଡିସ୍କ, କ୍ୟାମେରା, ପେନ୍ ଡ୍ରାଇଭ ସହ ଅନ୍ୟାନ୍ୟ ସାମଗ୍ରୀ ଓ କେତେକ ଆପତ୍ତିଜନକ କାଗଜପତ୍ର ଜବତ କରିଥିଲେ। ରବିବାର ସକାଳେ ଇଣ୍ଟେଲିଜେନ୍ସ ବ୍ୟୁରୋ ଅଧିକାରୀମାନେ ଅଭିଯୁକ୍ତ ଦୁଇ ଭାଇଙ୍କୁ ଗୋପ ଥାନାକୁ ଉଠାଇ ଆଣି ଦୀର୍ଘ ୨ ଘଣ୍ଟା ଧରି ବିଦେଶୀ ଟଙ୍କା ଦେଣନେଣ ସହିତ ଅନ୍ୟ କେତେକ ଅଭିଯୋଗ ଉପରେ ପଚରାଉଚରା କରିଥିବା ଜଣାପଡ଼ିଛି। ଏହି ଘଟଣାରେ ପାକିସ୍ତାନ ସମେତ ଆମେରିକା, ରୁଷ୍, ଫ୍ରାନ୍ସ, ଜର୍ମାନୀ ଆଦି ବିଭିନ୍ନ ଦେଶର ଲିଙ୍କ ଥିବା ସନ୍ଦେହ କରାଯାଉଛି। ଇଣ୍ଟେଲିଜେନ୍ସ ବ୍ୟୁରୋ ଅଧିକାରୀମାନେ ଏ ନେଇ ଗଣମାଧ୍ୟମକୁ କୌଣସି ସୂଚନା ଦେଇ ନ ଥିବାବେଳେ ଜବତ କମ୍ପ୍ୟୁଟର, ହାର୍ଡଡିସ୍କ, କ୍ୟାମେରା ଓ ପେନ୍ ଡ୍ରାଇଭରେ କ'ଣ ସବୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସବୁ ରହିଛି ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଏ ନେଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀଙ୍କୁ ପଚାରିବାରେ ସେପରି କିଛି ନୁହେଁ ବୋଲି କହି ଘଟଣାକୁ ଏଡ଼ାଇ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଘଟ ହେବା ଆଶଙ୍କାରେ ପୋଲିସ ଜାଣିଶୁଣି ତଥ୍ୟ ଲୁଚାଉଛି ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି।

## ୨ ଟଙ୍କା ପାଇଁ ଫୁଟିଲା ଗୁଳି

ଚାନ୍ଦବାଲି,୨୭।୪(କିଷାନ ପାତ୍ର)

ସାମାନ୍ୟ ୨ ଟଙ୍କା ପାଇଁ ଯୁକ୍ତିତର୍କ ଆଉ ତା ପରେ ସିଧା ଗୁଳି, ଅଳ୍ପକେ ବର୍ତ୍ତିଲେ ବାପ ପୁଅ। ଏଭଳି ଘଟଣା ଘଟିଛି ଭଦ୍ରକ- ଚାନ୍ଦବାଲି ମୁଖ୍ୟରାସ୍ତାର ନାଳଗୁଣ୍ଡା ଛକ ନିକଟରେ। ସୂଚନା ମୁତାବକ, ନାଳଗୁଣ୍ଡା ଛକଠାରୁ କିଛି ଦୂରରେ ସାଧୁ ଚରଣ ବେହେରା ଏକ ପାନଦୋକାନ କରିଥିବା ବେଳେ କୋଲଡ୍ରିଙ୍କ୍ସ ମଧ୍ୟ ବିକ୍ରି କରୁଛନ୍ତି। ରବିବାର ଅପରାହ୍ଣ ସମୟରେ ୨ଟି ବାଇକ୍‌ରେ ୬ ଜଣ ଯୁବକ ଆସି ତାଙ୍କୁ କୋଲଡ୍ରିଙ୍କ୍ସ ମାଗିଥିଲେ। କୋଲଡ୍ରିଙ୍କ୍ସ ପିଇସାରିବା ପରେ ଦୋକାନୀ ତାହାର ମୂଲ୍ୟ ୧୨ ଟଙ୍କା କହିଥିଲେ। ବୋତଲରେ ୧୦ଟଙ୍କା ଲେଖାଯାଇଥିବା ବେଳେ ତୁମେ କାହିଁକି ୧୨ ଟଙ୍କା ନେଉଛ ବୋଲି କହି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ତାପରେ ୬ ଜଣ ଯୁବକ ମିଶି ଦୋକାନୀ ଏବଂ ତାଙ୍କ ପୁଅଙ୍କୁ ମାଡ଼ ମାରିବା ସହ ୨ଟି ବନ୍ଧୁକ ବାହାର କରି ଗୁଳି ଚଳାଇଥିଲେ। ଜୀବନ ବିକଳରେ ବାପପୁଅ ଦୋକାନ ଛାଡି ଦୌଡ଼ିଥିଲେ। ଏହି ସୁଯୋଗରେ ଦୋକାନରେ ଥିବା ୩୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଲୁଟି ନେଇ ଯୁବକମାନେ ଚମ୍ପଟ ମାରିଥିଲେ। ଖବରପାଇ ମତୋ ଫାଣ୍ଡି ଅଧିକାରୀ ଛତିଶ କୁମାର ଗୋଛି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ପ୍ରଶାନ୍ତଙ୍କ ଫଟୋ ଲଗାଇ ଟଙ୍କା ସଂଗ୍ରହ

ବାଲେଶ୍ୱର,୨୭।୪(ବାଞ୍ଛାନିଧି ଦେ)

**ଅନୁଗୋଳରୁ ସୋସିଆଲ ମିଡିଆ ଆକାଉଣ୍ଟଧାରୀ ଠାବ**

**ଫେରସ୍ତ କଲେ ସମସ୍ତ ଟଙ୍କା**

ଜମ୍ମୁ-କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ପ୍ରାଣ ହରାଇଥିବା ବାଲେଶ୍ୱରର ପ୍ରଶାନ୍ତ ଶତପଥୀଙ୍କ ନାଁରେ ମଗାଯାଉଥିଲା ଟଙ୍କା। ସୋସିଆଲ ମିଡିଆରେ ତାଙ୍କ ଫଟୋ ଲଗାଯାଇ ଜଣେ ଆକାଉଣ୍ଟଧାରୀ ଏହି ଟଙ୍କା ମାଗୁଥିଲେ। ଶନିବାର ପ୍ରଶାନ୍ତଙ୍କ ପରିବାର ଲୋକେ ଏହା ଜାଣିବା ପରେ ବାଲେଶ୍ୱର ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପୋଲିସ ଘଟଣାର ଖୋଳତାଡ଼ କରି ଅନୁଗୋଳରୁ ଉକ୍ତ ସୋସିଆଲ ମିଡିଆ ଆକାଉଣ୍ଟଧାରୀଙ୍କୁ ରବିବାର ବାଲେଶ୍ୱର ଆଣିଥିଲା। ପରିବାର ଲୋକଙ୍କ ଉପସ୍ଥିତିରେ ପଚରାଉଚରା ପରେ ଆକାଉଣ୍ଟଧାରୀଜଣକ ଭୁଲ୍‌ବଶତଃ ଏହା ହୋଇଥିବା କହିଥିଲେ। ନିଜର ଭୁଲ୍ ସ୍ୱୀକାର କରି କ୍ଷମା ପ୍ରାର୍ଥନା କରିଥିଲେ। ଏଥିସହ ସଂଗ୍ରହ ହୋଇଥିବା ସମସ୍ତ ଟଙ୍କା ପଠାଇଥିବା ଲୋକଙ୍କୁ ସେ ଫେରସ୍ତ କରିଥିଲେ।

ଏହି ଆକାଉଣ୍ଟଧାରୀ ଜଣଙ୍କ ପ୍ରଶାନ୍ତଙ୍କ ଫଟୋ ଲଗାଇ ଟଙ୍କା ମାଗିବା ଘଟଣାରେ ପ୍ରଶାନ୍ତଙ୍କ ପରିବାର ଲୋକେ ମର୍ମାହତ ହୋଇପଡ଼ିଥିଲେ। ପ୍ରଶାନ୍ତଙ୍କ ସ୍ତ୍ରୀ ପ୍ରିୟଦର୍ଶିନୀ ଆମେ କିଛି ପଇସା କାହାକୁ ମାଗିନୁ, କି ସୋସିଆଲ ମିଡିଆରେ କିଛି କରିନୁ। ଭାରତ ସାରା ଲୋକେ ମୋର ସ୍ୱାମୀଙ୍କୁ ହିରୋ ବୋଲି ଭାବୁଛନ୍ତି। ତାହା ହିଁ ମୋ ପାଇଁ ବଡ଼। ମୋର ଯାହା କ୍ଷତି ଘଟିଛି ଆଉ କାହାର ସେ କ୍ଷତି ନ ହେଉ ବୋଲି କହିଥିଲେ।

ପ୍ରଶାନ୍ତଙ୍କ ସାନଭାଇ ଜୟନ୍ତ ଶତପଥୀ ଭାଇଙ୍କ ଫଟୋ ଲଗାଇ ଟଙ୍କା ଆଦାୟକୁ ନାପସନ୍ଦ କରିବା ସହ ଏପରି କରିବାକୁ ପରିବାର ପକ୍ଷରୁ କାହାକୁ ଅନୁମତି ଦିଆଯାଇନାହିଁ। କୌଣସି ସୋସିଆଲ ମିଡିଆରେ ଯଦି ଏପରି ଟଙ୍କା ଆଦାୟ କରାଯାଉଛି, ତେବେ ଏଥିରୁ ସମସ୍ତେ ନିବୃତ୍ତ ରୁହନ୍ତୁ ବୋଲି କହିଥିଲେ।

ପ୍ରଶାନ୍ତଙ୍କ ବଡ଼ଭାଇ ସୁଶାନ୍ତ ଶତପଥୀ କହିଛନ୍ତି, ଏହି ଆକାଉଣ୍ଟଧାରୀଙ୍କୁ ସାଇବର ଥାନା ପୋଲିସ ଠାବ କରିଥିଲା। ସେ ନିଜର ଭୁଲ୍ ସ୍ୱୀକାର କଲେ। ଯେଉଁମାନେ ଟଙ୍କା ପଠାଇଥିଲେ ସେମାନଙ୍କୁ ସେ ଟଙ୍କା ଫେରସ୍ତ କରିଛନ୍ତି।

**ଢଗଢମାଳି**

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ବନ୍ଧ କଡ଼େ ଲୁଣି କିଆ
ତୋହର ମୋହର ପରତେ ନାହିଁ
କାହିଁକି ହୋଇଛୁ ଠିଆ?**

ବିଶ୍ୱାସକୁ ଆଧାରକରି ସମ୍ପର୍କର ମୂଳଦୁଆ ପଡ଼ିଥାଏ। ହେଲେ ସେହି ବିଶ୍ୱାସରେ ଥରେ ସନ୍ଦେହର ଦାନା ବାନ୍ଧିଲେ ସମ୍ପର୍କର ଭିତ୍ତି ଦୋହଲି ଯାଇଥାଏ। ଦୁହିଁଙ୍କ ମଧ୍ୟରେ ପରସ୍ପର ପ୍ରତି ଥିବା ବିଶ୍ୱାସ ହରାଇଲା ପରେ ଆଉ କେହି କାହାକୁ ଚାହିଁବାକୁ ଇଚ୍ଛା କରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଭୋକ ରଖି ଖା, ଭୋକ ରଖି ଆ,
ଚଉଷଠି ବ୍ୟାଧି ପାଖ ନ ଯା'।**

ଭୋକକୁ ଶେଷ କରିବା ପାଇଁ ପେଟପୂରା ଖାଦ୍ୟ ଖାଇବା ଉଚିତ ନୁହେଁ। ଭୋକ କିଛି ମାତ୍ରାରେ ରହିବା ଭଲ ହୋଇଥିବାବେଳେ ପେଟପୂରା ଖାଦ୍ୟ ନ ଖାଇବା ସ୍ୱାସ୍ଥ୍ୟପକ୍ଷେ ହିତକର ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ରବିବାର ଅପରାହ୍ଣ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଜେଲ ଗଲେ ସମ୍ପର୍କୀୟ ମାମୁ

**୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର, ହତ୍ୟା ଘଟଣା**

ଦିଗପହଣ୍ଡି,୨୭।୪(ଅଶେଷ ନାଥ ମିଶ୍ର)


ଅଭିଯୁକ୍ତ କାଳିଆ ଓରଫ ଷଣ୍ଢ ନାହାକ

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ଖଳିଙ୍ଗି ଗ୍ରାମରେ ଜଣେ ୪ ବର୍ଷର ଶିଶୁକନ୍ୟାଙ୍କୁ ବଳାତ୍କାର ପରେ ହତ୍ୟା ଘଟଣାରେ ପୋଲିସ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସମ୍ପୃକ୍ତ ଅଭିଯୁକ୍ତ ଜଣକ ହେଲେ ଖଳିଙ୍ଗି ଗ୍ରାମର କାଳିଆ ଓରଫ ଷଣ୍ଢ ନାହାକ। ଏହାର କେସ୍ ନଂ.୨୨୯/୨୫। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଯାଇଛି। ଅନ୍ୟପକ୍ଷରେ ରବିବାର ସନ୍ଧ୍ୟାରେ ଗ୍ରାମବାସୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇ ଅଭିଯୁକ୍ତଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ପୀଡ଼ିତାଙ୍କ ପରିବାର ଲୋକଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ସୂଚନା ଅଧିକାର କର୍ମୀ ଜୟନ୍ତ ଦାସ ଜାତୀୟ ମାନବାଧିକାର କମିଶନଙ୍କ ନିକଟରେ ଏକ ମାମଲା (ନଂ.୯୧୯୩/୨୫) ରୁଜୁ କରିଛନ୍ତି।

ମାମଲାରୁ ପ୍ରକାଶ, ଗତ ୧୮ରୁ ଖଳିଙ୍ଗି ଗ୍ରାମରେ ଚାଲିଥିବା ଯାତ୍ରା ଦେଖିବାକୁ ଶିଶୁକନ୍ୟା ଜଣକ ମା'ଙ୍କ ସହ ଅଜାଘର ଗାଁକୁ ଆସିଥିଲେ। ଶୁକ୍ରବାର ସନ୍ଧ୍ୟାରେ ସେ ଘର ନିକଟରେ ସାଙ୍ଗସାଥୀଙ୍କ ସହ ଖେଳୁଥିବା ବେଳେ ନିଖୋଜ ହୋଇଯାଇଥିଲେ। ପରିବାର ଓ ଗ୍ରାମବାସୀ ଖୋଜାଖୋଜି କରି ମଧ୍ୟ ତାଙ୍କୁ ପାଇ ନ ଥିଲେ। ରାତି ସାଢ଼େ ୧୧ଟାରେ ଏନେଇ ପାଟପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଅପହରଣ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ରାତି ପ୍ରାୟ ୨ଟାରେ ଗ୍ରାମର ନିର୍ମାଣାଧୀନ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଶିଶୁକନ୍ୟାଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଥିଲା। ଖବରପାଇ ଆଇଆଇସି ଦୀପ୍ତିରଞ୍ଜନ ବେହେରା ଓ ଅନ୍ୟ ଅଧିକାରୀମାନେ ପହଞ୍ଚି ତଦନ୍ତ କରିଥିଲେ। ଛତ୍ରପୁରରୁ ଆସିଥିବା ପୋଲିସ ସାଇଣ୍ଟିଫିକ୍ ଟିମ୍ ଓ ଡଗ ସ୍କ୍ୱାଡ୍ ମଧ୍ୟ ଘଟଣାର ତଦନ୍ତ କରିଥିଲା। ସେଠାରୁ ଶିଶୁକନ୍ୟାଙ୍କୁ ଆଡପଡ଼ା ଡାକ୍ତରଖାନା ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାଟପୁର ପୋଲିସ କେତେ ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଥାନାକୁ ଉଠାଇ ନେଇ ଜେରା ଚଳାଇଥିଲା। ସେମାନଙ୍କ ମଧ୍ୟରେ କାଳିଆ ଥିଲେ। ଜେରା ବେଳେ ଘଟଣାରେ ତାଙ୍କର ସମ୍ପୃକ୍ତି ସ୍ପଷ୍ଟ ହେବା ପରେ ତାଙ୍କୁ ଗିରଫ କରାଯାଇଥିଲା। ସେ ଶିଶୁକନ୍ୟାଙ୍କ ସମ୍ପର୍କୀୟ ମାମୁ ବୋଲି ଜଣାପଡ଼ିଛି।

## ପୋଲିସ ଡରରେ ଓଲଟିଲା ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍

ଧୂଷୁରୀ,୨୭।୪(ଦୀପ୍ତି ରଞ୍ଜନ ନାୟକ)

**ଚାପି ହୋଇ ଡ୍ରାଇଭରଙ୍କ ମୃତ୍ୟୁ**


ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ କ୍ରେନ୍ ଯୋଗେ ଉଠାଯାଉଛି।

ଭଦ୍ରକ ଜିଲା ଧୂଷୁରୀ ଥାନା ଅଧୀନ ଅସୁରାଳିଠାରେ ଶନିବାର ଭୋର ପ୍ରାୟ ୪ଟାରେ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଦୁର୍ଘଟଣାଗ୍ରସ୍ତ ହୋଇଛି। ପୋଲିସ ପିଛା କରୁଥିବାରୁ ଡ୍ରାଇଭର ଭୟଭୀତ ହୋଇ ଦ୍ରୁତଗତିରେ ଗାଡ଼ି ଚଲାଇବାରୁ ଓଲଟି ପଡ଼ିଥିବା କୁହାଯାଉଛି। ଭ୍ୟାନ୍‌ରେ ପ୍ରାୟ ୧୫ ଗୋରୁ ଚାଲାଣ ହେଉଥିବା ବେଳେ ୩ ଗୋରୁଙ୍କ ମୃତ୍ୟୁ ଘଟିଛି। ଏଥିସହ ଡ୍ରାଇଭରଙ୍କ ମଧ୍ୟ ମୃତ୍ୟୁ ଘଟିଛି। ମୃତକ ହେଲେ ଭଦ୍ରକ ଗୁଜି ଦରଗାର ଶେଖଲାଲ ମହମ୍ମଦ (୨୭)।

ସୂଚନା ଅନୁଯାୟୀ, ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଧାମନଗରପଟୁ ଭଦ୍ରକ ଅଭିମୁଖେ ଯାଉଥିଲା। ପୋଲିସ ସୂଚନା ପାଇ ପିଛା କରୁଥିବା ବେଳେ ଭ୍ୟାନ୍‌ଟି ଅସୁରାଳି ନିକଟରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଭ୍ୟାନ୍‌ରେ ୧୫ରୁ ଊର୍ଦ୍ଧ୍ୱ ଗୋରୁ ଥିବା ବେଳେ ୩ ଗୋରୁ ମୃତ୍ୟୁବରଣ କରିଥିଲେ। ଡ୍ରାଇଭର ଚାପିହୋଇ ଗୁରୁତର ହୋଇଥିଲେ। ଧାମନଗର ଦମକଳବାହିନୀ ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା। ପୋଲିସ ଡ୍ରାଇଭରଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

## ବାଇକ୍ ଚୋରି କରି ଜଣେ ଗିରଫ

ପୁରୀ,(ଅଜିତ କୁମାର ମହାନ୍ତି)-ବାଇକ ଚୋରି କରିବା ଅଭିଯୋଗରେ ସିଂହଦ୍ୱାର ଥାନା ପୋଲିସ ରବିବାର ଜଣେ ବ୍ୟକ୍ତିଙ୍କୁ ଗିରଫ କରିଛି। ସେ ହେଲେ ପୁରୀ ଗୋଖା ସାହି ଛକ ଅଞ୍ଚଳର ସୁକାନ୍ତ ଦାଶ। କଟକ ସନ୍ତପୁର ନେମାଳର ଚିକିନା ଦାଶ ଏବଂ ତାଙ୍କ ସାଙ୍ଗ ମଙ୍ଗୁ ମଠ ନିକଟରେ ରଖିଥିବା ଦୁଇଟି ବାଇକକୁ ସୁକାନ୍ତ ଚୋରି କରିନେଇଥିଲେ। ଏ ନେଇ ଥାନାରେ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ. ୫୫/୨୫) ରୁଜୁ କରି ତଦନ୍ତ ଚଳାଇଥିଲା।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୭।୪।୨୦୨୫

| | |
|---|---|
| ୬,୮୮,୯୫୧ ଟଙ୍କା | |
| ସୁନା | ୩.୪୦୦ ଗ୍ରାମ୍ |
| ରୁପା | ୨୦୭.୫୦୦ ଗ୍ରାମ୍ |

# ପୁରୀ ସହରର ବହୁ ସିସିଟିଭି ଅଚଳ

### ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର ସୁରକ୍ଷା ନେଇ ଉଠିଲା ପ୍ରଶ୍ନ

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଏବେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ଓ ସ୍ୱର୍ଣ୍ଣାଭ ବେଳାଭୂମି ପରିଭ୍ରମଣ ପାଇଁ ଶ୍ରୀକ୍ଷେତ୍ରକୁ ପ୍ରତିଦିନ ଦେଶ ବିଦେଶରୁ ଲୋକେ ଛୁଟିଆସିଥାନ୍ତି। ତେଣୁ ଏଠାରେ ସବୁବେଳେ ଭିଡ଼ ଲାଗିରହେ। ତେବେ ସହରରେ ଲାଗିଥିବା ୧୩୫ଟି ସିସିଟିଭି ମଧ୍ୟରୁ ଅଧିକାଂଶ ଅଚଳ ହୋଇପଡ଼ିଛି। ସାମ୍ପ୍ରତିକ ସ୍ଥିତିରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ର ସୁରକ୍ଷା ବ୍ୟବସ୍ଥା ନେଇ ପ୍ରଶ୍ନ ଉଠିଥିବାବେଳେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ପାଇଁ ସେବାୟତ, ଭକ୍ତ ଓ ପୁରୀବାସୀଙ୍କ ପକ୍ଷରୁ ଦାବି କରାଯାଇଛି। ପୁରୀର ତିନୋଟି ମୁଖ୍ୟ ପ୍ରବେଶପଥରେ ଚେକିଂ କଡ଼ାକଡ଼ି ସହ ଜଳପଥ ତଥା ସମୁଦ୍ର ଉପକୂଳରେ ମେରାଇନ୍ ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯିବାକୁ ଦାବି ହେଉଛି। ଖୁବଶୀଘ୍ର ସ୍ୱତନ୍ତ୍ର ଶ୍ରୀମନ୍ଦିର ସୁରକ୍ଷା ବାହିନୀ ମୁତୟନ କରାଯିବାକୁ ମଧ୍ୟ ମତ ପ୍ରକାଶ ପାଇଛି।

ସାମାଜିକ କର୍ମୀ ଚକ୍ରଧର ମହାପାତ୍ର କହିଛନ୍ତି, ଶ୍ରୀକ୍ଷେତ୍ର ତଥା ଶ୍ରୀମନ୍ଦିରକୁ ପ୍ରତ୍ୟେକ ଦିନ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକ ଆସିଥାନ୍ତି। ମହାପ୍ରଭୁଙ୍କ ଦର୍ଶନ କରିବା ସହ ବେଳାଭୂମି ବୁଲିଥାନ୍ତି। ବିଭିନ୍ନ ହୋଟେଲରେ ଅବସ୍ଥାନ ମଧ୍ୟ କରିଥାନ୍ତି। ତେଣୁ କଡ଼ାକଡ଼ି ଯାଞ୍ଚ ସହ ଶ୍ରୀମନ୍ଦିରକୁ ୨୪ ଘଣ୍ଟିଆ ସୁରକ୍ଷା ଯୋଗାଇଦେବାର ଆବଶ୍ୟକତା ରହିଛି। ବେଳାଭୂମି ଉପରେ ମଧ୍ୟ ପୋଲିସ କଡ଼ା ନଜର ରଖିବା ଉଚିତ। ଶ୍ରୀମନ୍ଦିର ଉପରେ ଆତଙ୍କବାଦୀ ଆକ୍ରମଣ ନେଇ ପୂର୍ବରୁ ଗୋଇନ୍ଦା ବିଭାଗ ପକ୍ଷରୁ ସର୍ତ୍ତକ କରାଯାଇଛି। ତେଣୁ ରାଜ୍ୟ ଏବଂ କେନ୍ଦ୍ର ସରକାର ଶ୍ରୀମନ୍ଦିର ଓ ପର୍ଯ୍ୟଟକଙ୍କ ପାଇଁ ଶ୍ରୀକ୍ଷେତ୍ର ସୁରକ୍ଷା ବାହିନୀ ଗଠନ କରନ୍ତୁ। ସେହିପରି ବରିଷ୍ଠ ସେବାୟତ ତଥା ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ପୁରୀକୁ ପ୍ରତିଦିନ ଲକ୍ଷାଧିକ ଭକ୍ତ ଏବଂ ପର୍ଯ୍ୟଟକ ଆସୁଛନ୍ତି। ତେଣୁ ପୁରୀ ସହର, ପ୍ରବେଶ ପଥ ସମେତ ସହ ବେଳାଭୂମିରେ ସ୍ୱତନ୍ତ୍ର ପୋଲିସ ମୁତୟନ କରାଯିବା ଆବଶ୍ୟକ। ସମସ୍ତଙ୍କୁ ଚେକିଂ କରାଯିବା ଉପରେ ସ୍ୱାଇଁ ମହାପାତ୍ର ଗୁରୁତ୍ୱାରୋପ କରିଛନ୍ତି। ଏନେଇ ପୁରୀ ଏସ୍‌ପି ବିନିତ ଅଗ୍ରୱାଲ କହିଛନ୍ତି, କୋଷ୍ଟାଲ୍ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି। ଶ୍ରୀମନ୍ଦିରକୁ ଦୈନିକ ୧୨ ପ୍ଲାଟୁନ ସୁରକ୍ଷାକର୍ମୀ ଜଗୁଥିବା ବେଳେ ଏବେ ଏହାକୁ ଆହୁରି ବ୍ୟାପକ କରାଯିବ। ଶ୍ରୀମନ୍ଦିର ଭିତରେ ଥିବା ସମସ୍ତ ସିସିଟିଭି ସଚଳ ହୋଇଥିବାବେଳେ ଶ୍ରୀମନ୍ଦିର ବାହାରେ ଯଥା- ପରିକ୍ରମା ପ୍ରକଳ୍ପ ଚତୁଃପାର୍ଶ୍ୱ, ବଡ଼ଦାଣ୍ଡ ଓ ପ୍ରବେଶପଥଗୁଡ଼ିକରେ ଅଚଳ ହୋଇପଡ଼ିଥିବା ସିସିଟିଭିଗୁଡିକ ଖୁବଶୀଘ୍ର ସଚଳ କରାଯିବ। ପୋଲିସ ପକ୍ଷରୁ ଶ୍ରୀମନ୍ଦିର ଚାରିପାଖରେ ଚେକିଂ କରାଯାଉଛି। କୌଣସି ଅଘଟଣର ଦୃଢ ମୁକାବିଲା ପାଇଁ ପୋଲିସ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିଛି।

# ନିମାପଡ଼ାକୁ ହରାଇ ପୁରୀ ପାୟୋନିଅର ସେମିରେ



ଖେଳାଳି ଦିନେଶ ସାହୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଉଛି ।

### ତୁଷାରକାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ଅସ୍ତରଙ୍ଗ,୨୭।୪(ମମତା ଜେନା)

କାକଟପୁର ମିନି ଷ୍ଟାଡିୟମ୍‌ଠାରେ ଚାଲିଥିବା ତୁଷାରକାନ୍ତି ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ୍‌ରେ ନିମାପଡ଼ା କ୍ରିକେଟ କ୍ଲବକୁ ହରାଇ ପୁରୀ ପାୟୋନିଅର କ୍ରିକେଟ କ୍ଲବ ସେମିରେ ପ୍ରବେଶ କରିଛି।

ଟସ୍ ଜିତି ପ୍ରଥମେ ନିମାପଡ଼ା କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ସମସ୍ତ ଉଇକେଟ ହରାଇ ୧୧୩ ରନ ସଂଗ୍ରହ କରିଥିଲା। ଏହାର ଜବାବରେ ପୁରୀ ପାୟୋନିଅର ୧୮ ଓଭରରେ ୬ ଉଇକେଟ ହରାଇ ୧୧୫ ରନ୍ ସଂଗ୍ରହ କରି ବିଜୟୀ ହୋଇ ସେମିରେ ପ୍ରବେଶ କରିଛି। ଦଳ ପକ୍ଷରୁ ଦିନେଶ ସାହୁ ସର୍ବାଧିକ ୩୭ ରନ୍ ସଂଗ୍ରହ କରି ୨ ଉଇକେଟ ଅକ୍ତିଆର କରିଥିଲେ ଓ ମ୍ୟାନ ଅଫ୍ ଦ ମ୍ୟାଚ ପୁରସ୍କାର ପାଇଥିଲେ। ସଦସ୍ୟ ପ୍ରମୋଦ ସିହ୍ନା ଓ ଦେବେନ୍ଦ୍ର ମିଶ୍ର ଖେଳ ପରିଚାଳନା କରିଥିଲେ। ଅତିଥି ଭାବେ କ୍ଲବ୍‌ର ଉପଦେଷ୍ଟା ତୁଷାର ରଞ୍ଜନ ଦୀକ୍ଷିତ, ପ୍ରଦୀପ କୁମାର ପଣ୍ଡା, ନିମାପଡ଼ା କ୍ଲବ ସଭାପତି ମାତୃକା ପ୍ରସାଦ ମିଶ୍ର, ସୌମ୍ୟ ରଞ୍ଜନ ମହାନ୍ତି ଯୋଗଦେଇ ପୁରସ୍କାର ବଣ୍ଟନ କରିଥିଲେ। ଆୟୋଜିତ କ୍ଲବ ପକ୍ଷରୁ ଅଭିଷେକ, ଅରିନ, ଡେଭିଡ, ବବୁଲ, ଜଗନ, ଚନ୍ଦନ, ପବିତ୍ର, ସ୍ମୃତି ଓ ସୂର୍ଯ୍ୟକାନ୍ତ ସହଯୋଗ କରିଥିଲେ। ସୋମବାର ଚତୁର୍ଥ କାର୍ଟର ଫାଇନାଲ୍ ମ୍ୟାଚ ପଞ୍ଚସଖା କ୍ରିକେଟ କ୍ଲବ ସାକ୍ଷୀଗୋପାଳ ଓ ମଙ୍ଗଳା କ୍ରିକେଟ ଏକାଡେମୀ କାକଟପୁର ମଧ୍ୟରେ ହେବ ବୋଲି ମାଷ୍ଟର୍ ଟୁଲୁ ପ୍ରକାଶ କରିଛନ୍ତି।

## ବିଶ୍ୱ ନୃତ୍ୟ ଦିବସ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

ପୁରୀର ଶ୍ରୀକ୍ଷେତ୍ର ନୃତ୍ୟ ଶିଳ୍ପୀ ସଂଘ ଆନୁକୂଲ୍ୟରେ ଆସନ୍ତା ୨୯ ତାରିଖରେ ପୁରୀ ପୌରସଦନଠାରେ ବିଶ୍ୱ ନୃତ୍ୟ ଦିବସ ଧୂମଧାମରେ ପାଳନ କରାଯିବ। ଏହି ଦିବସ ପାଳନ ପୂର୍ବରୁ ଅନୁଷ୍ଠାନ ପକ୍ଷରୁ ରବିବାର ପୌରସଦନଠାରେ ବିଶ୍ୱ ନୃତ୍ୟ ଦିବସକୁ ମହାସମାରୋହରେ ଉଦ୍‌ଘାଟନ କରାଯିବା ସହ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ପକ୍ଷରୁ ଓଡ଼ିଶୀ, ଚିତ୍ରାଙ୍କନ, କୌତୁକ ପୋଷାକ, ସମ୍ବଲପୁରୀ ନୃତ୍ୟ, ଆଧୁନିକ ନୃତ୍ୟ, ଗିଲ୍ଡ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଓଡ଼ିଶାର ବିଭିନ୍ନ ସ୍ଥାନରୁ ପ୍ରାୟ ୫୦୦ ପ୍ରତିଯୋଗୀ ଭାଗ ନେଇଥିଲେ। ଅନୁଷ୍ଠାନ ଅଧ୍ୟକ୍ଷା ରୁପଶ୍ରୀ ମହାପାତ୍ର, ସଭାପତି ବଟକୃଷ୍ଣ ପୁଷ୍ପାଳକ, ସମ୍ପାଦକ ସୁକାନ୍ତ କୁମାର ପଟ୍ଟନାୟକ ପ୍ରମୁଖ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଚାଲିବ। ପ୍ରତିଯୋଗିତର କୃତୀ ପ୍ରତିଯୋଗୀଙ୍କୁ ସେହିଦିନ ପୁରସ୍କୃତ କରିବା ସହ କେତେଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ନିଜର ପରାକାଷ୍ଠା ପାଇଁ ସମ୍ମାନିତ କରାଯିବାକୁ ସ୍ଥିର କରାଯାଇଥିବା ନେଇ ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏଥିସହ ବିଶ୍ୱନାଟ୍ୟ ଦିବସ ଅବସରରେ ମଞ୍ଚରେ ଓଡ଼ିଶୀ ଓ ସମର କଳା, ମାଲକମ୍, ରେକର୍ଡ ଡ୍ୟାନ୍ସ ନୃତ୍ୟ ପରିବେଷଣ କରାଯିବ। ଆଜି ଅନୁଷ୍ଠିତ ପ୍ରତିଯୋଗିତାକୁ ଉପସଭାପତି ସୁକେଶ ପ୍ରଧାନ, ସମ୍ପାଦକ ସୁକାନ୍ତ ପଟ୍ଟନାୟକ, ସହସମ୍ପାଦକ ସନ୍ତୋଷ କୁମାର ମହାରଣା ଓ କୁମାର ଭୀମସେନ, ପରିଚାଳନା ସମ୍ପାଦକ ମନୋରଞ୍ଜନ ସାହୁ, ମନୋଜ ଜେନା, କୋଷାଧ୍ୟକ୍ଷ ଜିତେନ୍ଦ୍ର ମୁଦୁଲିଙ୍କ ସମେତ ନୃତ୍ୟ ସଂଘର ସମସ୍ତ କର୍ମକର୍ତ୍ତା ପ୍ରମୁଖ ପରିଚାଳନା କରିବାରେ ସହଯୋଗ କରିଥିଲେ।




ବିଶ୍ୱ ନୃତ୍ୟ ଦିବସ ଉପଲକ୍ଷେ ପୁରୀ ପୌରସଦନରେ ରବିବାର ଶ୍ରୀକ୍ଷେତ୍ର ନୃତ୍ୟ ଶିଳ୍ପୀ ସଂଘ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିବା ପିଲାଙ୍କ ସହ ଅତିଥିମାନେ ।

# ଅନେକ ପ୍ରଜାତିର ମାଛ ବିଲୁପ୍ତ, ଚିନ୍ତାରେ ମତ୍ସ୍ୟଜୀବୀ

### ଚିଲିକାର ଆୟତନ କମୁଛି

କଣାସ,୨୭।୪(ବିଭୂତି ଭୂଷଣ ତ୍ରିପାଠୀ)

ଚିଲିକାର ଆୟତନ କ୍ରମଶଃ ହ୍ରାସ ପାଉଥିବାରୁ ଓ ଅନେକ ପ୍ରକାର ମାଛ ଚିଲିକାରୁ ବିଲୁପ୍ତ ହୋଇଯାଉଥିବାରୁ ଏହା ଉପରେ ନିର୍ଭର କରୁଥିବା ମତ୍ସ୍ୟଜୀବୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଏକ ଅନୁସନ୍ଧାନ ଅନୁଯାୟୀ, ୧୯୪୫ ମସିହାରେ ଚିଲିକାର ଆୟତନ ୨୯୪୬ ବର୍ଗ କି.ମି. ଥିଲା। ୧୯୭୨ ମସିହାରେ ଏହା ହ୍ରାସ ପାଇ ବନ୍ୟା ସମୟରେ ଜଳଭାଗ ୯୮୭ ବର୍ଗ କି.ମି. ରହୁଥିବାବେଳେ ଗ୍ରୀଷ୍ମକାଳରେ ୭ ଶହ ବର୍ଗ କି.ମି. ରହୁଛି। ୬ ଶହ ବର୍ଗ କି.ମି. ଭିତରେ ଝାଉଁବଣ ସୃଷ୍ଟି କରାଯାଉଥିବାରୁ ଚିଲିକାର ଜଳଭାଗ ଆଶାତୀତ ଭାବେ କମି ଯାଉଥିବା ଅଭିଯୋଗ ହେଉଛି। ଫଳରେ ପୁରୀ ଜିଲାର କଣାସ, ପୁରୀ ସଦର, ବ୍ରହ୍ମଗିରି, କୃଷ୍ଣପ୍ରସାଦ, ଗଞ୍ଜାମ ଜିଲାର ଛତ୍ରପୁର ଓ ଖଲ୍ଲିକୋଟ ତଥା ଖୋର୍ଦ୍ଧା ଜିଲାର ଚିଲିକା ଓ ଟାଙ୍ଗୀ ବ୍ଲକର ପ୍ରାୟ ୨ ଲକ୍ଷ ୫୮ ହଜାର ମତ୍ସ୍ୟଜୀବୀ ଜୀବିକା ହରାଇ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଉଛନ୍ତି।

ଚିଲିକାର ଜଳରାଶି ୯୮୭ ବର୍ଗ କି.ମି. ଆୟତନ ମଧ୍ୟରେ ସୀମିତ ଥିବାବେଳେ ଅଧିକାଂଶ ଜାଗା ଚିଙ୍ଗୁଡ଼ି ମାଫିଆଙ୍କ କବ୍‌ଜାରେ ରହିଛି। ଏକ ସର୍ଭେରୁ ଜଣାପଡ଼ିଛି, ବର୍ତ୍ତମାନ ମତ୍ସ୍ୟଜୀବୀଙ୍କର ୨୩ ହଜାର ୮ ଶହ ଡଙ୍ଗା ପରିବହନ କାର୍ଯ୍ୟରେ ନିୟୋଜିତ ଓ ପ୍ରାୟ ୧୦୮ ପ୍ରଜାତିର ମାଛ ଚିଲିକାରୁ ବିଲୁପ୍ତ ହୋଇଗଲାଣି। କେନ୍ଦ୍ର ଓ ରାଜ୍ୟ ସରକାର ଚିଲିକାର ବିକାଶ ନିମନ୍ତେ ବହୁ କୋଟି ଟଙ୍କା ବ୍ୟୟ କରୁଥିବାବେଳେ ଏହା ଦ୍ରୁତ ଅବନୀତି ଆଡ଼କୁ ଗତି କରୁଥିବାରୁ ବୁଦ୍ଧିଜୀବୀ ଓ ପରିବେଶବିତ୍‌ମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅନେକ ମତ୍ସ୍ୟଜୀବୀ ନିଜ ନିଜର ବେଉସା ହରାଇ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ନିର୍ଯାତିତ ହେଉଥିବା ବିଭିନ୍ନ ଗଣମାଧ୍ୟମରେ ଖବର ବାହାରୁଥିବା ନଜିର ରହିଛି। ମତ୍ସ୍ୟଜୀବୀଙ୍କ ଥଇଥାନ ପାଇଁ ଗୋପୀନାଥପୁର ପୂର୍ବତନ ସରପଞ୍ଚ ଅନାମ ବେହେରା ଦାବି କରିଛନ୍ତି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଶ୍ରମିକ ଆହତ

ନିମାପଡ଼ା,୨୭।୪
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବସ୍‌ଷ୍ଟାଣ୍ଡ ନିକଟ ଜଣଙ୍କ ଘର ଛାତ ଉପରେ ଏକ କମ୍ପାନୀ ପକ୍ଷରୁ ଜଣେ ଶ୍ରମିକ ପ୍ଲାଏ କାର୍ଯ୍ୟ କରୁଥିବାବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ରବିବାର ଆହତ ହୋଇଛନ୍ତି। ତାଙ୍କୁ ଅନ୍ୟ କର୍ମଚାରୀମାନେ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଛନ୍ତି। ଘର ଉପରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଶ୍ରମିକଙ୍କ ମୁହଁ, ହାତ, ଗୋଡ଼ର ବହୁ ଅଂଶ ପୋଡ଼ିଯାଇଛି। ଆହତ ଶ୍ରମିକ ଜଣଙ୍କ ହେଲେ କଟକ ସଦର ଥାନା ଅଧୀନ କୋଠପାଟଣା ଗ୍ରାମର ନିରଞ୍ଜନ ମହାରଣା (୪୦)। ବାରମ୍ବାର ବିଦ୍ୟୁତ୍ ତାରରେ କଭର ଲଗାଇବାକୁ ବିଦ୍ୟୁତ୍ ବିଭାଗକୁ କହୁଥିଲେ ମଧ୍ୟ ସେମାନେ ଶୁଣୁ ନ ଥିବା ଘର ମାଲିକ ପ୍ରମୋଦ ବରାଳ ଅଭିଯୋଗ କରିଛନ୍ତି। ନିରଞ୍ଜନଙ୍କ ଚିକିତ୍ସା ଖର୍ଚ୍ଚ କମ୍ପାନୀ ବହନ କରିବା ସହ ତାଙ୍କୁ କମ୍ପାନୀ ପକ୍ଷରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ଏଆଇଟିୟୁସିର ଜିଲାସ୍ତରୀୟ କନ୍‌ଭେନଶନ

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

ଅଖିଳ ଭାରତ ଟ୍ରେଡ୍ ୟୁନିୟନ କଂଗ୍ରେସ (ଏଆଇଟିୟୁସି) ଓ ସ୍ୱାଧୀନ ଫେଡରେଶନ ପକ୍ଷରୁ ମେ ୨୦ରେ ଦେଶବ୍ୟାପୀ ଶ୍ରମିକ ଧର୍ମଘଟ ଡାକରା ଦିଆଯାଇଛି। ଧର୍ମଘଟକୁ ସଫଳ କରିବା ପାଇଁ ୟୁନିୟନ ପକ୍ଷରୁ ରବିବାର ପୁରୀ ଜିଲାସ୍ତରୀୟ କନ୍‌ଭେନଶନ ପ୍ରଦୀପ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ କୁଳମଣି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ସ୍ୱାର୍ଥ ବିରୋଧୀ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷାକାରୀ ଭାଜପା ସରକାରର ନୂତନ ଶ୍ରମ ଆଇନକୁ ବାତିଲ କରିବା ଦାବିରେ କେନ୍ଦ୍ରୀୟ ସଂଗଠନ ଓ ସ୍ୱାଧୀନ ଫେଡରେଶନ ପକ୍ଷରୁ ଡକରା ଦିଆଯାଇଥିବା ଦେଶବ୍ୟାପୀ ଧର୍ମଘଟକୁ ଜିଲାରେ ସଫଳ କରିବା ପାଇଁ ଏଆଇଟିୟୁସି ସହବନ୍ଧିତ ବିଭିନ୍ନ ଶ୍ରମିକ ସଂଗଠନମାନେ ନିଷ୍ପତ୍ତି ନେଇଛନ୍ତି। ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା, ଜିଲା ସମ୍ପାଦକ ବ୍ରଜବନ୍ଧୁ ପ୍ରଧାନ, ଅଜୟ କୁମାର ମିଶ୍ର, ମନୋରଞ୍ଜନ ପରିଡ଼ା, ସୁରେଶ ଚନ୍ଦ୍ର ବିଶ୍ୱାଳ, ବିପିନ ସାହୁ, ଗୋଲେଖ ନାୟକ ପ୍ରମୁଖ ଶ୍ରମିକ ନେତାମାନେ ଉପସ୍ଥିତ ଥିଲେ ।

## କଳିଙ୍ଗ ବାହିନୀ ପକ୍ଷରୁ ରକ୍ତଦାନ ଶିବିର

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)

'କଳିଙ୍ଗ ବାହିନୀ' ତରଫରୁ ରକ୍ତଦାନ ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସଭା ସଦସ୍ୟ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ଉମାବଲ୍ଲଭ ରଥ, ଜୟନ୍ତ କୁମାର ଷଡ଼ଙ୍ଗୀ, ସଦର ବ୍ଲକ ଅଧ୍ୟକ୍ଷ ଦିବାକର ପାତ୍ର, ପୂର୍ବତନ କାଉନସିଲର ଭକ୍ତ ଚରଣ ଦାସ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଅର୍ବାନ ବ୍ୟାଙ୍କ ଡାଇରେକ୍ଟର ସରୋଜ କୁମାର ନାୟକ, ଓଡ଼ିଶା ଖୋ ଖୋ ଆସୋସିଏଶନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର, ପୁରୀ ବାର୍ ଆସୋସିଏଶନ ସାଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, କ୍ରାଇମବ୍ରାଞ୍ଚ ଏସ୍‌ଆଇ ରବିନାରାୟଣ ମହାନ୍ତି, କୁମ୍ଭାରପଡ଼ା ଥାନା ଏସ୍‌ଆଇ ଆର୍. ନାରାୟଣ ରେଡ୍ଡୀ, ଯୁବନେତା ବିଜୟ କୁମାର ମାଝୀ, ସାମାଜିକ କର୍ମୀ ଜଗନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ମୋଟ ୮୭ ଜଣ ରକ୍ତଦାତା ରକ୍ତଦାନ କରିଥିଲେ। ରକ୍ତଦାତାଙ୍କ ପାଇଁ ଶୀତଳବାମ୍ପ ବ୍ୟବସ୍ଥା କରାଯାଇଥିଲା। ବିଶ୍ୱ ମହାନ୍ତି, ଅନିଲ ସୁବୁଦ୍ଧି, ସୁଚିତ୍ରା ମହାନ୍ତି, ମାନସୀ ନାୟକ, ଉଷାରାଣୀ ପ୍ରଧାନ, ନିରୁପମା ଥାପା, ସ୍ୱାତୀ ଦଳେଇ, ପ୍ରଣତି ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ଉପଦେଷ୍ଟା ଭାରତୀ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦିକା ସନ୍ତୋଷୀ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ନୟାହାଟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ଯୋଗେଶ୍ୱରପୁର,୨୭।୪(ରଶ୍ମିରଞ୍ଜନ ସାହୁ)

ଜମ୍ମୁ-କଶ୍ମୀରର ପହଲଗାମ୍‌ଠାରେ ଆତଙ୍କବାଦୀ ଆକ୍ରମଣରେ ମୃତ ଭାରତୀୟଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରବିବାର ନୟାହାଟ ହାଇସ୍କୁଲର ପୁରାତନ ଛାତ୍ରୀଛାତ୍ରଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚିତ୍ତରଞ୍ଜନ ମିଶ୍ର, ସୁରଜିତ ସାହୁ, ବିନୋଦ ମିଶ୍ର, କଳିଙ୍ଗ ପାତ୍ର, ରିୟାସତ୍ ଅଲ୍ଲୀ, ଫକୀର ବାରିକଙ୍କ ନେତୃତ୍ୱରେ ନୟାହାଟ ମେଡିକାଲ ଛକଠାରୁ ଏକ ବିଶାଳ ପଦୁଆରରେ ୩୦୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ଓ ପୁରାତନ ଛାତ୍ରୀଛାତ୍ର କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ହୋଇ ନୟାହାଟ ବଜାର ପରିକ୍ରମା କରିଥିଲେ।

# ଦୃଢ଼ ଇଚ୍ଛାଶକ୍ତି ସଫଳତାର ମାପକାଠି

### ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ

ନିମାପଡ଼ା,୨୫।୪
(ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)




ଉତ୍ସବରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଏବଂ ଅନ୍ୟ ଅତିଥିବୃନ୍ଦ।

ନିମାପଡ଼ା ପିଏମ୍‌ଶ୍ରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିକ୍ଷାର ବିକାଶ ହେଲେ ଦେଶ ଓ ରାଜ୍ୟର ବିକାଶ ହେବ। ଶିକ୍ଷା ଓ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମିର ବିକାଶ ପାଇଁ ସରକାର ଦୃଢ଼ ସଂକଳ୍ପବଦ୍ଧ ଓ ସଦାଚେଷ୍ଟିତ। କଠିନ ପରିଶ୍ରମ ଓ ଦୃଢ଼ ଇଚ୍ଛାଶକ୍ତିହିଁ ସଫଳତାର ମାପକାଠି ବୋଲି ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଥିଲେ। ବିଶିଷ୍ଟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୂପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ତହସିଲ୍‌ଦାର ମନୋଜ ପ୍ରଧାନ, ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ବିଡିଓ ଡ. ଅଭିଜିତ ଷଡ଼ଙ୍ଗୀ, ବ୍ଲକ ଶିକ୍ଷାଧିକାରୀ ଦ୍ୱିତୀକାନ୍ତ ପ୍ରଧାନ, ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ଆଲୁମିନି କମିଟି ସଭାପତି ଶିକ୍ଷାବିତ୍ ନାରାୟଣ ମିଶ୍ର, ଏନ୍‌ଏସି ଅଧ୍ୟକ୍ଷା ସସ୍ମିତା ସାହୁ ପ୍ରମୁଖ ଯୋଗଦେଇ ଉଚ୍ଚବିଦ୍ୟାଳୟର ଉତ୍ତରୋତ୍ତର କାମନା କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ନନ୍ଦିତା ସାହୁ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତିତ୍ୱ ହାସଲ କରିଥିବା ୭୦ ଜଣ କୃତୀ ଛାତ୍ରଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ୬ଜଣ ପୂର୍ବତନ କୃତୀ ପ୍ରଧାନଶିକ୍ଷକଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବରିଷ୍ଠ ଶିକ୍ଷକ ଦୁର୍ଗାପ୍ରସାଦ ବାରିକ, ଜ୍ୟୋତିରଞ୍ଜନ ରଥ, ରଣଜିତ କେଶରୀ ନାୟକ ପ୍ରମୁଖ ସଂଯୋଜନା କରିଥିଲେ। ସମାରୋହରେ ବହୁ ଶିକ୍ଷାବିତ୍, ଶିକ୍ଷୟିତ୍ରୀଶିକ୍ଷକ, ସ୍ଥାନୀୟ ବହୁ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇଥିଲେ।

# ଭାଷା, ସାହିତ୍ୟ, ସଂସ୍କୃତି ଜୀବନର ତ୍ରିବେଣୀ ଧାରା

ପୁରୀ,୨୭।୪(ଅଜିତ୍ କୁମାର ମହାନ୍ତି)




ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ଓଡ଼ିଆ ସାହିତ୍ୟ ଓ ସଂସ୍କୃତି ପରିଷଦର ତ୍ରୟୋଦଶ ବାର୍ଷିକୋତ୍ସବ ଜିଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର ସଭାପତି ପ୍ରତିମା ମିଶ୍ର ଅଧ୍ୟକ୍ଷତର କରିଥିଲେ। ପୂର୍ବତନ କୁଳପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାଷା, ସାହିତ୍ୟ ଓ ସଂସ୍କୃତି ହେଉଛି ଜୀବନର ତ୍ରିବେଣୀ ଧାରା ବୋଲି କହିଥିଲେ। ଶିଶୁ ସାହିତ୍ୟିକ ଦାଶ ବେନହୁର ମୁଖ୍ୟବକ୍ତା ଭାବେ ଯୋଗଦେଇ ସାହିତ୍ୟ ହେଉଛି ସଂସ୍କୃତିର ମୁହଁ ଏବଂ ଅସ୍ତିତ୍ୱର ପରିଚୟ ବୋଲି କହିଥିଲେ। ଶ୍ରୀଜଗନ୍ନାଥ ଓଡ଼ିଆତ୍ୱର ପ୍ରତୀକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସାହିତ୍ୟିକ ପ୍ରଫେସର ଅଦ୍ୱୈତ ଚରଣ ଧଳ ଓଡ଼ିଆ ଭାଷା ଓ ସଂସ୍କୃତିର ଉନ୍ନତି ପାଇଁ ବକ୍ତବ୍ୟ ରଖିଥିଲେ। ପ୍ରଫେସର ପ୍ରଭାତ ରଞ୍ଜନ ମହାପାତ୍ର ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ସତ୍ୟନାରାୟଣ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ମୁଖପତ୍ର 'ସାତପାହାଚ', ରାଧାମାଧବ ରଥଙ୍କ ଉପନ୍ୟାସ 'ନୂତନ ପୃଥିବୀ' ଓ ଶିଶୁ କିଶୋର ଉପନ୍ୟାସ 'କୁଆଁଟି' ଉନ୍ମୋଚିତ ହୋଇଥିଲା। ସେହିପରି ପ୍ରଫେସର ଡ. କୃଷ୍ଣଚନ୍ଦ୍ର ମିଶ୍ରଙ୍କୁ ସାରସ୍ୱତ ସମ୍ମାନ, କଣ୍ଠଶିଳ୍ପୀ ଅଞ୍ଜଳି ମିଶ୍ରଙ୍କୁ ସଂସ୍କୃତି ସମ୍ମାନ ଏବଂ ଶିଶୁ ସାହିତ୍ୟିକ ବୀରେନ୍ଦ୍ର କୁମାର ସାମନ୍ତରାୟଙ୍କୁ 'ଶିଶୁ- କିଶୋର ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଓଡ଼ିଶା ସଙ୍ଗୀତ ପରିଷଦ ପକ୍ଷରୁ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ କ୍ରିଷ୍ଣା ମହାପାତ୍ର, ଶ୍ୟାମପ୍ରକାଶ ସେନାପତି, କମଳ କୁମାର ଦାଶ ସଂଯୋଜନା କରିଥିଲେ। ପୀତାମ୍ବର ମହାପାତ୍ର ଧନ୍ୟବାଦ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବି ଡ. ଚିତ୍ତରଞ୍ଜନ ମିଶ୍ର ଏବଂ କବି ଚିନ୍ମୟ ବିବେକ ଅତିଥି ଭାବେ ଯୋଗଦେଇ କବିତାର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ମନ୍ଦାକିନୀ ପଟ୍ଟନାୟକ, ଡ. କଲ୍ୟାଣୀ ନନ୍ଦୀ, ଶକୁନ୍ତଳା ଓଝା ଏବଂ କମଳିନୀ ପାଣିଗ୍ରାହୀଙ୍କ ସଂଯୋଜନାରେ ୪୦ ଜଣ କବି ସ୍ୱରଚିତ କବିତା ପାଠ କରିଥିଲେ। ଡ. ଶଙ୍କର୍ଷଣ ପ୍ରଧାନ ଧନ୍ୟବାଦ ଦେଇଥିଲେ। ବିଜୟଲକ୍ଷ୍ମୀ ଦାଶ, ମଞ୍ଜୁଶ୍ରୀ ମିଶ୍ର, ବୀଣାପାଣି ମହାପାତ୍ର, କରୁଣାକର ଭୋଳ, ସହଦେବ ସାହୁ, ସୌମ୍ୟ ରଞ୍ଜନ ମଲ୍ଲିକ, ଦେବାଶିଷ କର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଫଟୋରେ ଖବର









**ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟଣା:** ପିପିଲି ସଚେତନ ନାଗରିକ ମଞ୍ଚ ଏବଂ ଆମିତି ଇଣ୍ଡିଆ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା । ପୁରୀ ଶ୍ରୀମନ୍ଦିର ସମ୍ମୁଖରେ ନିଖିଳ ଓଡ଼ିଶା ସ୍ୱେଚ୍ଛାସେବୀ ମହାସଂଘ ପକ୍ଷରୁ ଦୀପଦାନ । ନିମାପଡ଼ା ବିଜେଡି ପକ୍ଷରୁ ଆୟୋଜିତ କ୍ୟାଣ୍ଡେଲ ଶୋଭାଯାତ୍ରା ।

# ନିଆଁ ଲାଗି ଜଳିଗଲା ଘର,ଦୋକାନ

ଭୁବନେଶ୍ୱର,୨୭।୪(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ସାଲିଆ ସାହି ହାତିଆଶୁଣି ସରସ୍ୱତୀ ଶିଶୁମନ୍ଦିର ପାଖରେ ଥିବା ଏକ ଘର ସହ ତେଜରାତି ଦୋକାନରେ ରବିବାର ଅଗ୍ନିକାଣ୍ଡ ଘଟିଛି। ଅଧଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି ଜଳିଥିବା ଏହି ନିଆଁରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଯାଇଛି। ଖବରପାଇ ଚନ୍ଦ୍ରଶେଖରପୁର ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସକାଳ ପ୍ରାୟ ୯ଟା ବେଳେ ଘରେ କେହି ନ ଥିବାବେଳେ ଏହି ଅଗ୍ନିକାଣ୍ଡ ଘଟିଥିଲା ବୋଲି ଘର ମାଲିକାଣୀ ସୁଦେଷ୍ଣା ସ୍ୱାଇଁ କହିଛନ୍ତି। ଏହି ଅଘଟଣରେ ତେଜରାତି ଦୋକାନ ଓ ଘରେ ଥିବା ବିଭିନ୍ନ ସାମଗ୍ରୀ ସମେତ ଏସି, ୱାଶିଙ୍ଗ ମେଶିନ୍, ଫ୍ରିଜ୍ ଆଦି ମୂଲ୍ୟବାନ ସାମଗ୍ରୀ ଜଳିପୋଡ଼ି ନଷ୍ଟ ହୋଇଯାଇଛି। ଶର୍ଟସର୍କିଟରୁ ଏହି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି ଚନ୍ଦ୍ରଶେଖରପୁର ଫାୟାର ଅଫିସର ବିପ୍ଳବ କୁମାର ଜେନା କହିଛନ୍ତି।

# 'ଜୀବନର ଅନୁଭବକୁ ନେଇ ବାସ୍ତବ ସାହିତ୍ୟ ସୃଷ୍ଟି'

■ପୁସ୍ତକ 'ସଂଘର୍ଷ ଓ ସଫଳତା' ଉନ୍ମୋଚିତ
■୬ଜଣ ପାଇଲେ 'ଚଳାପଥ ସମ୍ମାନ'

ଭୁବନେଶ୍ୱର, ୨୭।୪(ସୌମ୍ୟରଞ୍ଜନ ରାଉତ)



ଚଳାପଥର ୫୧ତମ ଜୟନ୍ତୀ ରବିବାର ଗୀତଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼ାଇ ଯୋଗଦେଇ କହିଲେ, ଜୀବନୀ ସାହିତ୍ୟକୁ ନେଇ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ହୋଇପାରିବ। ରାଜନୀତି, ଭାଷା, ସାହିତ୍ୟ ଓ ସଂସ୍କୃତି କୌଣସି ଜଣେ ବ୍ୟକ୍ତିର ନୁହେଁ, ଏହା ଜନ ସମୂହର ବୋଲି ସେ ମତବ୍ୟକ୍ତ କରିଥିଲେ। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଲେ, ଜୀବନର ଅନୁଭବକୁ ନେଇ ବାସ୍ତବ ସାହିତ୍ୟ ସୃଷ୍ଟି ହୋଇଥାଏ। ରାଜନୈତିକ, ସାମାଜିକ ଚିନ୍ତା ଓ ଚେତନାକୁ ନେଇ ସୃଷ୍ଟି ହେଉଥିବା ଜୀବନୀ ସାହିତ୍ୟ ହେଉଛି ନିଚ୍ଛକ ସତ୍ୟର ପ୍ରତିଫଳନ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ନିର୍ଭୟ ଖବରକାଗଜର ସମ୍ପାଦକ ନବୀନ ଦାସ କହିଲେ, ଶାସନ ଓ ପ୍ରଶାସନ କ୍ଷେତ୍ରରେ ଦେଖାଦେଉଥିବା ବିଶୃଙ୍ଖଳାକୁ ସମ୍ବାଦପତ୍ର ଗୁଡିକ ଏକ ସକାରାତ୍ମକ ଢଙ୍ଗରେ ଉପସ୍ଥାପିତ କରି ସମାଜର କଲ୍ୟାଣ ଲାଗି କାର୍ଯ୍ୟ କରିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ଅତିଥି ଭାବେ ସାମ୍ବାଦିକ ପ୍ରସନ୍ନ ମହାନ୍ତି ଯୋଗଦେଇ କହିଲେ, କଳା, ସାହିତ୍ୟ, ସଂସ୍କୃତିର ସୁରକ୍ଷା ଓ ଉନ୍ନତି ଲାଗି ସରକାରଙ୍କ ଭଳି ଗଣମାଧ୍ୟମର ଭୂମିକା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଜୀବନୀ ସାହିତ୍ୟ ପୁସ୍ତକ ଜନ ଜୀବନର ଚିନ୍ତା ଓ ଚେତନାକୁ ପ୍ରଭାବିତ କରିଥାଏ ବୋଲି ସେ କହିଥିଲେ। ଏହି ଅବସରରେ ଡା. ଶରତ ଚନ୍ଦ୍ର ମିଶ୍ରଙ୍କ ଲିଖିତ ପୁସ୍ତକ ସଂଘର୍ଷ ଓ ସଫଳତାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏଥିସହ ସଲୀଳା ମହାନ୍ତି, ତରୁଣବାଳା ମହାପାତ୍ର, ବିଜୟ କୁମାର ଦାସ, ନଟବର ସାହାଣୀ, ବିକାଶ ରଞ୍ଜନ ଦାସ ଓ ବୀଣାପାଣି ଚୌଧୁରୀଙ୍କୁ 'ଚଳାପଥ ସମ୍ମାନ' ପ୍ରଦାନ କରାଯାଇଥିଲା। ଉତ୍ସବରେ ଚଳାପଥର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ପଣ୍ଡା, ଚଳାପଥର ଉପସଭାପତି ତଥା ସ୍ମୃତିଲିପିର ସମ୍ପାଦକ ଭୁବନ ମୋହନ ମହାନ୍ତି, ପ୍ରଫେସର ଗୀତାଶ୍ରୀ ପ୍ରିୟମ୍ବଦା ପ୍ରମୁଖ ଯୋଗଦେଇଥିଲେ।

# ଓଏଚ୍‌ଆର୍‌ସିରେ ବ୍ୟକ୍ତିଗତ ହାଜର ପାଇଁ ବିଏମ୍‌ସି କମିଶନରଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)

ଭୁବନେଶ୍ୱର ଓକିଲଙ୍କ ଅସ୍ଥାୟୀ ବୈଠକଗୃହ ଭଙ୍ଗା ଘଟଣାରେ ରାଜ୍ୟ ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ରେ ବ୍ୟକ୍ତିଗତ ଭାବେ ହାଜର ହେବେ ବିଏମ୍‌ସି କମିଶନର। ମେ' ୨୨ରେ ହାଜର ହୋଇ ପକ୍ଷ ରଖିବାକୁ କମିଶନରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମାନବାଧିକାର କମିଶନ। ୨୦୨୩ ଏପ୍ରିଲ ୧୧ରେ ଗୌତମନଗରସ୍ଥିତ ଓକିଲଙ୍କ ଅସ୍ଥାୟୀ ବୈଠକ ଖାନାକୁ ବିଏମ୍‌ସି ପକ୍ଷରୁ ବଳପୂର୍ବକ ଭଙ୍ଗାଯାଇଥିଲା। ଏନେଇ ତିନିଜଣ ଓକିଲ ବିଜୟ କୁମାର ପଣ୍ଡା, ଗୋଲକ ବିହାରୀ ନାୟକ ଏବଂ ଶୁଭାଶିଷ ପଣ୍ଡା ଓଏଚ୍‌ଆରସିରେ ଅଭିଯୋଗ କରିଥିଲେ। କମିଶନ ପକ୍ଷରୁ ସବୁ ପକ୍ଷଙ୍କୁ ନୋଟିସ୍ ଜାରି କରିବା ସହ ବିଏମ୍‌ସିର ତତ୍କାଳୀନ ଏନ୍‌ଫୋର୍ସମେଣ୍ଟ ଅଧିକାରୀଙ୍କ ସତ୍ୟପାଠ ଏବଂ ବ୍ୟକ୍ତିଗତ ଶୁଣାଣି କରାଯାଇଥଲା। ସମ୍ପୃକ୍ତ ବୈଠକ ଖାନା ବା ଅସ୍ଥାୟୀ ଗୃହକୁ ବଳପୂର୍ବକ ଭଙ୍ଗାଯାଇଥିବାରୁ ଓକିଲଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା କିମ୍ବା ୧ଟଙ୍କା କ୍ଷତିପୂରଣ ପ୍ରଦାନ ପାଇଁ ବିଏମ୍‌ସି କମିଶନରଙ୍କୁ ଆଦେଶ ଦିଆଯାଇଥିଲା। ଏହି ଆଦେଶକୁ ୪ମାସ ଭିତରେ ପାଳନ ପାଇଁ କମିଶନ ଅଧ୍ୟକ୍ଷ ବିଚାରପତି ଶତ୍ରୁଘନ ପୁଜାହାରୀଙ୍କୁ ନେଇ ଗଠିତ ଜଣିକିଆ ଖଣ୍ଡପୀଠ ୨୦୨୪ ଜୁଲାଇ ୯ରେ ଏହି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଇତି ମଧ୍ୟରେ ୮ମାସ ବିତିଯାଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ଏପରିକି କମିଶନଙ୍କ ଆଦେଶକୁ ନେଇ ବିଏମ୍‌ସି ପକ୍ଷରୁ କୌଣସି ଜବାବ ଦାଖଲ କରାଯାଇ ନାହିଁ। ତେଣୁ ମାନବାଧିକାର କମିଶନଙ୍କ ପକ୍ଷରୁ ବିଏମ୍‌ସି କମିଶନରଙ୍କୁ ବ୍ୟକ୍ତିଗତ ହାଜର ପାଇଁ ଆଦେଶ ଦିଆଯାଇଥିଲା। ପରେ ବିଏମ୍‌ସି କମିଶନରଙ୍କ ପକ୍ଷରୁ ଓକିଲ ଜରିଆରେ ପୁନଃ ଶୁଣାଣି ପାଇଁ ଆବେଦନ ସହ ବ୍ୟକ୍ତିଗତ ହାଜିରାରୁ ଛାଡ଼ ପାଇଁ ଆବେଦନ ହୋଇଥିଲା। ମାତ୍ର ଚଳିତ ମାସ ୧୦ ତାରିଖରେ ଏହି ଆବେଦନର ଶୁଣାଣି ହୋଇ ବିଏମ୍‌ସି କମିଶନରଙ୍କ ବ୍ୟକ୍ତିଗତ ହାଜିରା ଛାଡ଼ ଆବେଦନକୁ ଖାରଜ କରାଯାଇଥିଲା। ଏଥିସହ ମେ' ୨୨ରେ କମିଶନରଙ୍କୁ ବ୍ୟକ୍ତିଗତ ହାଜର ପାଇଁ ଆଦେଶ ଦେବା ସହ ପୁନଃଶୁଣାଣି କରାଯିବ ବୋଲି ସୂଚନା ଦିଆଯାଇଛି।

# ଯୋଗୋତ୍ସବରେ ୮୦୦ରୁ ଊର୍ଦ୍ଧ୍ୱ ପ୍ରତିଭାଗୀ

ବାରଙ୍ଗ/ତ୍ରିଶୂଳିଆ,୨୭।୪(ଲିଙ୍ଗରାଜ ରାଉତ/ତୁଷାରକାନ୍ତ ବେହେରା)

ଆସନ୍ତା ଜୁନ୍ ୨୧ରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଦେଶବ୍ୟାପୀ ୧୦୦ ଦିନିଆ ଅବଗଣନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ସ୍ଥାନୀୟ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟରେ ରବିବାର ୫୫ତମ ଦିନ ଅବଗଣନା କାର୍ଯ୍ୟକ୍ରମ ଅଧୀନ ଏକ ବିଶାଳ ଯୋଗ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଶ୍ୱବିଦ୍ୟାଳୟ କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ଅତିଥି ଭାବେ ଯୋଗଦେଇ ଯୋଗ ହେଉଛି ସମଗ୍ର ମାନବ ସମାଜର ସ୍ୱାସ୍ଥ୍ୟ ସୁରକ୍ଷାକାରୀ। ଏକ ପୃଥିବୀ ଓ ଏକ ସ୍ୱାସ୍ଥ୍ୟ ପାଇଁ ଯଦି କାହାର ସର୍ବାଧିକ ଭୂମିକା ଥାଏ, ତେବେ ସିଏ ହେଉଛି ଯୋଗ। ଏହା ସମଗ୍ର ପୃଥିବୀ ଓ ମାନବ ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ନିମନ୍ତେ ଏକ ଅବ୍ୟର୍ଥ ମହୌଷଧି ବୋଲି ନିଜ ଅଭିଭାଷଣରେ କହିଛନ୍ତି। ଅନ୍ତର୍ଜାତୀୟ ଯୋଗ ଦିବସ ୨୦୨୫ ପାଇଁ ଅବଗଣନା କାର୍ଯ୍ୟକ୍ରମର ଅଂଶ ଭାବେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରଣାଳୟ ଅଧୀନସ୍ଥ ମୋରାରଜୀ ଦେଶାଇ ଜାତୀୟ ଯୋଗ ସଂସ୍ଥା ସହଯୋଗରେ ଏହି ଯୋଗୋତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ସ୍ୱାମୀ ସତ୍ୟଚୈତନ୍ୟଙ୍କ ସହିତ ଭୁବନେଶ୍ୱରସ୍ଥିତ ସିଆର୍‌ପିଏଫ୍ ଇନ୍ସପେକ୍ଟର ଶୀତଲ କୁମାର ଘୋଷ, ମୁଣ୍ଡଳିସ୍ଥିତ ଏନ୍‌ଡିଆର୍‌ଏଫ୍ ଇନ୍ସପେକ୍ଟର କେ. ଏସ୍. ଯାଦବ, ସିଆଇଏସ୍‌ଏଫ୍ ସବ୍ ଇନ୍ସପେକ୍ଟର ଅଲ୍ଲି ଅମଜାଦ, ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ର କଲ୍ୟାଣ ବିଭାଗ ଡିନ୍ ପ୍ରାଧ୍ୟାପକ ଜୟପ୍ରକାଶ ଭଞ୍ଜ, ସ୍ୱାସ୍ଥ୍ୟ ଓ ସୁସ୍ଥତା ବିଭାଗ ଡିନ୍ ପ୍ରାଧ୍ୟାପକ (ଡ.) ତୀର୍ଥଙ୍କର ଘୋଷ ଏବଂ ବିଶ୍ୱବିଦ୍ୟାଳୟର ସମସ୍ତ ବିଭାଗର ଡିନ୍, ଅଧ୍ୟାପିକା, ପ୍ରାଧ୍ୟାପକ, କର୍ମଚାରୀ ଓ ଶିକ୍ଷାର୍ଥୀ ପ୍ରମୁଖ ଉପସ୍ଥିତ ଥିଲେ।



ସମକକ୍ଷ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ଶାସ୍ତ୍ରୀୟ ନୃତ୍ୟ ଉତ୍ସବରେ ଯୋଗଦେଇଥିବା ଅତିଥି।

# ଅଭିଭୂତ କଲା ହରିଣୀ ଜୀବିତାଙ୍କ ଭାରତନାଟ୍ୟମ୍

ଭୁବନେଶ୍ୱର, ୨୭।୪(ସୌମ୍ୟରଞ୍ଜନ ରାଉତ)



ସମକକ୍ଷ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ନୃତ୍ୟ ଉତ୍ସବ ରବିବାର ଉତ୍କଳ ରଙ୍ଗମଞ୍ଚଠାରେ ଅନୁଷ୍ଠିତ ହୋଇଯାଇଛି। ରୁଦ୍ରପ୍ରସାଦ ସ୍ୱାଇଁ ଓଡ଼ିଶୀ ମାଧ୍ୟମରେ ଶ୍ରୀଜଗନ୍ନାଥ ସ୍ତବ ସହ ଅଭିମନ୍ୟୁଙ୍କ ସାହସ ଓ ବୀରତ୍ୱ ଗାଥା ପରିବେଷଣ କରିଥିଲେ। ପରେ ଭାରତନାଟ୍ୟମ୍‌ରେ ନୃତ୍ୟଶିଳ୍ପୀ ହରିଣୀ ଜୀବିତା ବ୍ରହ୍ମୋତ୍ସବ ନୃତ୍ୟ ପରିବେଷଣ କରିଥିଲେ। ସେ ଦେବ ଆବାହନ ସହ ବର୍ନମ୍ ଓ ତିଲ୍ଲାନାରେ ଚମତ୍କାର ପରିବେଷଣ କରି ଦର୍ଶକଙ୍କୁ ଅଭିଭୂତ କରିଥିଲେ। କାର୍ଯ୍ୟକ୍ରମରେ ଅତିଥି ଭାବେ ଗୁରୁ ଡ. ରତିକାନ୍ତ ମହାପାତ୍ର, ଗୁରୁ ପ୍ରଣତି ମହାନ୍ତି, ଗୁରୁ ସିକ୍ତା ଦାସ, ଗୁରୁ ମୀରା ଦାସ, ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଗୁରୁ ପୀତାମ୍ବର ବିଶ୍ୱାଳ, ଗୁରୁ ସୁଜାତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଡ. ମୃତ୍ୟୁଞ୍ଜୟ ରଥ ମଞ୍ଚ ପରିଚାଳନା କରିଥିବାବେଳେ ସୋନାଲି ମହାନ୍ତି ଓ ଅର୍ପିତା ପାଣି ଧନ୍ୟବାଦ ଦେଇଥିଲେ।

# 'ଉନ୍ମୁକ୍ତ ଉତ୍ସବ'ରେ ପ୍ରତିଭା ଦେଖାଇଲେ କୁନିପିଲା

ଭୁବନେଶ୍ୱର, ୨୭।୪ (ବନ୍ଦନା ସେଠୀ)

ଉନ୍ମୁକ୍ତ ଫାଉଣ୍ଡେଶନ ପକ୍ଷରୁ ସୋଆ ବିଶ୍ୱବିଦ୍ୟାଳୟଠାରେ 'ଉନ୍ମୁକ୍ତ ଉତ୍ସବ' ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଖୋର୍ଦ୍ଧା ଜିଲାପାଳ ଚଞ୍ଚଳ ରାଣା, ଓଡ଼ିଶୀ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ଇଲିଆନା ଚିତାରିସ୍ତି, ସିଓ୍ୱାଇଏସ୍‌ଡିର ଜଗଦାନନ୍ଦ, ଲଳିତକଳା ଏକାଡେମୀର ପୂର୍ବତନ ସଚିବ ତଥା ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ା, ଭାଲେଣ୍ଟିନା ଭାଲେନା, ଓମ୍ ପ୍ରିୟଦର୍ଶୀ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ କୁନି ପିଲାଙ୍କ ଦ୍ୱାରା ପ୍ରସ୍ତୁତ ୮୯ଟି ଚିତ୍ରକଳା ପ୍ରଦର୍ଶିତ ହୋଇଥିଲା। ସେମାନଙ୍କ ନଜରରେ 'ସ୍ୱାଧୀନତା ର ଅର୍ଥ କ'ଣ ?' ତାହା ପିଲାଙ୍କ ଚିତ୍ରକଳାରେ ପ୍ରତିଫଳିତ ହୋଇଥିଲା। ଏଥିସହ ସ୍ଥିରତା ଏବଂ ସ୍ୱପ୍ନକୁ ନେଇ ପିଲାମାନେ ବେଶ୍ ସୁନ୍ଦର ଛବି ଆଙ୍କିଥିଲେ, ଯାହାକି ଅତିଥିଙ୍କ ସମେତ ଦର୍ଶକମାନଙ୍କୁ ଆକୃଷ୍ଟ କରିଥିଲା। ଏହାପରେ ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ୱେତା ଅଗ୍ରୱାଲ କହିଲେ, ପିଲାମାନଙ୍କୁ ଠିକ୍ ରାସ୍ତା ଦେଖାଇବା ସହ ସେମାନଙ୍କ ମନ ଓ ଭାବନାକୁ ବୁଝିବା ଏବଂ ସେହି ଅନୁଯାୟୀ ସେମାନଙ୍କୁ ଆଗକୁ ବଢିବାକୁ ଫାଉଣ୍ଡେଶନ ପ୍ରେରଣା ଯୋଗାଉଛି।




'ଉନ୍ମୁକ୍ତ ଉତ୍ସବ'ରେ ଶିଶୁ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ୧୫୧ ୟୁନିଟ୍ ରକ୍ତ ସଂଗ୍ରହ

ପୁରୁଣା ଭୁବନେଶ୍ୱର,୨୭।୪(ସୁବାସ ଚନ୍ଦ୍ର ପ୍ରଧାନ)

କଳିଙ୍ଗ ଯୁବସେନା ପକ୍ଷରୁ ରବିବାର ମେଗା ରକ୍ତଦାନ ଶିବିର ଧଉଳିସ୍ଥିତ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୧୫୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଶିବିରକୁ ବିଏମ୍‌ସି ହସ୍ପିଟାଲ ଡାକ୍ତର ଏବଂ କର୍ମଚାରୀମାନେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ଏକାମ୍ର ବିଧାୟକ ବାବୁ ସିଂ, ସମ୍ମାନିତ ଅତିଥି ଭାବେ ଗ୍ରାମୋଦ୍ୟୋଗ ଓ ଖଦିବୋର୍ଡର ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ପାଇକରାୟ, ଜିଲା ପରିଷଦ ସଭ୍ୟ ସୁବାସ ସୁନ୍ଦରାୟ, ଯୁବନେତା ରଞ୍ଜିତ ମହାପାତ୍ର, ସରପଞ୍ଚ ଚନ୍ଦନ କୁମାର ମଲିକ, ବିଜେଡିର ପୂର୍ବତନ ଜିଲା ଉପଦେଷ୍ଟା ମନୋରଞ୍ଜନ ମହାନ୍ତି, ଅରୁଣ ପୁରୋହିତ, ଆଞ୍ଚଳିକ ବିକାଶ ପରିଷଦ ସଭାପତି ବୃନ୍ଦାବନ ସାହୁ, ଯୁବନେତା ବୁଲୁ ନାୟକ, ଆଲୋକ ରଞ୍ଜନ ସାହୁ, ରାଜେନ୍ଦ୍ର ସାହୁ, ସୁମନ୍ତ ସୁବୁଦ୍ଧି, ଛାତ୍ରନେତା ରକି ଦାଶ, ଯୁବନେତା ଅଜୟ ସ୍ୱାଇଁ, ରାଜକିଶୋର ଜେନା, ବିଶ୍ୱ ପ୍ରତାପ ସାହୁ, ବିନ୍ଦୁସାଗର ପ୍ରଧାନ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

# ଦାମୀ କାର୍‌ରେ ଗୋରୁ ଚୋରି, ଭିଡିଓ ଭାଇରାଲ

ବାରଙ୍ଗ,୨୭।୪(ଲିଙ୍ଗରାଜ ରାଉତ)

ବାରଙ୍ଗ ମୁଖ୍ୟରାସ୍ତାରୁ ନିସ୍ତବ୍ଧ ରାତିରେ ଗୋରୁ ଚୋରୀ ହେଉଛି। ତ୍ରିଶୂଳିଆ-ବାଙ୍କୀ ମୁଖ୍ୟରାସ୍ତା ଫକିରପଡ଼ା ଗ୍ରାମ ନିକଟରୁ ଶନିବାର ବିଳମ୍ବିତ ରାତିରେ ଏକ ନମ୍ବର ବିହୀନ ଦାମୀ କାର୍‌ରେ ଗୋରୁ ଚୋରି ହେବାର ଦୃଶ୍ୟ ଏବେ ଭାଇରାଲ ହେବାରେ ଲାଗିଛି। ଶନିବାର ରାତ୍ରି ପ୍ରାୟ ୨ଟା ୨୦ ମିନିଟ ସମୟରେ ଗୋଟିଏ ନମ୍ବର ବିହୀନ ଦାମୀ କାର୍‌ରେ ୪ ଜଣ ଯୁବକ ଫକିରପଡ଼ା ଗ୍ରାମ ମୁଣ୍ଡରେ ଓହ୍ଲାଇଲେ। ସେଠାରେ ବୁଲୁଥିବା ଏକ ଛୋଟ ବାଛୁରୀକୁ ସେମାନେ ଧରି କାର୍‌ରେ ଭର୍ତ୍ତି ସେଠାରୁ ଦ୍ରୁତଗତିରେ ପଳାଇଯିବାର ଦୃଶ୍ୟ ସିସିଟିଭିରେ କଏଦ୍ ହୋଇଛି। ରବିବାର ସକାଳୁ ରାସ୍ତାପାର୍ଶ୍ୱ ଦୋକାନରେ ଲାଗିଥିବା ସିସିଟିଭି ଫୁଟେଜରୁ ଏହା ଜଣାପଡ଼ିବା ପରେ ଭିଡିଓଟି ଭାଇରାଲ ହେବାରେ ଲାଗିଛି। ଏନେଇ ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ରବିବାର ବାରଙ୍ଗ ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଆଧାରରେ ବାରଙ୍ଗ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ପ୍ରତିଶ୍ରୁତି ପରେ ଧାରଣାରୁ ହଟିଲା ଏବିଭିପି, ବିସିଜେଡି

## ପାଣି ପିଆଇ ଅନଶନ ଭାଙ୍ଗିଲେ କୁଳପତି

ଭୁବନେଶ୍ୱର,୨୭।୪(ସୁଚିସ୍ମିତା ସାହୁ)





ଉତ୍କଳ ବିଶ୍ୱବିଦ୍ୟାଳୟରୁ ଅଣଛାତ୍ର ହଟାଇବା, କ୍ୱାର୍ଟର୍ସ ଖାଲି କରିବା, ପାଚେରି ସଜାଡିବା ଏବଂ ବସ୍ତି ଉଚ୍ଛେଦ ଭଳି ବିଭିନ୍ନ ଦାବି ନେଇ ଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)ର କେତେଜଣ ଛାତ୍ର ୪ଦିନ ଧରି ଅହୋରାତ୍ର ଆମରଣ ଅନଶନରେ ବସିଥିଲେ। ରବିବାର ସକାଳ ୧୦ଟା ୩୦ରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ, ରେଜିଷ୍ଟ୍ରାର ଏବଂ ଅଧିକାରୀମାନେ ଛାତ୍ରଙ୍କୁ ବୁଝାଶୁଝା କରି ପାଣିପିଆଇ ଅନଶନ ଭାଙ୍ଗିଥିଲେ। ଦୁଇ ସପ୍ତାହ ଭିତରେ ପରୀକ୍ଷା ସରିବ। ଏହାରି ଭିତରେ ସମସ୍ତ ପ୍ରକ୍ରିୟା ଆରମ୍ଭ କରାଯିବ ବୋଲି ଅଧିକାରୀମାନେ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ ଏବିଭିପିର ଛାତ୍ରମାନେ ଆନ୍ଦୋଳନରୁ ଉଠିଥିଲେ। ଅନ୍ୟପଟେ ବିଜୁ ଛାତ୍ର ଜନତା ଦଳ(ବିସିଜେଡି) ପକ୍ଷରୁ ମଧ୍ୟ ବହୁ ଛାତ୍ର ବିଭିନ୍ନ ଦାବି ନେଇ ଧାରଣା ଦେଇଥିଲେ। ଦାବି ଅନୁସାରେ ରବିବାର ଗୋଟିଏ ଫାଟକରେ ତାଲା ପକାଯାଇଛି। ବସ୍ତି ଉଚ୍ଛେଦ ପାଇଁ ବିଏମ୍‌ସି ଏବଂ ବିଡିଏକୁ କୁହାଯିବ। ଖୁବଶୀଘ୍ର ପାଚେରି କରାଯିବା ସହିତ ବସ୍ତି ହଟାଯିବ। ପ୍ରଶାସନିକ କାର୍ଯ୍ୟାଳୟ ସମ୍ମୁଖରେ ଏକ ବଡ ପତାକା ଲଗାଯିବା ସହ ତୁରନ୍ତ ଚାଲିଥିବା କାର୍ଯ୍ୟ ଶେଷ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ବିସିଜେଡିର ଛାତ୍ରମାନେ ଧାରଣାରୁ ଉଠିଥିଲେ।

# ମିଶନ ଡ୍ରିମ୍‌ସର ଫ୍ୟାଶନ ସପ୍ତାହ

ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)

କୋଲକାତାର ଆର୍ଟ ଆଣ୍ଡ ଏଣ୍ଟରଟେନମେଣ୍ଟ ଅନୁଷ୍ଠାନ ମିଶନ ଡ୍ରିମ୍ସ ପକ୍ଷରୁ ଏକାମ୍ର ହାଟରେ ଏକ ଫ୍ୟାଶନ ସପ୍ତାହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଉରକେଲା, ଯୋଡ଼ା, ସମ୍ବଲପୁର, ବାରିପଦା, ବାଲେଶ୍ୱର, ପୁରୀ, ବଡ଼ବିଲର ଫ୍ୟାଶନ ଡିଜାଇନର ଓ ମଡେଲମାନେ ଯୋଗଦେଇଥିଲେ। ଓଡ଼ିଶାର ଖଦି କୁଟୀରଶିଳ୍ପ ଉଦ୍ୟୋଗୀ ଓ ସମ୍ବଲପୁରୀ ବୁଣାକାରମାନଙ୍କୁ ଉତ୍ସାହିତ କରିବାକୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିବା ମିଶନ ଡ୍ରିମ୍ସର ପ୍ରତିଷ୍ଠାତା ନିର୍ଦ୍ଦେଶିକା ପ୍ରିୟା ପ୍ରିୟମ୍ବଦା ନାୟକ କହିଛନ୍ତି। ଦେଶ ଓ ଦେଶ ବାହାରେ ଓଡ଼ିଶାର ହସ୍ତଶିଳ୍ପ, କୁଟୀର ଶିଳ୍ପ ତଥା ହସ୍ତତନ୍ତର ବହୁଳ ପ୍ରସାର ଓ ପ୍ରଚାର ପାଇଁ ତାଙ୍କର ଏହି ପ୍ରଚେଷ୍ଟାରେ ସହଯୋଗ କରିବାକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ପର୍ଯ୍ୟଟନ ବିଭାଗ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଖଦୀ ଓ ଗ୍ରାମଦ୍ୟୋଗ କମିଶନର ନିର୍ଦ୍ଦେଶକ ସୁବାସ ଛେତ୍ରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଭାମାନଙ୍କୁ ପୁରସ୍କୃତ କରିଥିଲେ। 'ଈଶ୍ୱର'ର ସମ୍ପାଦିକା ମଞ୍ଜୁଲତା ନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିବାବେଳେ ଫ୍ୟାଶନ ଡିଜାଇନର ଜିତ୍ ଜଗଜିତ୍, ସୌରଭ ଦାସ, ଦର୍ବି ଥାପା ଏବଂ ମିଶନ ଡ୍ରିମସ୍‌ର ଓଡ଼ିଶା ମୁଖ୍ୟ ପ୍ରଭାସ ରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟକ୍ତିତ୍ୱ ବିକାଶ କର୍ମଶାଳା

ଭୁବନେଶ୍ୱର, ୨୭।୪ (ସୌମ୍ୟରଞ୍ଜନ ରାଉତ)

ଲିଟିଲ ଷ୍ଟାର୍ ଗ୍ରୁପ ନିମାପଡ଼ା ପକ୍ଷରୁ ୨୩ତମ ବ୍ୟକ୍ତିତ୍ୱ ବିକାଶ କର୍ମଶାଳା ରବିବାର ପାତ୍ରପଡ଼ାସ୍ଥିତ ଏନ୍‌ଏମ୍‌ଆଇଟିଠାରେ ଉଦ୍‌ଯାପିତ ହୋଇଯାଇଛି। ପିଲାଙ୍କ ବୌଦ୍ଧିକ ବିକାଶ ପାଇଁ ଗଳ୍ପ, କବିତା, ରଚନା, ଚିତ୍ରାଙ୍କନ, ନୃତ୍ୟ, ଗୀତ, ବକ୍ତୃତା ଆଦି ବିଭାଗରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ଶିକ୍ଷା ଭ୍ରମଣରେ କଳାଭୂମି, ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ନିଆଯାଇଥିଲା। କାର୍ଯ୍ୟକ୍ରମରେ ଏନ୍‌ଏମ୍‌ଆଇଟି ମାନବ ସମ୍ବଳ ବିଭାଗର ନିର୍ଦ୍ଦେଶିକା ରିଟା ପରିଡା, ଅନ୍ୟତମ ନିର୍ଦ୍ଦେଶକ ବିଘ୍ନେଶ ରାଉତ, ଅଧ୍ୟକ୍ଷ ଡ. ନିରଞ୍ଜନ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଊର୍ମିଳା ମହାରଣା, ଗୌରୀ ଶଙ୍କର ମହାପାତ୍ର କର୍ମଶାଳା ପରିଚାଳନା କରିଥିଲେ।

## ଫଟୋରେ ଖବର



ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଖୋର୍ଦ୍ଧା ଜିଲା ସମ୍ମିଳନୀ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରସ୍ଥିତ ତାଳପଦେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଜୀବନ ସଦସ୍ୟ ଯୋଗ ଦେଇ ସଂସଦର ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା କରିଛନ୍ତି।




ସୃଷ୍ଟି ଓ ସ୍ରଷ୍ଟା ସାହିତ୍ୟ, କଳା, ସଂସ୍କୃତି ବିକାଶ ଟ୍ରଷ୍ଟ ପକ୍ଷରୁ ଗୋଦାବରୀଶ ସାହିତ୍ୟ ସଂସଦଠାରେ ରବିବାର ଅନୁଷ୍ଠିତ ସାହିତ୍ୟ ଆଲୋଚନା ଓ କବିତା ଆସରରେ ଅତିଥିମାନେ ପୁସ୍ତକ ଲୋକାର୍ପଣ କରୁଛନ୍ତି।

## ସଂକ୍ଷେପରେ

### ଗ୍ୟାସ ଟ୍ୟାଙ୍କର ଧକ୍କାରେ ଯୁବକଙ୍କ ଜୀବନଗଲା

ଯାଁଳା,୨୭।୪(ବୁଲା ବାରିକ)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର ତଳଖେତା ଛକ ସର୍ଭିସ ରୋଡରେ ରବିବାର ଏକ ଗ୍ୟାସ ଟ୍ୟାଙ୍କର ଚାପାରେ ଜଣେ ଯୁବକଙ୍କ ମତ୍ୟୁ ଘଟିଛି। ମୃତକ ହେଲେ ଯାଁଳାରେ ରହୁଥିବା ଲଙ୍ଗଳେଶ୍ୱରର ମିଟୁ ତରାଇ(୩୯)। ସୂଚନା ମୁତାବକ, ମିଟୁ ଯାଁଳା ପଞ୍ଚାୟତ ଓଗାଳପଡ଼ା ଛକରେ ନନ୍ଦ ତିଆରି କରି ବ୍ୟବସାୟ କରନ୍ତି। ରବିବାର ରାତି ୧୦ଟାରେ କାମ ସାରି ବାଇକରେ କୌଣସି କାମରେ ଜଟଣୀ ଯାଉଥିଲେ। ତଳଖେତା ଛକ ଜଟଣୀ ଗେଟ ବୁଲିବା ବେଳେ ପଛରୁ ଆସୁଥିବା ଏକ ଗ୍ୟାସ ଟ୍ୟାଙ୍କର ତାଙ୍କ ଉପରେ ମାଡ଼ିଯାଇଥିଲା। ସ୍ଥାନୀୟ ଲୋକ ଟ୍ୟାଙ୍କରକୁ ଅଟକାଇବା ସହ ଗୁରୁତର ଅବସ୍ଥାରେ ମିଟୁଙ୍କୁ ଉଦ୍ଧାର କରିଥିଲେ। ଖବରପାଇ ଇନ୍‌ଫୋଭ୍ୟାଲି ଥାନା ପିସିଆର ପହଞ୍ଚି ଗୁରୁତର ମିଟୁଙ୍କୁ ଚିକିତ୍ସା ପାଇଁ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟ ପଠାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ଭାଜପା ଜଟଣୀ ମଣ୍ଡଳ ନୂତନ ପଦାଧିକାରୀ ମନୋନୀତ

ଜଟଣୀ,୨୭।୪(ରବୀନ୍ଦ୍ରନାଥ ମହାକୁଡ଼)

ଭାଜପାର ଜଟଣୀ ମଣ୍ଡଳ ପଦାଧିକାରୀ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ଭାଜପାର ନୂତନ ନଗର ମଣ୍ଡଳ ଉପସଭାପତି ଭାବେ ନାଗଭୂଷଣ ରାୟ, ଛବି ପାଇକରାୟ, ଅନ୍ନପୂର୍ଣ୍ଣା ସାହୁ, ରୋଶନ କୁମାର ଦାସ, ନାରାୟଣ ମହାନ୍ତି, ଜାନକୀ ପ୍ରଧାନ ପ୍ରମୁଖ ମନୋନୀତ ହୋଇଛନ୍ତି। ସେହିଭଳି ସାଧାରଣ ସମ୍ପାଦକଭାବେ ପ୍ରଦୀପ ଜେନା, ପରେଶ ପଟ୍ଟନାୟକ, ସମ୍ପାଦକଭାବେ କୁଇନ ଦାସ, ଯୋଗେନ୍ଦ୍ର ନାୟକ, ସୁମିତ୍ରା ସାବତ, ଦିଲୀପ ଅଗ୍ରୱାଲ, କନକ ପ୍ରଧାନ, ପ୍ରଭାସ କୁମାର ମହାକୁଡ଼, କୋଷାଧ୍ୟକ୍ଷଭାବେ ସତୀଶ ଯୋଶୀ, ମିଡିଆ ସେଲ୍ ଚିତ୍ତରଞ୍ଜନ ସୁନ୍ଦରାୟ, ଅର୍ବାନ ସେଲ୍ ସରୋଜ ପଣ୍ଡା ଏବଂ ବ୍ୟବସାୟୀ ସେଲ୍ ପାଇଁ ସୁରେଶ ପ୍ରଧାନ ସର୍ବସମ୍ମତିକ୍ରମେ ମନୋନୀତ ହୋଇଥିବା ଜଟଣୀ ନଗର ମଣ୍ଡଳ ଭାଜପା ସଭାପତି ତିରୁପତି ଶତପଥୀ କହିଛନ୍ତି।

### 'ଜନମ ନେଇଛି କାନ୍ଦିବା ପାଇଁ' ନାଟକ ମଞ୍ଚସ୍ଥ

ବେଗୁନିଆ,୨୭।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ କଣ୍ଟାମଳିମ ଗ୍ରାମର ମା'ବାଉତୀ ଦେବୀ ମନ୍ଦିରର ଅଷ୍ଟମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଉପଲକ୍ଷେ ଜୟଦୁର୍ଗା ନାଟ୍ୟ ସଂସଦ ପକ୍ଷରୁ ୨୮ତମ ବାର୍ଷିକ ମୁକ୍ତମଞ୍ଚ ନାଟକ ପରିବେଷଣ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ଜମ୍ମେଶ୍ୱର ରାଉତରାୟଙ୍କ ଅଧ୍ୟକ୍ଷତା ଏବଂ କବି ଜଗଦୀଶ ପାତ୍ରଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ସମିତିସଭ୍ୟ ନଳିନୀ ପଣ୍ଡା, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାସ୍କର ଲେଙ୍କା, ଉପସଭାପତି ଅଜୟ କୁମାର ମାର୍ଥା, ସମ୍ପାଦକ ଆର୍ତ୍ତବନ୍ଧୁ ମାଝୀ, କୋଷାଧ୍ୟକ୍ଷ ବାଉରି ବନ୍ଧୁ ପାଇକରାୟ ପ୍ରମୁଖ ଅତିଥିଭାବେ ଯୋଗଦେଇ ନାଟକ ଶୃଙ୍ଖଳିତ ଜୀବନଯାପନ କରିବା ପାଇଁ ଶିକ୍ଷା ଦେଇଥାଏ ବୋଲି କହିଥିଲେ। ପରେ ଗ୍ରାମ୍ୟ କଳାକାରଙ୍କ ଦ୍ୱାରା ନାଟକ 'ଜନମ ନେଇଛି କାନ୍ଦିବା ପାଇଁ' ମଞ୍ଚସ୍ଥ ହୋଇଥିଲା।

# ପାଇପ୍ ପାଣିରୁ ବଞ୍ଚିତ ୨୨ ୱାର୍ଡବାସିନ୍ଦା

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ପୂର୍ବାହ୍ନ ୧୧ଟା ପରେ ଲୋକେ ଘରୁ ବାହାରିବା ପାଇଁ ଭୟ କରୁଛନ୍ତି। ରାସ୍ତାଘାଟ ଶୂନ୍‌ଶାନ ହୋଇପଡୁଛି। ଅନ୍ୟପଟେ ପାନୀୟଜଳ ଏବଂ ବିଦ୍ୟୁତ୍‌ଜନିତ ସମସ୍ୟା ଅଭିଯୋଗ ପାଇବାର ୨୪ଘଣ୍ଟା ମଧ୍ୟରେ ସମାଧାନ ପାଇଁ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ଆୟୋଜିତ ଅଂଶୁଘାତ ମୁକାବିଲା ବୈଠକରେ ଜିଲାପାଳ ଚଞ୍ଚଳ ରାଣା ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ଅବହେଳା କିମ୍ବା କୌଣସି ଯାନ୍ତ୍ରିକ ତ୍ରୁଟି ଯୋଗୁ ଗତ ଦୁଇଦିନ ହେବ ଖୋର୍ଦ୍ଧା ସହରର ୨୨ଟି ୱାର୍ଡରେ ପାଇପ୍ ପାଣି ଆସୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ସହରବାସୀ ବିଶୁଦ୍ଧ ପାଣି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏନେଇ ଅଭିଯୋଗ ସତ୍ତ୍ୱେ କେହି ଅଧିକାରୀ ସନ୍ତୋଷଜନକ ଉତ୍ତର ରଖିବା ପରିବର୍ତ୍ତେ ଜଣେ ଅନ୍ୟ ଜଣଙ୍କ ଉପରେ ଦୋଷ ଲଦି ଖସିଯାଉଛନ୍ତି। ଅନ୍ୟପଟେ ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ପ୍ରଥମେ ରେଲୱେ, ନାଇଜର, ଆଇଆଇଟି, ମେଡିକାଲ, ଶିକ୍ଷାନୁଷ୍ଠାନକୁ ପାଣି ଯୋଗାଇବା ପରେ ସାଧାରଣ ଲୋକଙ୍କ ସମସ୍ୟା କଥା ବୁଝାଯିବ ବୋଲି କହିଛନ୍ତି। ଅନ୍ୟପଟେ ୱାଟକୋ ଅଧିକାରୀଙ୍କୁ ଯୋଗାଯୋଗ ସତ୍ତ୍ୱେ ସହଯୋଗ କରୁନାହାନ୍ତି ବୋଲି ଗୁରୁଜଙ୍ଗର ସୌର୍ଯ୍ୟରଞ୍ଜନ ମହାନ୍ତି, ପ୍ରଭାତ ବଳିୟାରସିଂହ, ରଣଜିତ୍ ମହାପାତ୍ର ପ୍ରମୁଖ କହିଛନ୍ତି। ଖୋର୍ଦ୍ଧା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ ୧୦ରୁ ଊର୍ଦ୍ଧ୍ୱ ପୋଖରୀ ରହିଥିବା ବେଳେ ସବୁଠି ଜଳସ୍ତର କମ୍ ରହିଛି। ଏକାଧିକ ନଳକୂପ ଅଚଳ ହୋଇପଡିଛି। ଫଳରେ ଲୋକେ ପାଣି ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମ ପ୍ରଭାବକୁ ଦୃଷ୍ଟିରେ ଗୋରୁଙ୍କ ପାଇଁ ପାଣିର ବ୍ୟବସ୍ଥା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶ ସତ୍ତ୍ୱେ ପୌରାଞ୍ଚଳ ପକ୍ଷରୁ ସେଭଳି କୌଣସି ବ୍ୟବସ୍ଥା କରାଯାଇ ନାହିଁ। ସେହିପରି ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଖୋଲାଯାଇଥିବା ବେଳେ ମାଠିଆରେ ପାଣି ନ ଥିବା ଦେଖିବାକୁ ମିଳିଛି। ମଧ୍ୟାହ୍ନରେ ପୁରୁଣା ବସ୍‌ଷ୍ଟାଣ୍ଡ, ପୂର୍ତ୍ତ ବଙ୍ଗଳା ନିକଟରେ ବସ୍‌କୁ ଅପେକ୍ଷା କରି ରହୁଥିବା ଲୋକେ ପାଣି ପାଇଁ ହଇରାଣ ହେଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ୱାଟ୍‌କୋ ମ୍ୟାନେଜର ମହାଦେବ ବେହେରା କହିଛନ୍ତି, କୌଣସି କାରଣ ଯୋଗୁ ସମସ୍ୟା ସୃଷ୍ଟି ହୋଇଥିଲା। ଏବେ ପ୍ରଥମ ପର୍ଯ୍ୟାୟରେ ପାଣି ଛଡା ଯାଇଛି। ପର୍ଯ୍ୟାୟକ୍ରମେ ଏହି ସମସ୍ୟାର ସମାଧାନ କରାଯିବ।

# ରାସ୍ତା ପ୍ରଶସ୍ତୀକରଣ ଆଳରେ ଗଛକଟା



କୃଷ୍ଣପ୍ରସାଦ,୨୭।୪(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ପାଇକରାୟପୁରଠାରୁ ଜହ୍ନିକୁଦା ପର୍ଯ୍ୟନ୍ତ ରାସ୍ତାର ପ୍ରଶସ୍ତୀକରଣ କାର୍ଯ୍ୟ କିଛିଦିନ ହେବ ଆରମ୍ଭ ହୋଇଛି। ତେବେ ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଗଛ କଟାଯିବା ସହ ଉପାଡ଼ିଦିଆଯାଉଥିବା ଅଭିଯୋଗ ହେଉଛି। ପରିବେଶ ସୁରକ୍ଷା ଏବଂ ବାଟୋଇଙ୍କ ପାଇଁ ଛାଇ ନିମନ୍ତେ ବନ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଚାରାରୋପଣ କରାଯାଇଥିଲା। ଏବେ ରାସ୍ତା ପ୍ରଶସ୍ତୀକରଣ ପାଇଁ ଉଭୟ ପାର୍ଶ୍ୱରେ ଥିବା ଗଛ କଟାଯିବା ସହ ଉପାଡ଼ି ଦିଆଯାଉଛି। ସେହିପରି ମାଲୁଦ ପଞ୍ଚଦୋଳ ପଡିଆଠାରୁ କନ୍ଦାଖାଇ ବରଗଛ ପର୍ଯ୍ୟନ୍ତ ୧କି.ମି. ରାସ୍ତା କଡ଼ରେ ଚାରାରୋପଣ କରାଯାଇଥିଲା। ଏହା ବଡ଼ବଡ଼ ବୃକ୍ଷରେ ପରିଣତ ହୋଇଥିଲା। ଏହି ବୃକ୍ଷ ଚିଲିକା ମଧ୍ୟରେ ଥିବା ମାଟି ରାସ୍ତାର କ୍ଷୟକୁ ଅଟକାଇବା ସହ ନିକଟରେ ଥିବା ମହାବିଦ୍ୟାଳୟର ଶିକ୍ଷାର୍ଥୀମାନେ ବିଶ୍ରାମ ନେଉଥିଲେ। ଉକ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଥିବା ଗଛକୁ ଜେସିବି ଦ୍ୱାରା ଉପାଡିବା ସହ କଟାଯାଉଛି। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବା ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ହେଉଛି।

# ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ



ଡଙ୍ଗରପଡ଼ା ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଯାପନୀ ଦିବସରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୨୭।୪(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଦେଉଳିପଞ୍ଚାୟତ ଅନ୍ତର୍ଗତ ଡଙ୍ଗରପଡ଼ା ଗ୍ରାମରେ ଚାରିଦିନ ଧରି ଚାଲିଥିବା ତୃତୀୟ ବାର୍ଷିକ ଆଞ୍ଚଳିକ ପଲ୍ଲୀ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ମହୋତ୍ସବ କମିଟିର ସଭାପତି ବିଧାୟକ ପ୍ରଦୀପ କୁମାର ସାହୁଙ୍କ ଅଧ୍ୟକ୍ଷତା, ଶିକ୍ଷକ ଜମ୍ମେଶ୍ୱର ମଙ୍ଗରାଜ ଏବଂ ରତିକାନ୍ତ କହଳସିଂହଙ୍କ ସଂଯୋଜନାରେ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। କଂଗ୍ରେସର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥ୍ୱୀବଲ୍ଲଭ ପଟ୍ଟନାୟକ ମୁଖ୍ୟ ବକ୍ତା, ଜିଲାପରିଷଦ ସଭ୍ୟ ଅନାଦି ସାହୁ, ସରପଞ୍ଚ ଅକ୍ଷୟ କୁମାର ରାଉତରାୟ, ଉପସଭାପତି ବିଜୟାନନ୍ଦ ରାଉତରାୟ, ସମ୍ପାଦକ ଦିବ୍ୟ ଲୋଚନ ବିଶ୍ୱାଳ, ସାମାଜିକକର୍ମୀ ଲକ୍ଷ୍ମୀପ୍ରିୟା ପଣ୍ଡା, ମାନସ ରଞ୍ଜନ ବାହୁବଳେନ୍ଦ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସରକାରଙ୍କ କଳା ସଂସ୍କୃତି ବିଭାଗ ପକ୍ଷରୁ ଏବଂ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ବିଭିନ୍ନ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅଭିନେତା ପପୁ ପମ୍‌ପମ୍‌ଙ୍କ ଦ୍ୱାରା ହାସ୍ୟ ଅଭିନୟ ପରିବେଷଣ କରାଯାଇଥିଲା।

## 'ନିର୍ଭୀକ ମତପ୍ରକାଶ ଦ୍ୱାରା ଉତ୍ତମ ସମାଜ ଗଠନ ହେବ'

ବୋଲଗଡ଼,୨୭।୪ (ଦେବବ୍ରତ ହୋତା)

ସାଲତରା ଗ୍ରାମସ୍ଥିତ ଗୁରୁକୁଳ ଶିକ୍ଷାନିକେତନ ପକ୍ଷରୁ ଏକ ସାହିତ୍ୟ ସଭା ବାଲୁଙ୍କେଶ୍ୱର ଦେବ ମନ୍ଦିର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଶନିବାର ଆୟୋଜିତ 'ବଳଦର ବ୍ରହ୍ମଚର୍ଯ୍ୟ' ଶୀର୍ଷକ କବିତାପାଠ ଓ ଆଲୋଚନାଚକ୍ରରେ ଶିକ୍ଷା ନିକେତନ ଉପଦେଷ୍ଟା ଖଗେଶ୍ୱର ମାର୍ଥା ପୌରୋହିତ୍ୟ କରିଥିଲେ। ମାୟାଧର ପାଣିଗ୍ରାହୀ ମଙ୍ଗଳା ଚରଣ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟ ଦୀନବନ୍ଧୁ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଏଥିରେ ବ୍ୟଙ୍ଗକବି ସତ୍ୟାନାଶ ମୁଖ୍ୟ ଅତିଥି, ଡାକ୍ତର ଅମରେନ୍ଦ୍ର ନାଥ ମହାପାତ୍ର ମୁଖ୍ୟ ବକ୍ତା, ପ୍ରଫେସର ଡ. ହରିପ୍ରସାଦ ଦାସ, ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ବୁଦ୍ଧିଜୀବୀମାନେ ନୀରବ ନ ରହି ନିଜସ୍ୱ ବିଚାରକୁ ମୁକ୍ତ ଓ ନିର୍ଭୟ ଭାବେ ପ୍ରକାଶ କଲେ ଏକ ସର୍ବୋତ୍ତମ ସମାଜ ଗଠନରେ ସହାୟକ ହୋଇପାରନ୍ତା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପରେ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କ ସଂଯୋଜନାରେ କବିତା ପାପୋତ୍ସବ ହୋଇଥିଲା। ଗାୟକ ହରିହର ମହାପାତ୍ର ଉଦ୍‌ଯାପନୀ ସଙ୍ଗୀତ ଗାନ କରିଥିବା ବେଳେ ଉପଦେଷ୍ଟା ହରିବନ୍ଧୁ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ଜୀବିକାର ମାଧ୍ୟମ ପାଲଟିଛି ଖବରକାଗଜ

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)



ସୁମନ୍ତ କୁମାର ଦାସ

ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ସୁମନ୍ତ କୁମାର ଦାସ(୩୮)। ଗତ ୨୫ବର୍ଷ ହେବ ଖୋର୍ଦ୍ଧା ସହରରେ ଖବରକାଗଜ ବିତରକଭାବେ କାର୍ଯ୍ୟ କରୁଛନ୍ତି। ଦୈନିକ ଭୋର ୪ଟାରୁ ସକାଳ ୯ଟାରେ ମଧ୍ୟରେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି। ପାଠପଢ଼ା ସମୟରେ ସେ ଖବରକାଗଜ ବିତରକ ଭାବେ କାମ ଆରମ୍ଭ କରିଥିଲେ। ଖୋର୍ଦ୍ଧା ପୁରୁଣା ବସଷ୍ଟାଣ୍ଡରୁ ବାହାରି ନୂଆ ବସଷ୍ଟାଣ୍ଡ, ପଲ୍ଲା, ତୋଟାପଡ଼ା, ଦଳେଇପୁଟ, କଦଳିବାଡି, କାଇପଦର ପର୍ଯ୍ୟନ୍ତ ସେ ଲୋକଙ୍କ ନିକଟରେ ଖବରକାଗଜ ପହଞ୍ଚାଇଥାନ୍ତି। ସୁମନ୍ତ ପ୍ରଥମେ ୫୦ଖଣ୍ଡ ଖବରକାଜ ବିକ୍ରି ଆରମ୍ଭ କରିଥିବା ବେଳେ ଏବେ ୩ଶହରେ ପହଞ୍ଚିଛି। ଏ ସମ୍ପର୍କରେ ସୁମନ୍ତ କୁହନ୍ତି, ଏବେ ଲୋକେ ସୋସିଆଲ ମିଡିଆ ଏବଂ ଇ-ପେପର ଡାଉନଲୋଡ କରି ସବୁ ଖବର ପାଇଯାଉଛନ୍ତି। ତେବେ ଖବରକାଗଜରେ ପ୍ରକାଶିତ ଖବରଟିଏ ପଢ଼ିବାରେ ଯେଉଁ ଆନନ୍ଦ ରହିଛି, ତାହା ମୋବାଇଲରେ ଜୁମ୍ କରି ପଢ଼ିବାରେ ନାହିଁ। ଲୋକଙ୍କୁ ଏ ନେଇ ବୁଝାଇବାକୁ ପଡୁଛି। କେତେଜଣ ପ୍ରଥମେ ଖବରକାଗଜ ନେବାକୁ ରାଜି ହେଉ ନ ଥିବା ବେଳେ ସେମାନଙ୍କ ସହ ଆଲୋଚନା ପରେ ପେପର ନେବାକୁ ରାଜି ହେଉଛନ୍ତି। ଏଭଳି ଅନେକ ଅନୁଭୂତି ରହିଛି। ସକାଳ ହେଲେ ଅନେକ ଲୋକଙ୍କୁ ଭେଟିବାର ସୁଯୋଗ ମିଳୁଛି, ଯେପରି ଲୋକେ ଆସିବା ବାଟକୁ ଚାହିଁ ରହିଥାନ୍ତି। ଖବରକାଗଜ ପହଞ୍ଚିବାରେ ବିଳମ୍ବ ହେଲେ, କାହିଁକି ବିଳମ୍ବ ହେଲା ପଚାରୁଛନ୍ତି। ଏଥିରୁ ଏକ ପ୍ରକାର ଆନନ୍ଦ ମିଳେ।

# ଦେଶରୁ ଆତଙ୍କବାଦୀଙ୍କୁ ସମୂଳେ ନିପାତ ପାଇଁ ଦାବି

ଟାଙ୍ଗୀ/ନିରାକାରପୁର,୨୭।୪
(ରଘୁନାଥ ସାହୁ/ମାନସ ଚନ୍ଦ୍ର ପଟ୍ଟନାୟକ)

ଜମ୍ମୁ-କଶ୍ମୀରର ପହଲଗାମ୍ ଜିଲା ଅନ୍ତର୍ଗତ ବୈସରନ୍‌ରେ ଆତଙ୍କବାଦୀଙ୍କ ଆକ୍ରମଣ ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆକ୍ରମଣରେ ପ୍ରାଣ ହରାଇଥିବା ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ରବିବାର ଟାଙ୍ଗୀ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଟାଙ୍ଗୀଠାରେ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା କରାଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁଙ୍କ ନେତୃତ୍ୱରେ ବଳରାମ ଦେବ ମନ୍ଦିରଠାରୁ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରି ଜଙ୍ଗଲୀ ମହାବୀରଠାରେ ଶେଷ ହୋଇଥିଲା। ଦେଶରୁ ଆତଙ୍କବାଦୀଙ୍କୁ ସମୂଳେ ନିପାତ ପାଇଁ ଦାବି ହୋଇଥିଲା। ପୂର୍ବତନ ଜିଲାପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷା ରିସ୍ମା ମାନ୍ଧାତା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ବେହେରା, ଜିଲା ପରିଷଦ ସଭ୍ୟା ଅନୁସୂୟା ବେହେରା, ରାମଚନ୍ଦ୍ରପୁର ସରପଞ୍ଚ ମଧୁସୂଦନ ପଲାଇ, ସୁନ୍ଦରପୁର ସରପଞ୍ଚ ସୁଜିତ ହାଲଦାର, ଭୂଷଣ୍ଡପୁର ସମିତିସଭ୍ୟା ସୁଦୀପା ବେହେରା, ବାଲିପାଟପୁର ସମିତିସଭ୍ୟ ଲକ୍ଷ୍ମୀଧର ବେହେରା, ପୂର୍ବତନ ଜିଲାପରିଷଦ ସଭ୍ୟ ସ୍ୱଦେଶ ରାଉତରାୟ, ପୂର୍ବତନ ସମିତିସଭ୍ୟ ନୀଳକଣ୍ଠ ବେହେରା, ପବିତ୍ର ପାଇକରାୟ, ଅଶୋକ ମହାପାତ୍ର, ଟାଙ୍ଗୀ ସମବାୟ ସମିତି ସଭାପତି ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇଥିଲେ। ସେହିପରି ବରିଷ୍ଠ ନାଗରିକ ମଞ୍ଚ ପକ୍ଷରୁ ଟାଙ୍ଗୀସ୍ଥିତ ବଳରାମ ଦେବ ମନ୍ଦିରଠାରେ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ବିଜୟ ରାଉତ, ଉପଦେଷ୍ଟା ରଘୁନାଥ ସାହୁ, ଦିଲୀପ ନାଥ, ସହସମ୍ପାଦକ ରବୀନ୍ଦ୍ର ନାୟକ, ସୌମେନ୍ଦ୍ର ଦାସ, ଦୀପକ କୁମାର ତ୍ରିପାଠୀ, ବସନ୍ତ ମଙ୍ଗରାଜ, ଅଜୟ ସେନାପତି, ଲକ୍ଷ୍ମୀଧର ପାଇକରାୟ, ରାଜେନ୍ଦ୍ର ମହାପାତ୍ର, ରବି ନାରାୟଣ ସାହୁ, ଅଧିକାରୀ ସୁବୁଦ୍ଧି, ଜାନକୀ ବଲ୍ଲଭ ବିଶ୍ୱାଳ, ପ୍ରମୋଦ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସରପାରି ଗ୍ରାମବାସୀଙ୍କ ପକ୍ଷରୁ ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା ସହ ନୀରବ ପ୍ରାର୍ଥନା କରାଯାଇଛି। ଏହି କାର୍ଯ୍ୟକ୍ରମରେ ଗ୍ରାମର ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ।



ପହଲଗାମ୍ ଆକ୍ରମଣ ଘଟଣା: ମୃତ ପର୍ଯ୍ୟଟକଙ୍କ ଉଦ୍ଦେଶ୍ୟରେ ରବିବାର ସରପାରୀ ଗ୍ରାମବାସୀଙ୍କ ପକ୍ଷରୁ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭା।

## ବିଦ୍ୟାଳୟର ବାର୍ଷିକୋତ୍ସବ

ନିରାକାରପୁର,୨୭।୪(ମାନସ ଚନ୍ଦ୍ର ପଟ୍ଟନାୟକ

ଗୋଳବାଇସ୍ଥିତ ବିନାୟକ ପବ୍ଲିକ ସ୍କୁଲର ପୁରସ୍କାର ବିତରଣ ଓ ବାର୍ଷିକ ଉତ୍ସବ ଶିକ୍ଷାବିତ୍ ଲକ୍ଷ୍ମୀଧର ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଅତିଥିଭାବେ ନିରାକାରପୁର କଲେଜର ଇତିହାସ ବିଭାଗ ଅଧ୍ୟାପକ ଡ.କୈବଲ୍ୟ ଚରଣ ପତି, ଶିକ୍ଷାବିତ୍ କେଦାରେଶ୍ୱର ମହାପାତ୍ର, ଖବରଦାତା ଉମେଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଯୋଗଦେଇ ପାଠପଢ଼ି ଭଲ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ସସ୍ମିତା ଦାଶ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କ ସହ ଅନୁଷ୍ଠାନର ଅନ୍ୟାନ୍ୟ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ପବିତ୍ର ବରାଳ ମଞ୍ଚ ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ଚିନ୍ମୟ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଆଇନ ସଚେତନତା କାର୍ଯ୍ୟକ୍ରମ

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା କୋର୍ଟର ତାଲୁକ ଆଇନସେବା କମିଟି ପକ୍ଷରୁ କୁରମପଡ଼ା ଭୈରବୀ କ୍ଲବ ପରିସରରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମାନସିକ ସ୍ୱାସ୍ଥ୍ୟ ଉପରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ୨ୟ ଅତିରିକ୍ତ ଜିଲା ଜଜ୍ ସୁଷମା ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏସ୍‌ଡିଜେଏମ୍ ପ୍ରତାପ ଚନ୍ଦ୍ର ପୃଷ୍ଟି, ଜେଏମ୍‌ଏଫ୍‌ସି ଦୁର୍ଗାପ୍ରସାଦ ପଣ୍ଡା, ଆଇନଜୀବୀ ବିଜୟ ସାମନ୍ତସିଂହାର, ବିକ୍ରମ କେଶରୀ ଚମ୍ପତି, ଭୈରବୀ କ୍ଲବ ସମ୍ପାଦକ ବୈକୁଣ୍ଠ ନାଥ ମାର୍ଥା ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ମାନସିକ ସ୍ୱାସ୍ଥ୍ୟର ସୁରକ୍ଷା କେତେ ଜରୁରୀ ବକ୍ତାମାନେ ଆଲୋକପାତ କରିଥିଲେ। ସମାଜସେବୀ କାର୍ତ୍ତିକ ପ୍ରଧାନ, ନିତ୍ୟାନନ୍ଦ ବଡଜେନା, ସାଗର ରାଉତରା ପ୍ରମୁଖ ସହଯୋଗ କରିଥିଲେ। ବହୁ ଅନ୍ତେବାସୀ ଏବଂ ସ୍ଥାନୀୟ ବରିଷ୍ଠ ନାଗରିକ ଯୋଗଦେଇଥିଲେ। ବସନ୍ତ ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସର ବିଗନର୍ସ କୋର୍ସ ପ୍ରଶିକ୍ଷଣ ଶିବିର

ଖୋର୍ଦ୍ଧା,୨୭।୪(ପ୍ରଭାତ ପାଣିଗ୍ରାହୀ)

ବିଜେବି ହାଇସ୍କୁଲଠାରେ ଖୋର୍ଦ୍ଧା ଜିଲା ଭାରତ ସ୍କାଉଟ୍ସ ଗାଇଡ୍ସର ବିଗନର୍ସ କୋର୍ସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାର ବିଭିନ୍ନ ବିଦ୍ୟାଳୟରୁ ୮୮ଜଣ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପ୍ଟେନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ତାଲିମ ନେଇଥିଲେ। ଶିବିରରେ ସ୍କାଉଟିଂ କ'ଣ, ଏହାର ଆବଶ୍ୟକତା, ନିୟମାବଳୀ, ମୌଳିକ ତତ୍ତ୍ୱ, ଇତିହାସ ଓ ଅନ୍ୟାନ୍ୟ ପ୍ରସଙ୍ଗରେ ତାଲିମ ପ୍ରଦାନ କରାଯାଇଥିଲା। ତାଲିମଦାତା ପୂର୍ବତନ ଜିଲା ସମ୍ପାଦକ ପୀତବାସ ପଟ୍ଟନାୟକ, ପୂର୍ବତନ ଜିଲା ତାଲିମ କମିଶନର ରମେଶ କୁମାର ବଳବନ୍ତରାୟ, ଦିବାକର ପଟ୍ଟନାୟକ ପ୍ରମୁଖ ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପ୍ଟେନଙ୍କୁ ତାଲିମ ଦେଇଥିଲେ ବୋଲି ଜିଲା ସମ୍ପାଦକ ସୁଧାକର ମହାପାତ୍ର କହିଛନ୍ତି। ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଦିଲୀପ କୁମାର ମୋଦି, ବିଜ୍ଞାନ ପରିଦର୍ଶକ ସରୋଜ କୁମାର ସିଂ, ଜିଲା ସ୍କାଉଟ କମିଶନର ପ୍ରଭାକର ସାହୁ, ଜିଲା ଗାଇଡ କମିଶନର ଜୟନ୍ତୀ ହୋତା, ସହସମ୍ପାଦକ ପ୍ରକାଶ କୁମାର ପଲାଇ, ଜିଲା ସ୍କାଉଟ ତାଲିମ କମିଶନର ମାନସ କୁମାର ସେଠୀ, ଜିଲା ଗାଇଡ କମିଶନର ତପସ୍ୱିନୀ ପଟ୍ଟନାୟକ, ଚିତ୍ତରଞ୍ଜନ ବରାଳ, ରଚିତା ପଟ୍ଟନାୟକ, ସସ୍ମିତା ଜେନା, ନୃସିଂହ ପ୍ରସାଦ ସିଂ, ସଞ୍ଜୟ କୁମାର ବଳବନ୍ତରାୟ ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସ୍କାଉଟ ପ୍ରାର୍ଥନା ଗାନ କରାଯାଇ ପତାକା ଅବତରଣ କରାଯାଇଥିଲା। ବିଜେବି ହାଇସ୍କୁଲ ବରିଷ୍ଠ ଶିକ୍ଷକ ବିଭୁପ୍ରସାଦ ସେନାପତି ଧନ୍ୟବାଦ ଦେଇଥିଲେ।




ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

# ରାଜପଥରେ ନର୍ଦ୍ଦମା ପାଣି, ଆନ୍ଦୋଳନ ଚେତାବନୀ

## ନାଭାଲ ଛକ ବ୍ୟବସାୟୀ ସଂଘ ପକ୍ଷରୁ ଅଭିଯୋଗପତ୍ର ପ୍ରଦାନ

ବାଲୁଗାଁ,୨୭।୪(ସଂଗ୍ରାମ ପାଇକରାୟ)

ବାଲୁଗାଁ ଥାନା ଅଧୀନ ନାଭାଲ ଛକସ୍ଥିତ ୧୬ ନମ୍ବର ଜାତୀୟ ରାଜପଥରେ ଗତ କିଛି ମାସ ହେବ ନର୍ଦ୍ଦମା ପାଣି ଜମି ରହୁଛି। ଜଣେ ବ୍ୟକ୍ତି ନିଜ ବାସଗୃହ ନର୍ଦ୍ଦମା ପାଣି ରାଜପଥକୁ ଛାଡୁଥିବାରୁ ଏପରି ପରିସ୍ଥିତି ଉପୁଜିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ନର୍ଦ୍ଦମା ପାଣି ଜମିବା ଦ୍ୱାରା ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଏବଂ ବ୍ୟବସାୟୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ଦୋକାନ ଆଗରେ ନର୍ଦ୍ଦମା ପାଣି ଜମି ରହୁଛି। ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ସ୍ଥାନୀୟ ଜନପ୍ରତିନିଧି ଏବଂ ପ୍ରଶାସନ ନିକଟରେ ବାରମ୍ବାର ଦାବି କରି ଆସୁଥିଲେ ମଧ୍ୟ ସୁଫଳ ମିଳିଲା ନାହିଁ। ଫଳରେ ନାଭାଲ ଛକର ସମସ୍ତ ବ୍ୟବସାୟୀ ରବିବାର ଦୋକାନ ବନ୍ଦ କରି ପ୍ରତିବାଦ ଜଣାଇଛନ୍ତି। ଏନେଇ ବ୍ୟବସାୟୀ ସଂଘ ପକ୍ଷରୁ ନାଭାଲ ଫାଣ୍ଡି ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି।



ରାଜପଥରେ ନର୍ଦ୍ଦମାଜଳ ଜମି ରହିଛି।

ପ୍ରକାଶ ଯେ, ନାଭାଲ ଛକଠାରେ ରାଜପଥ ପ୍ରଶସ୍ତୀକରଣ ଏବଂ ଓଭରବ୍ରିଜ ନିର୍ମାଣ ବେଳେ ରାସ୍ତାର ଉଭୟ ପାର୍ଶ୍ୱରେ ବିଭାଗ ପକ୍ଷରୁ ଡ୍ରେନ ନିର୍ମାଣ କରାଯାଇଥିଲା। ତେବେ ପଶ୍ଚିମ ପାର୍ଶ୍ୱ ଡ୍ରେନ ନିର୍ମାଣରେ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଡ୍ରେନରୁ ନର୍ଦ୍ଦମା ପାଣି ନିଷ୍କାସନ ପଥ ନ ଥିବା ବେଳେ କେତେକ ସ୍ଥାନରେ ଡ୍ରେନ ସଂଯୋଗୀକରଣ ନ ହୋଇ ଅଧାପନ୍ତରିଆ ଭାବେ ପଡ଼ିରହିଛି। ଏଭଳି ପରିସ୍ଥିତିରେ ଉକ୍ତ ଛକରେ ଜଣେ ବ୍ୟକ୍ତି ବାସଗୃହ, ଲଜିଂ ଏବଂ ହୋଟେଲର ନର୍ଦ୍ଦମା ପାଣି ଉକ୍ତ ଡ୍ରେନକୁ ଛାଡିବା ଦ୍ୱାରା ତାହା ନିଷ୍କାସିତ ହୋଇ ନ ପାରି ରାସ୍ତା ଉପର ଜମିବା ସହ ବୋହିବାରେ ଲାଗିଛି। ଦୋକାନଗୁଡିକ ସମ୍ମୁଖରେ ନର୍ଦ୍ଦମା ପାଣି ଜମି ରହିବାରୁ ପୂତିଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ଗ୍ରାହକ ଓ ଦୋକାନୀ ନାହିଁ ନ ଥିବା ହଇରାଣ ହେଉଛନ୍ତି । ଏପରିକି ନିକଟରେ ଥିବା ଜଗନ୍ନାଥ ମନ୍ଦିର ସମ୍ମୁଖରେ ନର୍ଦ୍ଦମା ପାଣି ଜମି ରହିବାରୁ ଶ୍ରଦ୍ଧାଳୁମାନେ ଯାତାୟାତ କରିବାରେ ହଇରାଣ ହେଉଛନ୍ତି। ଆସନ୍ତା ଏକ ସପ୍ତାହ ମଧ୍ୟରେ ଏହି ସମସ୍ୟାର ସମାଧାନ କରା ନ ଗଲେ ଅଞ୍ଚଳବାସୀଙ୍କ ସମେତ ବ୍ୟବସାୟୀ ସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ସଂଘର ସଭାପତି ଭାଗୀରଥି ସାହୁ, ସଦସ୍ୟ ରବୀନ୍ଦ୍ର ପଲେଇ, ପ୍ରଭାକର ବେହେରା, ପ୍ରଭାତ ଦଳେଇ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସଂକ୍ଷେପରେ

### ମନ କୀ ବାତରେ ପ୍ରଧାନମନ୍ତ୍ରୀଙ୍କ ପହଲଗାମ୍ କଥା

କଟକ ସଦର,୨୭।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ରବିବାର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୧ତମ ମନ କୀ ବାତ କାର୍ଯ୍ୟକ୍ରମ ବଡ଼ ପରଦାରେ ଦେଖିବା ବ୍ୟବସ୍ଥା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ପହଲଗାମ୍ କଥା ଶୁଣି ବହୁ ଲୋକ ଭାବବିହ୍ୱଳ ହୋଇ ପଡ଼ିଥିଲେ। ଉଭୟ ପର୍ଯ୍ୟାବରଣ ଓ ଦେଶର ସୁରକ୍ଷା ନେଇ ସଞ୍ଜୟ ସାହୁଙ୍କ ସଂଯୋଜନାରେ ଏକ ସଂକ୍ଷିପ୍ତ ସଭା ହୋଇଥିଲା। ଏଥିରେ ସାଧୁ ଜେନା, ଆମ୍ବ ସଭାପତି ରମା ପ୍ରସାଦ ବିଶ୍ୱାଳ, ପ୍ରଭାତ ସେଠୀ, ଅବିନାଶ ମହାନ୍ତି, ଦୀପକ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୪୨ ମୌଜା ମଣ୍ଡଳ ପକ୍ଷରୁ ଗୋବିନ୍ଦପୁରଠାରେ ମଧ ଦର୍ଶକମାନଙ୍କୁ ମନ କୀ ବାତ୍ ଶୁଣାଇବା ପାଇଁ ବ୍ୟବସ୍ଥା କରାଯାଇଥିଲା। ସ୍ଥାନୀୟ ଅଞ୍ଚଳର ବହୁ ଲୋକ ଏହି କାର୍ଯ୍ୟକ୍ରମ ଉପଭୋଗ କରିଥିଲେ। ଉଭୟ ସ୍ଥାନରେ କଟକସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀଙ୍କ ସହଯୋଗରେ ଏହା କରାଯାଇଥିଲା।

### ବିଦ୍ୟୁତ୍ ତାର ଚୋରି ଘଟଣା: ୩ ଗିରଫ

ବାଙ୍କୀ,୨୭।୪(ଜ୍ଞାନେନ୍ଦ୍ର ମୋହନ ମିଶ୍ର/ଶୁଭେନ୍ଦୁ ମହାପାତ୍ର)

କୁସୁନ୍ଦା ପଞ୍ଚାୟତ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରୁ ବିଦ୍ୟୁତ୍ ତାର ଚୋରି ଘଟଣାରେ ବାଙ୍କୀ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଡମପଡ଼ା ଗ୍ରାମର ଶେଖର ଦାସ, ଶ୍ରୀଧର ଦାସ ଓ ବ୍ରାହ୍ମଣିଆ ଗ୍ରାମର ବିକାଶ ନାଏକ। ସେମାନଙ୍କଠାରୁ ୫୦ କିଲୋ ଓଜନର କେବୁଲ ତାର ଜବତ କରାଯାଇଛି। ୧୮ ତାରିଖ ରାତିରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ୫ଟି ସ୍ୱାନ୍ ବିଦ୍ୟୁତ୍ କେବୁଲ ତାର ଚୋରି ହୋଇଥିଲା। ଏନେଇ ବିଦ୍ୟାଳୟ ଉପାଧ୍ୟକ୍ଷ ଦୀପା ମହାନ୍ତି ବାଙ୍କୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

### କ୍ରୀଡ଼ାବିତ୍‌ଙ୍କୁ କ୍ୱାନ-କି-ଡୋ ବେଲ୍ଟ ପ୍ରଦାନ

ଆଠଗଡ଼,୨୭।୪(ସତ୍ୟପ୍ରସାଦ ରଥ)

କଟକ ଜିଲା କ୍ୱାନ୍-କି-ଡୋ ଆସୋସିଏଶନ ଏବଂ ଆଠଗଡ଼ ମାର୍ଶାଲ ଏକାଡେମୀର ସହଯୋଗରେ କ୍ୱାନ-କି-ଡୋ ବେଲ୍ଟ ଟେଷ୍ଟ କରାଯାଇ ପ୍ରଦାନ କରାଯାଇଛି। ସ୍ଥାନୀୟ ଗୋପବନ୍ଧୁ କନିଷ୍ଠ ମହିଳା ମହାବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆସୋସିଏଶନର ସଭାପତି ରୁଦ୍ର ଚରଣ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଓଡ଼ିଶା କ୍ୱାନ୍-କି-ଡୋ ଆସୋସିଏଶନର ମୁଖ୍ୟ ସଚିତାନନ୍ଦ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତ୍‌ମାନଙ୍କର ବେଲ୍ଟ ଟେଷ୍ଟ କରିବା, ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଦେଇଥିଲେ। ଏଥିସହ କ୍ରୀଡାବିତ୍‌ମାନଙ୍କୁ ବେଲ୍ଟ ଦେଇ ମାନପତ୍ର ପ୍ରଦାନ କରିଥିଲେ। ଆସୋସିଏଶନର ଉପସଭାପତି ଶ୍ୟାମ ପ୍ରସାଦ ପଣ୍ଡା, ସମ୍ପାଦକ ତଥା ମୁଖ୍ୟ ପ୍ରଶିକ୍ଷକ ବଦ୍ରିନାରାୟଣ ବାହିନୀପତି, କୋଷାଧ୍ୟକ୍ଷ ରାହୁଲ କୁମାର ଜେନା, ପ୍ରଶିକ୍ଷକ ଚନ୍ଦନ କୁମାର ରାଉତ ଏହାକୁ ପରିଚାଳନା କରିଥିଲେ।


# ଖରାରେ କାମ କରୁଛନ୍ତି ଶ୍ରମିକ

▪ସୁରକ୍ଷା ପ୍ରତି କାହାର ନଜର ନାହିଁ
▪ପାଳନ ହେଉନି ସରକାରଙ୍କ ନିୟମ

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ରାଜ୍ୟରେ ଗ୍ରୀଷ୍ମର ଲହରି ଜାରି ରହିଛି। ପ୍ରବଳ ଗରମ ଓ ଗୁଳୁଗୁଳିରେ ଜନଜୀବନ ଛଟପଟ ହୋଇଯାଉଛି। ଏପରି କି ପୂର୍ବାହ୍ନ ୧୧ଟା ବେଳେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ସମୟ ପର୍ଯ୍ୟନ୍ତ ଶ୍ରମିକମାନଙ୍କ କାର୍ଯ୍ୟ ବନ୍ଦ ରହିବ ଏବଂ ଏହି ନିୟମ ଖିଲାପ କଲେ ଜିଲାପାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ହେଲେ ଏହି ନିୟମକୁ ବେଖାତିର କରାଯାଇଛି ଏବଂ ଶ୍ରମିକଙ୍କ ଜୀବନକୁ ବାଜି ଲଗାଉଛି କଟକ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଦାୟିତ୍ୱରେ ଥିବା ସଂସ୍ଥା। କଟକ ଏସ୍‌ସିବି ମେଡିକାଲର ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନେ ରବିବାର ପୂର୍ବାହ୍ନ ୧୧ଟା ପରେ କାମ କରୁଥିବା ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।

ସୂଚନାନୁଯାୟୀ, ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟ ଓଡ଼ିଶା ବ୍ରିଜ ଆଣ୍ଡ କନଷ୍ଟ୍ରକ୍ସନ କର୍ପୋରେଶନ ଲିମିଟେଡ୍ (ଓବିସିସି) ଅଧୀନରେ କିଛି କମ୍ପାନୀ ଏହାର କାର୍ଯ୍ୟ କରୁଛନ୍ତି। ଧାର୍ଯ୍ୟ ସମୟ



ପ୍ରବଳ ଖରାରେ ଶ୍ରମିକମାନେ କାମ କରୁଛନ୍ତି।

ମଧ୍ୟରେ ସମ୍ପ୍ରସାରଣ କାର୍ଯ୍ୟ ସାରିବାକୁ ରାଜ୍ୟ ସରକାର ଦାୟିତ୍ୱରେ ଥିବା ସଂସ୍ଥାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ପ୍ରାୟ ୨୦୦ରୁ ଅଧିକ ଶ୍ରମିକ କାର୍ଯ୍ୟ କରୁଛନ୍ତି। ହେଲେ ଶ୍ରମିକମାନେ ମୁକ୍ତାକାଶ ତଳେ ମଧ୍ୟାହ୍ନରେ କାମ କରୁଥିବା ନଜରକୁ ଆସିଛି, ଯାହାକି ସେମାନଙ୍କ ଜୀବନକୁ ବାଜିରେ ଲଗାଯାଉଛି। ତେବେ ଏସ୍‌ସିବି ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଗତ କିଛିଦିନ ମଧ୍ୟରେ ସ୍ୱାସ୍ଥ୍ୟ ସଚିବଙ୍କ ନେତୃତ୍ୱରେ କଟକ ଜିଲାପାଳ, ଆରଡିସି, ଏସ୍‌ସିବି କର୍ତ୍ତୃପକ୍ଷ ଓ ଅନ୍ୟାନ୍ୟ ଅଧିକାରୀଙ୍କ ଉପସ୍ଥିତିରେ ବୈଠକ ଅନୁଷ୍ଠିତ ହୋଇଥିଲା। ତା' ପରେ ମଧ୍ୟ ଅନେକ ବୈଠକ ଅନ୍ୟାନ୍ୟ ଅଧିକାରୀଙ୍କୁ ନେଇ କରାଯାଇଛି। ହେଲେ ସମ୍ପ୍ରସାରଣ କାର୍ଯ୍ୟକୁ ଗୁରୁତ୍ୱ ଦିଆଯାଉ ଥିବାବେଳେ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ପ୍ରତି କେହି ଦୃଷ୍ଟି ଦେଉ ନ ଥିବା ସ୍ପଷ୍ଟ ବାରି ହୋଇଯାଇଛି। ତେବେ ରାଜ୍ୟ ସରକାର ସମସ୍ତ ଜିଲାର ଜିଲାପାଳଙ୍କୁ ମୁଖିଆ ଭାବେ ଏହି ଗ୍ରୀଷ୍ମ ତାତିରେ ଗାଇଡ୍‌ଲାଇନ ପାଳନ ପ୍ରତି ଗୁରୁତ୍ୱ ଦେବା ସହ ଯିଏ ନିୟମ ଖିଲାପ କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ କ୍ଷମତା ଦେଇଛନ୍ତି। ହେଲେ କଟକରେ ଏହି କାର୍ଯ୍ୟାନୁଷ୍ଠାନ ଦିଗହାର ହୋଇଯାଇଛି। ଏ ସମ୍ପର୍କରେ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ସିନ୍ଦେଙ୍କୁ ପଚାରିବାରୁ କହିଛନ୍ତି ଯେ, ସରକାରଙ୍କ ନିୟମ ପାଳନ କରି ସେଠାରେ ସମସ୍ତ କାର୍ଯ୍ୟ କରାଯାଉଛି ଏବଂ ଶ୍ରମିକଙ୍କ ସୁରକ୍ଷାକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଏଭଳି ନିୟମ ଖିଲାପ କରି ଶ୍ରମିକ କାମ କରୁଥିବା ନେଇ କୌଣସି ଅଭିଯୋଗ ହସ୍ତଗତ ହୋଇ ନାହିଁ। ଏ ବିଷୟରେ ଦାୟିତ୍ୱରେ ଥିବା ସଂସ୍ଥାକୁ ପଚରାଯିବ। ଯଦିଓ କୌଣସି ତଥ୍ୟ ହସ୍ତଗତ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ସିନ୍ଦେ କହିଛନ୍ତି।

# ସ୍ୱାମୀ ବିବେକାନନ୍ଦ ଶିକ୍ଷା ନିକେତନର ବାର୍ଷିକୋତ୍ସବ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

କଟକ ସଦର,୨୭।୪(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ତେଲଦିଆସ୍ଥିତ ସ୍ୱାମୀ ବିବେକାନନ୍ଦ ଶିକ୍ଷା ନିକେତନର ତୃତୀୟ ବାର୍ଷିକୋତ୍ସବ ରବିବାର ପାଳିତ ହୋଇଯାଇଛି। ଅମୂଲ୍ୟ ଦେବଦାସଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଡ.ଶ୍ରୀରାମ ଦାସ, ସମ୍ମାନିତ ଅତିଥି ଭାବେ ଘରୋଇ ଶିକ୍ଷାନୁଷ୍ଠାନ ରାଜ୍ୟ ସଭାପତି ଚିତ୍ତରଞ୍ଜନ ରାଉତ, ସମ୍ପାଦକ ଜ୍ୟୋତି ରଞ୍ଜନ ସାହୁ, ଆଇନଜୀବୀ ଗଗନ ଚନ୍ଦ୍ର ଦାଶ, ସୋମପୁର ପଞ୍ଚାୟତ ସମିତି ସଭ୍ୟା କୁନି ଭୋଇ, ମୁଖ୍ୟବକ୍ତା ଭାବେ ରାଜ୍ୟ ସନାତନି ସେନାର ସଭାପତି ସମୀର କୁମାର ପଣ୍ଡା ଯୋଗଦେଇଥିଲେ। ବିଦ୍ୟାଳୟଗୁଡ଼ିକ ଶିକ୍ଷାର ଏକୁଡ଼ିଶାଳ ବୋଲି ମୁଖ୍ୟଅତିଥି କହିଥିଲେ। କାର୍ଯ୍ୟକ୍ରମ ରଘୁନାଥ ଚୌଧୁରୀ ସଂଯୋଜନା କରିଥିଲେ।

# ସମାଜ ପ୍ରତି ଫାର୍ମାସିଷ୍ଟଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ

ସାଲେପୁର,୨୭।୪(ଅରବିନ୍ଦ ଭୂୟାଁ)

**ସାଲେପୁର ଫାର୍ମାସୀ କଲେଜର ବାର୍ଷିକ ଉତ୍ସବ 'ସେଲେଷ୍ଟିଆ-୨୦୨୫'**

ସାଲେପୁର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫାର୍ମାସୀ ଆଣ୍ଡ ଟେକ୍ନୋଲୋଜିର ୪୨ତମ ବାର୍ଷିକ ଉତ୍ସବ 'ସେଲେଷ୍ଟିଆ-୨୦୨୫' ରବିବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଡ. ପ୍ରବୀର କୁମାର ସିହ୍ନା ମହାପାତ୍ର ପୌରୋହିତ୍ୟ କରିଥିଲେ। ସଭାରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ବିବେକାନନ୍ଦ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ରିହାବିଲିଟେଶନ୍ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ ଅନୁଷ୍ଠାନ ଓଲଟପୁର ନିର୍ଦ୍ଦେଶକ ଡ.ପତିତପାବନ ମହାନ୍ତି ଯୋଗଦେଇ ସମାଜ ପ୍ରତି ଫାର୍ମାସିଷ୍ଟମାନଙ୍କ ଦାୟିତ୍ୱ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ରମାଦେବୀ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ଯୋଗଦେଇଥିଲେ। ଅନୁଷ୍ଠାନ ପରିଚାଳନା କମିଟି ସଭ୍ୟ ଡ. ମହେନ୍ଦ୍ର କୁମାର ମହାନ୍ତି, ପୃଥ୍ୱୀବଲ୍ଲଭ ପଟ୍ଟନାୟକ, ସତ୍ୟନାରାୟଣ ଦାଶ, ଭାରତ ଭୂଷଣ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପରିଚାଳନା କମିଟି ସଭାପତି ପ୍ରଫେସର ଦେବୀପ୍ରସାଦ ଦାଶ ଅତିଥିଙ୍କ ସହ ମିଶି ଚାରା ରୋପଣ କରିବା ସହ ପ୍ରତିଷ୍ଠାତା ଜଷ୍ଟିସ୍ ଯୁଗଳ କିଶୋର ମହାନ୍ତିଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅନୁଷ୍ଠାନର ଅଧ୍ୟକ୍ଷ ଡି .ପ୍ରବୀର ସିହ୍ନା ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବାର୍ଷିକ ଉତ୍ସବର ମୁଖ୍ୟ ପରିଚାଳକ ଡ. ଅଶ୍ୱିନୀ କୁମାର ସେନାପତି ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଯୋଗଦେଇଥିଲେ। ସନ୍ଧ୍ୟାରେ ବିଭିନ୍ନ ଚିତାକର୍ଷକ ନୃତ୍ୟ ଓ ଗୀତ ପରିବେଷଣ କରାଯାଇଥିଲା।



ଅଭିଷେକ ସଂଘ ସିଡିଏ ଓ ବାରବାଟୀ ନୃତ୍ୟ ଏକାଡେମୀ ପକ୍ଷରୁ ରବିବାର ସିଡିଏ ସେକ୍ଟର-୮ସ୍ଥିତ ଶିବ ମନ୍ଦିର ପ୍ରାଙ୍ଗଣରେ ରଙ୍ଗମ୍ ସିଡିଏ ଫେଷ୍ଟିଭାଲରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

# ୧୦ରେ ରାଷ୍ଟ୍ରୀୟ ଲୋକ ଅଦାଲତ

କଟକ,୨୭।୪(କାର୍ତ୍ତିକ ସାହୁ)

କଟକ ଜିଲା ଆଇନ ସେବା ପ୍ରାଧିକରଣ ଓ ସମସ୍ତ ତାଲୁକା ଆଇନ ସେବା କମିଟି ପରିସରରେ ୨୦୨୫ର ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆଗାମୀ ମେ ୧୦ରେ ଅନୁଷ୍ଠିତ ହେବ। ବହୁ ସଂଖ୍ୟାରେ ଜନସାଧାରଣ ଏହି ଲୋକ ଅଦାଲତର ସୁଯୋଗ ନେବାକୁ ଅନୁରୋଧ କରାଯାଇଛି। ପ୍ରକାଶ ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ପ୍ରାକ୍ ବିଚାରାଧୀନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି(ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା, ଶ୍ରମ ବିବାଦ, ଜମି ଅଧିଗ୍ରହଣ, କ୍ଷତିପୂରଣ, ପାରିବାରିକ ସମସ୍ୟା, ଚେକ୍ ବାଉନ୍ସ ମାମଲା ଆଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମାମଲା ନୁହେଁ ପ୍ରାକ୍ ମକଦ୍ଦମାସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ବ୍ୟାଙ୍କ ଋଣ ବିବାଦ, ଶ୍ରମ ବିବାଦ, ଚେକ୍ ବାଉନ୍ସ, ପାରିବାରିକ ବିବାଦ ଆଦି ମାମଲାର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। କୌଣସି ବିଚାରାଧୀନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହେଲେ, ଆଗରୁ ପୈଠ ହୋଇଥିବା କୋର୍ଟ ଫି' ଫେରସ୍ତ ହୋଇପାରିବ। ଏହି ଲୋକ ଅଦାଲତରେ ମକଦ୍ଦମା ତଥା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ। ଏଥିସହ ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ ଅଟେ। ବିସ୍ତୃତ ସୂଚନା ନିମନ୍ତେ ଜନସାଧାରଣ ଜିଲା ବା ତାଲୁକସ୍ତରୀୟ ଆଇନ ସେବା କାର୍ଯ୍ୟାଳୟ ସହ ଯୋଗସୂତ୍ର ରକ୍ଷା କରିପାରିବେ କିମ୍ବା ଟେଲିଫୋନ ନମ୍ବର ୦୬୭୧-୨୩୬୮୩୮୩ରେ ଯୋଗାଯୋଗ କରିବାକୁ କଟକ ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚାଇ ଦିଆଯାଇଛି।

# 'ଭାଗୀରଥିଙ୍କ ଦେଶପ୍ରୀତି ଥିଲା ଅନନ୍ୟ'

କଟକ,୨୭।୪(କାର୍ତ୍ତିକ ସାହୁ)

**ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ୧୩୩ତମ ଜନ୍ମବାର୍ଷିକୀ**

ବିଶିଷ୍ଟ ଗାନ୍ଧିବାଦୀ, ପ୍ରଖ୍ୟାତ ସ୍ୱାଧୀନତା ସଂଗ୍ରାମୀ ତଥା ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ପ୍ରତିଷ୍ଠାତା ସମ୍ପାଦକ ଭାଗୀରଥି ମହାପାତ୍ରଙ୍କ ୧୩୩ତମ ଜୟନ୍ତୀ ସ୍ୱରାଜ ଆଶ୍ରମଠାରେ ଗୁରୁବାର ପାଳିତ ହୋଇଯାଇଛି। ସରଳା ଦେବୀ-ଭାଗୀରଥି ମହାପାତ୍ର ଟ୍ରଷ୍ଟ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମ ପୂର୍ବତନ ରାଜ୍ୟ ସଭା ସାଂସଦ ଡ. ରାମଚନ୍ଦ୍ର ଖୁଣ୍ଟିଆ ଉଦ୍‌ଘାଟନ କରି ଭାଗୀରଥିଙ୍କ ଦେଶପ୍ରୀତି ଅନନ୍ୟ ଥିଲା ବୋଲି କହିଥିଲେ।

ଟ୍ରଷ୍ଟ ସଭାପତି ଆଇନଜୀବୀ ନିରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ତଥା ବରିଷ୍ଠ ଆଇନଜୀବୀ ମନୋଜ କୁମାର ମିଶ୍ର ଏବଂ ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୂପାକ୍ଷ ତ୍ରିପାଠୀ ବକ୍ତବ୍ୟ ମାଧ୍ୟମରେ ଭାଗିରଥୀଙ୍କ ସ୍ମୃତି ଚାରଣ କରିଥିଲେ। ଟ୍ରଷ୍ଟର ଅନ୍ୟତମ ସଦସ୍ୟ ଜ୍ଞାନରଞ୍ଜନ ସାମନ୍ତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଟ୍ରଷ୍ଟ ସମ୍ପାଦକ ଲକ୍ଷ୍ମୀ ପ୍ରକାଶ ମହାପାତ୍ର ବିବରଣୀ ପାଠ କରିଥିଲେ। ଏହି ଅବସରରେ ଗାନ୍ଧିବାଦୀ ତଥା ସ୍ତମ୍ଭକାର ଗୌରାଙ୍ଗ ଚରଣ ପରିଡ଼ାଙ୍କୁ ଚଳିତବର୍ଷର ଭାଗିରଥି ମହାପାତ୍ର ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ସସ୍ମିତା ପଟ୍ଟନାୟକ ମାନପତ୍ର ପାଠ କରିଥିଲେ। ଏଥିସହ ଓଡ଼ିଶା ହାଇକୋର୍ଟ ବାର ଆସୋସିଏଶନର ନବ ନିର୍ବାଚିତ ସଦସ୍ୟମାନଙ୍କୁ ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ଡ. ପ୍ରଭାକର ସ୍ୱାଇଁ ଏବଂ ଐତିହାସିକ ପ୍ରଫେସର ଡ. ଖାରବେଳ ମହାନ୍ତି ସ୍ୱରାଜ ଆଶ୍ରମର ଐତିହ୍ୟ ଏବଂ ଓଡ଼ିଶାର ସାବରମତୀ ଅଳକା ଆଶ୍ରମ ସହିତ ଭାଗୀରଥି ମହାପାତ୍ରଙ୍କ ପ୍ରତ୍ୟକ୍ଷ ସମ୍ପର୍କ ଉପରେ ଆଲୋକପାତ କରିଥିଲେ। ବିଶିଷ୍ଟ ବୁଦ୍ଧିଜୀବୀ ଶ୍ରୋତା ସମ୍ମାନରେ ପ୍ରଫେସର ଡ଼ ସେକ କଲିମୁଲ୍ଲା ସମ୍ମାନିତ ହୋଇଥିଲେ। କବିତା ମହାପାତ୍ର, ବିଶ୍ୱଜିତ୍ ପାଣି, ପ୍ରଶାନ୍ତ ଦାସ, ପତିତପାବନ ମହାପାତ୍ର, ସି. କସ୍ତୁରୀ, ଅସିତ କୁମାର ଜେନା, ସୁସ୍ମିତା ପଟ୍ଟନାୟକ, ଗୀତାଞ୍ଜଳି ବେହୁରା, ସୁବ୍ରତ ସାମଲ, ବିଭୁ ପ୍ରସନ୍ନ ମହାପାତ୍ର, ମନୋଜ କୁମାର ପଣ୍ଡା ଏବଂ ପଦ୍ମାଳୟା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଜଗନ୍ନାଥ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ୱକଫ୍ ସୁଧାର ଜନଜାଗରଣ କର୍ମଶାଳା



ୱକଫ୍ ସୁଧାର ଜନଜାଗରଣ କର୍ମଶାଳାରେ ଉପସ୍ଥିତ ଅତିଥି।

କଟକ,୨୭।୪(ଶିଳ୍ପା ପ୍ରିୟଦର୍ଶିନୀ)

ଟାଉନ ହଲ୍‌ଠାରେ ଭାଜପା କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ୱକଫ୍ ସୁଧାର ଜନଜାଗରଣ ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ମୁଖ୍ୟଅତିଥି ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଯୋଗଦେଇ କହିଛନ୍ତି, ୱକଫ୍ ବିଲ୍‌ରେ ସୁଧାର ଦ୍ୱାରା ଗରିବ ନିଷ୍ପେସିତ ମୁସଲମାନ ଭାଇମାନେ ଉପକୃତ ହେବେ ଏବଂ ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତର ଲକ୍ଷ୍ୟ ପୂରଣ ହେବ। ମୁଖ୍ୟବକ୍ତା ଭାବେ ଜିଲାର ପୂର୍ବତନ ସଂଖ୍ୟାଲଘୁ ସଭାପତି ସବୀର ଅଲ୍ଲୀ ଯୋଗଦେଇ ବିଲ୍ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ଜିଲାର ପୂର୍ବତନ ଉପସଭାପତି ଦେବାଶିଷ ଘୋଷ ସଂଚାଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବଡୁ, ଲକ୍ଷ୍ମୀଧର ପ୍ରଧାନ ଏବଂ ପ୍ରଦୀପ ପଟ୍ଟନାୟକ, ଦ୍ୱିପାୟନ ପଟ୍ଟନାୟକ, ବିଶ୍ୱରଞ୍ଜନ ମିଶ୍ର, ଭାଗୀରଥି ଦଳାଇ, ସୁନୀଲ ଦ୍ୱିବେଦୀ, ସ୍ମୃତି ରଞ୍ଜନ ମିଶ୍ରଙ୍କ ସମେତ ଜିଲାର ସମସ୍ତ ମଣ୍ଡଳ ସଭାପତି ଓ ଶତାଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

# 'ଦୋଳଗୋବିନ୍ଦ ଶାସ୍ତ୍ରୀ ଥିଲେ ଉଚ୍ଚକୋଟୀର ଗବେଷକ'

କଟକ,୨୭।୪(କାର୍ତ୍ତିକ ସାହୁ)

ଡାକ୍ତର ଦୋଳଗୋବିନ୍ଦ ଶାସ୍ତ୍ରୀ ଫାଉଣ୍ଡେଶନ ପକ୍ଷରୁ ସାରସ୍ୱତ ସାଧକ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ସ୍ମୃତିସଂଧ୍ୟା ଓ ସାରସ୍ୱତ ସମାରୋହ ସାରଳା ଭବନଠାରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେଶନର ସଭାପତି ଡ. ପ୍ରଭାକର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଜଷ୍ଟିସ ଦୁର୍ଗାପ୍ରସନ୍ନ ଚୌଧୁରୀ କହିଲେ, ସଂସ୍କୃତ, ଓଡ଼ିଆ, ବଙ୍ଗଳା ଓ ଇଂଲିଶ ଭାଷା ସାହିତ୍ୟରେ ଅଗାଧ ପାଣ୍ଡିତ୍ୟ ରଖିଥିବା ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ଜଣେ ଉଚ୍ଚକୋଟୀର ଗବେଷକ। ମୁଖ୍ୟବକ୍ତା ଶିକ୍ଷାବିତ ଡ. ଅଜୟ କୁମାର ମିଶ୍ର, ସମ୍ମାନିତ ଅତିଥି ପୂର୍ବତନ ପ୍ରଶାସକ ଡ. ଧରଣୀଧର ନାଥ ବକ୍ତବ୍ୟରେ ଡ. ଶାସ୍ତ୍ରୀଙ୍କ ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ସଭାପତି ଡ. ସ୍ୱାଇଁ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିବାରେ ଦୋଳଗୋବିନ୍ଦ ଶାସ୍ତ୍ରୀଙ୍କ ଅବଦାନ ଅତୁଳନୀୟ ବୋଲି କହିଥିଲେ। ଏହି ଅବସରରେ ସାହିତ୍ୟିକ ଡ. ଭାଗବତ ଶୁକ୍ଳଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ଡାକ୍ତର ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ସଞ୍ଜିତ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଫାଉଣ୍ଡେଶନ ସମ୍ପାଦକ ଡ. ଚୌଧୁରୀ ସତ୍ୟ ଦାସ ବିବରଣୀ ପାଠ କରିଥିଲେ। ଗ୍ଲୋବାଲ ଇଣ୍ଡିଆନ ମଡେଲ ସ୍କୁଲ ଅଧ୍ୟକ୍ଷା ଡାକ୍ତର ମଞ୍ଜୁଶ୍ରୀ ଶାସ୍ତ୍ରୀ ଧନ୍ୟବାଦ ଦେଇଥିଲେ। ସାହିତ୍ୟିକ ଡ. ମହେଶ୍ୱର ମହାନ୍ତି, ଶ୍ୟାମସୁନ୍ଦର ଶାସ୍ତ୍ରୀ, ତୁଳସୀ ଶାସ୍ତ୍ରୀ, ଶୋଭନ ରାୟ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସସ୍ମିତା ବଳ, ବର୍ଷାରାଣୀ ପୃଷ୍ଟି, ମହାବିଦ୍ୟା ଚୌଧୁରୀ, ସାଗରିକା ସ୍ୱାଇଁ, ପ୍ରସନ୍ନ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



କଟକ ସାରଳା ଭବନରେ ସାରସ୍ୱତ ସାଧକ ପ୍ରଫେସର ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମାରୋହରେ ସାହିତ୍ୟିକ ଡ. ଭାଗବତ ଶୁକ୍ଳଙ୍କୁ ଡ. ଦୋଳଗୋବିନ୍ଦ ଶାସ୍ତ୍ରୀ ସାରସ୍ୱତ ସମ୍ମାନ ପ୍ରଦାନ ଅବସରରେ ଉପସ୍ଥିତ ଅତିଥି।

# ମଧୁବାବୁଙ୍କ ଆଦର୍ଶ ଆଜି ବି ଜୀବିତ

ସାଲେପୁର,୨୭।୪(ଅରବିନ୍ଦ ଭୂୟାଁ)

ସାଲେପୁର ବଜାର ପଡ଼ିଆରେ ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ହାଇକୋର୍ଟର ବିଚାରପତି ଶଶିକାନ୍ତ ମିଶ୍ର ଯୋଗଦେଇ ମଧୁବାବୁ ଓଡ଼ିଆ ଜାତିର ଲୋକମାନଙ୍କ ପାଇଁ ସବୁବେଳେ ଚିନ୍ତା କରୁଥିଲେ। ମଧୁବାବୁଙ୍କ ପାଇଁ ଏହି ମାଟି ଖାଲି ଦେଶରେ ନୁହେଁ, ସମଗ୍ର ବିଶ୍ୱରେ ନିଜର ପରିଚୟ ସୃଷ୍ଟି କରିପାରିଛି ବୋଲି ସେ ପ୍ରକାଶ କରିଥିଲେ। ଆଜି ମଧୁବାବୁ ନ ଥିଲେ ମଧ ତାଙ୍କ ଆଦର୍ଶ ଏବେ ବି ଜୀବିତ ବୋଲି ମିଶ୍ର କହିଥିଲେ। ମଧୁବାବୁ ଜୟନ୍ତୀ କମିଟିର ପ୍ରତିଷ୍ଠାତା ସଭାପତି ତଥା ପୂର୍ବତନ ବିଧାୟକ ପ୍ରକାଶ ଚନ୍ଦ୍ର ବେହେରା ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ମନୋଜ ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡ଼ିଶା ହାଇକୋର୍ଟ ବାର୍ ଆସୋସିଏଶନର ପୂର୍ବତନ ସଭାପତି





ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟାରେ ଆୟୋଜିତ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

**ରାଜ୍ୟସ୍ତରୀୟ ମଧୁବାବୁ ଜୟନ୍ତୀ ଓ ସାଲେପୁର ମହୋତ୍ସବର ତୃତୀୟ ସନ୍ଧ୍ୟା**

ବିଜୟ ଦାଶ, ବିଶିଷ୍ଟ ଖବରଦାତା ଶ୍ରୀରାମ ଦାଶ ଯୋଗଦେଇଥିଲେ। ଅନୁଷ୍ଠାନର ଉପସଭାପତି ଶ୍ରୀକାନ୍ତ କୁମାର ପଣ୍ଡା ଅତିଥି ପରିଚୟ ଓ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଧ୍ୟ ପୁରସ୍କୃତ କରିଥିଲେ। ଏହାପରେ ଓଡ଼ିଶାର ଖ୍ୟାତନାମା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଗାୟକ ବର୍ଣ୍ଣାଳୀ ହୋତା ଓ ତାଙ୍କ ଗ୍ରୁପ୍ କଳାକାରଙ୍କ ସଂଗୀତ ଓ ନୃତ୍ୟରେ ଦର୍ଶକ ଝୁମିଥିଲେ। ଅନୁଷ୍ଠାନର ସମ୍ପାଦକ ଅଶ୍ୱିନୀ କୁମାର ଦାସ, ଆଜମଲ ଖାଁ, ସୁଜିତ୍ ମହାରଣା, ଚନ୍ଦ୍ରାଦେଇପୁର ସରପଞ୍ଚ ପ୍ରତିନିଧି ମହେଶ୍ୱର ମଲିକ, ପୂର୍ବତନ ସରପଞ୍ଚ ପୂର୍ଣ୍ଣିମା ବସ୍ତିଆ, ବିନୀତ ରଞ୍ଜନ ବିଶ୍ୱାଳ, ସନ୍ତୋଷ କୁମାର ଭୂୟାଁ ଓ ଉମାକାନ୍ତ କାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ ପଡ଼ିଆରେ ଜୟନ୍ତୀ କମିଟି ପକ୍ଷରୁ କରାଯାଇଥିବା ଷ୍ଟଲ୍, ଦୋଳି ଓ ବାଲୁକାଶିଳ୍ପୀଙ୍କ କାରୁକାର୍ଯ୍ୟ ଦେଖିବାକୁ ଗହଳି ଜମିଥିଲା।

# ଆତଙ୍କବାଦ ନିରୋଧୀ ଲଢ଼େଇରେ ଦେଶବାସୀ ଏକଜୁଟ୍: ଭାଜପା


ଭଦ୍ରକର ଧାମରାଠାରେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟମାନେ 'ମନ୍ କୀ ବାତ୍' ଶୁଣୁଛନ୍ତି।

ଭୁବନେଶ୍ୱର, ୨୭।୪(ରବିନାରାୟଣ ଜେନା)

ମନ୍ କୀ ବାତ୍ କାର୍ଯ୍ୟକ୍ରମର ୧୨୧ତମ ସଂସ୍କରଣରେ ଜମ୍ମୁ ଓ କଶ୍ମୀରର ପହଲଗାମ୍‌ରେ ଆତଙ୍କବାଦୀଙ୍କ ବର୍ବରୋଚିତ ଆକ୍ରମଣ ଘଟଣାକୁ ମନେ ପକାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁଃଖବ୍ୟକ୍ତ କରିଛନ୍ତି। ପୀଡ଼ିତ ଏବଂ ସେମାନଙ୍କ ପରିବାର ପ୍ରତି ପ୍ରଧାନମନ୍ତ୍ରୀ ସମବେଦନା ଜଣାଇଛନ୍ତି। ତେବେ ଆତଙ୍କବାଦ ନିରୋଧୀ ଲଢ଼େଇରେ ପୂରା ଦେଶବାସୀ ପ୍ରଧାନମନ୍ତ୍ରୀଙ୍କ ସହ ଅଛନ୍ତି ବୋଲି ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ କହିଛନ୍ତି।

ସେ କହିଛନ୍ତି ଯେ, ଭାଜପା ସରକାର ଜମ୍ମୁ-କଶ୍ମୀରରୁ ୩୭୦ ଅନୁଚ୍ଛେଦ ଉଚ୍ଛେଦ କରି ଏହାକୁ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ଭାବେ ଘୋଷଣା କରିବା ପରେ ସେଠାରେ ଶାନ୍ତି ଫେରୁଥିଲା। ପର୍ଯ୍ୟଟକଙ୍କ ସଂଖ୍ୟାରେ ଅଭୁତପୂର୍ବ ବୃଦ୍ଧି ସହ ସ୍ଥାନୀୟ ଲୋକଙ୍କ ରୋଜଗାର ବଢୁଥିଲା। ହେଲେ ଆତଙ୍କବାଦୀମାନେ ଏହାକୁ ସହି ନ ପାରି ଧର୍ମ ଆଧାରରେ କଶ୍ମୀରରେ ଯେଉଁ ଅମାନବୀୟ କାଣ୍ଡ କଲେ ତାହାକୁ ନିନ୍ଦା କରୁଛି। ନିରୀହ ପର୍ଯ୍ୟଟକଙ୍କୁ ଆକ୍ରମଣ କରି ଆତଙ୍କବାଦୀମାନେ ନିଜର କାପୁରୁଷତାର ପରିଚୟ ଦେଇଛନ୍ତି। ସେମାନଙ୍କୁ ଜବାବ ଦେବାପାଇଁ ଏବଂ ଆଗକୁ ଦେଶର ହିତ ଲାଗି ପ୍ରଧାନମନ୍ତ୍ରୀ ଯାହା ସବୁ ପଦକ୍ଷେପ ନେବେ ସେଥିରେ ସମସ୍ତଙ୍କ ପୂର୍ଣ୍ଣ ସହଯୋଗ ରହିବ ବୋଲି ଭଦ୍ରକ ଜିଲା ଧାମରାଠାରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ ଶୁଣିବା ଅବସରରେ ମନମୋହନ ଏହା କହିଛନ୍ତି।

## କଂଗ୍ରେସର ଆଜି ସମ୍ବିଧାନ ବଞ୍ଚାଅ ଆନ୍ଦୋଳନ

ଭୁବନେଶ୍ୱର,୨୭।୪
(ରବିନାରାୟଣ ଜେନା)

ସମ୍ବିଧାନର ଡୋରରେ ଦେଶବାସୀ ବନ୍ଧା। ହେଲେ କେନ୍ଦ୍ର ଏବଂ ରାଜ୍ୟରେ ଭାଜପା ସରକାର ତିଳେ ହେଲେ ସମ୍ବିଧାନକୁ ଖାତିର କରୁନାହାନ୍ତି। ଏଥିପାଇଁ ସୋମବାର ରାଜ୍ୟ କଂଗ୍ରେସ ତରଫରୁ ସମ୍ବିଧାନ ବଞ୍ଚାଅ ଅଭିଯାନ କାର୍ଯ୍ୟକ୍ରମ ଜୋରଦାର କରାଯିବ ବୋଲି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି। ରବିବାର ସରକାରୀ ବାସଭବନରେ ଖବରଦାତା ସମ୍ମିଳନୀରେ କାଡାମ କହିଥିଲେ, ରାଜ୍ୟରେ ନାରୀ ନିର୍ଯାତନା ଦିନକୁ ଦିନ ବଢ଼ି ଚାଲିଛି। ଶିଶୁ ଚୋରି ଏବେ ନିତିଦିନିଆ ଘଟଣା ହୋଇଗଲାଣି। ହେଲେ ରାଜ୍ୟ ସରକାର ଏଦିଗରେ ଯେଭଳି ଠୋସ୍ ପଦକ୍ଷେପ ଉଠାଇବା କଥା ତାହା କରୁ ନାହାନ୍ତି। ନାରୀଙ୍କୁ ନ୍ୟାୟ ଦେବା ବଦଳରେ ଚୁପ୍ ବସୁଛନ୍ତି। ତେଣୁ ସମ୍ବିଧାନ ପ୍ରଣେତା ଡ. ଭୀମରାଓ ଆମ୍ବେଡକର, ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ସମ୍ମାନାର୍ଥେ ସୋମବାର ଗାନ୍ଧୀମାର୍ଗରେ କଂଗ୍ରେସ ପକ୍ଷରୁ ଦିଆଯାଇଥିବା ସମ୍ବିଧାନ ବଞ୍ଚାଅ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କାଡ଼ାମ କହଛନ୍ତି। ସେ କହିଛନ୍ତି ଯେ, ପର୍ଯ୍ୟାୟକ୍ରମେ ଜିଲାସ୍ତରରୁ ଆରମ୍ଭ କରି ପଞ୍ଚାୟତ କ୍ଷେତ୍ରରେ ମଧ୍ୟ ଏହି ଆନ୍ଦୋଳନକୁ ବ୍ୟାପକ କରାଯିବ। ପରେ କଂଗ୍ରେସ ନେତା ଏବଂ କର୍ମୀମାନେ ଘରକୁ ଘର ଯାଇ ସମ୍ବିଧାନ ସୁରକ୍ଷା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବେ। କାଡାମ କହିଥିଲେ, ରାଜ୍ୟରେ ଆଦିବାସୀ ଓ ପଛୁଆବର୍ଗଙ୍କୁ ସରକାର ଉପେକ୍ଷା କରି ଚାଲିଛନ୍ତି। ଆଗାମୀ ଦିନରେ ସେନେଇ ଆନ୍ଦୋଳନ କରାଯିବ। ରାଜ୍ୟରେ 'ପେସା' ଆଇନ ଯେଭଳି ଠିକଣା ଭାବେ କାର୍ଯ୍ୟକାରୀ ହେବ ଏବଂ ସମସ୍ତଙ୍କୁ ଉଚିତ ନ୍ୟାୟ ମିଳିବ ସେଥିପାଇଁ କଂଗ୍ରେସ ପ୍ରତିଶ୍ରୁତିବଦ୍ଧ ବୋଲି ସେ କହିଥିଲେ।

## ମହିଳାଙ୍କ ସୁରକ୍ଷା ପାଇଁ ସଂଘର୍ଷ ଜାରି ରଖିବୁ: କଂଗ୍ରେସ

ଭୁବନେଶ୍ୱର,୨୭।୪(ରବିନାରାୟଣ ଜେନା)

**୧୦ମାସରେ ୨ହଜାର ନାରୀ ନିର୍ଯାତନା**

ରାଜ୍ୟରେ ମୋହନ ସରକାର ଅମଳରେ ୨ହଜାର ନାରୀ ନିର୍ଯାତନାର ଶିକାର ହେଲେଣି ବୋଲି କଂଗ୍ରେସ ଅଭିଯୋଗ କରିଛି। ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ କଂଗ୍ରେସର ତଥ୍ୟ ଅନୁଧାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ କହିଛନ୍ତି, ରାଜ୍ୟରେ ହୁ ହୁ ହୋଇ ନାରୀ ନିର୍ଯାତନା ବଢ଼ି ଚାଲିଛି। ଏମିତିକି ଫେବୃଆରୀ ୨୧ ତାରିଖରୁ ଅଦ୍ୟାବଧି ଶତାଧିକ ନାବାଳିକା ମାତୃତ୍ୱ ଲାଭ କରିବା ଏବଂ ଶିଶୁକନ୍ୟା ବଳାତ୍କାର ଓ ହତ୍ୟାର ଶିକାର ହୋଇସାରିଲେଣି। ଗତ ୨୫ ତାରିଖରେ ଗଞ୍ଜାମର ପାଟପୁର ଥାନା ଅନ୍ତର୍ଗତ ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା ହେଉ ଅବା ଗତ ମାର୍ଚ୍ଚ ମାସ ଅନୁଗୋଳର ଦିସା ଇଣ୍ଡଷ୍ଟ୍ରିଆଲ ଇଷ୍ଟେଟ୍ ଅଞ୍ଚଳର ୬ ବର୍ଷର ଶିଶୁ କନ୍ୟାକୁ ବଳାତ୍କାର ପରେ ହତ୍ୟା ଘଟଣା କିମ୍ବା ଢେଙ୍କାନାଳର ହିନ୍ଦୋଳ ଥାନା ଅଞ୍ଚଳରେ ୭ ବର୍ଷର ଶିଶୁ କନ୍ୟାକୁ ଗଣବଳାତ୍କାର ଘଟଣା ହେଉ ଏହା ଭାଜପା ସରକାରଙ୍କ ଅପାରଗପଣିଆକୁ ଦର୍ଶାଉଛି।

ସେ କହିଛନ୍ତି, ଚଳିତବର୍ଷ ମାଟ୍ରିକ ପରୀକ୍ଷା ଚାଲୁଥିବା ବେଳେ ୨୧ ଫେବୃଆରୀରେ ମାଲକାନଗିରିର ଚିତ୍ରକୋଣ୍ଡା ବାଳିକା ଉଚ୍ଚ ବିଦ୍ୟାଳୟର ଜନୈକ ନାବାଳିକା ଛାତ୍ରୀ ବିଦ୍ୟାଳୟର ଛାତ ଉପରେ ସନ୍ତାନ ପ୍ରସବ କରିବା ଘଟଣାଠାରୁ ଆରମ୍ଭ କରି ଯାଜପୁର ବରି ଥାନା ଅଞ୍ଚଳରେ ମାଟ୍ରିକ ପରୀକ୍ଷାର ଦ୍ୱିତୀୟଦିନ ୨୩ ଫେବୃଆରୀରେ ଜନୈକ ଛାତ୍ରୀ ସନ୍ତାନ ପ୍ରସବ କରିବା ଘଟଣା ରାଜ୍ୟର ଆଇନଶୃଙ୍ଖଳା ବିଫଳତାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ଏତେସବୁ ଘଟଣା ପରେ ବି ଭାଜପା ସରକାର ଚୁପ୍ ବସିଛି। ଏ ସରକାରଠାରୁ ଅଧିକା କିଛି ଆଶା ନ କରି ଓଡ଼ିଶାର ମା' ଭଉଣୀମାନେ ନିଜର ଆତ୍ମରକ୍ଷା ନିଜେ କରିବା ଉଚିତ ହେବ ବୋଲି ନଗେନ୍ଦ୍ର କହିଛନ୍ତ। ସେ କହିଛନ୍ତି, ଯେପର୍ଯ୍ୟନ୍ତ ରାଜ୍ୟର ପ୍ରତ୍ୟେକଟି ମହିଳାଙ୍କୁ ସୁରକ୍ଷା ନ ମିଳିଛି ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ଲଢ଼େଇ ଜାରି ରଖିବ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ, ସଦସ୍ୟ ଆଇନଜୀବୀ ମାନସ ମଲ୍ଲିକ,କଂଗ୍ରେସର ବରିଷ୍ଠ ନେତା ଦେବାଶିଷ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


କଂଗ୍ରେସ ଭବନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ତଥ୍ୟ ଅନୁଧାନକାରୀ ଦଳ କମିଟି ଅଧ୍ୟକ୍ଷ ନଗେନ୍ଦ୍ର କୁମାର ପ୍ରଧାନ ଓ ଅନ୍ୟ ନେତାମାନେ।

## ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ମନ୍ତ୍ରୀ ବିଦା

ଚେନ୍ନାଇ,୨୭।୪

ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍‌ଙ୍କ କ୍ୟାବିନେଟ୍‌ରୁ ୨ ବରିଷ୍ଠ ମନ୍ତ୍ରୀଙ୍କୁ ବିଦା କରାଯାଇଛି। ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିବା ରାଜଭବନ ସୂତ୍ରରୁ ଜଣାପଡ଼ିଛି। ରାଜ୍ୟପାଳ ଆର୍.ଏନ୍. ରବି ସେମାନଙ୍କ ଇସ୍ତଫାପତ୍ରକୁ ଗ୍ରହଣ କରିଛନ୍ତି। ଫଳରେ ଏସ୍.ଏସ୍. ଶିବଶଙ୍କରଙ୍କୁ ଅତିରିକ୍ତ ଭାବେ ବିଦ୍ୟୁତ୍ ବିଭାଗ ଦିଆଯାଇଥିବାବେଳେ ଏସ୍. ମୁଥୁସାମି ଅବକାରୀ ବିଭାଗ ଦାୟିତ୍ୱରେ ରହିବେ। ଆର୍.ଏସ୍. ରାଜକନ୍ନପାନଙ୍କୁ ଜଙ୍ଗଲ ଓ ଖଦି ବିଭାଗ ମନ୍ତ୍ରୀ ଭାବେ ନିଯୁକ୍ତ କରାଯାଇଛି। ଏହା ବ୍ୟତୀତ ବିଧାୟକ ଟି. ମାନୋ ଥଙ୍ଗରାଜଙ୍କୁ କ୍ୟାବିନେଟ୍‌ରେ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ଷ୍ଟାଲିନ୍ ସୁପାରିସ କରିଛନ୍ତି। ସୋମବାର ରାଜଭବନରେ ନୂଆ ମନ୍ତ୍ରୀ ଶପଥ ନେବେ।


ସେନ୍ଥିଲ ବାଲାଜୀ


କେ. ପୋନ୍‌ମୁଡ଼ି

ସୂଚନାଯୋଗ୍ୟ, ସେନ୍ଥିଲ ବାଲାଜୀ ଏବଂ କେ. ପୋନ୍‌ମୁଡ଼ି ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲେ। ନିଯୁକ୍ତି ପାଇଁ ଟଙ୍କା କାରବାର ଦୁର୍ନୀତିରେ ସେନ୍ଥିଲ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ଥିବାବେଳେ ସୁପ୍ରିମକୋର୍ଟ ଏହାର ଶୁଣାଣି କରିବାକୁ ଗୁରୁବାର ରାଜି ହୋଇଥିଲେ। ସେହିପରି ଶୈବ ଓ ବୈଷ୍ଣବ ଧର୍ମ ଏବଂ ମହିଳାଙ୍କ ବିରୋଧରେ କେ. ପୋନ୍‌ମୁଡ଼ି ଦେଇଥିବା ଘୃଣିତ ମନ୍ତବ୍ୟକୁ ମାଡ୍ରାସ ହାଇକୋର୍ଟ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ତଦନ୍ତ ନିର୍ଦ୍ଦେଶ ଦେଇଥିଲେ।

# ୱେଭ୍ସ ୨୦୨୫ : ବିଶ୍ୱ ସୃଜନଶୀଳ ନେତୃତ୍ୱ ଦିଗରେ ଭାରତର ଉପଲବ୍ଧି


ଡକ୍ଟର ଏଲ୍ ମୁରୁଗନ
କେନ୍ଦ୍ର ସୂଚନା,ପ୍ରସାରଣ ଓ ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ

ଭାରତ ସବୁବେଳେ କାହାଣୀ କହିବାର କଳାରେ ଉତ୍କର୍ଷ ହାସଲ କରିଛି। ରାମାୟଣ ଏବଂ ମହାଭାରତ ଭଳି କାଳାତୀତ ମହାକାବ୍ୟ ଅନେକ ପିଢ଼ିକୁ ନିଜ ଆଡ଼କୁ ଆକର୍ଷିତ କରିଛି। ଆମ ଆଖ୍ୟାନ ସବୁ ଏହି ଗାଥାଗୁଡ଼ିକ ଜରିଆରେ ଆଗକୁ ବଢ଼ିଛି। ଏସବୁ କାହାଣୀ ଦୁନିଆକୁ ଦେଖିବା ଲାଗି ଆମକୁ ଏକ ଭିନ୍ନ ଦୃଷ୍ଟିକୋଣ ଦେବା ସହିତ ସୃଜନଶୀଳତାର ପରିପ୍ରକାଶ କରି କଳାକାର ଏବଂ ଦୂରଦ୍ରଷ୍ଟାମାନଙ୍କର ଅନେକ ପିଢ଼ିକୁ ଅନୁପ୍ରାଣିତ କରିଛି। କାହାଣୀ କହିବାର ଏହି ଅନ୍ତର୍ନିହିତ ଉତ୍ସାହ ଏକ ସଶକ୍ତ ସୃଜନଶୀଳ ଆକାଂକ୍ଷା ରୂପରେ ବିକଶିତ ହୋଇଛି। ଏହା ଏବେ ଭାରତକୁ ବିଶ୍ୱ ଗଣମାଧ୍ୟମର ମହାଶକ୍ତି ରୂପରେ ବିକଶିତ ହେବାରେ ସହାୟତା କରୁଛି।

୧ରୁ ୪ ମେ' ୨୦୨୫ରେ ଆୟୋଜିତ ହେବାକୁ ଥିବା ପ୍ରଥମ ବିଶ୍ୱ ଦୃଶ୍ୟ-ଶ୍ରାବ୍ୟ ଓ ମନୋରଞ୍ଜନ ଶିଖର ସମ୍ମିଳନୀ(ୱେଭ୍ସ) ଭାରତକୁ ବିଶ୍ୱ ସୃଜନଶୀଳତାର ମଧ୍ୟଭାଗରେ ସ୍ଥାପନ କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିକଳ୍ପିତ ୱେଭ୍ସ ଏକ ପରିବର୍ତ୍ତନକାରୀ ଆନ୍ଦୋଳନ ଅଟେ ଏବଂ ଏହା ମିଡିଆ ଓ ମନୋରଞ୍ଜନ (ଏମ୍ଆଣ୍ଡଇ) ପରିଦୃଶ୍ୟକୁ ପୁନଃପରିଭାଷିତ କରିବ। ଭାରତର ମିଡିଆ ଓ ମନୋରଞ୍ଜନ ଉଦ୍ୟୋଗର ଆକାର ପ୍ରାୟ ୨.୭ ଟ୍ରିଲିୟନ ଟଙ୍କାରେ ପହଞ୍ଚିଛି। ଏଭଳି ସ୍ଥିତିରେ ୱେଭ୍ସ ୨୦୨୫ ସୃଜନଶୀଳତା, ନବୋନ୍ମେଷ ଏବଂ ଉଦ୍ୟମିତାରେ ଅଗ୍ରଣୀ ହେବା ଲାଗି ଆମ ସଂକଳ୍ପର ସଙ୍କେତ ଦେଇଥାଏ।

ଭାରତର କଣ୍ଟେଣ୍ଟ ବା ବିଷୟବସ୍ତୁ ନିର୍ମାଣ ପରିଦୃଶ୍ୟ ଏବେ ପାରମ୍ପରିକ ମିଡିଆରୁ ଏକ ସମ୍ପନ୍ନ ଡିଜିଟାଲ ପ୍ରଥମ ଇକୋସିଷ୍ଟମ୍‌ରେ ପରିବର୍ତ୍ତିତ ହୋଇସାରିଛି। ଏଥିସହିତ ଏବେ ଏହା ଷ୍ଟ୍ରିମିଂ ସେବା, ସୋସିଆଲ ମିଡିଆ ଏବଂ ଉଦୀୟମାନ ପ୍ରଯୁକ୍ତି ମାଧ୍ୟମରେ ବିଶ୍ୱ ସମ୍ପର୍କର ମଧ୍ୟ ବିସ୍ତାର କରୁଛି। ଭାରତରେ ବିଦେଶୀ ଚଳଚ୍ଚିତ୍ର ନିର୍ମାଣ ପାଇଁ ପ୍ରୋତ୍ସାହନ, ସହ-ନିର୍ମାଣ ରାଜିନାମା ଏବଂ ଚଳଚ୍ଚିତ୍ର ସୁବିଧା କାର୍ଯ୍ୟାଳୟ (ଏଫ୍ଏଫ୍ଓ) ଭଳି ସରକାରୀ ପଦକ୍ଷେପ ବିଶ୍ୱ ସୃଜନଶୀଳ ନିର୍ମାତାଙ୍କ ପାଇଁ ପସନ୍ଦଯୋଗ୍ୟ ଗନ୍ତବ୍ୟ ରୂପରେ ଭାରତର ସ୍ଥିତିକୁ ମଜଭୁତ କରିଥାଏ।

### ମିଡିଆ ଓ ମନୋରଞ୍ଜନର ପରିଦୃଶ୍ୟ ବଦଳୁଛି

ୱେଭ୍ସ ୨୦୨୫ ଭାରତର ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପ ପାଇଁ ଏକ ନୂତନ ଯୁଗର ଆରମ୍ଭକୁ ପ୍ରତିନିଧିତ୍ୱ କରେ। ସାରା ବିଶ୍ୱରୁ ଅଭିନବ ନିର୍ମାତା, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ନେତୃବର୍ଗଙ୍କୁ ଏକାଠି କରି ଏହି ଶିଖର ସମ୍ମିଳନୀ ସହଯୋଗର ବାତାବରଣ ସୃଷ୍ଟି କରିଥାଏ। ଏଥିସହିତ ଏହା ମନୋରଞ୍ଜନର ସୃଷ୍ଟି, ବିତରଣ ଏବଂ ଅଭିଜ୍ଞତାକୁ ଏକ ନୂତନ ରୂପ ଦେବ।

ଏହି ପରିବର୍ତ୍ତନର ମୂଳରେ ୱେଭ୍ସ ୨୦୨୫ ଏବଂ ୱେଭ୍ସ ବଜାର ଏଭଳି ପଦକ୍ଷେପମାନ ରହିଛି। ୱେଭ୍ସ ୨୦୨୫ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ଯେପରି କି ଗେମିଂ, ଆନିମେଶନ, ଏକ୍ସଟେଣ୍ଡେଡ ରିୟଲିଟି(ଏକ୍ସଆର), ଜେନେରେଟିଭ ଏଆଇ ଏବଂ ପରବର୍ତ୍ତୀ-ଜେନେରେଶନ କଣ୍ଟେଣ୍ଟ ପ୍ଲାଟଫର୍ମରେ କାର୍ଯ୍ୟ କରୁଥିବା ଷ୍ଟାର୍ଟଅପ୍‌ଗୁଡ଼ିକୁ ସଶକ୍ତ କରିଥାଏ। ଏହି ପଦକ୍ଷେପ ଷ୍ଟାର୍ଟଅପ୍ ପାଇଁ ସେମାନଙ୍କର ବିଚାର ପ୍ରଦର୍ଶନ କରିବା, ପ୍ରଶିକ୍ଷଣ ଲାଭ କରିବା ଏବଂ ଭେଞ୍ଚର ପୁଞ୍ଜିପତି ଏବଂ ସେଲିବ୍ରିଟି ଆଞ୍ଜେଲ ନିବେଶକଙ୍କ ସହ ବାର୍ତ୍ତାଳାପ ମାଧ୍ୟମରେ ପାଣ୍ଠି ସୁରକ୍ଷିତ କରିବା ପାଇଁ ଏକ ଆଧାର ସୃଷ୍ଟି କରେ। ଅନ୍ୟପକ୍ଷରେ, ୱେଭ୍ସ ବଜାର ଏକ ଗତିଶୀଳ ଇ-ମାର୍କେଟପ୍ଲେସ୍ ଭାବରେ କାର୍ଯ୍ୟ କରେ, ଯାହା ସୃଜନଶୀଳ ସ୍ରଷ୍ଟା, କ୍ରେତା ଏବଂ ବିକ୍ରେତାମାନଙ୍କୁ ଯୋଡ଼ିବା ପାଇଁ ପରିକଳ୍ପିତ। ଚଳଚ୍ଚିତ୍ର, ଟେଲିଭିଜନ, ଗେମିଂ, ବିଜ୍ଞାପନ ବ୍ୟତୀତ ୫,୫୦୦ରୁ ଅଧିକ କ୍ରେତା, ୨,୦୦୦ ବିକ୍ରେତା ଏବଂ ୧, ୦୦୦ ପଞ୍ଜୀକୃତ ପ୍ରକଳ୍ପ ସହିତ ଏହି ବଜାର ସ୍ୱତଃପ୍ରବୃତ୍ତ ସହଯୋଗ ଏବଂ ସୁଯୋଗ ଆବିଷ୍କାର କରିବାର ଏକ ସ୍ଥାନ। ପ୍ରକଳ୍ପ ଏବଂ ପେସାଦାରମାନେ ସୃଜନଶୀଳ ଅର୍ଥ ବ୍ୟବସ୍ଥାରେ ଠିକ୍ ସଂଯୋଗ, ନବସୃଜନ ଏବଂ ଅଭିବୃଦ୍ଧି ଯେପରି ପାଇପାରିବେ ତାହା ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଦ୍ୱାରା ପରିଚାଳିତ ମ୍ୟାଚ ମେକିଂ ଏହା ସୁନିଶ୍ଚିତ କରିଥାଏ। ଏହି ମଞ୍ଚଗୁଡ଼ିକ ଏକ କାର୍ଯ୍ୟକ୍ରମ ପରିଚାଳନାଠାରୁ ଊର୍ଦ୍ଧ୍ୱରେ ପରିବର୍ତ୍ତନଶୀଳ ଇକୋସିଷ୍ଟମ୍ ଅପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ, ଯାହା ତରଙ୍ଗ ସମାପ୍ତ ହେବା ପରେ ମଧ୍ୟ ଗଣମାଧ୍ୟମ ଏବଂ ମନୋରଞ୍ଜନ କ୍ଷେତ୍ରକୁ ପ୍ରଭାବିତ କରିବ। ଏହା ଭାରତର ଡିଜିଟାଲ ସାର୍ବଜନୀନ ଭିତ୍ତିଭୂମିରେ ଆଉ ଏକ ମାଇଲଖୁଣ୍ଟ ହେବ।

### ଯୁବବର୍ଗଙ୍କ ଲାଗି ଏକ ସ୍ୱର୍ଣ୍ଣିମ ମଞ୍ଚ

ଭାରତର ବୃହତ୍ ଯୁବବର୍ଗ ୱେଭ୍ସ ପଦକ୍ଷେପ ଦ୍ୱାରା ବ୍ୟାପକ ଭାବେ ଉପକୃତ ହେବେ। ହାରାହାରି ୨୯ ବର୍ଷ ବୟସ ସହିତ ଭାରତ କେବଳ ବିଶ୍ୱର ସର୍ବକନିଷ୍ଠ ଦେଶ ନୁହେଁ ବରଂ ସୃଜନଶୀଳତା ଏବଂ ନବସୃଜନ ଦୃଷ୍ଟିରୁ ସବୁଠାରୁ ଜୀବନ୍ତ ରାଷ୍ଟ୍ର ମଧ୍ୟ। 'ୱେଭ୍ସ ୨୦୨୫' ଯୁବପିଢ଼ିଙ୍କୁ ଏହାର ଦୂରଦୃଷ୍ଟିର ଅଗ୍ରଭାଗରେ ରଖିବା ସହିତ ଦକ୍ଷତା ବିକାଶ, ଉଦ୍ୟୋଗିତା ଏବଂ ବିଶ୍ୱସ୍ତରୀୟ ସହଯୋଗର ମାର୍ଗ ପ୍ରଶସ୍ତ କରିଥାଏ।

'କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ' ଏହି ପ୍ରତିବଦ୍ଧତାର ଏକ ଉଦାହରଣ। ୧୧୦୦ରୁ ଅଧିକ ଅନ୍ତର୍ଜାତୀୟ ଅଂଶଗ୍ରହଣକାରୀଙ୍କ ସହିତ ପ୍ରାୟ ୧,୦୦,୦୦୦ ପଞ୍ଜୀକରଣ ସହ ଏହି ପ୍ରତିଯୋଗିତା ନିଜର ସୃଜନଶୀଳତା ପ୍ରଦର୍ଶନ କରିବାକୁ ଆଗ୍ରହୀ ପ୍ରତିଭାଙ୍କର ଏକ ବିବିଧ ଗୋଷ୍ଠୀକୁ ଆକର୍ଷିତ କରିଛି । କ୍ରିଏଟୋସ୍ଫିୟର ଅଂଶବିଶେଷ ସ୍ୱରୂପ ପ୍ରତିଯୋଗୀମାନେ ଅଗ୍ରଣୀ ଶିଳ୍ପପତିଙ୍କ ସହ ଯୋଡ଼ିହେବା, ମାଷ୍ଟରକ୍ଲାସ୍‌ରେ ଭାଗନେବା ଏବଂ ବିଶ୍ୱସ୍ତରୀୟ ପରିଚୟ ହାସଲ କରିବାର ବ୍ୟାପକ ସୁଯୋଗ ପାଇବେ।

ଏହାବ୍ୟତୀତ ମୁମ୍ବାଇରେ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ ଟେକ୍ନୋଲୋଜି (ଆଇଆଇସିଟି)ର ପ୍ରତିଷ୍ଠା ଭାରତର ଯୁବକମାନଙ୍କ ଭବିଷ୍ୟତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିବେଶର ପ୍ରତୀକ। ଦକ୍ଷତା ବିକାଶ ଏବଂ ନବସୃଜନ ପାଇଁ ଏକ ବୈଶ୍ୱିକ ଉତ୍କର୍ଷ କେନ୍ଦ୍ର ଭାବେ ଆଇଆଇସିଟି ସୃଜନଶୀଳତା ଏବଂ ପ୍ରଯୁକ୍ତିବିଦ୍ୟା ମଧ୍ୟରେ ଥିବା ବ୍ୟବଧାନକୁ ଦୂର କରିବ, ଯାହାଦ୍ୱାରା ଯୁବ ଭାରତୀୟଙ୍କ ପାଖରେ ଗଣମାଧ୍ୟମ ଏବଂ ମନୋରଞ୍ଜନ ଉଦ୍ୟୋଗର ବର୍ଦ୍ଧିତ ଚାହିଦାକୁ ପୂରଣ କରିବାରେ ଦକ୍ଷତା ସୁନିଶ୍ଚିତ ହୋଇପାରିବ।

### ଦୀର୍ଘସ୍ଥାୟୀ ବିକାଶ ପାଇଁ ବିଶ୍ୱସ୍ତରୀୟ ସହଯୋଗ

ଶିଖର ସମ୍ମିଳନୀରେ 'ବିଶ୍ୱ ଗଣମାଧ୍ୟମ ବିତର୍କ' ମଧ୍ୟ ସାମିଲ ହେବ। ଏହା ବିଶ୍ୱସ୍ତରୀୟ ନେତୃତ୍ୱ, ନୀତି ନିର୍ଦ୍ଧାରକ, କଳାକାର ଏବଂ ଶିଳ୍ପ ପେସାଦାରମାନଙ୍କୁ ଏକାଠି କରିବ । ଏହି ବିତର୍କ କେବଳ ଆଲୋଚନା ସନ୍ଦର୍ଭରେ ନୁହେଁ ବରଂ ଅନ୍ତର୍ଜାତୀୟ ସହଯୋଗ, ନୈତିକ ଅଭ୍ୟାସ ଏବଂ ନବସୃଜନ ପାଇଁ ରଣନୀତି ବିକାଶ ସହିତ ମଧ୍ୟ ଜଡ଼ିତ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସିଇଓ ଏବଂ ଶିଳ୍ପ ଅଂଶୀଦାରମାନଙ୍କ ସହିତ ନିର୍ଦ୍ଧାରିତ ବାର୍ତ୍ତାଳାପ ପ୍ରଭାବଶାଳୀ ଭାଗୀଦାରି ଆରମ୍ଭ କରିବ ବୋଲି ଆଶା କରାଯାଉଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ଭାରତକୁ ଉପକୃତ କରିବ।

### ବିକଶିତ ଭାରତ ପାଇଁ ଦୃଷ୍ଟିକୋଣ

ୱେଭ୍ସ ୨୦୨୫ କେବଳ ଏକ ଆୟୋଜନ ନୁହେଁ, ଏହା ଏକ ବିକଶିତ ଭାରତର ଲକ୍ଷ୍ୟକୁ ସାକାର କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ । ଭାରତ ଏକ ବିକଶିତ ରାଷ୍ଟ୍ର ଭାବରେ ସୃଜନଶୀଳତା ଏବଂ ନବସୃଜନରେ ବିଶ୍ୱର ନେତୃତ୍ୱ ନେଉଛି। ବିବିଧତାକୁ ପ୍ରୋତ୍ସାହିତ କରିବା, ପ୍ରଯୁକ୍ତିବିଦ୍ୟାକୁ ଆଗକୁ ବଢ଼ାଇବା ଏବଂ ଯୁବକମାନଙ୍କୁ ସଶକ୍ତ କରିବା ମାଧ୍ୟମରେ ୱେଭ୍ସ ୨୦୨୫ ଭାରତକୁ ଏକ ପ୍ରତିଭା କେନ୍ଦ୍ର ଭାବରେ ପ୍ରତିଷ୍ଠିତ କରିଛି, ଯାହା ଏହାର ସୃଜନଶୀଳ ଅର୍ଥ ବ୍ୟବସ୍ଥାକୁ ନିରନ୍ତର ଭାବରେ ବୃଦ୍ଧି କରିବାରେ ସକ୍ଷମ।

ୱେଭ୍ସ ୨୦୨୫ ସୃଜନଶୀଳ ଉଦ୍ୟୋଗର ଅସୀମ ସମ୍ଭାବନାକୁ ସୁଦୃଢ଼ କରିବ। ଆମର ଉତ୍କୃଷ୍ଟ ପ୍ରତିଭା, ବୈଷୟିକ ଦକ୍ଷତା ଏବଂ ସାଂସ୍କୃତିକ ସମୃଦ୍ଧି ପ୍ରଦର୍ଶନ କରିବା ଲାଗି ଏହା ଏକ ଉତ୍ତମ ସୁଯୋଗ। ପରମ୍ପରା ଏବଂ ପ୍ରଯୁକ୍ତିବିଦ୍ୟାର ସଙ୍ଗମ ମାଧ୍ୟମରେ ବିଶ୍ୱର ସୃଜନଶୀଳ ଇକୋସିଷ୍ଟମ୍‌କୁ ପୁନଃପରିଭାଷିତ କରିବାରେ ଭାରତର ଦୃଷ୍ଟିକୋଣର ଏହା ମଧ୍ୟ ଏକ ପ୍ରମାଣ।

**ଫୁର୍‌ସତ୍**

## ୨୦ କେ.ଜି. ଓଜନ କମାଇଥିଲେ ବାଣୀ



ମୁମ୍ବାଇ

ବଲିଉଡ୍‌ରେ ଅଭିନେତ୍ରୀ ବାଣୀ କପୁରଙ୍କୁ ତାଙ୍କ ଗ୍ଲାମରସ୍ ଲୁକ୍ ପାଇଁ ଦର୍ଶକ ଖୁବ୍ ପସନ୍ଦ କରିଥାନ୍ତି। ତେବେ ଏଥିପାଇଁ ତାଙ୍କୁ ଖୁବ୍ କଠିନ ପରିଶ୍ରମ କରିବାକୁ ପଡ଼ିଥିବା ନେଇ ବାଣୀ ରବିବାର ଏକ ସାକ୍ଷାତ୍କାରରେ କହିଛନ୍ତି। ବାଣୀ କହିଛନ୍ତି, ଫିଲ୍ମ ଇଣ୍ଡଷ୍ଟ୍ରିକୁ ଆସିବା ପୂର୍ବରୁ ତାଙ୍କ ଓଜନ ପ୍ରାୟ ୭୫ କେ.ଜି. ଥିଲା। ତେଣୁ ବଲିଉଡ୍‌ରେ ଏଣ୍ଟ୍ରି ପୂର୍ବରୁ ସେ ନିଜକୁ ଫିଟ୍ ରଖିବାକୁ ନିଷ୍ପତ୍ତି ନେଇଥିଲେ ଓ ନିଜର ୨୦ କେ.ଜି. ଓଜନ କମାଇଥିଲେ। ଏଥିପାଇଁ ସେତେବେଳେ ସେ କାର୍ଡିଓ ଏକ୍ସର୍ସାଇଜ୍ ସହ ଯୋଗ କରିବା ଆରମ୍ଭ କରି ଦେଇଥିଲେ। ଯୋଗ କରିବା ଦ୍ୱାରା ତାଙ୍କ ମାନସିକ ଶକ୍ତି ଦୃଢ଼ ହେବା ସହ ଶରୀରର ଫ୍ଲେକ୍ସିବିଲିଟି ବଜାୟ ରହିଥିଲା ବୋଲି ବାଣୀ କହିଛନ୍ତି। ଏହାସହ ପ୍ରତିଦିନ ସେ ୨୦-୨୦ ମିନିଟର ୩ ଭାଗରେ ୱାର୍କଆଉଟ କରିବା ମଧ୍ୟ ଆରମ୍ଭ କରିଥିଲେ। ସେତେବେଳେ ସେ ଶରୀର ପାଇଁ ଉପଯୁକ୍ତ ଏବଂ ଭଲ ଖାଦ୍ୟ ଖାଉଥିଲେ। ଖାସ୍‌କରି ପ୍ରୋଟିନ୍ ଯୁକ୍ତ ଖାଦ୍ୟ ଉପରେ ସେ ବେଶି ଗୁରୁତ୍ୱ ଦେଉଥିଲେ ବୋଲି ବାଣୀ କହିଛନ୍ତି। ୨୦୧୩ରେ ରିଲିଜ୍ ହୋଇଥିବା 'ଶୁଦ୍ଧ ଦେଶୀ ରୋମାନ୍ସ' ଫିଲ୍ମ ସହ ବାଣୀ ବଲିଉଡ୍‌ରେ ଡେବ୍ୟୁ କରିଥିଲେ।

## ଆଜି 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍'




ପରିବାର ପ୍ରତିପୋଷଣ ହେଉ ଅବା ନିଜେ ସ୍ୱାବଲମ୍ବୀ ହେବାର ଆକାଂକ୍ଷା ପୂରଣ ପାଇଁ ବର୍ତ୍ତମାନ ସମୟରେ ପ୍ରାୟ ସମସ୍ତେ ଘରୁ ବାହାରି କାମ କରିବାକୁ ପସନ୍ଦ କରୁଛନ୍ତି। ସରକାରୀ ଚାକିରି ହେଉ କିମ୍ବା କୌଣସି ଘରୋଇ ସଂସ୍ଥା ବା କମ୍ପାନୀରେ ସୁସ୍ଥ ଏବଂ ସୁରକ୍ଷିତ ବାତାବରଣରେ କାମ କରିବାକୁ ସମସ୍ତଙ୍କର ଇଚ୍ଛା ଥାଏ। ମାତ୍ର ଅନେକ ସମୟରେ କର୍ମକ୍ଷେତ୍ରରେ ମହିଳା ହେଉ କି ପୁରୁଷ ନିର୍ଯାତନାର ଶିକାର ହେଉଛନ୍ତି। ଅସୁରକ୍ଷିତ ପରିବେଶରେ କାମ କରିବାକୁ ବାଧ୍ୟ କରାଯାଉଛି। ଏପରିକି କାମ ଚାପ ଯୋଗୁ କର୍ମଚାରୀମାନେ ନିଜ ଦକ୍ଷତା ପ୍ରଦର୍ଶନ କରି ନ ପାରି ଜୀବନ ହାରିବା ଭଳି ଘଟଣାର ନଜିର ରହିଛି। ତେଣୁ ଏ ଦିଗରେ କର୍ମଚାରୀଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟରେ ପ୍ରତିବର୍ଷ ଏପ୍ରିଲ ୨୮କୁ 'ୱାର୍ଲ୍ଡ ଡେ ଫର୍ ସେଫ୍ଟି ଆଣ୍ଡ୍ ହେଲ୍‌ଥ ଆଟ୍ ୱାର୍କ୍' ବା କାର୍ଯ୍ୟସ୍ଥଳରେ ସୁରକ୍ଷା ଏବଂ ସ୍ୱାସ୍ଥ୍ୟ ପାଇଁ ବିଶ୍ୱ ଦିବସ ପାଳନ କରାଯାଉଛି। ୨୦୦୩ ଏପ୍ରିଲ୍ ୨୮ରେ ପ୍ରଥମଥର ଇଣ୍ଟରନାଶନାଲ୍ ଲେବର ଅର୍ଗାନାଇଜେଶନ୍ (ଆଇଏଲ୍ଓ) ଏହି ଦିନଟିକୁ ବିଧିବଦ୍ଧ ଭାବେ ପାଳନ କରିଥିଲା। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ସ୍ୱାସ୍ଥ୍ୟ ଏବଂ ସୁରକ୍ଷାରେ କ୍ରାନ୍ତି: କାର୍ଯ୍ୟସ୍ଥଳରେ ଏଆଇ ଏବଂ ଡିଜିଟାଲାଇଜେଶନ୍‌ର ଭୂମିକା'। କର୍ମଚାରୀଙ୍କ ଜୀବନ ଏବଂ ସ୍ୱାସ୍ଥ୍ୟର ସୁରକ୍ଷା କରିବା, କମ୍ପାନୀଗୁଡିକୁ କର୍ମଚାରୀଙ୍କ ପାଇଁ ଉତ୍ତମ ସେଫ୍‌ଟି ପ୍ରାକ୍ଟିସେସ୍ ଗ୍ରହଣ କରିବାକୁ ସଚେତନ କରିବା, ଦୃଢ଼ ସୁରକ୍ଷିତ ଆଇନ ପ୍ରଣୟନ ପାଇଁ ସରକାରଙ୍କୁ ଅବଗତ କରାଇବା, କାର୍ଯ୍ୟସ୍ଥଳକୁ ସୁସ୍ଥ ଏବଂ ଚିନ୍ତାମୁକ୍ତ ଜୋନ୍ ଭାବେ ପରିଣତ କରିବା ଆଦି ବିଭିନ୍ନ ପ୍ରସଙ୍ଗ ହେଉଛି ଏହି ଦିବସ ପାଳନର ମୁଖ୍ୟ ଆଭିମୁଖ୍ୟ।

—ବନ୍ଦନା ସେଠୀ, ଭୁବନେଶ୍ୱର

**ଏମାନଙ୍କ ମତରେ...**

### କାମ ଚାପ ଉଭୟ କର୍ମଚାରୀ, କମ୍ପାନୀ ପାଇଁ କ୍ଷତି ପହଞ୍ଚାଏ

କର୍ମସ୍ଥଳ ଯେତେ ସୁରକ୍ଷିତ ଏବଂ ଚାପମୁକ୍ତ ହେବ, କାମ କରିବାକୁ ସେତେ ଆଗ୍ରହ ସୃଷ୍ଟି ହେବ। ମାତ୍ର ଆଜିକାଲିର ପ୍ରତିଯୋଗିତାମୂଳକ ମାର୍କେଟରେ ସବୁ ଜାଗାରେ କେବଳ କାମର ଚାପ। ତେଣୁ ଅଧିକାଂଶ ସମୟରେ କର୍ମଚାରୀମାନେ ଚାପର ବଶବର୍ତ୍ତୀ ହୋଇ ଗୁଣଯୁକ୍ତ କାମ କରିପାରନ୍ତି ନାହିଁ। ଚାପଗ୍ରସ୍ତ ହେବା ଫଳରେ ସମ୍ପୃକ୍ତ ବ୍ୟକ୍ତିର କର୍ମମୟ ଏବଂ ବ୍ୟକ୍ତିଗତ ଜୀବନ ବିଗିଡିବା ସହିତ କମ୍ପାନୀର ମଧ୍ୟ କ୍ଷତି ହୋଇଥାଏ।

—ନଟବର ବେହେରା, କର୍ମଜୀବୀ, ଭୁବନେଶ୍ୱର

### କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ

ଅଧିକାଂଶ କର୍ମଚାରୀ ଏଭଳି ଏକ ଦିନ ବିଷୟରେ ଅବଗତ ନାହାନ୍ତି। କେତେକ ସ୍ଥାନରେ କାର୍ଯ୍ୟସ୍ଥଳରେ କର୍ମଚାରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉନାହିଁ। ବିଶେଷକରି ଫ୍ୟାକ୍ଟ୍ରିଗୁଡିକରେ ଏଭଳି ସ୍ଥିତି ଲାଗି ରହୁଛି। ମାତ୍ର ସଚେତନତା ଅଭାବରୁ ସେମାନେ ଏନେଇ ମ୍ୟାନେଜ୍‌ମେଣ୍ଟ ପାଖରେ ଅଭିଯୋଗ କରିବାକୁ ପଛାଉଛନ୍ତି। ସରକାରୀ, ବେସରକାରୀ, କମ୍ପାନୀଗୁଡିକରେ କର୍ମଚାରୀଙ୍କ ସୁରକ୍ଷା ଓ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦିଆଗଲେ ହିଁ ଏହି ଦିବସ ପାଳନର ଉପଯୁକ୍ତ ମୂଲ୍ୟ ମିଳିପାରିବ।

—ରୋଜାଲିନ୍ ସାହୁ, କର୍ମଜୀବୀ, ଭୁବନେଶ୍ୱର

# ‘କଲ୍‌ମା ପଢ଼ିଲି, ହେଲେ ହନୁମାନ ବଞ୍ଚାଇଦେଲେ’

## ଆତଙ୍କବାଦୀଙ୍କ ଲୋମହର୍ଷଣକାରୀ ଘଟଣା ବଖାଣିଲେ ସନ୍ଦୀପଙ୍କ ପରିବାର

କଟକ,୨୭।୪(ଶିଲ୍ପା ପ୍ରିୟଦର୍ଶିନୀ)

ପହଲଗାମ୍‌ରେ ଆତଙ୍କବାଦୀଙ୍କ ଲୋମହର୍ଷଣକାରୀ ଘଟଣା ବଖାଣିଛନ୍ତି କଟକ ଦେଉଳସାହିସ୍ଥିତ ମଠସାହି ଲେନ୍‌ର ବାସିନ୍ଦା ସନ୍ଦୀପ ଭୋଳଙ୍କ ପରିବାର। ଏପ୍ରିଲ ୨୨ର ସେହି ଲୋମହର୍ଷଣକାରୀ ଘଟଣା ସମ୍ପର୍କରେ ସନ୍ଦୀପ କହିଛନ୍ତି, ମୋ ବାପା ରଞ୍ଜିତ କୁମାର ଭୋଳ, ମା’ ଶଶୀ କୁମାରୀ ନାୟକ ଓ ମୋ ସ୍ତ୍ରୀ ଲେଲିନା ଶୁଭଦର୍ଶିନୀଙ୍କୁ ନେଇ ମୁଁ ଗତ ୧୯ ତାରିଖରେ କଟକରୁ ବାହାରିଥିଲୁ। ମୋ ତୃତୀୟ ବିବାହ ବାର୍ଷିକ ୨୨ ତାରିଖରେ ଥିବାରୁ ଏହାକୁ ବାପା ମା’ଙ୍କ ସହ ପାଳିବାକୁ କଶ୍ମୀର ଯାଇଥିଲୁ। ୨୨ ତାରିଖ ଅପରାହ୍ନ ୨ଟାରେ ସେଠାରେ ପହଞ୍ଚିବାର କିଛି ଘଣ୍ଟା ମଧ୍ୟରେ ଏଭଳି ହୃଦୟବିଦାରକ ଘଟଣା ଘଟିଲା। ସେଠାରେ ଫଲ୍ସ ଫାୟରିଂ ହେବା ଶବ୍ଦ ଶୁଣି ମୁଁ ସମସ୍ତଙ୍କୁ ତଳେ ଲୁଚିଯିବାକୁ କହିଥିଲି। ପ୍ରାୟ ୪ଜଣ ଆତଙ୍କବାଦୀ ସେଠାରେ ଥିଲେ, ହେଲେ ଜଣେ ଆତଙ୍କବାଦୀ ଆମ ପାଖକୁ ଆସିଥିଲେ। ସେଠାରେ ସେମାନେ ପୁରୁଷମାନଙ୍କୁ ଗୁଳି କରୁଥିଲେ ଏବଂ ତା’ ପୂର୍ବରୁ କଲ୍‌ମା ପଢ଼ିବାକୁ କହୁଥିଲେ। ସେଠାରେ ମୁଁ ଯେତିକି ଯାହା ଜାଣିଥିଲି ସେ ଭାବେ କଲ୍‌ମା ପଢ଼ିଥିଲି କିନ୍ତୁ ମୋ ପରିବାରକୁ ବଞ୍ଚାଇ ଦେବାକୁ ମନରେ କେବଳ ହନୁମାନଙ୍କୁ ଡାକୁଥିଲି।



ନିଜ ଘରେ ପହଞ୍ଚିବା ପରେ ଆତଙ୍କବାଦୀଙ୍କ ନରସଂହାର ଘଟଣା ସମ୍ପର୍କରେ ବଖାଣୁଛନ୍ତି ସନ୍ଦୀପ ଭୋଳ ଓ ପରିବାର ସଦସ୍ୟ।

ଶେଷ ଗୁଳି ଯାହାକୁ ବାଜିଛି ତା’ ପରେ ମୋ ପାଳିଥିଲା କିନ୍ତୁ ଠାକୁରଙ୍କ ଦୟାରୁ ବଞ୍ଚିଗଲି। ସେଠାରେ ଏଭଳି ଘଟଣା ପରେ ଆମେ ଜୀବନ ବଞ୍ଚାଇ ଫେରିଥିଲୁ ଏବଂ ଫେରିବା ସମୟରେ ରାସ୍ତା ଠିକ୍ ନ ଥିବା ଯୋଗୁ ମା’ ଓ ସ୍ତ୍ରୀ ପଡ଼ି ଆହତ ହୋଇଛନ୍ତି। ମା’ଙ୍କୁ ସେଠାରେ ମେଡିକାଲରେ ଭର୍ତ୍ତି କରିଥିଲି ଏବଂ ସେଠାକାର ପ୍ରଶାସନକୁ ଅନୁରୋଧ କରିଥିଲି ମା’ଙ୍କୁ ଡିସ୍‌ଚାର୍ଜ କରି ନେଇ ଯିବାକୁ। ସେଠାରେ ସୁରକ୍ଷା ବ୍ୟବସ୍ଥା ହୁଏତ ଢିଲା ଥିଲା ସେଥିପାଇଁ ଏଭଳି ଘଟଣା ଘଟିଛି। ଶେଷରେ ୨୨ ତାରିଖ ରାତିରେ ଶ୍ରୀନଗରରୁ ହାଇଦ୍ରାବାଦକୁ ବିମାନ ଯୋଗେ ଯାଇ ପହଞ୍ଚିଥିଲୁ ଏବଂ ସେଠାରୁ ଭୁବନେଶ୍ୱର ଆସି ୨୬ ତାରିଖ ସନ୍ଧ୍ୟାରେ କଟକରେ ପହଞ୍ଚିଛୁ। ସନ୍ଦୀପଙ୍କ ମା’ ଶଶୀକୁମାରୀ କହିଛନ୍ତି, ପ୍ରଥମେ ବ୍ଲାଙ୍କ ଫାୟରିଂ ହେଲା। ପୁଅ କହିଲା କ’ଣ ଅଘଟଣ ହେବ। ହଠାତ୍ ଜଣେ ଲୋକ ପଶି ଆସିଲା। ପ୍ରାୟ ୫ ଫୁଟ୍ ଦୂରତା ମଧ୍ୟରେ ଆମେ ଥିଲୁ। ଘଟଣା ସ୍ଥାନରେ ଆମେ ୮ଜଣ ଥିଲୁ ଏବଂ ଆମ ପାଖରେ ଆତଙ୍କବାଦୀ ଛିଡା ହୋଇଥିଲେ। ସେଠାରେ ୩ଜଣଙ୍କୁ ଆତଙ୍କବାଦୀ ମାରି ଦେଲେ। ସେଠାରେ ଆମେ ଲୁଚିଗଲୁ କିନ୍ତୁ ଟିକେ ବୁଲିଥିଲେ ଆମକୁ ସଫା କରି ଦେଇଥାନ୍ତେ। ଭାଗ୍ୟ ଭଲ ବୋଲି ଆମେ ୪ଜଣ ବଞ୍ଚିଗଲୁ। ଆତଙ୍କବାଦୀ ପଳାଇଯିବା ପରେ ସମସ୍ତେ ଦୌଡିଲେ ଏବଂ ମୁଁ ଦୌଡି ଆସିବା ବେଳେ ପଡିଯାଇ ଆହତ ହୋଇଥିଲି। ଆଖି ଆଗରେ ଏତେ ମୃତ୍ୟୁ ଦେଖି ଆମେ ଖାଇ ପାରିନୁ କି ଆଉ ରାତିରେ ଶୋଇ ପାରିଲୁ ନାହିଁ। କେନ୍ଦ୍ର ସରକାର ସେ ଜାଗାକୁ ସମ୍ପୂର୍ଣ୍ଣ ଭାବେ ବ୍ୟାନ୍ କରନ୍ତୁ ଏବଂ ଯବାନଙ୍କୁ ଉକ୍ତ ସ୍ଥାନରେ ଆଲର୍ଟ କରାଯିବା ପାଇଁ ମୁଁ ଅନୁରୋଧ କରୁଛି ବୋଲି ସେ କହିଛନ୍ତି। ସେହିପରି ଘଟଣାକୁ ନେଇ ସନ୍ଦୀପଙ୍କ ବାପା ରଞ୍ଜିତ କହିଛନ୍ତି, ସେଠାରେ ୨୦୦୦ରୁ ଅଧିକ ପର୍ଯ୍ୟଟକ ଥିଲେ। ବହୁ ମନୋରମ ଦୃଶ୍ୟ ଥିଲା ଏବଂ ପୁଅବୋହୂ ଆମକୁ ଛିଡ଼ା କରାଇ ଫଟୋ ଉଠାଇବା ସହ ଭିଡିଓ ରେକର୍ଡିଂ କରୁଥିଲେ। ସେହି ସମୟରେ ବ୍ଲାଙ୍କ ଫାୟରିଂ ଶବ୍ଦ ଶୁଣାଯାଇଥିଲା ଏବଂ ସେଠାରେ ଥିବା ର୍‍ୟାକ୍ ତଳେ ଲୁଚିଯିବାକୁ ପୁଅ କହିଲେ। ପ୍ରଥମେ ଆତଙ୍କବାଦୀ ସିକ୍ୟୁରିଟିଙ୍କୁ ଗୁଳି କଲେ। ତା’ପରେ ପର୍ଯ୍ୟଟକମାନେ ଦୌଡ଼ି ବାହାରକୁ ଯିବା ବେଳେ ଯେଉଁ ୪ଜଣ ଆତଙ୍କବାଦୀ ଥିଲେ ସେମାନଙ୍କ ମଧ୍ୟରୁ ୩ଜଣ ପୁରୁଷଙ୍କୁ ମାରି ଚାଲିଲେ। ଏହା ଭିତରେ ସେହି ୪ଜଣଙ୍କ ମଧ୍ୟରୁ ଜଣେ ଆମ ପାଖକୁ ପଳାଇ ଆସିଥିଲେ। ମୁଁ କେବଳ ହର ହର ମହାଦେବ ଡାକୁଥିଲି ଯେ ଆମକୁ ବଞ୍ଚାଇଦିଅ। ସେମାନେ କେବଳ କଲ୍‌ମା ପଢ଼ିବାକୁ କହୁଥିଲେ ନ ପଢ଼ିବାରୁ ପୁରୁଷଙ୍କୁ ମାରୁଥିଲେ। ଏପରି କି ନାରୀ କୋ ମତ୍‌ମାର, ସେମାନେ ପରସ୍ପର କଥା ହେଉଥିଲେ। କିଛି ସମୟରେ ଆତଙ୍କବାଦୀ ଦୌଡ଼ି ପଳାଇଲେ। ତା’ପରେ ଆମେ ସେଠାରୁ ବାହାରିବା ସମୟରେ ମୁଁ ୧୪ଟି ମୃତଦେହ ଗଣିଥିଲି। ଏହି କଥା ମନେପଡିଲେ, ଏବେ ଦେହ ଥରି ଯାଉଛି। କିନ୍ତୁ ଏହି ନରସଂହାର ପରେ କଶ୍ମୀର ଲୋକମାନେ ଯେଉଁ ସହାୟତା କରିଛନ୍ତି, ତାହା ଭୁଲି ହେବନି। ଭଗବାନଙ୍କ ଆଶୀର୍ବାଦ ଥିବାରୁ ଆମ ପରିବାର ସୁରକ୍ଷିତ ଫେରି ପାରିଛି ସେଥିପାଇଁ ଭଗବାନଙ୍କୁ ଧନ୍ୟବାଦ ଜଣାଉଛି ବୋଲି ଭୋଳ କହିଛନ୍ତି।

# ଆଞ୍ଚଳିକ ବିଜ୍ଞାନ କେନ୍ଦ୍ରରେ ‘ନଲେଜ ସ୍ପିଅର’ ଉଦ୍‌ଘାଟିତ



ଝୁଲା ଗ୍ଲୋବ୍ ‘ନଲେଜ ସ୍ପିଅର’ ଉଦ୍‌ଘାଟନ ଅବସରରେ ଅନ୍ୟମାନଙ୍କ ସହ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ଭୁବନେଶ୍ୱର,୨୭।୪(ସୁଚିସ୍ମିତା ସାହୁ)

ପିଲାଙ୍କୁ ବିଜ୍ଞାନର ଜଟିଳତମ ଜ୍ଞାନ ବିଷୟରେ ଜଣାଇବା ସହିତ ଭୂଗୋଳ ଓ ବୈଜ୍ଞାନିକ ସମ୍ବନ୍ଧୀୟ ତଥ୍ୟ ସମ୍ପର୍କରେ ଉତ୍ସୁକତା ବଢ଼ାଇବା ପାଇଁ ରବିବାର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପରିସରରେ ୬ ଫୁଟର ଝୁଲା ଗ୍ଲୋବ୍ ‘ନଲେଜ ସ୍ପିଅର’ ସ୍ଥାପନ କରାଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ଏହାକୁ ଉଦ୍‌ଘାଟନ କରି କହିଲେ, ପିଲାଙ୍କ ମନରେ ବୈଜ୍ଞାନିକ ତଥ୍ୟ ପ୍ରତି ଥିବା ସମସ୍ତ ପ୍ରଶ୍ନର ଉତ୍ତର ଏହି ଗ୍ଲୋବ ପ୍ରଦାନ କରିବ। ଏହା ପିଲାଙ୍କୁ ଭୌଗୋଳିକ ଓ ବୈଜ୍ଞାନିକ ତତ୍ତ୍ୱ ବିଷୟରେ ଜିଜ୍ଞାସାକୁ ବଢ଼ାଇବ ବୋଲି ମନ୍ତ୍ରୀ କହିଥିଲେ। ଭୂଖଣ୍ଡନ, ଗ୍ରହଗୁଡ଼ିକର ଗତିବିଧି, ଜଳବାୟୁ ପରିବର୍ତ୍ତନ, ସମୁଦ୍ର ସ୍ରୋତ, ମହାଦେଶ ତଥା ମହାସାଗର ସୃଷ୍ଟି ଓ ଗତିବିଧି ଏକ ଘୂର୍ଣ୍ଣାୟମାନ ଗ୍ଲୋବରେ ଦେଖିବାକୁ ମିଳିବ। ଏଥିସହ ଭିଡିଓ ମାଧ୍ୟମରେ ଏଗୁଡ଼ିକର ସୂକ୍ଷ୍ମତମ ଉପାଦାନର ସ୍ଥିତି, ଏହାର ସୃଷ୍ଟିର କାରଣ ମଧ ବିସ୍ତୃତ ଭାବରେ ବର୍ଣ୍ଣନା କରିବ। ଏଥିରୁ ବିଶ୍ୱବ୍ରହ୍ମାଣ୍ଡର ଅନେକ ରହସ୍ୟ ସମ୍ପର୍କରେ ଜାଣିହେବ। କେନ୍ଦ୍ରୀୟ ଗବେଷଣା ଓ ତାଲିମ ପ୍ରୟୋଗଶାଳାର ନିର୍ଦ୍ଦେଶକ ମାନସ ବାଗ୍‌ଚୀ, ବିଜ୍ଞାନ କେନ୍ଦ୍ରର ପ୍ରକଳ୍ପ ନିର୍ଦ୍ଦେଶକ କପିଳ ଜୈନ ପ୍ରମୁଖ ଯୋଗଦେଇଥିଲେ।

# କୋଲକାତାରେ କାଳବୈଶାଖୀ, ଭୁବନେଶ୍ୱରରେ ଅବତରଣ କଲା ୮ ବିମାନ

ଭୁବନେଶ୍ୱର,୨୭।୪(ଅନୁରାଧା ମହାରଣା)

### ଦୁଇ ବିମାନ ଅଟକି ରହିବାରୁ ଉତ୍ତେଜନା

କୋଲକାତାରେ ଶନିବାର କାଳବୈଶାଖୀଜନିତ ବର୍ଷା ପବନ ହୋଇଥିଲା। ପାଗ ଖରାପ ଯୋଗୁ ଦିଲ୍ଲୀରୁ କୋଲକାତା ଯାଉଥିବା ୮ ବିମାନ ବିଳମ୍ବିତ ରାତିରେ ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲା। ପରେ ୬ଟି ବିମାନ କୋଲାକତା ଉଡାଣ ଭରିଥିବାବେଳେ ଅନ୍ୟ ୨ଟି ବିମାନ ଯାଇପାରି ନ ଥିଲା। ଫଳରେ ଏହି ୨ଟି ବିମାନରେ ଥିବା ପ୍ରାୟ ୨୯୮ ଯାତ୍ରୀ ଭୁବନେଶ୍ୱରରେ ଅଟକି ରହିଥିଲେ। ଏପରି କି ପାଗ ସ୍ୱାଭାବିକ ହେବାର ଦୀର୍ଘ ସମୟ ପରେ ବି ବିମାନ ଦ୍ୱୟ ଉଡାଣ ନ ଭରିବାରୁ ଯାତ୍ରୀଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ତେବେ ପରବର୍ତ୍ତୀ ସମୟରେ ଯାତ୍ରୀମାନେ ନିଜ ଗନ୍ତବ୍ୟସ୍ଥଳକୁ ଯାଇଥିବା ବିମାନବନ୍ଦର କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏନେଇ ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ କହିଛନ୍ତି, ଖରାପ ପାଗ କାରଣରୁ କୋଲକାତା ବିମାନବନ୍ଦରରେ ଅବତରଣ କରିବାକୁ ଥିବା ୮ଟି ବିମାନକୁ ଭୁବନେଶ୍ୱରକୁ ଡାଇଭର୍ଟ କରାଯାଇଥିଲା। ତେବେ ସ୍ପାଇସ୍ ଜେଟ୍ ସେବା ଭୁବନେଶ୍ୱର ବିମାନ ବନ୍ଦରରେ ନ ଥିବାରୁ ଅସୁବିଧା ହୋଇଥିଲା। ଦୁଇଟି ସ୍ପାଇସ୍ ଜେଟ୍‌ର ଯାତ୍ରୀମାନେ ଅଟକି ରହିଥିଲେ। ଉକ୍ତ କମ୍ପାନୀର କର୍ମଚାରୀ ଏଠାରେ ନ ଥିବାରୁ ବିମାନବନ୍ଦର ତରଫରୁ ଯାତ୍ରୀଙ୍କୁ ସକାଳେ ଜଳଖିଆ ଖାଇବାକୁ ଦିଆଯିବା ସହ ଆବଶ୍ୟକ ସୁବିଧା କରାଯାଇଥିଲା।

# ଗ୍ରାମାଞ୍ଚଳକୁ ଯିବେ ସହରାଞ୍ଚଳ ଶିକ୍ଷକ

ଭୁବନେଶ୍ୱର,୨୭।୪(ସୁଚିସ୍ମିତା ସାହୁ)

ଗ୍ରାମାଞ୍ଚଳ ବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ସମସ୍ୟା ଦୂର ହେବ। ଛାତ୍ରୀଛାତ୍ରଙ୍କ ଅନୁପାତରେ ରହିବେ ଶିକ୍ଷକ। ଏଥିପାଇଁ ସହରାଞ୍ଚଳ ବିଦ୍ୟାଳୟରୁ ଶିକ୍ଷକଙ୍କୁ ଗ୍ରାମୀଣ ବିଦ୍ୟାଳୟକୁ ବଦଳି କରାଯିବ। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ମିଳିଥିବା ସୂଚନାନୁସାରେ, ଗ୍ରାମାଞ୍ଚଳରେ ଥିବା ବହୁ ବିଦ୍ୟାଳୟରେ କମ୍ ଶିକ୍ଷକ ରହିଛନ୍ତି। ଏପରି କି କେତେକ ବିଦ୍ୟାଳୟରେ ଜଣେ ଲେଖାଏ ଶିକ୍ଷକ ଏକାଧିକ ଶ୍ରେଣୀର ପିଲାଙ୍କୁ ପଢ଼ାଉଛନ୍ତି। ଅନ୍ୟପକ୍ଷରେ ସହରାଞ୍ଚଳ, ପୌରାଞ୍ଚଳ ଏବଂ ବ୍ଲକ୍ ହେଡକ୍ୱାର୍ଟରର ବହୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ଅନୁପାତରେ ଅଧିକ ସଂଖ୍ୟାର ଶିକ୍ଷକ ରହିଥିବାରୁ ସେମାନଙ୍କୁ ଗ୍ରାମାଞ୍ଚଳକୁ ପଠାଯିବ। ଏନେଇ ଖୁବ୍‌ଶୀଘ୍ର ଶିକ୍ଷକଙ୍କ ନିଯୁକ୍ତି ତାଲିକା ତଦାରଖ କରାଯିବ। ଯେଉଁସବୁ ବିଦ୍ୟାଳୟରେ ଅଧିକ ଶିକ୍ଷକ ଥିବେ, ସେମାନଙ୍କୁ କମ୍ ଶିକ୍ଷକ ଥିବା ବିଦ୍ୟାଳୟକୁ ବଦଳି କରାଯିବ। ଆସନ୍ତା ୩୦ ତାରିଖ ସୁଦ୍ଧା ଜଣେ ଶିକ୍ଷକ କିମ୍ବା ଶିକ୍ଷକ ନ ଥିବା ବିଦ୍ୟାଳୟକୁ ବଦଳି କରିବାକୁ ସମସ୍ତ ଡିଇଓଙ୍କୁ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଚିଠି କରାଯାଇଛି।

# ଦୁବାଇରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ

### ୭ଦିନ ପରେ ଘରକୁ ଫେରିଲା ମୃତଦେହ

ବାଣପୁର,୨୭।୪(ଦିଲୀପ କୁମାର ସ୍ୱାଇଁ)

ଦୁବାଇରେ ଜଣେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଖୋର୍ଦ୍ଧା ଜିଲା ବାଣପୁର ଥାନା ଅଧୀନ ସାନହନ୍ତୁଆଡ଼ ଗ୍ରାମର ଲକ୍ଷ୍ମୀ ଦଳେଇ(୪୮)। ତେବେ ମୃତ୍ୟୁର ୭ଦିନ ପରେ ତଥା ରବିବାର ତାଙ୍କର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଶୋକର ଛାୟା ଖେଳିଯାଇଛି। ସୂଚନା ମୁତାବକ, ଦୁବାଇସ୍ଥିତ ଏକ କମ୍ପାନୀରେ ଦୁଇ ବର୍ଷ ହେବ ଲକ୍ଷ୍ମୀ ସହାୟକଭାବେ କାର୍ଯ୍ୟରତ ଥିଲେ। ଦୁଇ ମାସ ପୂର୍ବେ ଲକ୍ଷ୍ମୀଙ୍କ ଝିଅର ବାହାଘର ଥିବାରୁ ସେ ଗାଁକୁ ଆସିଥିଲେ। ଝିଅ ବାହାଘର ପରେ ସେ ପୁଣି ଦୁବାଇ ଯାଇଥିବା ସାଙ୍ଗରେ ପୁଅ ବବ୍‌ଲୁଙ୍କୁ ମଧ ନେଇଯାଇଥିଲେ। ତେବେ ଦୁବାଇରେ ହଠାତ୍ ଲକ୍ଷ୍ମୀ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସା ପରେ ସୁସ୍ଥ ହୋଇଥିବା ବେଳେ ପୁଣି ଗତ ୧୯ତାରିଖରେ କାର୍ଯ୍ୟସ୍ଥଳରେ ଚେତାଶୂନ୍ୟ ହୋଇପଡ଼ିଥିଲେ। ଚିକିତ୍ସା ପାଇଁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରବିବାର ମୃତଦେହ ଗ୍ରାମରେ ପହଞ୍ଚିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଥିଲା। ପ୍ରକାଶ ଯେ, ଦୁବାଇରେ ଶ୍ରମିକଭାବେ କାର୍ଯ୍ୟରତ ବାଣପୁର ଦୁଲ୍ଲଣୀ ଗ୍ରାମର ଲକ୍ଷ୍ମଣ ପ୍ରଧାନ(୪୮)ଙ୍କ ଅନୁରୂପଭାବେ ଗତ ମାର୍ଚ୍ଚ ୨୧ରେ ମୃତ୍ୟୁ ହୋଇଥିଲା।

# ଜୁନ୍ ୭ରେ ମିସ୍ ଓଡ଼ିଶା ଇଣ୍ଡିଆ

ଭୁବନେଶ୍ୱର,୨୭।୪(ସୌମ୍ୟରଞ୍ଜନ ରାଉତ)

ଫେମିନା ମିସ୍ ଇଣ୍ଡିଆ ଅର୍ଗାନାଇଜେଶନ ପକ୍ଷରୁ ‘ମିସ୍ ଓଡ଼ିଶା ଇଣ୍ଡିଆ’ ଜୁନ ୭ରେ ଭୁବନେଶ୍ୱରଠାରେ ଅନୁଷ୍ଠିତ ହେବ। ଏନେଇ ରବିବାର ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ମନୋରଞ୍ଜନ ସଂସ୍ଥା ଏନିଗ୍ମା ସହଯୋଗରେ ଆଡିକ୍ସନ ଫ୍ୟାଶନ ମ୍ୟାନେଜମେଣ୍ଟ ପକ୍ଷରୁ ପୁରସ୍କାର ସମାରୋହ, ସୌନ୍ଦର୍ଯ୍ୟ ପ୍ରତିଯୋଗିତା, କର୍ପୋରେଟ ଏବଂ ଫ୍ୟାଶନ ଇଭେଣ୍ଟ ଆଦି କାର୍ଯ୍ୟକ୍ରମ ହେବ। ଏହି ଇଭେଣ୍ଟର ବ୍ରାଣ୍ଡ ଆମ୍ବାସାଡର ରହିଛନ୍ତି ଓଲିଉଡ୍ ଅଭିନେତ୍ରୀ ଭୂମିକା ଦାଶ । ଏହା ଓଟିଟି ପ୍ଲାଟଫର୍ମ କଞ୍ଚା ଲଙ୍କାରେ ପ୍ରସାରିତ ହେବ। ଖବରଦାତା ସମ୍ମିଳନୀରେ ଭୂମିକାଙ୍କ ସମେତ ଆଶୁତୋଷ ଫଟୋଗ୍ରାଫିର ନିର୍ଦ୍ଦେଶକ ଆଶୁତୋଷ ସାହୁ, ଏନିଗ୍ମାର ନିର୍ଦ୍ଦେଶିକା ନୀରଜ ପ୍ରିୟା, ଆଡିକ୍ସନ ଫ୍ୟାଶନ ମ୍ୟାନେଜମେଣ୍ଟର ନିର୍ଦ୍ଦେଶକ ଜନ୍ ଅଜୟ ପ୍ରମୁଖ ଉପସ୍ଥିତ ଥିଲେ।

# ତରୁଣକାନ୍ତି ପାଇଲେ ‘ସତ୍ୟବାଦୀ ସାରସ୍ୱତ ସମ୍ମାନ’

### ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ପତ୍ରିକାର ୯ମ ବାର୍ଷିକ ସମାରୋହ

ଭୁବନେଶ୍ୱର,୨୭।୪(ସୁଚିସ୍ମିତା ସାହୁ)

ଉତ୍କଳ ବିଶ୍ୱବିଦ୍ୟାଳୟ ପରିସର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ପ୍ରେକ୍ଷାଳୟରେ ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ପତ୍ରିକାର ୯ମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଲୋକସେବକ ମଣ୍ଡଳ ସଭାପତି ରାଜକୁମାରଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ କହିଲେ, ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ ଏକ ପତ୍ରିକା ନୁହେଁ, ଓଡ଼ିଆ ସାରସ୍ୱତ ଜଗତର ଏକ ପ୍ରାଣପିଣ୍ଡ। ଓଡ଼ିଆ ଜାତୀୟତାବାଦକୁ ଶୀର୍ଷକୁ ନେବାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ବଡ଼ ଭୂମିକା ରହିଥିଲା।



ତରୁଣକାନ୍ତି ମିଶ୍ରଙ୍କୁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ‘ସତ୍ୟବାଦୀ ସାରସ୍ୱତ ସମ୍ମାନ’ ପ୍ରଦାନ କରୁଛନ୍ତି।

ଆଜି ଉତ୍ତରପିଢ଼ି ମଧ୍ୟରେ ଓଡିଆତ୍ୱକୁ ନେଇ ଗୋଟେ ଭାବନା ଓ ଭାବାବେଗ ଆସୁଛି। ଆମକୁ ଦାୟିତ୍ୱ ନେଇ ଏହାକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।

ମୁଖ୍ୟବକ୍ତା ଭାବେ ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟଶାସନ ସଚିବ ତରୁଣକାନ୍ତି ମିଶ୍ର ଏବଂ ସମ୍ମାନିତ ଅତିଥିଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ଉତ୍କଳମଣିଙ୍କ ପ୍ରତିଷ୍ଠିତ ଦୈନିକ ‘ସମାଜ’ର ବିଶ୍ୱସନୀୟତା ଓ ‘ଗୋପବନ୍ଧୁଙ୍କ ସତ୍ୟବାଦୀ’ର ଓଡ଼ିଆ ସାହିତ୍ୟ ଜଗତକୁ ଅନବଦ୍ୟ ଅବଦାନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ପତ୍ରିକାର ସମ୍ପାଦକ ତଥା ‘ସମାଜ’ର ମୁଦ୍ରାକର ଓ ପ୍ରକାଶକ ଡ. ପ୍ରଭାସ ଆଚାର୍ଯ୍ୟ ସ୍ୱାଗତ ଭାଷଣ ଦେଇଥିଲେ। ଲୋକସେବକ ମଣ୍ଡଳର ଆଜୀବନ ସଦସ୍ୟ ତଥା ଜିମସାରର ଅଧ୍ୟକ୍ଷ ରାଜେନ୍ଦ୍ର ଜେନା ମଞ୍ଚାସୀନ ଥିଲେ। ‘ସମାଜ’ର ସମ୍ପାଦକ ତଥା କାର୍ଯ୍ୟବାହୀ ମୁଖ୍ୟ ପରିଚାଳକ ତପନ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ତରୁଣକାନ୍ତି ମିଶ୍ରଙ୍କୁ ସତ୍ୟବାଦୀ ସାରସ୍ୱତ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ସେହିପରି ଡ. ବାବାଜୀ ଚରଣ ପଟ୍ଟନାୟକ(ପ୍ରବନ୍ଧ), ମମତା ଦାଶ(କବିତା), ପ୍ରଫେସର ଶରତ ଚନ୍ଦ୍ର ଶତପଥୀ(ଗଳ୍ପ), ଡ. ନାରାୟଣ ଚନ୍ଦ୍ର ଶତପଥୀ (ରମ୍ୟ ରଚନା), ଡ. ରମେଶ ପତ୍ରୀ(ଶିଶୁ ଗଳ୍ପ), ହରିହର ଶୁକ୍ଳ(ଶିଶୁ କବିତା)ଙ୍କୁ ‘ସତ୍ୟବାଦୀ ସାହିତ୍ୟ ସମ୍ମାନ-୨୦୨୪’ ପ୍ରଦାନ କରାଯାଇଥିଲା। ଲେଖକ ପଦ୍ମଶ୍ରୀ ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ‘ଆମ ସଂସ୍କୃତିର ସୌରଭ’ ପୁସ୍ତକ ପାଠକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଓମଫେଡର ଅମିତାଂଶୁ ବଳ, ଓୟୁଟିଆର କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳଙ୍କ ପକ୍ଷରୁ ବିଭୁ ପ୍ରସାଦ ଦାସ, ଇପିକଲ ପକ୍ଷରୁ ଲୋକସମ୍ପର୍କ ଅଧିକାରୀ ବିଶ୍ୱଜିତ ବଳିୟାରସିଂହ ଓ କଲମ୍ବୋ ଇଞ୍ଜିନିୟରିଂର ପରିଚାଳନା ନିର୍ଦ୍ଦେଶକ ସୌମେନ୍ଦ୍ର ପ୍ରକାଶ ରାୟଙ୍କୁ ସମ୍ମାନିତ କରାଯାଇଥିଲା। ଅଧ୍ୟାପକ ଡ. ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଲୋକସେବକ ମଣ୍ଡଳର ବରିଷ୍ଠ ଆଜୀବନ ସଦସ୍ୟ ନିରଞ୍ଜନ ରଥ ଧନ୍ୟବାଦ ଦେଇଥିଲେ।

ସେଲ୍‌ଫି କର୍ନର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ରିଣ୍ଟୁ



@ ସୁଦୀପ୍ତ



@ ସୁଶୀମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ନଦୀରେ ମୃତଦେହ ଭସାଇବାରେ ସହଯୋଗ କରିଥିବା ଧୀରେନ୍ ଗିରଫ

### ନବଘନ ହତ୍ୟା ମାମଲା

ଭୁବନେଶ୍ୱର,୨୭।୪ (ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ବ୍ୟବସାୟୀ ନବଘନ ପାଟ୍ଟଶାଣୀ (୪୫) ଓରଫ ବାଙ୍କା ହତ୍ୟା ମାମଲାରେ ୯ ମାସ ପରେ ଆଉ ଜଣେ ଅଭିଯୁକ୍ତଙ୍କୁ ଭରତପୁର ଥାନା ପୋଲିସ ରବିବାର ଗିରଫ କରିଛି। ସେ ହେଲେ କଟକ ଜିଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ ବ୍ରାହ୍ମଣବାଟି ଗାଁର ଧିରୁ ଭାଇ ଓରଫ ଧୀରେନ କୁମାର ପାତ୍ର (୪୮)। ଧୀରେନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ଏହି ମାମଲାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତ ବଣ୍ଟି ଓରଫ ମୁଜାଫର କୁମାର ସମେତ ମୃତଦେହ ହସ୍ତାନ୍ତରରେ ସହାୟତା କରିଥିବା କାର ଡ୍ରାଇଭର ବିଜୟ କୁମାର ନାୟକଙ୍କୁ ପୋଲିସ ଗିରଫ କରିଥିଲା।

ସୂଚନାଯୋଗ୍ୟ, ବଣ୍ଟି ବରମୁଣ୍ଡାର ବାଙ୍କାଙ୍କ ପ୍ଲଟ୍ ଓ ଗାଡ଼ି ବ୍ୟବସାୟର ପରିଚାଳନା ଦାୟିତ୍ୱରେ ଥିଲେ। ବଣ୍ଟି ମାସିକ ଟଙ୍କା ନ ପାଇବାକୁ ସମ୍ପର୍କରେ ତିକ୍ତତା ବଢ଼ିଥିଲା। ଘାଟିକିଆସ୍ଥିତ ଶ୍ରୀସାଇ ଲଜ୍‌ରେ ଭଡ଼ାରେ ବଣ୍ଟିଙ୍କୁ ବାଙ୍କା ନେଇ ରଖିଥିଲେ। ବଣ୍ଟି ଭୁବନେଶ୍ୱରରେ ଏକ ରେଷ୍ଟୁରାଣ୍ଟ ଚଳାଉଥିବାରୁ ଟଙ୍କା ଦରକାର ପଡ଼ିଥିଲା। ଟଙ୍କା ଦେବାକୁ ବଣ୍ଟି କହୁଥିବାବେଳେ ବାଙ୍କା ଶୁଣୁ ନ ଥିଲେ। ଏହାକୁ କେନ୍ଦ୍ର କରି ବଚସା ହେବାରୁ ବଣ୍ଟିଙ୍କୁ ବାଙ୍କା ଚାପୁଡ଼ା ମାରିଥିଲେ। ଫଳରେ ଏହି ଅପମାନର ପ୍ରତିଶୋଧ ନେବାକୁ ବଣ୍ଟି ଯୋଜନା କରିଥିଲେ।



ଗିରଫ ଅଭିଯୁକ୍ତ ଧିରେନ କୁମାର ପାତ୍ର।

୨୦୨୪ ଜୁଲାଇ ୧୯ ବଣ୍ଟି ଦିନବେଳା ଲଜ୍‌ର ରୁମ୍‌କୁ ବାଙ୍କାଙ୍କୁ ଡାକି ଭୋଜିଭାତ କରି ଖାଇବା ସହ ମଦ୍ୟପାନ କରିଥିଲେ। ସେଠାରେ ବଣ୍ଟି ପୁଣି ଟଙ୍କା ମାଗିବାରୁ ଝଗଡ଼ା ହୋଇଥିଲା। ଏହି ସମୟରେ ବାଙ୍କାଙ୍କ ମୁଣ୍ଡକୁ ବଣ୍ଟି ବିଅର୍ ବୋତଲରେ ମାଡ଼ ମାରିବା ସହ ଛୁରିରେ ଗଳା କାଟି ହତ୍ୟା କରିଥିଲେ। ବଣ୍ଟି ଓ ବିଜୟ ମୃତଦେହ କାର୍‌ରେ ନେଇ ଗୋବିନ୍ଦପୁର ନିକଟ କନ୍ଦଳ ବ୍ରିଜ୍‌କୁ ଯାଇଥିଲେ। ବଣ୍ଟି ଧୀରେନଙ୍କୁ କଲ୍ କରି ମୃତଦେହ ପକାଇବାକୁ ସହାଯ୍ୟ ମାଗିଥିଲେ। ଧିରେନ ଆସିବା ପରେ ସମସ୍ତେ ମୃତଦେହକୁ ନଈକୁ ଫିଙ୍ଗିଦେଇଥିଲେ। ତଦନ୍ତ ବେଳେ ବଣ୍ଟିଙ୍କ କଲ୍ ଡିଟେଲ୍ସ ରିପୋର୍ଟ (ସିଡିଆର୍) ଯାଞ୍ଚରୁ ପୋଲିସ ଧୀରେନଙ୍କ ସମ୍ପୃକ୍ତି ଜାଣିବାକୁ ପାଇଥିଲା।

# ଦିଲ୍ଲୀକୁ ହରାଇ ଶୀର୍ଷରେ ଆର୍‌ସିବି



ପ୍ଲେୟର୍ ଅଫ୍ ଦି ମ୍ୟାଚ୍ କୃନାଲ ପାଣ୍ଡ୍ୟା।

ନୂଆଦିଲ୍ଲୀ,୨୭।୪

କୃନାଲ ପାଣ୍ଡ୍ୟାଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ରବିବାର ରାତିରେ ଖେଳାଯାଇଥିବା ଆଇପିଏଲ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆର୍‌ସିବି) ୬ ଉଇକେଟରେ ଦିଲ୍ଲୀ କ୍ୟାପିଟାଲ୍ସ(ଡିସି)କୁ ପରାସ୍ତ କରିଛି। ଦିଲ୍ଲୀ ପକ୍ଷରୁ ପ୍ରଦତ୍ତ ୧୬୩ ରନ୍‌ର ଟାର୍ଗେଟକୁ ଆର୍‌ସିବି ୧୮.୩ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଏହି ବିଜୟ ସହ ଆର୍‌ସିବି ପଏଣ୍ଟ ଟେବୁଲର ଶୀର୍ଷକୁ ଉଠିଛି। ଅନ୍ୟପକ୍ଷରେ ଦିଲ୍ଲୀ ଚତୁର୍ଥ ସ୍ଥାନକୁ ଖସିଛି।

ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଆରମ୍ଭରୁ କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇଥିଲା। ଫଳରେ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୬୨ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଲୋକେଶ ରାହୁଲ ୪୧(୩ ଚୌକା),ଟ୍ରିଷ୍ଟାନ ଷ୍ଟବ୍ସ ୩୪ (୫ ଚୌକା ଓ ୧ ଛକା), ଅଭିଷେକ ପୋରେଲ ୨୮(୨ ଲେଖାଏ ଚୌକା ଓ ଛକା) ଓ ଫାଫ୍ ଡୁ ପ୍ଲେସିସ୍ ୨୨ ରନ କରିଥିଲେ। ଆର୍‌ସିବି ପାଇଁ ଭୁବନେଶ୍ୱର କୁମାର ୩ଟି ଓ ଜୋଶ ହାଜେଲଉଡ୍ ଦୁଇଟି ଉଇକେଟ ନେଇଥିବା ବେଳେ କୃନାଲ ଗୋଟିଏ ଉଇକେଟ ହାତେଇଥିଲେ। ଜବାବରେ ଆର୍‌ସିବି ଆରମ୍ଭରୁ ଜ୍ୟାକବ ବେଥେଲ(୧୨), ଦେବଦତ୍ତ ପଡିକଲ(୦) ଓ ଅଧିନାୟକ ରଜତ ପଟିଦାର(୬)ଙ୍କ ଉଇକେଟ ହରାଇ ସଙ୍କଟରେ ପଡ଼ିଥିଲା। ଏଭଳି ସ୍ଥିତିରେ କୋହଲି ଓ କୃନାଲ ଚତୁର୍ଥ ଉଇକେଟରେ ୧୧୯ ରନ୍ କରି ଦଳର ବିଜୟ ନିଶ୍ଚିତ କରିଥିଲେ। କୋହଲି ୪୭ ବଲରେ ୫୧(୪ ଚୌକା) ରନ କରି ଆଉଟ୍ ହୋଇଥିବା ବେଳେ କୃନାଲ ୪୭ ବଲରେ ୭୩ (୫ ଚୌକା ଓ ୪ ଛକା) ଓ ଟିମ୍ ଡେଭିଡ୍ ୫ ବଲରେ ୧୯ (୩ ଚୌକା ଓ ୧ ଛକା) ରନ କରି ଅପରାଜିତ ରହିଥିଲେ। ଦିଲ୍ଲୀ ପକ୍ଷରୁ ଅଧିନାୟକ ଅକ୍ଷର ପଟେଲ ଦୁଇ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଦିଲ୍ଲୀ କ୍ୟାପିଟାଲ୍ସ: ୨୦ ଓଭରରେ ୧୬୨/୮ (ଲୋକେଶ ରାହୁଲ-୪୧, ଟ୍ରିଷ୍ଟାନ ଷ୍ଟବ୍ସ-୩୪, ଅଭିଷେକ ପୋରେଲ-୨୮, ଭୁବନେଶ୍ୱର କୁମାର-୩/୩୩, ଜୋଶ ହାଜେଲଉଡ୍-୨/୩୬, କୃନାଲ ପାଣ୍ଡ୍ୟା-୧/୨୮)। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ: ୧୮.୩ ଓଭରରେ ୧୬୫/୪ (କୃନାଲ ପାଣ୍ଡ୍ୟା-୭୩*, ବିରାଟ କୋହଲି-୫୧, ଅକ୍ଷର ପଟେଲ-୨/୧୯, ଦୁଷ୍ମନ୍ତା ଚାମିରା-୧/୨୪)।

# ଏଚ୍‌ଟିସି ଛତ୍ରପୁର ଚାମ୍ପିୟନ



ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ଏଚ୍‌ଟିସି ଛତ୍ରପୁର ଦଳର ଖେଳାଳିମାନେ।

**ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର ହକି**

ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)

ଭୁବନେଶ୍ୱର ହକି କ୍ଲବ (ବିଏଚ୍‌ସି) ଟ୍ରଷ୍ଟ ଆନୁକୂଲ୍ୟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ମାଇକେଲ କିଣ୍ଡୋ ସ୍ମାରକୀ ଜୁନିୟର (୧୯ ବର୍ଷରୁ କମ୍) ହକି ଚାମ୍ପିୟନଶିପ୍‌ରେ ଏଚ୍‌ଟିସି ଛତ୍ରପୁର ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ଛତ୍ରପୁର ଦଳ ୫-୨ ଗୋଲରେ ବିଏଚ୍‌ସିକୁ ପରାସ୍ତ କରିଛି। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ମ୍ୟାଚରେ ଏଚପିସି ଭୁବନେଶ୍ୱର ୨-୦ ଗୋଲରେ ଏଚ୍‌ପିସି ଗୁଣପୁରକୁ ହରାଇ ଦେଇଛି। ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି।

## ଆଇ ସର୍ଭ ୟୁ ହିରୋଜ୍ ଲିଗ୍ ୨୯ରୁ

ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ): 'ଆଇସର୍ଭୟୁ ହିରୋଜ୍ ଲିଗ୍ ୨୦୨୫' କ୍ରିକେଟ୍ ଟର୍ନାମେଣ୍ଟ କିଟ୍ ଷ୍ଟାଡିୟମରେ ଚଳିତ ମାସ ୨୯ ତାରିଖରୁ ଆରମ୍ଭ ହେବ। ଆଇପିଏଲ୍‌ର ଉତ୍ସାହକୁ ଭୁବନେଶ୍ୱରକୁ ନେଇଆସିଥିବା ଏହି ଟୁର୍ନାମେଣ୍ଟ ମେ' ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଦିବାରାତ୍ର ଫର୍ମାଟରେ ଦୈନିକ ଅପରାହ୍ନ ୪ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଦୁଇଟି ମ୍ୟାଚ୍ ଖେଳାଯିବ। ସ୍ମାର୍ଟିନ୍ସ, ନିମୁରାଇ, ଗ୍ଲାଡିଏଟର୍ସ ଓ ଟ୍ରୟ ଆଦି ୪ଟି ଦଳ ସମୁଦାୟ ୧୩ଟି ମ୍ୟାଚ୍ ଖେଳିବେ। ମେ' ୫ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ ବୋଲି ଆଇସର୍ଭୟୁର ସିଇଓ ଦେବୀପ୍ରସାଦ ଷଡ଼ଙ୍ଗୀ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଦର୍ଶକଙ୍କୁ ଉତ୍ସାହିତ କରିବା ପାଇଁ ମାଗଣା ପାସ୍ ବ୍ୟବସ୍ଥା କରାଯାଇଛି। ବୁକ୍ ମାଇଁ ସୋ ଏବଂ ଡିଷ୍ଟ୍ରିକ୍ଟ ଆପ୍ ଭଳି ପ୍ଲାଟଫର୍ମ ମାଧ୍ୟମରେ ଅନଲାଇନରେ ସୀମିତ ଟିକେଟ୍ ମଧ୍ୟ ଉପଲବ୍ଧ ହେଉଛି। ସମସ୍ତ ମ୍ୟାଚ୍ ର ସିଧା ପ୍ରସାରଣ ୟୁଟ୍ୟୁବ୍‌ରେ ଉପଲବ୍ଧ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ରସୁଲଗଡ଼ ପ୍ରିମିୟର ଲିଗ୍ ଟ୍ରଫି ଉନ୍ମୋଚିତ



ଟ୍ରଫି ସହ ୪ ଦଳର ଅଧିନାୟକ।

ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)

ରସୁଲଗଡ଼ ୟୁଥ୍ କ୍ଲବ ଆନୁକୂଲ୍ୟରେ ରସୁଲଗଡ଼ ପ୍ରିମିୟର ଲିଗ୍‌ର ୧୦ମ ସଂସ୍କରଣ ସୋମବାରଠାରୁ ଜିଜିପି ପଡ଼ିଆରେ ଆରମ୍ଭ ହେବାକୁ ଯାଉଛି। ଏଥିପାଇଁ ରବିବାର ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ୪ ଦଳର ଅଧିନାୟକଙ୍କ ଉପସ୍ଥିତିରେ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଗ ନେବାକୁ ଯାଉଥିବା ଦଳ ଏବଂ ଉପସ୍ଥିତ ଥିବା ଅଧିନାୟକମାନେ ହେଲେ ଗୋପୀନାଥ ଦେବ ଏକାଦଶର କାଳନ୍ଦୀ ରାଉତ, ମା' ଦୁର୍ଗା ଏକାଦଶର ଦେବାଶିଷ ଜେନା, ମା' କୋଟିଲେଇ ଏକାଦଶର ତୋଫାନ ରାଉତ ଓ ବ୍ରହ୍ମେଶ୍ୱର ଏକାଦଶର ପ୍ରଶାନ୍ତ ଶ୍ରୀଚନ୍ଦନ ରାୟ।

## ରାଜ୍ୟ ଓପନ ଚେସ୍: ସ୍ୱପ୍ନିଲ ଚାମ୍ପିୟନ

ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)

କେଶୁରାସ୍ଥିତ ରୟାଲ ପବ୍ଲିକ୍ ସ୍କୁଲରେ ରବିବାର ଅନୁଷ୍ଠିତ ୪ର୍ଥ ଶ୍ୟାମଳି ଦେ ସ୍ମାରକୀ ରାଜ୍ୟ ଓପନ ଚେସ୍‌ରେ ଭୁବନେଶ୍ୱରର ସ୍ୱପ୍ନିଲ ପ୍ରିୟଦର୍ଶୀ ଚାମ୍ପିୟନ ହୋଇଛନ୍ତି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ସେ ପୂରା ୫ ପଏଣ୍ଟ ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତନ୍ମୟ ତ୍ରିପାଠୀ (୪.୫), ଲଭ୍ୟଜ୍ୟୋତି ରାଉତରାୟ (୪.୫), ଦେବୀ ପ୍ରସାଦ ନାୟକ (୪) ଓ ଅମରେନ୍ଦ୍ର ଖମାରୀ (୪) ଟପ୍-୫ ଫିନିଶ୍ କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏ ଖେଳାଳିଙ୍କୁ ଏଜ୍ ଗ୍ରୁପ୍ ଏବଂ ୯ ଖେଳାଳିଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ପ୍ରଦୀପ କୁମାର ପାତ୍ର (୬୩ ବର୍ଷ) ଶ୍ରେଷ୍ଠ ଭେଟେରାନ ଖେଳାଳି ବିବେଚିତ ହୋଇଥିଲେ। ଏସ୍‌ଡିଏମ୍ ସଫ୍ଟୱେର ସଲ୍ୟୁଶନ୍ସର ପରିଚାଳନା ନିର୍ଦ୍ଦେଶକ ଦୀପଙ୍କର ଦେ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ସ୍ୱର୍ଗତ ଶ୍ୟାମଳୀଙ୍କ ପୁଅ ମାନବେଶ ଦେ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।


କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ସହଣରେ।

**ଜାତୀୟ/ଅନ୍ତର୍ଜାତୀୟ**

## କୂଅରେ ଭ୍ୟାନ୍ ଖସି ୧୦ ମୃତ

ଭୋପାଳ,୨୭।୪

ମଧ୍ୟପ୍ରଦେଶର ମଣ୍ଡସୌର ଜିଲା ଅନ୍ତର୍ଗତ କଚାରିଆ ଗ୍ରାମରେ ରବିବାର ଅପରାହ୍ନରେ ଏକ ଭ୍ୟାନ୍ କୂଅରେ ଖସିପଡ଼ିବାରୁ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ଭ୍ୟାନ୍‌ରେ ୩ ପିଲାଙ୍କ ସମେତ ୧୩ ଜଣ ଯାତ୍ରୀ ଥିଲେ। ଡ୍ରାଇଭର ଭାରସାମ୍ୟ ହରାଇବାରୁ ଭ୍ୟାନ୍ ରାସ୍ତା ପାର୍ଶ୍ୱରେ ଥିବା କୂଅ ମଧ୍ୟକୁ ଖସିପଡ଼ିଥିଲା। କୂଅରେ ବିଷାକ୍ତ ଗ୍ୟାସ୍ ଯୋଗୁ ଲୋକଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ଉଦ୍ଧାର କାର୍ଯ୍ୟରେ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ (ଏନ୍‌ଡିଆର୍‌ଏଫ୍) ଏବଂ ଅନ୍ୟ ଉଦ୍ଧାରକାରୀ ଟିମ୍ ସାମିଲ ହୋଇଛନ୍ତି। ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଡେଭ୍‌ଡା ଘଟଣାସ୍ଥଳରେ ପହଞ୍ଚିଛନ୍ତି।

## ଇରାନ ବିସ୍ଫୋରଣ ମୃତ୍ୟୁସଂଖ୍ୟା ୪୦

ନୂଆଦିଲ୍ଲୀ,୨୭।୪

ଇରାନର ଶହୀଦ ରାଜାଇ ବନ୍ଦର ବିସ୍ଫୋରଣଜନିତ ମୃତ୍ୟୁସଂଖ୍ୟା ରବିବାର ୪୦ରେ ପହଞ୍ଚିଥିବାବେଳେ ଆହତଙ୍କ ସଂଖ୍ୟା ୧,୦୦୦ ଛୁଇଁଛି। ଆହତଙ୍କ ମଧ୍ୟରୁ ୧୯୦ ଜଣ ଏବେ ବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ଶନିବାର ବନ୍ଦର ଆବ୍ବାସ ନିକଟ ପୋର୍ଟରେ ବିସ୍ଫୋରଣ ଘଟିଥିଲା। ଇରାନ ରାଷ୍ଟ୍ରପତି ମସୌଦ ପେଜେଶ୍‌କିଆନ ରବିବାର ହସ୍ପିଟାଲରେ ଆହତମାନଙ୍କୁ ଭେଟିଛନ୍ତି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ଘଟଣାସ୍ଥଳରେ ବଡ଼ ଗର୍ତ୍ତ ସୃଷ୍ଟି ହେବା ସହ ବହୁସଂଖ୍ୟାରେ ଟ୍ରକ୍ ଓ କାର୍ ଜଳିଯାଇଛି। ବିପଜ୍ଜନକ ଧୂଆଁ କାରଣରୁ ନିକଟବର୍ତ୍ତୀ ଅଞ୍ଚଳରେ ସ୍କୁଲ୍ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକୁ ବନ୍ଦ କରିଦିଆଯାଇଛି। ଇରାନର ବାଲିଷ୍ଟିକ୍ ମିଶାଇଲ ନିମନ୍ତେ ଇନ୍ଧନ ପ୍ରସ୍ତୁତି ପାଇଁ ମାର୍ଚ୍ଚରେ ଚାଇନାରୁ ଆସିଥିବା ଆମୋନିୟମ୍ ପେରକ୍ଲୋରେଟ୍‌ରୁ ବିସ୍ଫୋରଣ ଘଟିଥିବା ଘରୋଇ ସୁରକ୍ଷା କମ୍ପାନୀ ଆମ୍ବ୍ରେ ବିଶ୍ୱାସ କରୁଛି।

# ସେନା ନାମରେ ଚାନ୍ଦା, କେନ୍ଦ୍ର କହିଲା ଦିଅନି

ନୂଆଦିଲ୍ଲୀ,୨୭।୪(ପି.ଟି.)

ସୁରକ୍ଷାରେ ତ୍ରୁଟି ଯୋଗୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଘଟିଥିବା ବିଷୟ ସାମ୍ନାକୁ ଆସିବା ପରେ କିଛି ଅସାମାଜିକ ତତ୍ତ୍ୱ ଏହାର ଫାଇଦା ଉଠାଇବାକୁ ଅପପ୍ରୟାସ ଆରମ୍ଭ କରିଛନ୍ତି। ସେମାନେ ଭାରତୀୟ ସେନାର ଆଧୁନିକୀକରଣ ନାମରେ ହ୍ୱାଟ୍ସଆପ୍ ଜରିଆରେ ଲୋକଙ୍କୁ ଚାନ୍ଦା ମାଗୁଛନ୍ତି। ତେବେ ଏଭଳି ବିଭ୍ରାନ୍ତିକର ମେସେଜ୍ ବିସ୍ତାର ନ କରିବା ଏବଂ ଠକାମିରେ ନ ପଡ଼ିବାକୁ ରବିବାର ପ୍ରତିରକ୍ଷା ମନ୍ତ୍ରଣାଳୟ ସତର୍କ କରାଇଦେଇଛି।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି ଯେ, କେତେଜଣ ବ୍ୟକ୍ତି ସେନାର ଅଧୁନିକୀରଣ ପାଇଁ ସରକାର ବ୍ୟାଙ୍କ ଆକାଉଣ୍ଟ ଖୋଲିଥିବା ଦର୍ଶାଇ ଲୋକଙ୍କୁ ଟଙ୍କା ମାଗୁଛନ୍ତି। ଏପରି କି ମୃତ ସୈନ୍ୟଙ୍କ ପରିବାର ଓ ଆହତ ଯବାନଙ୍କ ଚିକିତ୍ସା ପାଇଁ ଦାନ କରିବାକୁ ସେମାନେ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି। ଉକ୍ତ ହ୍ୱାଟ୍ସଆପ୍ ମେସେଜ୍‌ରେ ଆହୁରି ଉଲ୍ଲେଖ କରାଯାଇଛି ଯେ, ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କ ପ୍ରସ୍ତାବ କ୍ରମେ କେନ୍ଦ୍ର ସରକାରଙ୍କ କ୍ୟାବିନେଟ ବୈଠକରେ ଚାନ୍ଦା ମାଗିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଯୁଦ୍ଧବେଳେ ଆହତ ଯବାନ ଏବଂ ଶହୀଦଙ୍କ ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଅନେକ ଯୋଜନା ସରକାର କରିଛନ୍ତି। ତେଣୁ ହ୍ୱାଟ୍ସଆପ୍‌ରେ ଘୂରି ବୁଲୁଥିବା ଏଭଳି ମେସେଜ୍ ସମ୍ପୂର୍ଣ୍ଣ ମିଥ୍ୟା। କୌଣସି ବ୍ୟକ୍ତି ଏହି ଜାଲରେ ପଡ଼ି ଦାନ କରନ୍ତୁ ନାହିଁ ବୋଲି ମନ୍ତ୍ରଣାଳୟ ଦେଶବାସୀଙ୍କୁ ସତର୍କ କରାଇଛି।

## ଆଉ ୩ ଆତଙ୍କବାଦୀଙ୍କ ଘର ଭଙ୍ଗାଗଲା

ଶ୍ରୀନଗର, ୨୭।୪

ପହଲଗାମ୍ ଆକ୍ରମଣ ପରେ ଜମ୍ମୁ-କଶ୍ମୀରରେ ଆତଙ୍କବାଦୀଙ୍କ ଘର ଭଙ୍ଗା ପ୍ରକ୍ରିୟା ଜାରି ରହିଛି। ରବିବାର ଅଧିକାରୀମାନେ ବାନ୍ଦିପୋରା, ପୁଲୱାମା ଏବଂ ଶୋପିଆନ୍ ଜିଲାରେ ୩ ଜଣ ସକ୍ରିୟ ଆତଙ୍କବାଦୀଙ୍କ ଘରକୁ ଭାଙ୍ଗିଛନ୍ତି। ଏହାସହ ଗତ ୩ ଦିନ ମଧ୍ୟରେ ୯ ଆତଙ୍କବାଦୀ ଘରକୁ ଭଙ୍ଗାଯାଇଛି। ସୁରକ୍ଷା ବଳ ପକ୍ଷରୁ ରବିବାର ସୁଦ୍ଧା ଆତଙ୍କବାଦୀଙ୍କ ୫୦୦ ଠିକଣାରେ ଚଢ଼ାଉ କରାଯାଇଥିବା ସହ ଶତାଧିକ ସନ୍ଦିଗ୍ଧଙ୍କୁ ପଚରାଉଚରା କରାଯାଇଛି। ଘର ଭଙ୍ଗା ଅଭିଯାନକୁ ନେଇ ବିଭିନ୍ନ କଶ୍ମୀରୀ ସଙ୍ଗଠନର ନେତାମାନେ ଚିନ୍ତା ପ୍ରକଟ କରିଛନ୍ତି। ଏହାଦ୍ୱାରା କଶ୍ମୀରର ଅନେକ ନିରୀହ ପରିବାର ପ୍ରଭାବିତ ହେଉଥିବା ସେମାନେ କହିଛନ୍ତି। କଶ୍ମୀରରେ ଥିବା ମହିଳା, ଶିଶୁ ଏବଂ ବୟସ୍କଙ୍କ ମଧ୍ୟରେ ଏବେ ଭୟର ବାତାବରଣ ଦେଖାଦେଇଛି। ଆତଙ୍କବାଦୀ ବିରୋଧୀ ଅଭିଯାନ ନାଁରେ କେନ୍ଦ୍ର ସରକାର କଶ୍ମୀରର ବିଭିନ୍ନ ସ୍ଥାନରେ ଏକତରଫା ଭାବେ ଘର ଭଙ୍ଗାରୁଜା କରି ନିର୍ଦ୍ଦୋଷ କଶ୍ମୀରଙ୍କୁ ଦଣ୍ଡିତ ନ କରନ୍ତୁ ବୋଲି ହୁରିୟାତ କନ୍‌ଫରେନ୍ସର ଚେୟାରମ୍ୟାନ ମିର୍‌ୱାଇଜ୍ ଦାବି କରିଛନ୍ତି।

## ସାମାଜିକ କର୍ମୀଙ୍କୁ ଗୁଳିକରି ହତ୍ୟା କଲେ ଆତଙ୍କବାଦୀ

ଶ୍ରୀନଗର, ୨୭।୪

ଜମ୍ମୁ-କଶ୍ମୀରର କୁପ୍‌ୱାରା ଜିଲାରେ ରବିବାର ଆତଙ୍କବାଦୀମାନେ ସାମାଜିକ କର୍ମୀ ଗୁଲାମ ରସୁଲ ମଗ୍‌ରେ (୪୫)ଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ରସୁଲ କାଣ୍ଡି ଖାସ୍‌ସ୍ଥିତ ନିଜ ବାସଭବନରେ ଥିବା ସମୟରେ କେତେଜଣ ଆତଙ୍କବାଦୀ ଘରେ ପଶି ତାଙ୍କୁ ଗୁଳିକରି ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ରଶୁଲଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ତେବେ ଆତଙ୍କବାଦୀମାନେ କାହିଁକି ରଶୁଲଙ୍କୁ ଟାର୍ଗେଟକରି ହତ୍ୟା କଲେ ସେନେଇ ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ। ଘଟଣାର ତଦନ୍ତ ଜାରି ରହିଛି। ଆତଙ୍କବାଦୀଙ୍କୁ ଧରିବା ପାଇଁ କୁପ୍‌ୱାରାରେ ସୁରକ୍ଷା ବଳ ପକ୍ଷରୁ ସର୍ଚ୍ଚ ଅପରେଶନକୁ ଜୋର୍‌ଦାର କରାଯାଇଛି।



## ବାପାଙ୍କ ମୃତଦେହ ୨ ବର୍ଷ ଲୁଚାଇ ରଖିଥିଲେ

ଟୋକିଓ, ୨୭।୪


ନୋବୁହିକୋ ସୁଜୁକି

ଜାପାନର ଜଣେ ରେଷ୍ଟୁରାଣ୍ଟ ମାଲିକ ନୋବୁହିକୋ ସୁଜୁକି (୫୬) ନିଜ ବାପାଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ଖର୍ଚ୍ଚରୁ ବର୍ତ୍ତିବା ପାଇଁ ୨ ବର୍ଷ ଧରି ଘରର କାଛ ଆଲମିରାରେ ତାଙ୍କ ମୃତଦେହକୁ ଲୁଚାଇ ରଖିଥିଲେ। ସାଉଥ୍ ଚାଇନା ମର୍ନିଂ ପୋଷ୍ଟରେ ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି, ଯାହା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି।

ରିପୋର୍ଟ ଅନୁଯାୟୀ, ନିକଟରେ ଟୋକିଓରେ ଥିବା ସୁଜୁକିଙ୍କ ଚାଇନିଜ୍ ରେଷ୍ଟୁରାଣ୍ଟ ସପ୍ତାହେ ଯାଏ ବନ୍ଦ ରହିବା ପରେ ପଡ଼ୋଶୀମାନେ ଚିନ୍ତିତ ହୋଇ ପୋଲିସକୁ ଖବର ଦେଇଥିଲେ। ତଦନ୍ତ ପାଇଁ ପୋଲିସ ସୁଜୁକିଙ୍କ ଘରେ ପହଞ୍ଚିଥିଲା। ଘରର କାଛ ଆଲମିରାରୁ ପୋଲିସକୁ ଏକ କଙ୍କାଳ ମିଳିଥିଲା। ଘଟଣାକୁ ନେଇ ପୋଲିସ ପଚରାଉଚରା କରିବାରୁ ସୁଜୁକି ପୂରା ଘଟଣାକୁ ଉନ୍ମୋଚନ କରିଥିଲେ, ଯାହା ପୋଲିସର ହୋସ୍ ଉଡ଼ାଇ ଦେଇଥିଲା। ସୁଜୁକି ପୋଲିସକୁ କହିଥିଲେ, ୨୦୨୩ ଜାନୁଆରୀରେ ତାଙ୍କ ବାପାଙ୍କ ୮୬ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ଜାପାନରେ ଅନ୍ତିମ ସଂସ୍କାର ଖର୍ଚ୍ଚ ଖୁବ୍ ମହଙ୍ଗା ଥିବାରୁ ସେ ଶବ ସଂସ୍କାର ନ କରି ତାଙ୍କ ମୃତଦେହକୁ ଘରର କାଛ ଆଲମିରା ମଧ୍ୟରେ ଲୁଚାଇ ରଖିଥିଲେ। ତେବେ ସୁଜୁକିଙ୍କ ବାପାଙ୍କ ମୃତ୍ୟୁ କିପରି ଘଟିଥିଲା ସେନେଇ ଏବେ ମଧ୍ୟ ସ୍ଥିତି ଅସ୍ପଷ୍ଟ ଥିବା ପୋଲିସ କହିଛି। ସୁଜୁକିଙ୍କ ଅନୁଯାୟୀ, ୨୦୨୩ ଜାନୁଆରୀରେ ଏକଦା ସେ କାମ ସାରି ଘରକୁ ଫେରିବା ସମୟରେ ତାଙ୍କ ବାପାଙ୍କର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେତେବେଳେ ମୃତଦେହ ତଳେ ପଡ଼ିରହିଥିଲା। ପୋଲିସ ଶନିବାର ସୁଜୁକିଙ୍କୁ ଗିରଫ କରିଛି। ବାପାଙ୍କ ପେନ୍‌ସନ୍ ଅର୍ଥ ଆତ୍ମସାତ୍ କରିବା ଅଭିଯୋଗରେ ତାଙ୍କୁ ପଚରାଉଚରା କରାଯାଉଥିବା ପୋଲିସ କହିଛି। ସମ୍ପୂର୍ଣ୍ଣ ଘଟଣାର ତଦନ୍ତ ଜାରି ରହିଛି। ଏବେ ଏହି ଘଟଣା ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି। ଅତିରିକ୍ତ ପେନ୍‌ସନ୍ ପାଇବା ପାଇଁ ସୁଜୁକି ନିଜ ବାପାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ସୋସିଆଲ ମିଡିଆରେ କେତେଜଣ ୟୁଜର୍ସ ସନ୍ଦେହ ପ୍ରକଟ କରିଛନ୍ତି।

## ଦିଲ୍ଲୀରେ ୮୦୦ ଝୁମ୍ପୁଡ଼ି ଜଳିଗଲା

ନୂଆଦିଲ୍ଲୀ,୨୭।୪

**୨ ଶିଶୁଙ୍କ ମୃତ୍ୟୁ**

ଦିଲ୍ଲୀର ରୋହିଣୀ ଅଞ୍ଚଳ ଅନ୍ତର୍ଗତ ସେକ୍ଟର ୧୭ରେ ଥିବା ଝୁଗ୍ଗି ବସ୍ତିରେ ରବିବାର ନିଆଁ ଲାଗି ୮୦୦ରୁ ଉର୍ଦ୍ଧ୍ୱ ଝୁମ୍ପୁଡ଼ି ଜଳିଯାଇଛି। ଏଥିରେ ୨ ଶିଶୁଙ୍କ ମୃତ୍ୟୁ ଘଟିବା ସହ ୫ ଜଣ ଆହତ ହୋଇଛନ୍ତି। ମୃତ ଶିଶୁଙ୍କ ବୟସ ୨.୫ ବର୍ଷ ଓ ୩ ବର୍ଷ ବୋଲି ରୋହିଣୀ ଅଞ୍ଚଳର ଡିସିପି କହିଛନ୍ତି। ଅଗ୍ନିକାଣ୍ଡ ସମ୍ପର୍କରେ ଅଗ୍ନିଶମ ବିଭାଗକୁ ପୂର୍ବାହ୍ନ ୧୧ଟା ୫୫ ମିନିଟ୍‌ରେ ଖବର ମିଳିଥିଲା। ପ୍ରଥମେ ୧୭ଟି ଦମକଳ ପଠାଯାଇଥିବାବେଳେ ନିଆଁର ଭୟାବହତାକୁ ଦେଖି ଆଉ ୯ଟି ଦମକଳ ଡକାଯାଇଥିଲା। ୨୬ଟି ଦମକଳ ଦୀର୍ଘ ୩ ଘଣ୍ଟାର ଉଦ୍ୟମ ପରେ ନିଆଁକୁ ଆୟତ୍ତ କରିଥିଲେ।



## '୩ ଇଡିଅଟ୍ସ'ର ସ୍କୁଲକୁ ସିବିଏସ୍‌ଇ ମାନ୍ୟତା

ଲେହ, ୨୭।୪ (ପି.ଟି.)

ଲଦାଖର ଲେହସ୍ଥିତ ପ୍ରସିଦ୍ଧ ଡ୍ରୁକ୍ ପଦ୍ମା କାର୍ପୋ ସ୍କୁଲକୁ ପ୍ରତିଷ୍ଠା ହେବାର ୨ ଦଶନ୍ଧିରୁ ଅଧିକ ସମୟ ପରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ମାନ୍ୟତା ମିଳିଛି। ୨୦୦୯ରେ ଆମୀର ଖାନ୍‌ଙ୍କ ଅଭିନୀତ '୩ ଇଡିଅଟ୍ସ' ଫିଲ୍ମରେ ଏହି ସ୍କୁଲକୁ ଦେଖିବାକୁ ମିଳିଥିଲା। ଫିଲ୍ମରେ ଆମୀରଙ୍କ ଚରିତ୍ର 'ରାଞ୍ଚୋ'ର ସ୍କୁଲ ଭାବେ ଏହି ବିଦ୍ୟାଳୟ ସେତେବେଳେ ପ୍ରସିଦ୍ଧି ପାଇଥିଲା। ମହାନ ବିଦ୍ୱାନ ପେମା କାର୍ପୋ (୧୫୨୭-୧୫୯୨)ଙ୍କ ନାମରେ ନାମିତ ଏହି ସ୍କୁଲ ପୂର୍ବରୁ ଜମ୍ମୁ-କଶ୍ମୀର ରାଜ୍ୟ ବିଦ୍ୟାଳୟ ଶିକ୍ଷା ବୋର୍ଡ (ଜେକେବିଓଏସ୍‌ଇ) ଅଧୀନରେ ଆସୁଥିଲା। ସ୍କୁଲର ପ୍ରଧାନ ଆଚାର୍ଯ୍ୟ ମିଙ୍ଗୁର ଅଙ୍ଗମୋ କହିଛନ୍ତି, ସିବିଏସ୍‌ଇ ମାନ୍ୟତା ପାଇଁ ଡ୍ରୁକ୍ ପଦ୍ମା କାର୍ପୋ ସ୍କୁଲ ନିକଟରେ ସମସ୍ତ ଆବଶ୍ୟକ ସୁବିଧା ଏବଂ ଶିକ୍ଷାଦାନ ପଦ୍ଧତି ଦୀର୍ଘ ଦିନ ହେବ ରହିଥିଲା। ତେବେ ଜେକେବିଓଏସ୍‌ଇଠାରୁ ନୋ ଅବଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ନ ମିଳିବା ଯୋଗୁ ଏହି ପ୍ରକ୍ରିୟା ବିଳମ୍ବିତ ହୋଇଥିଲା। ସ୍କୁଲକୁ ସିବିଏସ୍‌ଇ ମାନ୍ୟତା ମିଳିବା ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ପାଇଁ ଉଚ୍ଚ ଶିକ୍ଷାର ପଥ ସହଜ ହେବ ବୋଲି ସେ କହିଛନ୍ତି।



**ଜନ୍ମଦିନର ଶୁଭେଚ୍ଛା**
ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ଗୁନ୍‌ଗୁନ୍
ପରିବାରବର୍ଗ
ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ
ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଆକଳନଠାରୁ କମିପାରେ ଅକ୍ଷୟ ତୃତୀୟା କାରବାର

**ଭୁବନେଶ୍ୱର,୨୭।୪ (ଅଭୟ ଦାଶ)**

## ୩୦ରେ ଅକ୍ଷୟ ତୃତୀୟା

ଆଉ ଦିନ କେତେଟା ପରେ ଅକ୍ଷୟ ତୃତୀୟା। ହେଲେ ସୁନା ଦର ଆକାଶଛୁଆଁ ରହିଥିଲାବେଳେ ରୁପା ମୂଲ୍ୟ ଲକ୍ଷେ ଉପରେ ରହିଛି। ସେହିଭଳି ସାରା ଦେଶରେ ବିବାହ ଋତୁ ଜାରି ରହିଥିଲାବେଳେ ଭିନ୍ନ ଭିନ୍ନ ଶୁଭକାର୍ଯ୍ୟ ମଧ୍ୟ ଭାରତରେ କରାଯାଉଛି। ଏହାରି ମଧ୍ୟରେ ସୁନା ଦର ଜାତୀୟ ବଜାରରେ ୯୦,୦୦୦ ରୁ ୯୭,୦୦୦ ଟଙ୍କା ଥିଲାବେଳେ ଓଡ଼ିଶା ବଜାରରେ ୯୦,୦୦୦ ରୁ ୯୮,୦୦୦ ମଧ୍ୟରେ କାରବାର ହେଉଛି। ସେହିପରି ମୂଲ୍ୟବାନ ଅଳଙ୍କାର ଓ ହୀରା ମୂଲ୍ୟ ସର୍ବୋଚ୍ଚସ୍ତରରେ ଥିଲାବେଳେ ରୁପା ଦର ଉଭୟ ବଜାରରେ ଲକ୍ଷେ ଉପରେ ରହିଛି।

ଅପରପକ୍ଷରେ କ୍ରମାଗତ ଭାବେ ସୁନା ଓ ରୁପାର ଦର ବୃଦ୍ଧି ପାଉଥିଲାବେଳେ ଗତ ୩ ଦିନ ହେବ ଉଭୟ ସୁନା ଓ ରୁପା ଦରରେ ସୁଧାର ଆସିଛି। ହେଲେ ଆଗକୁ ଅକ୍ଷୟ ତୃତୀୟା ଆସୁଥିଲାବେଳେ ବଜାରର ଚାହିଦା ସେହି ପରିମାଣରେ ଦେଖିବାକୁ ମିଳୁନାହିଁ। ଗୋଟିଏ ପଟରେ ସୁନା ଓ ରୁପାର ଦରବୃଦ୍ଧି ଜାରି ରହିଥିଲାବେଳେ ଅପରପକ୍ଷରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ମଧ୍ୟ ଆକାଶଛୁଆଁ ରହିଛି। ପରମ୍ପରା ଅନୁଯାୟୀ ଅକ୍ଷୟ ତୃତୀୟାରେ ମୂଲ୍ୟବାନ ସାମଗ୍ରୀ (ସୁନା, ରୁପା ଓ ପ୍ରିମିୟମ



ଅଳଙ୍କାର) ସାଙ୍ଗକୁ ଅନ୍ୟାନ୍ୟ ଧାତୁ କ୍ରୟର ବିଧି ଥିଲାବେଳେ ଦରବୃଦ୍ଧି ଗ୍ରାହକଙ୍କ ପାଇଁ ବାଧକ ସାଜିଛି ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରିଛନ୍ତି। ସେହିପରି ଅକ୍ଷୟ ତୃତୀୟା କାରବାର ପାଇଁ ରିଟେଲ ବ୍ୟବସାୟୀଙ୍କଠାରୁ ଆରମ୍ଭ କରି ସର୍ବବୃହତ୍ ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକର୍ଷଣୀୟ ଅଫର ସାଙ୍ଗକୁ ମନଲୋଭା ସାଜସଜ୍ଜା କରାଯାଉଛି। ହେଲେ ଗତ ବର୍ଷର କାରବାର ଅପେକ୍ଷା ଚଳିତ ବର୍ଷର ଅକ୍ଷୟ ତୃତୀୟା କାରବାର ଯଥେଷ୍ଟ ପରିମାଣରେ କମିପାରେ ବୋଲି ବଜାର ବିଶେଷଜ୍ଞମାନେ ଆକଳନ କରୁଥିଲାବେଳେ ଅଳଙ୍କାର ବ୍ୟବସାୟୀମାନେ ଭଲ କାରବାର ପାଇଁ ଆଶାବାଦି ଅଛନ୍ତି। ସେହିଭଳି ଉଭୟ ଜାତୀୟ ଓ ଘରୋଇ ବଜାରର ଅଳଙ୍କାର ପ୍ରତିଷ୍ଠାନଗୁଡ଼ିକ ପକ୍ଷରୁ ଆକର୍ଷଣୀୟ ଉପହାରର ବ୍ୟବସ୍ଥା ସାଙ୍ଗକୁ ଅତୁଳନୀୟ ଅଫର କାରବାର ବୃଦ୍ଧିରେ ବେଶ ସହାୟକ ହେବ ବୋଲି ଆଶା କରାଯାଉଥିଲାବେଳେ ଦରବୃଦ୍ଧି ଓ ବିବାହ ଋତୁ ଏହି ସମୟର କାରବାରକୁ କିଛି ପରିମାଣରେ ଲାଘବ କରିପାରେ ବୋଲି ଆକଳନ କରାଯାଉଛି।

# ପିଟର ଇଂଲଣ୍ଡର ନୂତନ ଅଭିଯାନ

**ଭୁବନେଶ୍ୱର,୨୭।୪**

PETER ENGLAND PRESENTS THE LEAGUE OF LEGENDS

ଆଦିତ୍ୟ ବିର୍ଲା ଫ୍ୟାସନ ଆଣ୍ଡ ରିଟେଲ ଲିମିଟେଡର ପ୍ରମୁଖ ବ୍ରାଣ୍ଡ ତଥା ପିଟର ଇଂଲଣ୍ଡର ନୂତନ ଅଭିଯାନ 'ଦି ଜେଣ୍ଟଲମ୍ୟାନ୍ସ ଲିଗ-ଲିଗ ଅଫ ଲିଜେଣ୍ଡସ'ର ଅନାବରଣ (ଶୁଭାରମ୍ଭ) ନିକଟରେ ହୋଇଯାଇଛି। ଏପରିକି ଦେଶର ସବୁଠାରୁ ପ୍ରସିଦ୍ଧ କ୍ରିକେଟ୍ ମହୋତ୍ସବ 'ଜିଓଷ୍ଟାର ଆଇପିଏଲ୍' ରେ ଶୁଭାରମ୍ଭ ହୋଇଥିବା ଏହି ଅଭିଯାନ କ୍ରୀଡା କ୍ଷେତ୍ରର ସବୁଠାରୁ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ କପିଲ ଦେବ, ସାର୍ ଭିଭିଆନ୍ ରିଚାର୍ଡସ୍ ଏବଂ ଅନ୍ତର୍ଜାତୀୟ କ୍ରିକେଟ୍ର ଅଦୃଶ୍ୟ ସ୍ୱର ହର୍ଷ ଭୋଗଲେଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ସେହିପରି କ୍ରିକେଟ୍ ପ୍ରତି ଗଭୀର ଭାବେ ଆଗ୍ରହୀ ଥିବା ଦେଶରେ ପିଟର ଇଂଲଣ୍ଡ ଏବଂ କ୍ରିକେଟ୍ କିମ୍ବଦନ୍ତୀଙ୍କ ମଧ୍ୟରେ ଏହି ପ୍ରଥମ ସହଯୋଗ ଐତିହ୍ୟ, ଶୈଳୀ ଏବଂ ଜେଣ୍ଟଲମ୍ୟାନ୍ସ ଗେମ୍‌ର ସ୍ଥାୟୀ ଆକର୍ଷଣର ଏକ ଉତ୍ସବକୁ ସୂଚାଉଛି। ଏ ସମ୍ପର୍କରେ ପିଟର ଇଂଲଣ୍ଡର ଚିଫ୍ ଅପରେଟିଂ ଅଫିସର ଅନିଲ ଏସ୍ କୁମାର କହିଛନ୍ତି, ଜେଣ୍ଟଲମ୍ୟାନ୍ସ ଲିଗ୍ ସଂଗ୍ରହରୁ ଜାରି ରହିଥିବା ଏହି ନୂତନ ଲିଗ୍ ଅଫ୍ ଲିଜେଣ୍ଡସ୍ ଏକ ଉତ୍ସବ ଏବଂ କ୍ରିକେଟ୍ର କାଳଜୟୀ ଆକର୍ଷଣ ଏବଂ ଏହାକୁ ଆକାର ଦେଇଥିବା ବ୍ୟକ୍ତିବିଶେଷଙ୍କ ଲୋକପ୍ରିୟତା ପ୍ରତି ଆମର ବିନମ୍ର ଶ୍ରଦ୍ଧାଞ୍ଜଳି ଜଣାଉଛୁ।

# ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରର ବାର୍ଷିକୋତ୍ସବ

**ଭୁବନେଶ୍ୱର,୨୭।୪**

ଆଇସିଏମ୍ଏଆଇ ଭୁବନେଶ୍ୱର ଚାପ୍ଟରର ୫୬ତମ ବାର୍ଷିକୋତ୍ସବ 'ସମ୍ବର୍ଦ୍ଧନମ୍-୨୦୨୫' ରବିବାର ସ୍ଥାନୀୟ ଆଇଆଇଏମ୍‌ଟି ଅଡ଼ିଟୋରିୟମଠାରେ ପାଳିତ ହୋଇଯାଇଅଛି। ଏହି ଅବସରରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାପ୍ଟରର ସମସ୍ତ କାର୍ଯ୍ୟରେ ସହଯୋଗ କରିବା ସହିତ ଚାପ୍ଟରକୁ ଏକ ସେଣ୍ଟର ଅଫ୍ ଏକ୍ସିଲେନ୍ସି ପାଇଁ ଜମି ଯୋଗାଇ ଦେବା ସହ ଆବଶ୍ୟକ ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହିଭଳି ଭୁବନେଶ୍ୱର ଚାପ୍ଟରର ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାତ୍ର ସ୍ୱାଗତ ଅଭିଭାଷଣ ଦେଇଥିଲେ। ଅନ୍ୟତମ ଅତିଥି ଦାମୋଦର ମିଶ୍ର, ଗଗନ ବିହାରୀ ସ୍ୱାଇଁ, ବରଦା ପ୍ରସନ୍ନ ନାୟକ, ସୂର୍ଯ୍ୟ ନାରାୟଣ ତ୍ରିପାଠୀ, ଅବିନାଶ ପୋଚ୍ନି ଏବଂ ଶରତ କୁମାର ବେହେରା ପ୍ରମୁଖ ସେମାନଙ୍କ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଭୁବନେଶ୍ୱର ଚାପ୍ଟରର ଏକ ସ୍ମରଣିକା ଉନ୍ମୋଚନ ସହ ଶ୍ରେଷ୍ଠ ଛାତ୍ରୀଛାତ୍ରମାନଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୌମ୍ୟରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହା ସହିତ ଏଠାରେ ଏକ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଯେଉଁଥିରେ ପାଖାପାଖି ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ପରିଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବଜାରରେ ରୟାଲ ଏନ୍‌ଫିଲ୍ଡର ହଣ୍ଟର ୩୫୦



ରୟାଲ ଏନ୍‌ଫିଲ୍ଡର 'ହଣ୍ଟର ୩୫୦' ଅନାବରଣ ଉତ୍ସବରେ କମ୍ପାନୀର ବରିଷ୍ଠ ଅଧିକାରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଅଛନ୍ତି।

**ଭୁବନେଶ୍ୱର,୨୭।୪**

ରୟାଲ ଏନ୍‌ଫିଲ୍ଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ହଣ୍ଟର ୩୫୦'ର ଅନାବରଣ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରୟାଲ ଏନ୍‌ଫିଲ୍ଡ ଓଡ଼ିଶା ୟୁନିଟ ପକ୍ଷରୁ ରବିବାର ଭୁବନେଶ୍ୱରର ଏସ୍‌ପ୍ଲାନେଡ ମଲ୍‌ରେ ଏକ ସ୍ୱତନ୍ତ୍ର ଅନାବରଣ ଉତ୍ସବର ଆୟୋଜନ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲର୍ସଙ୍କ ଜରିଆରେ କରାଯାଇଥିଲା। ଏହି ଅବସରରେ ରୟାଲ ଏନ୍‌ଫିଲ୍ଡର ଆର୍‌ବିଏମ୍ ନରେନ୍ଦ୍ର ସ, ଆର୍‌ଏମ୍‌ଏମ୍ ଅବଦୁଲ ସାଜିଦ ଖାନ୍, ଆର୍‌ଆର୍‌ସି ଚନ୍ଦନ ଗୋରାଇ, ଏଏସ୍‌ଏମ୍ ସ୍ୱଦେଶ ପ୍ରହରାଜ ଏବଂ ପ୍ରତୀକଙ୍କ ସମେତ ଡିଲର ପାର୍ଟନର ହର୍ଷିତ ଲୋଧା, ରାଜେଶ ଗୁଗ୍‌ନାନୀ ପ୍ରମୁଖ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୫ ହଣ୍ଟର ୩୫୦ରେ ସମସ୍ତ ପ୍ରକାରର ବୈଶିଷ୍ଟ୍ୟ ସାମିଲ ରହିଛି। ଏପରିକି ଏଥିରେ ଆଧୁନିକ ଫିଚର ସହିତ ୩ଟି ସ୍ପନ୍ଦନଶୀଳ ନୂତନ ରଙ୍ଗ ରିଓ ହ୍ୱାଇଟ୍, ଟୋକିଓ ବ୍ଲାକ୍ ଏବଂ ଲଣ୍ଡନ୍ ରେଡ୍ ଭଳି କଲର ଅନ୍ତର୍ଭୁକ୍ତ ରହିଛି। ଏହାର ନୂଆ ୨୦୨୫ ହଣ୍ଟର ୩୫୦ ମୋଟରସାଇକେଲକୁ ନୂତନ ଯୁଗର ରାଇଡରଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ସେହିପରି ୩୫୦ ସିସି ଲାଇନଅପରେ ପ୍ରଥମ ଥର ପାଇଁ ଏକ ସ୍ଲିପ୍-ଆସିଷ୍ଟ କ୍ଲଚ୍ ରହିବ, ଯାହା ମସୃଣ ଗିଅର୍ ପରିବର୍ତ୍ତନ ଏବଂ ଆରୋହୀଙ୍କ ଥକାପଣକୁ ହ୍ରାସ କରିବ। ଏଲ୍‌ଇଡି ହେଡଲ୍ୟାମ୍ପ, ଟ୍ରିପ୍‌ର ନାଭିଗେସନ୍ ପଡ୍ ଏବଂ ଟାଇପ୍-ସି ୟୁଏସ୍‌ବି ଫାଷ୍ଟ ଚାର୍ଜିଂ ସହିତ ସଜ୍ଜିତ ଏକ ସଂଯୁକ୍ତ ଏବଂ ଆରାମଦାୟକ ଚଳାଇବା ଅଭିଜ୍ଞତା ସୁନିଶ୍ଚିତ କରିଥାଏ। ଏପରିକି ହଣ୍ଟର ୩୫୦ ରୟାଲ ଏନ୍‌ଫିଲ୍ଡର ସମସ୍ତ ଶୋ'ରୁମ୍‌ରେ ବୁକିଂ ଖୋଲା ରହିଛି।

# 'ଆଇପି ସ୍ପାର୍କସ କନ୍‌କ୍ଲେଭ-୨୦୨୫'

**ଭୁବନେଶ୍ୱର,୨୭।୪**

ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର ବା ଏଆଇସି ଏବଂ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି (ଏଆଇସି-ନାଳନ୍ଦା)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ଆଇପି ସ୍ପାର୍କସ କନ୍‌କ୍ଲେଭ-୨୦୨୫' ନିକଟରେ ଅନୁଷ୍ଠିତ ହୋଇଯାଇଛି। ଅପରପକ୍ଷରେ ଅଟଳ ଇନୋଭେଶନ ମିଶନ ଓ ନିତି ଆୟୋଗ ଦ୍ୱାରା ସମର୍ଥିତ ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ (ଏଆଇସି-ନାଳନ୍ଦା) ପକ୍ଷରୁ ବିଶ୍ୱ ବୌଦ୍ଧିକ ସମ୍ପତ୍ତି ଦିବସ (ୱାର୍ଲ୍ଡ ଇଣ୍ଟେଲେକ୍ଚୁଆଲ ପ୍ରପର୍ଟି ଡେ') ଭୁବନେଶ୍ୱରର ଭିକେ-ଏଆଇସିୱାଇଏଏମ୍‌ଠାରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ସମ୍ମିଳନୀ 'ଆଇପି ଆଣ୍ଡ ମ୍ୟୁଜିକ: ଫିଲ୍ ଦ ବିଟ୍ ଅଫ୍ ଆଇପି' ଶୀର୍ଷକ ଅନ୍ତର୍ଜାତୀୟ ବିଷୟବସ୍ତୁ ଉପରେ ପର୍ଯ୍ୟବସିତ ରହିଥିବାବେଳେ ଏହା ସୃଜନଶୀଳତା ଓ ସାଂସ୍କୃତିକ ଅଭିବ୍ୟକ୍ତିକୁ ସୁରକ୍ଷିତ ରଖିବା କ୍ଷେତ୍ରରେ ବୌଦ୍ଧିକ ସମ୍ପତ୍ତିର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଗୁରୁତ୍ୱାରୋପ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପାତ୍ର ବୌଦ୍ଧିକ ସମ୍ପତ୍ତିର ସୁରକ୍ଷାର ମହତ୍ତ୍ୱକୁ ଗ୍ରହଣ କରିବା ପାଇଁ ଉଦ୍ଭାବକ ଓ କଳାକାରଙ୍କୁ ପ୍ରୋତ୍ସାହିତ କରି ଏକ ପ୍ରେରଣାଦାୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ସମ୍ମିଳନୀରେ ଓଡ଼ିଶାର ପ୍ରସିଦ୍ଧ ଲୋକଗାୟକ, ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ପ୍ରଖ୍ୟାତ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ପଦ୍ମଶ୍ରୀ ଗୁରୁ ଅରୁଣା ମହାନ୍ତି, ଓଡ଼ିଆ ସିନେ କଳାକାର ସତ୍ୟବ୍ରତ (କୁନା) ତ୍ରିପାଠୀ, ଓଡ଼ିଆ ଗାୟକ ଓ ସଙ୍ଗୀତକାର ଅଭିଜିତ ମିଶ୍ର, ଭିକେ-ଏଆଇସିୱାଇଏଏମ୍ ଓ ଭିଆର୍‌ଏମ୍‌ଭିକେ, କନ୍ୟାକୁମାରୀ ଡ. ସନ୍ତୋଷ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଏଆଇସି-ନାଳନ୍ଦାର ସିଇଓ ଦୁର୍ଗା ପ୍ରସାଦ ଗୌଡ଼ କହିଥିଲେ, ଆଇପି ଓ ଉଦ୍ଭାବନର ସଂସ୍କୃତିକୁ ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକର ମିଳିତ ପ୍ରୟାସ ମାଧ୍ୟମରେ ଠିକ୍ ଦିଗରେ ବିକଶିତ ଓ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି। ଆଇପି ସ୍ପାର୍କସ କନ୍‌କ୍ଲେଭ ୨୦୨୫ ଏକ ସମ୍ବର୍ଦ୍ଧନା ଉତ୍ସବ ସହ ଉଦ୍‌ଯାପିତ ହୋଇଥିଲା। ଯେଉଁଥିରେ କଳା, ସଂସ୍କୃତି ଓ ଉଦ୍ଭାବନ କ୍ଷେତ୍ର ବିଶିଷ୍ଟ ବ୍ୟକ୍ତିମାନଙ୍କୁ ସେମାନଙ୍କର ବହୁମୂଲ୍ୟ ଯୋଗଦାନ ପାଇଁ ସମ୍ମାନିତ କରାଯାଇଥିଲା।

# ଏଲ୍‌ଟିଏଫ୍‌ଏଲ୍‌ର ତ୍ରୈମାସିକ ଫଳାଫଳ

**ଭୁବନେଶ୍ୱର,୨୭।୪**

ଏଲ୍ ଆଣ୍ଡ ଟି ଫାଇନାନ୍ସ ଲିମିଟେଡ (ଏଲ୍‌ଟିଏଫ୍‌ଏଲ୍)ର ତ୍ରୈମାସିକ ଫଳାଫଳ ନିକଟରେ ଘୋଷଣା କରାଯାଇଛି। ଏପରିକି ୨୦୨୫ ମାର୍ଚ୍ଚ ୩୧ର ଶେଷ ହୋଇଥିବା ତ୍ରୈମାସିକ ସୁଦ୍ଧା କମ୍ପାନୀ ସର୍ବକାଳୀନ ସର୍ବୋଚ୍ଚ ଟିକସ ପରବର୍ତ୍ତୀ ଲାଭ (ପିଏଟି) ୨୬୪୪ କୋଟି ଟଙ୍କା ସଂଗ୍ରହ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୪% ବୃଦ୍ଧି ଘଟିଛି। ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ୪ର୍ଥ ତ୍ରୈମାସିକରେ କମ୍ପାନୀ ମୋଟ ୬୩୬ କୋଟି ଟଙ୍କାର ପିଏଟି ହାସଲ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷର ଏହି ଅବଧି ତୁଳନାରେ ୧୫% ଅଧିକ ହୋଇଛି। ବିଶେଷ କରି ଏହାର ରିଟେଲ ବୁକ ସମ୍ପ୍ରତି ୯୫,୧୮୦ କୋଟି ଟଙ୍କା ହୋଇଛି, ଯାହା ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ରିଟେଲ ବୁକ ତୁଳନାରେ ୧୯% ଅଧିକ ହୋଇଛି। କମ୍ପାନୀ ମଧ୍ୟ ବାର୍ଷିକ ୬୦,୦୪୦ କୋଟି ଟଙ୍କାର ରିଟେଲ ଋଣ ପ୍ରଦାନ କରିଛି, ଯାହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୧୧% ଅଧିକ ଏବଂ ଏହାର ତ୍ରୈମାସିକ ଭିତ୍ତିରେ ରିଟେଲ ଋଣ ପ୍ରଦାନ ୨୦୨୫ ମାର୍ଚ୍ଚ ୩୧ ସୁଦ୍ଧା ଶେଷ ହୋଇଥିବା ତ୍ରୈମାସିକରେ ୧୪,୮୯୯ କୋଟି ଟଙ୍କାରେ ସ୍ଥିର ରହିଛି।

ଏ ସମ୍ପର୍କରେ ଏଲ୍‌ଟିଏଫ୍‌ଏଲ୍‌ର ଏମ୍‌ଡି ତଥା ସିଇଓ ସୁଦୀପ୍ତ ରୟ କହିଥିଲେ, ଏହି ବର୍ଷରେ ଉଲ୍ଲେଖନୀୟ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଆମର ପ୍ରଦର୍ଶନ ମଜଭୁତ ରହିଛି ଏବଂ ଚାଲେଞ୍ଜପୂର୍ଣ୍ଣ ପରିବେଶ ମଧ୍ୟରେ ଆଗକୁ ବଢିବା ନିମନ୍ତେ ଆମର ସାମର୍ଥ୍ୟକୁ ପ୍ରଦର୍ଶିତ କରିଛି। ଏହି ସ୍ଥିରତା ସମଗ୍ର ବ୍ୟବସାୟ କ୍ଷେତ୍ରରେ ସାମଗ୍ରିକ ଦକ୍ଷତା ଉପରେ ଆମର ମଜଭୁତ ଦୃଷ୍ଟିନିବଦ୍ଧ ଦ୍ୱାରା ସୁଦୃଢ଼ ଆସେଟ ମାନକୁ ପୁନଃସୁଦୃଢ଼ କରିବା ପ୍ରତି ଆମର ଏକନିଷ୍ଠ ପ୍ରତିବଦ୍ଧତା ଯୋଗୁ ସମ୍ଭବ ହୋଇଛି।

# ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ

**ଭୁବନେଶ୍ୱର,୨୭।୪**

ବ୍ରିଟାନିଆ ମ୍ୟାରିଗୋଲ୍ଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ହର୍ ଷ୍ଟାର୍ଟଅପ୍ ସିଜନ୍-୨ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଗ୍ରୁପ୍ ଏମ୍ ମୋସନ୍ ଏଣ୍ଟରଟେନମେଣ୍ଟ ଆଣ୍ଡ ମାଇଣ୍ଡସେୟାର ସହିତ ସହମତି କ୍ରମେ ଏହି କାର୍ଯ୍ୟ ଆରମ୍ଭ ହୋଇଛି, ଏହା ହେଉଛି ଜାତୀୟସ୍ତରର ପ୍ରଥମ ରିୟଲିଟି ସିରିଜ୍, ଯାହାକି ଦେଶବ୍ୟାପୀ ମହିଳା ଉଦ୍ୟୋଗୀମାନେ ସେମାନଙ୍କର ନୂଆ ନୂଆ ଚିନ୍ତାଧାରାକୁ ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ପାଲଟିଛି। ଏହି ଶୋ'ର ପ୍ରିମିୟମ ଜିଓହଟ୍‌ଷ୍ଟାରରେ ହୋଇସାରିଛି, ଏଥିରେ ୧୦ଲକ୍ଷ ଟଙ୍କାର ଗୋଲଡେନ୍ ଗ୍ରାଣ୍ଟ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୦ ଜଣ ଫାଇନାଲିଷ୍ଟ ସାମିଲ୍ ହୋଇଛନ୍ତି। ଗ୍ରୁପ୍ ଏମ୍ ମୋସନ୍ କଣ୍ଟେଟର ବିଷୟ ପରିକଳ୍ପନା ସହିତ ବ୍ରିଟାନିଆ ମ୍ୟାରିଗୋଲ୍ଡ ହର୍ ଷ୍ଟାର୍ଟଅପ୍ ଶୋ' କେବଳ ଏକ ସିରିଜରେ ସୀମିତ ହୋଇ ରହିନାହିଁ।

# ଏନ୍‌ଏସ୍‌ଇ ପକ୍ଷରୁ ସହାୟତା

**ଭୁବନେଶ୍ୱର,୨୭।୪**

ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ପକ୍ଷରୁ କଶ୍ମୀରର ପହଲଗାମ୍ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସହାୟତା ଘୋଷଣା କରାଯାଇଛି। ଏପରିକି ୨୦୨୫ ଏପ୍ରିଲ ୨୨ କଶ୍ମୀରର ପହଲଗାମ୍‌ଠାରେ ଘଟିଥିବା ଦୁଃଖଦ ଆତଙ୍କବାଦୀ ଆକ୍ରମଣ ପୂରା ଦେଶକୁ ସ୍ତବ୍ଧ କରି ଦେଇଛି। ଯେଉଁଥିରେ ଅନେକ ନିରୀହ ଲୋକଙ୍କ ଜୀବନ ଚାଲିଯାଇଛି ଏବଂ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଛି, ଏଭଳି ପରିସ୍ଥିତିରେ ଏନ୍‌ଏସ୍‌ଇ ଏହି ହୃଦୟ ବିଦାରକ ହିଂସାକାଣ୍ଡରେ ପ୍ରାଣ ହରାଇଥିବା ମୃତକଙ୍କ ପରିବାରକୁ ସମୁଦାୟ ୧ କୋଟି ଟଙ୍କା (ଅର୍ଥାତ୍ ପରିବାର ପିଛା ପାଖାପାଖି ୪ ଲକ୍ଷ ଟଙ୍କା) ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛି।

ଏ ନେଇ ଏନ୍‌ଏସ୍‌ଇର ଏମ୍‌ଡି ତଥା ସିଇଓ ଆଶିଷ କୁମାର ଚୌହାନ କହିଛନ୍ତି, ଏହା ଆମ ଦେଶ ପାଇଁ ଏକ ସାମୂହିକ ଶୋକର ମୁହୂର୍ତ୍ତ ହୋଇଥିଲାବେଳେ ଆମର ସମବେଦନା ଏବଂ ପ୍ରାର୍ଥନା ପ୍ରଭାବିତ ପରିବାରମାନଙ୍କ ସହିତ ରହିଛି। ଆମେ ଆଶା କରୁଛୁ ଯେ ସେମାନଙ୍କୁ ଯଥାସମ୍ଭବ ସହାୟତା ମିଳିବ।

**Classified Everyday**
**0674-2580101, 9692975378**



**REAL ESTATE**
**SALE**

ହଂସପାଳରୁ 11K.M. ସିଙ୍ଗଡ଼ାସାହି ଛକ ପାଖରେ 1300sqft 3,12,000/- ପ୍ଲଟ୍ ବିକ୍ରିହେବ। 9114705579.
D-76258

**Ready to move 1/2 BHK flat for sale @13/24 Lakh at Sundarpada and Gudiapokhari, Bhubaneswar. Call- 9861642492.** D-200

ଭୁବନେଶ୍ୱର- ପିପିଲି **Toll Gate Puri road** ନିକଟରେ **Gharabari Plot** ଏବଂ ନଖରାରେ **3/4 BHK Duplex** ବିକ୍ରିହେବ। **8327785834.**
D-76261

**Duplex sale with gated society AIIMS Hospital, Bhubaneswar. 8455909543, 7735579312.** D-76262



For rent (Residential/ Office) flat at Jharapada, Ganesh Mandap Chhaka, Bhubaneswar. Contact: 7978450312, 9040096747. D-75377

**700sqft Hall available in Uttara Chhak Main road. Contact: 9692671608.** D-305

**1000 sqft Hall available in Lewis Main Road. Contact: 9692671608.**
D-302

**3BHK flat available for rent in Gudiapokhari near Krupajal College. Contact: 9692671608.**
D-304



Full body massage by experience therapist with homely atmosphere. 9114559860. D-275

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**AFFIDAVIT**

I, Kirti Pandey Mishra, W/o- Pradipta Kumar Mishra residence of Kalika Devi Sahi, Bhandari Lane, Puri-752001, P.S.- Town PS, Odisha declare by this affidavit No.- 2512 dated- 25.04.2025 that now onwards I shall be known as Kirti Pandey for all purposes. D-312

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

By virtue of an affidavit sworn before the Notary Public, Paralakhemundi, Gajapati, Odisha, dated 26 April 2025. I, Gulibindal Ranjit Kumar, S/o- Gulibindala Chiranjeebulu, Village- Radhu, P.O.- Derigam, District.- Rayagada, Odisha, PIN- 765024 declare that my original name is Gulibindal Ranjit Kumar. It has recorded in my Aadhaar card No.-xxxx xxx 0374 and Pan card, but in my HSC Pass Board Certificate my surname has been recorded as Gulibindala instead of Gulibindal.Henceforth, I will be known and continue by my surname as Gulibindal Ranjit Kumar for all purposes.
D-313

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ମନେ ପଡ଼ନ୍ତି**


**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**୰ମଞ୍ଜୁଳା ମହାନ୍ତି**

ବୈଶାଖ ଶୁକ୍ଳପକ୍ଷ ପ୍ରତିପଦା
ଚାହୁଁ ଚାହୁଁ ଚାରିବର୍ଷ ବିତିଗଲା, ସବୁ ସମୟରେ ତୁମର ଅନୁପସ୍ଥିତି ଆମ୍ଭେମାନେ ଅନୁଭବ କରୁଅଛୁ। ଆମର ପ୍ରାର୍ଥନା ପରମେଶ୍ୱରଙ୍କ ନିକଟରେ ତୁମେ ଶାନ୍ତିରେ ଥାଅ। ତୁମର ସ୍ନେହ, ଶ୍ରଦ୍ଧା, ଆନ୍ତରିକତା ଓ ଆଶୀର୍ବାଦ ଆମର କାମନା।
ଶୋକସନ୍ତପ୍ତ:- ନନା, ନୂଆବୋଉ, ଅପା, ଭାଇ, ଅଞ୍ଜୁ, ଶୋଭନ, ରମା, ସଞ୍ଜୁ, ତପୁ, ଟିଟି, ପାପୁ, ତୁତୁଲୁ, ଆନିଆ
ଧ-୨୯୫

**ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**




**୰ପ୍ରହ୍ଲାଦ ଦାଶ**


ଅରୁଆ, ପଟାମୁଣ୍ଡାଇ, କେନ୍ଦ୍ରାପଡା
ଆବିର୍ଭାବ-୧୦।୧୨।୧୯୨୨
ତିରୋଧାନ- ୧୭।୦୪।୨୦୨୫
ଅମର ଆତ୍ମାର ସଦ୍‌ଗତି ପାଇଁ ବାସୁଦେବଙ୍କୁ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ତ୍ରୀ, ପୁତ୍ର, ବୋହୂ, ଝିଅ, ଜ୍ୱାଇଁ, ନାତି ନାତୁଣୀ ଏବଂ ବନ୍ଧୁ ଆତ୍ମୀୟସ୍ୱଜନ।
ଧ-୨୯୪

# ସୁସ୍ଥ ହୃତ୍‌ପିଣ୍ଡ ଅନ୍ତରାଳେ...


ଡା. ରାମଚନ୍ଦ୍ର ରାଉତ

''ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।''





ମନୁଷ୍ୟ ଶରୀରରେ ମସ୍ତିଷ୍କ ପରେ ହୃତ୍‌ପିଣ୍ଡ ବା ହାର୍ଟ ହେଉଛି ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କହିବାକୁ ଗଲେ ହୃଦ୍‌ଯନ୍ତ୍ର ଦ୍ୱାରା ମସ୍ତିଷ୍କକୁ ରକ୍ତ ସଞ୍ଚାଳନ ନ ହେଲେ କେବଳ ମସ୍ତିଷ୍କକୁ କ'ଣ, ଶରୀରର କୌଣସି ଅଙ୍ଗ କାର୍ଯ୍ୟକ୍ଷମ ହୋଇପାରିବ ନାହିଁ। ମାତ୍ର ୩୦୦-୪୦୦ ଗ୍ରାମ୍ ଓଜନ ବିଶିଷ୍ଟ ତିନିଗୋଟି ସ୍ତରର ଗୋଟିଏ ଛୋଟିଆ ରକ୍ତ ସଞ୍ଚାଳନ ପମ୍ପ ରୂପେ କମ୍ପନ କରୁଥିବା ହୃଦ୍‌ଯନ୍ତ୍ରଟି ଗର୍ଭସଞ୍ଚରଣର ମାତ୍ର ୪-୫ ସପ୍ତାହରୁ ନିରବଚ୍ଛିନ୍ନ ଭାବେ ମଣିଷ ବଞ୍ଚିଥିବା ଯାଏ କାର୍ଯ୍ୟ କରୁଥାଏ। ପ୍ରକାରାନ୍ତେ ହୃଦ୍‌ଯନ୍ତ୍ର ବନ୍ଦ ହେଲେ ଲୋକଟି ମୃତ୍ୟୁମୁଖରେ ପଡ଼ିଥାଏ ଏବଂ ମୃତ୍ୟୁ ହେଲେ ହୃଦ୍‌ଯନ୍ତ୍ରଟି ବନ୍ଦ ହୋଇଯାଏ। ମାତ୍ର ୧୨ ସେମି ଲମ୍ବ, ୮.୫ ସେମି ଓସାର ଓ ୬ ସେମି ମୋଟା ବିଶିଷ୍ଟ ହୃଦ୍‌ଯନ୍ତ୍ର ପ୍ରତି ମିନିଟ୍‌ରେ ହାରାହାରି ୭୨ ଥର (୬୦-୮୦), ପ୍ରତି ଘଣ୍ଟାରେ ୪୩୨୦ଥର, ଗୋଟିଏ ଦିନରେ ଲକ୍ଷେ ଚାରିହଜାର ଥର ସ୍ପନ୍ଦିତ (ସଙ୍କୁଚିତ ଓ ପ୍ରସାରିତ) ହୋଇଥାଏ। ଏହାଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ରକ୍ତ ସଞ୍ଚାଳନ ହୋଇଥାଏ। ଗୋଟିଏ ହୃଦ୍‌ଯନ୍ତ୍ର କାର୍ଯ୍ୟ ଅର୍ଥାତ୍ ପ୍ରତ୍ୟେକ ସ୍ପନ୍ଦନ ପାଇଁ ଏହା ୦.୮ ସେକେଣ୍ଡ ନେଇଥାଏ ଓ ସଙ୍କୋଚନ ପାଇଁ ଯେତିକି ସମୟ ନିଏ, ପ୍ରସାରଣ ପାଇଁ ତା'ଠାରୁ ଅଢ଼େଇ ଗୁଣ ସମୟ ନେଇଥାଏ। ଅର୍ଥାତ୍ ହୃଦ୍‌ଯନ୍ତ୍ର ଯେତିକି ସମୟ ସଙ୍କୁଚିତ ହୁଏ ତା' ତୁଳନାରେ ଅଢ଼େଇରୁ ୩ ଗୁଣ (ପ୍ରସାରିତ) ବିଶ୍ରାମ ନେଇଥାଏ। ତେଣୁ ଏହା ଉପରେ କାର୍ଯ୍ୟଭାର କିଛି ମାତ୍ରାରେ କମ୍ ହୋଇଥାଏ। ସାଧାରଣତଃ ହୃଦ୍‌ଯନ୍ତ୍ରର ତିନିଗୋଟି ଆବରଣ ମଧ୍ୟରୁ ମାଂସପେଶୀୟ ଆବରଣ ବା ମାୟୋକାର୍ଡିୟମ୍ ଏହି କାର୍ଯ୍ୟ କରିଥାଏ।

ହୃଦ୍‌ଯନ୍ତ୍ରର ସଙ୍କୋଚନ ସମୟରେ ହେଉଥିବା ବଳ ଦ୍ୱାରା ରକ୍ତ ସଞ୍ଚାରଣ ହୋଇଥାଏ ଏବଂ ଏହା ଧମନୀରେ ରକ୍ତଚାପ ସୃଷ୍ଟି କରିଥାଏ, ଯାହା ସାଧାରଣତଃ ୧୨୦ ମିମି ପାରଦର ଚାପ ସହ ସମାନ। ସେହିପରି ଡାଇଷ୍ଟୋଲ୍ ସମୟରେ ରକ୍ତଚାପ ସାଧାରଣତଃ ୮୦ ମିମି ପାରଦ ହୋଇଥାଏ। ଏହି ସମୟରେ ପଲ୍‌ସ ପ୍ରେସର (ନାଡ଼ି ଚାପ) ଏହି ଦୁଇ ଚାପର ତଫାତ ଅର୍ଥାତ୍ ୪୦ ମିମି ପାରଦ ହୋଇଥାଏ। ରକ୍ତଚାପ ବୃଦ୍ଧି ହେଲେ ଏହା ମଧ୍ୟ ଅସୁବିଧା ହୋଇଥାଏ। ମାତ୍ର ଉଚ୍ଚ ରକ୍ତଚାପ ଏକ ବହୁଳ ପରିଲକ୍ଷିତ ଓ ପ୍ରାୟତଃ କାରଣ ଜଣା ନ ପଡ଼ିବା ଏକ ରୋଗ, ଯାହାକି ମେଦବହୁଳତା, ଶାରୀରିକ ପରିଶ୍ରମର ଅଭାବ, ଆପେକ୍ଷିକ ଲବଣ, ଧୂମପାନ, ମାନସିକ ଚାପ, ବିଷାଦ ଓ ଆହୁରି ଅନେକ କାରଣରୁ ହୋଇଥାଏ ବୋଲି ଅନୁମାନ କରାଯାଉଛି। ଉଚ୍ଚ ରକ୍ତଚାପ ଥରେ ଜଣାପଡ଼ିଲେ ଏହା ପାଇଁ ନିୟମିତ ଔଷଧ ସେବନ ଓ ଡାକ୍ତରୀ ପରାମର୍ଶର ଆବଶ୍ୟକତା ପଡ଼ିଥାଏ।

ଏତଦ୍‌ବ୍ୟତୀତ ହୃଦ୍‌ଘାତ ବା ହାର୍ଟ ଆଟାକ୍ ଯାହାକୁ 'Acute Myocardial Ischemia (AME) କୁହାଯାଏ, ତାହା ହୃଦ୍‌ଯନ୍ତ୍ରର ମାଂସପେଶୀକୁ ରକ୍ତ ସଞ୍ଚାଳନ ବନ୍ଦ ହେବା ଦ୍ୱାରା ହୋଇଥାଏ। ହୃଦ୍‌ଯନ୍ତ୍ରରୁ ମାଂସପେଶୀକୁ ରକ୍ତ ଯୋଗାଉଥିବା ଦୁଇଟି ମୁଖ୍ୟ ଧମନୀ ଓ ଏହାର ଶାଖା ଏହିପରି ପାଞ୍ଚଗୋଟି ଧମନୀରୁ ଏକ ବା ଏକାଧିକ ଅବରୋଧ (blockage) ସୃଷ୍ଟି ହେଲେ ହୃଦ୍‌ଘାତ ହୋଇଥାଏ। ଏହା ବାମ ମୁଖ୍ୟ କରୋନାରୀ ଧମନୀରେ ଅଧିକ ପରିଲକ୍ଷିତ ହୋଇଥାଏ।

ହୃଦ୍‌ଯନ୍ତ୍ରକୁ ରକ୍ତ ସଞ୍ଚାରଣ କରାଉଥିବା ଧମନୀଗୁଡ଼ିକୁ କରୋନାରୀ ଧମନୀ କୁହାଯାଇଥାଏ। କାରଣ ଏହା ହୃଦ୍‌ଯନ୍ତ୍ରର ମୁକୁଟ ପରି ପ୍ରତୀୟମାନ ହୁଅନ୍ତି। ଧମନୀରେ କୋଲେଷ୍ଟରଲ, ଆଥେରୋମା ଇତ୍ୟାଦି ଜମି ରକ୍ତ ସଞ୍ଚାଳନର ବାଟ ବନ୍ଦ କରିଥାଏ। ଏଥିପାଇଁ ସ୍ଥଳବିଶେଷରେ ଷ୍ଟେଣ୍ଟ, ବାଇପାସ୍ ସର୍ଜରି ଇତ୍ୟାଦି କରାଯାଇଥାଏ। ରକ୍ତ ଜମାଟ ଓ ଚର୍ବିଜାତୀୟ ଉପାଦାନ ହ୍ରାସ ପାଇଁ ଔଷଧ ଦିଆଯାଇଥାଏ। ଏବେ ବିନା ଅପରେଶନରେ ମଧ୍ୟ ହାର୍ଟ ବ୍ଲକେଜର ଚିକିତ୍ସା କରାଯାଇପାରୁଛି।

ଆମ ଶରୀରରେ ରକ୍ତ ସଞ୍ଚାଳନ ଏହିପରି ହୋଇଥାଏ। ପ୍ରଥମେ ଶରୀରର ସମସ୍ତ ଅଙ୍ଗ ଓ ଅଂଶରୁ ଦୂଷିତ ରକ୍ତ ସଂଗ୍ରହ ହୋଇ ଊର୍ଦ୍ଧ୍ୱ ଓ ଅଧ ଭେନା(vena) କାଭା(cava) ଦ୍ୱାରା ଦକ୍ଷିଣ ଅଳିନ୍ଦକୁ ଆସି ଦକ୍ଷିଣ ନିଳୟ ଦେଇ ଅଙ୍ଗାରକାମ୍ଳରହିତ ଓ ଅମ୍ଳଜାନଯୁକ୍ତ ହୋଇ ପରିଷ୍କାର ରକ୍ତ ହେବା ପାଇଁ ଫୁସ୍‌ଫୁସ୍‌କୁ ଯାଏ। ସେଠାରୁ ଏହା ଫୁସ୍‌ଫୁସ୍ ଶିରା ଦେଇ ବାମ ଅଳିନ୍ଦ ଓ ନିଳୟ ମଧ୍ୟ ଦେଇ ଧମନୀ ଦ୍ୱାରା ଶରୀରର ସମସ୍ତ ଅଙ୍ଗକୁ ଯାଇଥାଏ। ଏହି ପ୍ରକ୍ରିୟା ନିରନ୍ତର ଚାଲିଥାଏ। ସାଧାରଣତଃ ହୃତ୍‌ପିଣ୍ଡର ଚାରିଗୋଟି କୋଠରି ମଧ୍ୟରୁ କେବଳ ଗୋଟିଏ ପଟ ଉପର କୋଠରିରୁ ତଳ କୋଠରିକୁ ବାଟ ଥାଏ। ବାମରୁ ଦକ୍ଷିଣ କିମ୍ବା ଦକ୍ଷିଣରୁ ବାମକୁ ବାଟ ନ ଥାଏ। ଏହା ସେପ୍ଟମ ଦ୍ୱାରା ବନ୍ଦ ହୋଇଥାଏ।

ବହୁତ ସମୟରେ ଏପରି ହୋଇଥାଏ ଯେ ଆମେ କେବଳ ରୋଗ ପାଇଁ ଔଷଧ ଖାଇଥାଉ। ମାତ୍ର ରୋଗ କାହିଁକି ହେଉଛି, କିପରି ନ ହେବ ସେଥିପାଇଁ ଚିନ୍ତା କରି ନ ଥାଉ। ହୃଦ୍‌ରୋଗ ଜନ୍ମସମୟର ଅପରିପକ୍ୱ ଗଠନ ଯୋଗୁ ଶିଶୁମାନଙ୍କଠାରେ ହୋଇଥାଏ। ମାତ୍ର ଏହା ଏବେ ଅପରେଶନ ଦ୍ୱାରା ସଜଡ଼ା ଯାଇପାରୁଛି। ଅନେକ ସ୍ଥାନରେ ତାହା ସମ୍ପୂର୍ଣ୍ଣ ମାଗଣାରେ କରାଯାଉଛି। ସେହିପରି ଗଳା ସଂକ୍ରମଣ ଓ ଗଣ୍ଠି ସଂକ୍ରମଣ ପରବର୍ତ୍ତୀ ସମୟରେ ହାର୍ଟର କପାଟିକା(ଭାଲ୍‌ଭ)ଗୁଡ଼ିକ ନଷ୍ଟ ହୋଇ ଆର୍‌ଏଚ୍‌ଡି ବା କପାଟିକାଜନିତ ରୋଗ ହୋଇଥାଏ। ଏହାର ଚିକିତ୍ସା ଦୀର୍ଘଦିନ ଧରି ଔଷଧ ଦ୍ୱାରା ହୋଇଥାଏ ଓ ସ୍ଥଳବିଶେଷରେ ଅପରେଶନ କରାଯାଏ।

ସବୁଠାରୁ ଅଧିକ ସଂଖ୍ୟାରେ ହେଉଥିବା ହୃଦ୍‌ରୋଗ ହେଲା ହାର୍ଟ ଆଟାକ, ଯାହା କରୋନାରୀ ଧମନୀରେ ରକ୍ତ ସଞ୍ଚାଳନରେ ବାଧା ଯୋଗୁ ହୋଇଥାଏ। ବର୍ତ୍ତମାନ ଏହାର ସମ୍ପୂର୍ଣ୍ଣ ଓ ଫଳପ୍ରଦ ଚିକିତ୍ସା କରାଯାଇପାରୁଛି। ପୁରୁଷମାନଙ୍କ କ୍ଷେତ୍ରରେ ହୃଦ୍‌ଘାତର ଲକ୍ଷଣ ମୁଖ୍ୟତଃ ଛାତିରେ ଯନ୍ତ୍ରଣା ହେଉଥିବା ବେଳେ ମହିଳାମାନଙ୍କ କ୍ଷେତ୍ରରେ ଏହା ବାନ୍ତି ଲାଗିବା, ବଦହଜମି ଲାଗିବା, କାନ୍ଧରେ କଷ୍ଟ ଲାଗିବା ପରି ହୋଇଥାଏ। ଡାଇବେଟିସ ରୋଗୀଙ୍କ କ୍ଷେତ୍ରରେ ବେଳେବେଳେ ଏହି ଯନ୍ତ୍ରଣା ସହଜରେ ଜଣାପଡ଼ି ନ ଥାଏ। ତେବେ ଆମ୍ଭେମାନେ ଚାହିଁଲେ ହୃଦ୍‌ରୋଗକୁ କମାଇ ପାରିବା ଏବଂ ହୃଦ୍‌ରୋଗଜନିତ ମୃତ୍ୟୁରୁ ରକ୍ଷା ପାଇପାରିବା।

ନିୟମିତ ବ୍ୟାୟାମ, ସନ୍ତୁଳିତ ଖାଦ୍ୟ, ଓଜନ ହ୍ରାସ, ଚର୍ବି ହ୍ରାସ, ରକ୍ତଚାପ ନିୟନ୍ତ୍ରଣ, ରକ୍ତରେ ଶର୍କରା ନିୟନ୍ତ୍ରଣ, କମ୍ ଲୁଣ, କମ୍ ଚିନି, ଅଧିକ ତନ୍ତୁଜାତୀୟ ଓ ଫଳ ପନିପରିବାଯୁକ୍ତ ଖାଦ୍ୟ, ସୁସ୍ଥ ମନ, ସୁସ୍ଥ ଚିନ୍ତାଧାରା, ମାନସିକ ଚାପ ହ୍ରାସ ଓ ଆହୁରି ଅନେକ ଏହିପରି କାର୍ଯ୍ୟବିଧି ହୃଦ୍‌ଘାତର ଆଶଙ୍କା କମାଇ ଦେଇଥାଏ।

– ବରିଷ୍ଠ ଚିକିତ୍ସକ, ଭୁବନେଶ୍ୱର
ମୋ : ୯୪୩୭୭୪୨୪୯୯

## ଆଲର୍ଜିରୁ ମିଳିବ ଉପଶମ...



ଆପଣ ଆଲର୍ଜିଜନିତ ସମସ୍ୟାକୁ ନେଇ ଚିନ୍ତିତ କି? ଯଦି ହଁ, ତେବେ ଏଥିରୁ କେତେକାଂଶରେ ଉପଶମ ପାଇବାର ସହଜ ଉପାୟ ଆମର ହାତ ପାଆନ୍ତାରେ ରହିଛି। ଯଦି ଜଣେ ବ୍ୟକ୍ତି ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ସାମିଲ କରନ୍ତି, ତେବେ ସେ ଏଥିରୁ କେତେକାଂଶରେ ଉପଶମ ପାଇପାରିବେ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ଏହି ଭିଟାମିନ୍ ଆମ ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ଏପରି ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଭିଟାମିନ୍ 'ଇ' ଯୁକ୍ତ ଖାଦ୍ୟ ଚର୍ବିରେ ମିଶିଲେ ତାହା ଆଣ୍ଟିଅକ୍ସିଡାଣ୍ଟ ପରି କାମ କରେ। ଏହା ଶରୀରରେ କୋଲେଷ୍ଟରଲ୍‌ର ପରିମାଣକୁ ସନ୍ତୁଳିତ ଅବସ୍ଥାରେ ରଖିଥାଏ। ଗଜାମୁଗ, ଗଜାବୁଟ, ସୂର୍ଯ୍ୟମୁଖୀ ତେଲ, ପାଳଙ୍ଗ ଶାଗ ଚିନାବାଦାମ ଆଦିରେ ଭିଟାମିନ୍ 'ଇ' ପ୍ରଚୁର ମାତ୍ରାରେ ଭରି ରହିଛି।

## ଡିପ୍ରେସନ୍ ଦୂର କରେ ଉତ୍ତମ ଖାଦ୍ୟ



ଶରୀରକୁ ସୁସ୍ଥ ଓ ମଜଭୁତ୍ ରଖିବାରେ ଉତ୍ତମ ଖାଦ୍ୟର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆମେ କେତେ ରୋଗମୁକ୍ତ ଓ ସୁସ୍ଥ ଜୀବନ ଜିଉଛେ, ତାହା ଆମ ଖାଦ୍ୟ ଉପରେ ନିର୍ଭର କରେ। ହେଲେ, ଏବେ ଅନେକେ ଖାଇବାରେ ସନ୍ତୁଳନ ନ ରଖିବାରୁ ବିଭିନ୍ନ ରୋଗରେ ଆକ୍ରାନ୍ତ ହେଉଛନ୍ତି। ନିକଟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ବିଷୟକୁ ନେଇ ସର୍ଭେ କରିଥିଲେ। ଉକ୍ତ ସର୍ଭେର ଶୀର୍ଷକ ଥିଲା 'ଉତ୍ତମ ଖାଦ୍ୟ ଓ ଡିପ୍ରେସନ'। କିଛି ମାସ ଧରି ଏହା ଉପରେ ସର୍ଭେ କରି ସେମାନେ ଏକ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଉକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ନିୟମିତ ଉତ୍ତମ ତଥା ଭିଟାମିନଯୁକ୍ତ ଖାଦ୍ୟ ଖାଆନ୍ତି, ତେବେ ସେ ନିଜକୁ ଡିପ୍ରେସନ୍‌ରୁ କେତେକାଂଶରେ ଦୂରେଇ ରଖିପାରିବେ। ବେଳେବେଳେ କେତେକେ ଡିପ୍ରେସନ୍‌ରେ ରହିବା ଯୋଗୁ ଅଧିକ ଖାଦ୍ୟ ଖାଇଥାନ୍ତି। ଏହାଫଳରେ ପରବର୍ତ୍ତୀ ସମୟରେ ସେମାନେ ମେଦ ବହୁଳତାର ଶିକାର ହୋଇଥାନ୍ତି। ତେଣୁ ଆମକୁ ପ୍ରତିଦିନ ସନ୍ତୁଳିତ ଖାଦ୍ୟ ଠିକ୍ ପରିମାଣରେ ଖାଇବା ନିହାତି ଜରୁରୀ। ଗାଜର, ମୂଳା, କଖାରୁ, ପାଳଙ୍ଗ ଶାଗ, ଚିନାବାଦାମ, ଟମାଟୋ, କମଳା ଆଦି ଖାଦ୍ୟ ଶରୀର ପାଇଁ ବେଶ୍ ଉପଯୋଗୀ, ଯାହାକୁ ପ୍ରତିଦିନ ଆମେ ଆମ ଖାଦ୍ୟରେ ସାମିଲ୍ କରିପାରିବା। ଏହାବ୍ୟତୀତ ନିଜକୁ ଡିପ୍ରେସନ୍‌ରୁ ଦୂରେଇ ରଖିବା ପାଇଁ ନିଜର ମାନସିକତାକୁ ସକାରାତ୍ମକ ରଖନ୍ତୁ।

## ସୁସ୍ଥ ରହିବ କିଡ୍‌ନୀ



ଆମ ଶରୀରର ଏକ ମୁଖ୍ୟ ଓ ଦରକାରୀ ଅଙ୍ଗ ହେଉଛି କିଡ୍‌ନୀ। ଶରୀରରେ ପ୍ରବାହିତ ହେଉଥିବା ରକ୍ତକୁ ଏହା ବିଶୋଧନ କରି ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ଦୁର୍ବଳ ଲାଗେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ନିଃଶ୍ୱାସପ୍ରଶ୍ୱାସ ନେବାରେ ବି ବାଧା ଉପୁଜେ, ଫଳରେ ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଅନ୍ତୁ। କିଡ୍‌ନୀଜନିତ ରୋଗ ଦେଖାଗଲେ ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଆପଣ ଏହାକୁ ସନ୍ତୁଳିତ ରଖିବା ପାଇଁ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ଦୈନିକ ୫ଗ୍ରାମ୍ ଲୁଣ ମଧ୍ୟ ଖାଆନ୍ତୁ। ଯଦି ଆପଣ ନିଶାଦ୍ରବ୍ୟ ସେବନ କରୁଛନ୍ତି, ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ, କାରଣ ଏହା ସ୍ୱାସ୍ଥ୍ୟ ତଥା କିଡ୍‌ନୀ ପ୍ରତି ବେଶି କ୍ଷତିକାରକ। ଆଉ ମଧ୍ୟ ଆପଣ ଯଦି କୌଣସି କିଡ୍‌ନୀଜନିତ ରୋଗର ଶିକାର ହୁଅନ୍ତି, ତେବେ ଯଥାଶୀଘ୍ର ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

## ଉପକାରୀ ହଳଦୀ

ହଳଦୀ କେବଳ ସୌନ୍ଦର୍ଯ୍ୟ ପାଇଁ ନୁହେଁ ବରଂ ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପକାରୀ। ଏଥିରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଶରୀରରେ ଥଣ୍ଡା ସୃଷ୍ଟି କରୁଥିବା କୋଷଗୁଡ଼ିକୁ ଏହା ନଷ୍ଟ କରିଦିଏ। ହଳଦୀ ଶରୀରରେ ଇନ୍‌ସୁଲିନ୍ ପ୍ରତିରୋଧକୁ ବଢ଼ାଇଥାଏ। ହଳଦୀ ସମସ୍ତ ମାଂସପେଶୀକୁ ଶକ୍ତ ରଖେ। ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଆମ ମସ୍ତିଷ୍କର କାର୍ଯ୍ୟଧାରାକୁ ଆହୁରି ସକ୍ରିୟ କରାଇଥାଏ। ଏହା ରକ୍ତ ଚାପକୁ କମାଇବା ସହ ଶରୀରରେ ରକ୍ତ ସଞ୍ଚାଳନ ଠିକ ଭାବେ କରିଥାଏ।



## ସ୍ୱାସ୍ଥ୍ୟ ସୂଚନା

➤ଦିନତମାମ ଯେତେ ବ୍ୟସ୍ତ ରହିଲେ ମଧ୍ୟ ବ୍ରେକ୍‌ଫାଷ୍ଟ କରିବାକୁ ଭୁଲନ୍ତୁ ନାହିଁ। ବ୍ରେକ୍‌ଫାଷ୍ଟ ତାଲିକାରେ ତଟକା ଫଳମୂଳ ସହ ଏଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ, ଯାହା ଶରୀର ପାଇଁ ବେଶ୍ ଉପକାରୀ।

➤ଦୈନନ୍ଦିନ ଖାଦ୍ୟ ତାଲିକାରେ ପ୍ରୋଟିନ୍‌ଜାତୀୟ ଖାଦ୍ୟ ଏବଂ ସବୁଜ ପନିପରିବା ସାମିଲ କରନ୍ତୁ। ଏହା ଶରୀରକୁ ଆବଶ୍ୟକ ମୁତାବକ ଶକ୍ତି ଯୋଗାଇଥାଏ।



➤କିଛି ବ୍ୟକ୍ତିଙ୍କର ବିଳମ୍ବିତ ରାତିରେ ଖାଦ୍ୟ ଖାଇବାର ଅଭ୍ୟାସ ରହିଛି। ଏହି ଅଭ୍ୟାସ ବଦଳାଇବାକୁ ଚେଷ୍ଟା କରନ୍ତୁ ଏବଂ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ।

➤ପ୍ରତିଦିନ ଶିଡ଼ି ଚଢ଼ିବା ଏକ ଭଲ ବ୍ୟାୟାମ। ହେଲେ, ଆପଣଙ୍କର ଯଦି କିଛି ଆଣ୍ଠୁଗଣ୍ଠିଜନିତ ସମସ୍ୟା ରହିଛି, ତେବେ ଶିଡ଼ି ଯେତେ କମ୍ ଚଢ଼ିବେ ତାହା ସେତେ ଭଲ।

➤ଅଧିକ ଲୁଣ ଓ ଚିନିଜାତୀୟ ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ।

➤ଖାଇବା ସମୟରେ କେବେ ବି ପାଣି ପିଅନ୍ତୁ ନାହିଁ। କାରଣ ଏହା ପାଚନ କ୍ରିୟାକୁ ପ୍ରଭାବିତ କରିଥାଏ। ଖାଇବାର ଅଧ ଘଣ୍ଟାଏରୁ ଘଣ୍ଟାଏ ପରେ ପାଣି ପିଅନ୍ତୁ।

# ଆବେଲ ପୁରସ୍କାର-୨୦୨୫


ଇଂ. ମାୟାଧର ସ୍ୱାଇଁ

''ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।''


ମାସାକି କାଶିୱାରା

ଆବେଲ ପୁରସ୍କାର ହେଉଛି ଗଣିତ ପାଇଁ ପ୍ରଦାନ କରାଯାଉଥିବା ଗୋଟିଏ ଉଲ୍ଲେଖନୀୟ ପୁରସ୍କାର। ଗଣିତ କ୍ଷେତ୍ରରେ ଉତ୍କର୍ଷ ଲାଭ କରିଥିବା ଜଣେ ଗଣିତଜ୍ଞଙ୍କୁ ଏହା ପ୍ରଦାନ କରାଯାଇଥାଏ। ନରୱେର ବିଶିଷ୍ଟ ଗଣିତଜ୍ଞ ନିଲ୍‌ସ ହେନ୍‌ରିକ ଆବେଲ (୧୮୦୨-୧୮୨୯)ଙ୍କ ନାମାନୁସାରେ ନରୱେ ସରକାର ଏହାକୁ ୨୦୦୨ ମସିହାରେ ପ୍ରତିଷ୍ଠା କରିଛନ୍ତି। ପଞ୍ଚଘାତୀ ସମୀକରଣ ସମାଧାନ ସମ୍ଭବ ନୁହେଁ ବୋଲି ସେ ପ୍ରଥମେ ପ୍ରମାଣ କରିଥିଲେ। ମାତ୍ର ୨୭ ବର୍ଷର ସ୍ୱଳ୍ପ ଜୀବନକାଳ ମଧ୍ୟରେ ସେ ଇଲିପ୍‌ଟି ଫଳନ ଓ ଆବେଲୀୟ ଫଳନ ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥିଲେ।

ଆବେଲ ପୁରସ୍କାରକୁ ନୋବେଲ ପୁରସ୍କାରର ସମସ୍କନ୍ଦ ଭାବରେ ବିଚାର କରାଯାଏ। ସୂଚନାଯୋଗ୍ୟ ଯେ, ଗଣିତକୁ ସମସ୍ତ ବିଜ୍ଞାନର ରାଣୀ କୁହାଯାଉଥିଲେ ସୁଦ୍ଧା ନୋବେଲ ପୁରସ୍କାରରେ ମଧ୍ୟ ଗଣିତକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଆବେଲ ପୁରସ୍କାରରେ ୭୫ ଲକ୍ଷ କ୍ରୋନର (୭୨୦୦୦୦ ଆମେରିକୀୟ ଡଲାର) ପ୍ରଦାନ କରାଯାଏ। ପୁରସ୍କାର ଚୟନ ପାଇଁ ଗଣିତଜ୍ଞଙ୍କର ଦେଶ, ବୟସ କିମ୍ବା ଅଧ୍ୟୟନ କ୍ଷେତ୍ରକୁ ବିଚାର କରାଯାଏ ନାହିଁ। ଗଣିତର ଯେ କୌଣସି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଏ। ବର୍ଷକୁ ଅତି ବେଶୀରେ ତିନି ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ଦିଆଯାଏ। ୨୦୦୩ରୁ ଏପର୍ଯ୍ୟନ୍ତ ୨୮ ଜଣ ଗଣିତଜ୍ଞଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି।




ଚଳିତ ବର୍ଷ ପାଇଁ ଜାପାନର ୭୮ ବର୍ଷ ବୟସ୍କ ଗଣିତଜ୍ଞ ମାସାକି କାଶିୱାରାଙ୍କୁ ଆବେଲ ପୁରସ୍କାର ପ୍ରଦାନ କରିବା ପାଇଁ ନରୱେ ବିଜ୍ଞାନ ଓ କଳା ଏକାଡେମୀ ଘୋଷଣା କରିଛି। ବୀଜଗାଣିତିକ ବିଶ୍ଳେଷଣ ଓ ପ୍ରତିନିଧିତ୍ୱ ତତ୍ତ୍ୱରେ ଏବଂ ବିଶେଷ ଭାବେ ଡି-ମଡ୍ୟୁଲର ବିକାଶ ଓ କ୍ରିଷ୍ଟାଲ ଆଧାର ଆବିଷ୍କାରରେ ତାଙ୍କର ମୌଳିକ ଅବଦାନ ପାଇଁ ତାଙ୍କୁ ଏହି ବର୍ଷର ଆବେଲ ପୁରସ୍କାର ପ୍ରଦାନ ପାଇଁ ମନୋନୀତ କରାଯାଇଛି।

ଆବେଲ ପୁରସ୍କାର ଘୋଷଣା ପତ୍ରରେ କୁହାଯାଇଛି, ''କାଶିୱାରା ହେଉଛନ୍ତି ଜଣେ ବିଚକ୍ଷଣ ଗଣିତଜ୍ଞ। ତାଙ୍କ ସହିତ ୭୦ରୁ ଅଧିକ ସହଯୋଗୀ କାର୍ଯ୍ୟ କରିଛନ୍ତି। ଗତ ୫୦ ବର୍ଷ ଧରି ସେ ଗଣିତରେ ପ୍ରତିନିଧିତ୍ୱ ତତ୍ତ୍ୱ ଓ ବୀଜଗାଣିତିକ ବିଶ୍ଳେଷଣରେ ଗଭୀର ଅନୁଧ୍ୟାନ କରି ଏହାକୁ ସମୃଦ୍ଧ କରିଛନ୍ତି। ସମସାମୟିକ ଗଣିତରେ ତାଙ୍କ କାର୍ଯ୍ୟ ସର୍ବଦା ସମ୍ମୁଖ ଭାଗରେ ରହିଛି ଏବଂ ଏହା ଅନେକ ପିଢ଼ିର ଗବେଷକମାନଙ୍କୁ ପ୍ରେରଣା ଦେବ।''

କାଶିୱାରା ୧୯୪୭ ମସିହା ଜାନୁୟାରୀ ୩୦ ତାରିଖରେ ଜାପାନର ୟୁକି ଠାରେ ଜନ୍ମଗ୍ରହଣ କରିଥିଲେ। ୧୯୬୯ ମସିହାରେ ସ୍ନାତକ ଓ ୧୯୭୧ରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସେ ୧୯୭୪ରେ 'ଗାଣିତିକ ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ'ରୁ ପିଏଚ୍‌ଡି ଡିଗ୍ରୀ ଲାଭ କରି ସେଠାରେ ୧୯୭୮ ମସିହାରେ ପ୍ରଫେସର ଓ ପରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଛନ୍ତି।

କାଶିୱାରା ଜାପାନ ଏକାଡେମୀର ସଭ୍ୟ ଏବଂ ଫରାସୀ ବିଜ୍ଞାନ ଏକାଡେମୀର ବୈଦେଶିକ ସଭ୍ୟ ଭାବେ ନିର୍ବାଚିତ ହୋଇଛନ୍ତି। ଗଣିତରେ କୃତୀ ପାଇଁ ସେ ଅନେକ ପୁରସ୍କାର ଓ ସମ୍ମାନ ଲାଭ କରିଛନ୍ତି। ୨୦୧୯ରେ ତାଙ୍କୁ ଏସିଆର ଶ୍ରେଷ୍ଠ ଏକଶତ ବୈଜ୍ଞାନିକମାନଙ୍କ ମଧ୍ୟରେ ତାଙ୍କୁ ନିର୍ବାଚିତ କରାଯାଇଥିଲା।

ଆବେଲ ପୁରସ୍କାର ପାଇବାରେ କାଶିୱାରା ହେଉଛନ୍ତି ପ୍ରଥମ ଜାପାନ ନାଗରିକ। ତାଙ୍କୁ ଚଳିତ ବର୍ଷ ମେ' ୨୦ ତାରିଖରେ ଏକ ବର୍ଣ୍ଣାଢ୍ୟ ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ।

-୭୦, ଲକ୍ଷ୍ମୀ ବିହାର, ଫେଜ୍ ୧,
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

ଧରିତ୍ରୀ 51 Years

# ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଏପ୍ରିଲ ୨୮/୨୦୨୫ Bhubaneswar, Monday, April 28/ 2025


# ମୁମ୍ବାଇ-ଜାମସେଦପୁର ସେମିଫାଇନାଲ

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟର ରବିବାର ଅନୁଷ୍ଠିତ ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଜାମସେଦପୁର ଏଫ୍‌ସି ପେନାଲ୍ଟି ଶୁଟ୍‌ଆଉଟ ୫-୪ ଗୋଲରେ ନର୍ଥଇଷ୍ଟ ୟୁନାଇଟେଡକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ ରହିବାପରେ ଫଳାଫଳ ପାଇଁ ଶୁଟ୍‌ଆଉଟ ପଦ୍ଧତି

**କଳିଙ୍ଗ ସୁପର କପ୍ ଫୁଟବଲ**


ମୁମ୍ବାଇ ସିଟି ଏଫ୍‌ସି ଓ ଇଣ୍ଟର କାଶୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ। (ଫଟୋ: ବିକାଶ ନାୟକ)

ଅବଲମ୍ବନ କରାଯାଇଥିଲା। ଏଥିରେ ଜାମସେଦପୁର ଦଳ ୫ଟି ଗୋଲ ଦେଇଥିବାବେଳେ ନର୍ଥଇଷ୍ଟ ୪ ଗୋଲରେ ସୀମିତ ରହିଥିଲା। ଫଳରେ ନର୍ଥଇଷ୍ଟର ଅଭିଯାନ କ୍ୱାର୍ଟର ଫାଇନାଲରୁ ଶେଷ ହୋଇଛି। ଅତିଥି ତଥା ଡେପୁଟି ସେକ୍ରେଟାରି ସୌମ୍ୟ ସାର୍ଥକ ମିଶ୍ର ମ୍ୟାଚ ଆରମ୍ଭ ପୂର୍ବରୁ ଉଭୟ ଦଳର ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। କ୍ୱାର୍ଟର ଫାଇନାଲ ଶେଷ ସହ ଟୁର୍ନାମେଣ୍ଟର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ୩୦ ତାରିଖ ପ୍ରଥମ ସେମିଫାଇନାଲରେ ମୋହନ ବାଗାନ ସୁପର ଜାଏଣ୍ଟକୁ ଭେଟିବ ଏଫ୍‌ସି ଗୋଆ। ସେହିଦିନ ଅନ୍ୟ ଏକ ସେମିଫାଇନାଲ ମୁମ୍ବାଇ ସିଟି ଏଫ୍‌ସି ଓ ଜାମସେଦପୁର ଏଫ୍‌ସି ମଧ୍ୟରେ ଅନୁଷ୍ଠିତ ହେବ। ତୃତୀୟ କ୍ୱାର୍ଟର ଫାଇନାଲରେ ମୁମ୍ବାଇ ସିଟି ଏଫ୍‌ସି ୧-୦ ଗୋଲରେ ଇଣ୍ଟର କାଶୀକୁ ହରାଇ ଦେଇଥିଲା। ମ୍ୟାଚର ୭୧ତମ ମିନିଟରେ ଲାଲିଆଞ୍ଜୁଆଲା ଚାଙ୍ଗ୍‌ଟେ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ମ୍ୟାଚ ଆରମ୍ଭରେ ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଅତିଥିଭାବେ ଯୋଗଦେଇ ଖେଳାଳିଙ୍କ ସହ ପରିଚିତ ହୋଇଥିଲେ। ଶେଷରେ କ୍ରୀଡ଼ା ବିଭାଗର ଓଏସ୍‌ଡି ସୋନାଲି ଚାନ୍ଦ ଅତିଥିଭାବେ ଯୋଗଦେଇ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ।

ପୂରା ଟୁର୍ନାମେଣ୍ଟରେ ଉତ୍ସାହୀ ପ୍ରଦର୍ଶନ କରିଥିବା ଇଣ୍ଟର କାଶୀ ଏହି ମ୍ୟାଚରେ ମୁମ୍ବାଇକୁ ମଧ୍ୟ କଡ଼ା ଟକ୍କର ଦେଇଥିଲା। ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ମଧ୍ୟ ଇଣ୍ଟର କାଶୀର ପ୍ରଦର୍ଶନ ଉତ୍ସାହୀ ରହିଥିଲା। ମାତ୍ର ଲାଲିଆଞ୍ଜୁଆଲାଙ୍କ ଗୋଲ ମ୍ୟାଚରେ ଫରକ ଆଣିଥିଲା। ବିପଜ୍ଜନକ ପ୍ରଦର୍ଶନ ପାଇଁ ୪୫+୧୨ ମିନିଟରେ ମୁମ୍ବାଇ ସିଟି ଏଫ୍‌ସିର ନିକୋଲାଓସ କାରେଲିସ, ୪୫+୧୪ ମିନିଟରେ ଇଣ୍ଟର କାଶୀର ମାରିଓ ବାର୍କୋ ଭିଲାର, ୭୯ତମ ମିନିଟରେ ମହମ୍ମଦ ଅସିଫ ୟେଲୋ କାର୍ଡ ପାଇଥିଲେ। ପୂରା ମ୍ୟାଚରେ ଉତ୍ତମ ପ୍ରଦର୍ଶନ ପାଇଁ ମୁମ୍ବାଇ ସିଟି ଏଫ୍‌ସିର ଜର୍ଜ ଓର୍ଟିଜ ମେଣ୍ଡୋଜା ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବରୁ ପ୍ରଥମ ଦୁଇ ଦଳଭାବେ ମୋହନ ବାଗାନ ସୁପର ଜାଏଣ୍ଟ ଓ ଏଫ୍‌ସି ଗୋଆ ବିଜୟୀ ହୋଇ ସେମିଫାଇନାଲରେ ପ୍ରବେଶ କରି ସାରିଥିଲେ। ଇଣ୍ଟର କାଶୀର ବିଦାୟ ସହ ଟୁର୍ନାମେଣ୍ଟରୁ ଆଇ-ଲିଗ୍ ଦଳ ଗୁଡ଼ିକର ଅଭିଯାନ ଶେଷ ହୋଇଯାଇଛି। ପୂର୍ବରୁ ପ୍ରି-କ୍ୱାର୍ଟର ଫାଇନାଲରୁ ଗୋକୁଲମ୍ କେରଳ ବିଦାୟ ନେଇ ସାରିଛି। ଅନ୍ୟତମ ଆଇ-ଲିଗ୍ ଦଳ ଚର୍ଚ୍ଚିଲ ବ୍ରଦର୍ସ ଟୁର୍ନାମେଣ୍ଟରୁ ଓହରି ଯାଇଛି। ମେ ୩ ତାରିଖରେ ଫାଇନାଲ ଅନୁଷ୍ଠିତ ହେବ।

**ସେମିଫାଇନାଲ ସୂଚୀ (ଏପ୍ରିଲ ୩୦)**

ପ୍ରଥମ ସେମିଫାଇନାଲ: ମୋହନ ବାଗାନ ସୁପର ଜାଏଣ୍ଟ ବନାମ ଏଫ୍‌ସି ଗୋଆ। ସମୟ: ଅପରାହ୍ନ ୪ଟା ୩୦

ଦ୍ୱିତୀୟ ସେମିଫାଇନାଲ: ମୁମ୍ବାଇ ସିଟି ଏଫ୍‌ସି ବନାମ ଜାମସେଦପୁର ଏଫ୍‌ସି। ସମୟ: ରାତି ୮ଟା।

# ମହିଳା ଓ ପୁରୁଷରେ ଓଡ଼ିଶା ଚାମ୍ପିୟନ



ଚାମ୍ପିୟନ ଓଡ଼ିଶା ଦଳର ଖେଳାଳିମାନେ ଅତିଥିଙ୍କ ଗହଣରେ।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

**ସର୍ବଭାରତୀୟ ଗେଟ୍‌ବଲ ଉଦ୍‌ଯାପିତ**

କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ସର୍ବଭାରତୀୟ ଗେଟ୍‌ବଲ୍ ଚାମ୍ପିୟନଶିପ୍‌ର ଉଭୟ ମହିଳା ଓ ପୁରୁଷ ବର୍ଗରେ ଓଡ଼ିଶା ଚାମ୍ପିୟନ ହୋଇଛି। ମହିଳା ବିଭାଗରେ ଓଡ଼ିଶା ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶ ରୌପ୍ୟ ପଦକ ହାସଲ କରିଛି। ପୁରୁଷରେ ଓଡ଼ିଶା, ମଧ୍ୟ ପ୍ରଦେଶ ଓ ବିହାର ଯଥାକ୍ରମେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଆଇନଜୀବୀ ନିର୍ଭୟ କୁମାର ସାମନ୍ତରାୟ, କ୍ରୀଡ଼ା ସଙ୍ଗଠକ ନବରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓଡ଼ିଶା ଗେଟ୍‌ବଲ ଆସୋସିଏଶନ ସଭାପତି ରଞ୍ଜନ କୁମାର ନନ୍ଦ, ସମ୍ପାଦକ ମହମ୍ମଦ ଆଜମ, ଯୁଗ୍ମ ସମ୍ପାଦକ ବାସୁଦେବ ଓଝା, ଗୌତମ ବେହେରା, କୁନାଲ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

# ରହିତାଦେଶ ସତ୍ତ୍ୱେ ଚର୍ଚ୍ଚିଲ ବ୍ରଦର୍ସଙ୍କୁ ଟ୍ରଫି

**ନୂଆଦିଲ୍ଲୀ, ୨୭।୪(ପି.ଟି.)**

**ଆଇ-ଲିଗ୍ ଟାଇଟଲ ବିବାଦ**

ଚଳିତ ସିଜନର ଆଇ-ଲିଗ୍ ଟାଇଟଲକୁ ନେଇ ଲାଗି ରହିଥିବା ବିବାଦ ରବିବାର ଭିନ୍ନ ମୋଡ଼ ନେଇଛି। ଇଣ୍ଟର କାଶୀ କ୍ଲବ ପକ୍ଷରୁ କରାଯାଇଥିବା ଆବେଦନର ଶୁଣାଣି କରି କୋର୍ଟ ଅଫ୍ ଆର୍ବିଟ୍ରେଶନ ଫର ସ୍ପୋର୍ଟ(କାସ୍) ଗୋଆର ଚର୍ଚ୍ଚିଲ ବ୍ରଦର୍ସଙ୍କୁ ଚାମ୍ପିୟନ ଘୋଷଣା କରିବାର ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍‌ଏଫ୍)ର ନିଷ୍ପତ୍ତି ଉପରେ ରହିତାଦେଶ ଜାରି କରିଥିଲା। ହେଲେ ରହିତାଦେଶ ସତ୍ତ୍ୱେ ଏଆଇଏଫ୍‌ଏଫ୍ ଚର୍ଚ୍ଚିଲ ବ୍ରଦର୍ସଙ୍କୁ ଆଇ-ଲିଗ୍ ଟ୍ରଫି ପ୍ରଦାନ କରିଛି। ଏଥିଯୋଗୁ ମହାସଂଘକୁ କ୍ରୀଡ଼ାର ସର୍ବୋଚ୍ଚ ନ୍ୟାୟାଳୟ ଦଣ୍ଡିତ କରିପାରେ। ତେବେ ଟ୍ରଫି ପ୍ରଦାନ ଉତ୍ସବ ପରେ କାସ୍‌ର ନିର୍ଦ୍ଦେଶନାମା ସମ୍ପର୍କରେ ଜାଣିବାକୁ ପାଇଥିବା ଏଆଇଏଫ୍‌ଏଫ୍ ଡେପୁଟି ସେକ୍ରେଟାରି ଜେନେରାଲ ଏମ୍. ସତ୍ୟନାରାୟଣ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ଏଆଇଏଫ୍‌ଏଫ୍‌ର ଅପିଲ୍ସ କମିଟି ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନରେ ରହିଥିବା ଇଣ୍ଟର କାଶୀ ବିରୋଧରେ ରାୟ ଦେବା ପରେ ଗତ ୧୮ ତାରିଖରେ ଚର୍ଚ୍ଚିଲ ବ୍ରଦର୍ସଙ୍କୁ ଆଇ-ଲିଗ୍ ଚାମ୍ପିୟନ ଘୋଷଣା କରାଯାଇଥିଲା। ଏହି ନିଷ୍ପତ୍ତି ବିରୋଧରେ ଇଣ୍ଟର କାଶୀ ସ୍ୱିଜରଲାଣ୍ଡସ୍ଥିତ ବିଶ୍ୱର ସର୍ବୋଚ୍ଚ ସ୍ପୋର୍ଟ୍ସ ଟ୍ରିବ୍ୟୁନାଲର ଦ୍ୱାରସ୍ଥ ହୋଇଥିଲା। ରବିବାର ମାମଲାର ଶୁଣାଣି ପରେ ଚୂଡ଼ାନ୍ତ ନିଷ୍ପତ୍ତି ନ ହେବା ପର୍ଯ୍ୟନ୍ତ ଏଆଇଏଫ୍‌ଏଫ୍‌କୁ ଆଇ-ଲିଗ୍ ୨୦୨୪-୨୫ ସିଜନର ଚାମ୍ପିୟନ ଘୋଷଣା ନ କରିବାକୁ ଏବଂ କୌଣସି ମେଡାଲ ସେରିମୋନି ଆୟୋଜନ ନ କରିବାକୁ କାସ୍ ନିର୍ଦ୍ଦେଶ ଦେଇଥିଲା।

# ଏସିଆନ ଭଲିବଲ୍‌ରୁ ଓହରିଲା ଭାରତ

**ଲାହୋର, ୨୭।୪ (ପି.ଟି.):** ପହଲଗାମ୍‌ରେ ଏପ୍ରିଲ ୨୨ ଆତଙ୍କବାଦୀ ଆକ୍ରମଣ ଘଟଣାରେ ୨୬ ପର୍ଯ୍ୟଟକ ନିହତ ହେବାପରେ ଆସନ୍ତା ମାସରେ ଭାରତ ଓ ପାକିସ୍ତାନ ଇସ୍‌ଲାମାବାଦରେ ଖେଳାଯିବାକୁଥିବା ସେଣ୍ଟ୍ରାଲ ଏସିଆନ ଭଲିବଲ୍ ଟୁର୍ନାମେଣ୍ଟରୁ ଭାରତ ଓହରିଯାଇଛି। ପାକିସ୍ତାନ ଭଲିବଲ୍ ଫେଡେରେଶନ (ପିଭିଏଫ୍) ତରଫରୁ ରବିବାର ଏବିଷୟରେ ସୂଚନା ଦିଆଯାଇଛି। ପିଭିଏସ୍ ଅଫିସିଆଲ ଅବ୍ଦୁଲ ଆହଦ କହିଛନ୍ତି, ଜିନ୍ନା କମ୍ପ୍ଲେକ୍ସରେ ମେ ୨୮ରୁ ଆରମ୍ଭ ହେବାକୁଥିବା ଏହି ଚାମ୍ପିୟନଶିପ୍ ଲାଗି ଭାରତ ୨୨ଜଣ ଖେଳାଳି ସମେତ ୩୦ ଜଣିଆ ଦଳ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିଲା।

# 'ଆଇ ସ୍ୱିମ୍' ମିଟ୍ ଉଦ୍‌ଯାପିତ


ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ବାଳିକା ବାଳକ ସୁଇମର।

**ଭୁବନେଶ୍ୱର, ୨୭।୪ (ତପନ ସ୍ୱାଇଁ)**

**କିସ୍ ସୁଇମରଙ୍କୁ ୧୨ ପଦକ**

କିଟ୍ ଓ କିସ୍‌ର ସୁଇମିଂ ପୁଲ୍ କମ୍ପ୍ଲେକ୍ସରେ ୨୬ ଓ ୨୭ ତାରିଖ ଦୁଇଦିନଧରି 'ଆଇ ସ୍ୱିମ୍' ସୁଇମିଂ ମିଟ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ଭାଗରୁ ୪୫୦ ସୁଇମର ଅଂଶଗ୍ରହଣ କରିଥିଲେ। ଏହା ମଧ୍ୟରେ ସମ୍ବଲପୁର, କିସ୍-ଗ୍ଲେନମାର୍କ ଓ ଜେଏସ୍‌ଡବ୍ଲ୍ୟୁ ଆଦି ଓଡ଼ିଶାର ବିଭିନନ ଏକାଡେମୀର ୩୫୦ ଛାତ୍ରୀଛାତ୍ର ସାମିଲ। କିସ୍ ସୁଇମରମାନେ ପ୍ରଥମ ଦିବସରେ ପ୍ରଭାବୀ ପ୍ରଦର୍ଶନ କରି ୧ ସ୍ୱର୍ଣ୍ଣ, ୫ ରୌପ୍ୟ ଓ ୬ ବ୍ରୋଞ୍ଜ ସମେତ ୧୨ ପଦକ ହାସଲ କରିଛନ୍ତି। ସମସ୍ତ ପଦକ ହାସଲକାରୀଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅଭିନନ୍ଦନ ଜଣାଇଛନ୍ତି। ଏହି ପ୍ରତିଯୋଗିତା ବାଳିକା ବାଳକ ସୁଇମରଙ୍କ ପାଇଁ ଏକ ଭଲ ପ୍ଲାଟଫର୍ମ ସଦୃଶ ହୋଇଛି। ଏଥିରୁ ସେମାନେ ଅନେକ ଅନୁଭୂତି ଲାଭ କରିଛନ୍ତି।

# ପିଏସ୍‌ଏଲ୍‌ରେ ସମ୍ପୃକ୍ତ ଥିବା ଭାରତୀୟ ସ୍ୱଦେଶ ଫେରିଲେ

**କରାଚୀ, ୨୭।୪(ପି.ଟି.):** ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ୍)ର ପ୍ରଡକଶନ ଓ ବ୍ରଡକାଷ୍ଟ ଦଳର ଅଂଶଥିବା ୨୩ ଭାରତୀୟଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ପହଞ୍ଚାଇବା ଲାଗି ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ରବିବାର ବ୍ୟବସ୍ଥା କରାଯାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଦୁଇ ପଡ଼ୋଶୀ ଦେଶ ମଧ୍ୟରେ ଥିବା କୂଟନୈତିକ ସମ୍ପର୍କ ଆହୁରି ଖରାପ ହୋଇଛି। ପାକିସ୍ତାନ ସରକାର ପାକିସ୍ତାନରେ ଥିବା ଭାରତୀୟଙ୍କୁ ଚଳିତ ମାସ ୩୦ ତାରିଖ ସୁଦ୍ଧା ଦେଶ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପିଏସ୍‌ଏଲ୍ ମ୍ୟାଚର ପ୍ରଡକ୍ଶନ ଓ ବ୍ରଡକାଷ୍ଟ ଲାଗି ପାକିସ୍ତାନରେ ଥିବା ଭାରତୀୟଙ୍କୁ ପଠାଇ ଦିଆଯାଇଥିବା ପିସିବି ପକ୍ଷରୁ ସ୍ପଷ୍ଟ କରାଯାଇଛି।

# ମୁମ୍ବାଇର ବିଜୟ ଧାରା ଜାରି


ଉଇକେଟ ନେବା ପରେ ଉଲ୍ଲସିତ ଯଶପ୍ରୀତ୍ ବୁମ୍ରା।

**ମୁମ୍ବାଇ, ୨୭।୪**

ସୂର୍ଯ୍ୟକୁମାର ଯାଦବଙ୍କ ବିସ୍ଫୋରକ ଅର୍ଦ୍ଧଶତକ ଓ ଯଶପ୍ରୀତ ବୁମରାଙ୍କ ୪ ଉଇକେଟ ସଫଳତା ବଳରେ ମୁମ୍ବାଇ ଇଣ୍ଡିଆନ୍ସ (ଏମ୍‌ଆଇ) ୫୪ ରନର ବଡ଼ ବ୍ୟବଧାନରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ (ଏଲ୍‌ଏସ୍‌ଜି)କୁ ପରାସ୍ତ କରିଛି। ମୁମ୍ବାଇ ଦ୍ୱାରା ପ୍ରଦତ୍ତ ୨୧୬ ରନର ଟାର୍ଗେଟର ପିଛା କରୁଥିବା ଲକ୍ଷ୍ନୌ ୧୬୧ ରନରେ ଅଲଆଉଟ୍ ହୋଇଯାଇଥିଲା। ଏହା ମୁମ୍ବାଇ ଦଳର ଲଗାତର ପଞ୍ଚମ ଓ ମୋଟ ଉପରେ ଷଷ୍ଠ ବିଜୟ। ଅନ୍ୟପକ୍ଷରେ ଏହା ଲକ୍ଷ୍ନୌ ଲାଗି ପଞ୍ଚମ ପରାଜୟ। ଏହି ମ୍ୟାଚ୍‌ରେ ସୂର୍ଯ୍ୟକୁମାର ଯାଦବ ଆଇପିଏଲ୍‌ରେ ୪,୦୦୦ ରନ ପୂରଣ କରିଛନ୍ତି।

ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିବା ମୁମ୍ବାଇ ୨୦ ଓଭରରେ ୭ ଉଇକେଟ ହରାଇ ୨୧୫ ରନ କରିଥିଲା। ଦଳ ପକ୍ଷରୁ ରିୟାନ ରିକଲଟନ ୩୨ ବଲରେ ୫୮ (୬ ଚୌକା ଓ ୪ ଛକା) ଓ ସୂର୍ଯ୍ୟକୁମାର ଯାଦବ ୨୮ ବଲରେ ୫୪ (୪ ଲେଖାଏ ଚୌକା ଓ ଛକା) ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୱିଲ ଜ୍ୟାକ୍ସ ୨୯ (୩ ଚୌକା ଓ ୧ ଛକା), ନମନ ଧିର ୨୫ (୨ ଲେଖାଏ ଚୌକା ଓ ଛକା) ଓ କର୍ବିନ ବୋଶ୍ ୨୦ (୨ ଚୌକା ଓ ୧ ଛକା) ରନ କରିଥିଲେ। ଲକ୍ଷ୍ନୌ ପାଇଁ ଇଞ୍ଜୁରୀରୁ ପ୍ରତ୍ୟାବର୍ତ୍ତନ କରିଥିବା ମୟଙ୍କ ଯାଦବ ଓ ଆଭେଶ ଖାନ ଦୁଇଟି ଲେଖାଏ ଉଇକେଟ ହାତେଇଥିଲେ। ଜବାବରେ ଲକ୍ଷ୍ନୌ ଆରମ୍ଭରୁ ଏଡେନ ମାରକ୍ରାମ (୯)ଙ୍କ ଉଇକେଟ ହରାଇଥିଲା। ଅନ୍ୟତମ ଓପନର ମିଚେଲ ମାର୍ଶ ଓ ନିକୋଲସ ପୁରନ ଦଳୀୟ ସ୍କୋରକୁ ପାୱାରପ୍ଲେରେ ୬୦ରେ ପହଞ୍ଚାଇଥିଲେ। ହେଲେ ଦଳ ସପ୍ତମ ଓଭରରେ ପୁରନ (୨୭) ଓ ଅଧିନାୟକ ରିଷଭ ପନ୍ତ (୪)ଙ୍କ ଉଇକେଟ ହରାଇଥିଲା। ମାର୍ଶ ୨୪ ବଲରେ ୩୪ (୩ ଚୌକା ଓ ୨ ଛକା) ରନ କରି ଆଉଟ୍ ହେବା ପରେ ଦଳ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

**ଆଇପିଏଲ୍ କାର୍ଯ୍ୟସୂଚୀ**


(ଆଜିର ମ୍ୟାଚ)
ରାଜସ୍ଥାନ ବନାମ ଗୁଜରାଟ
ସ୍ଥାନ: ଜୟପୁର
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ: ୨୦ ଓଭରରେ ୨୧୫/୭ (ରିୟାନ ରିକଲଟନ-୫୮, ସୂର୍ଯ୍ୟକୁମାର ଯାଦବ-୫୪, ୱିଲ ଜ୍ୟାକ୍ସ-୨୯, ନମନ ଧିର-୨୫*, ମୟଙ୍କ ଯାଦବ-୨/୪୦, ଆଭେଶ ଖାନ-୨/୪୨)। ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ: ୨୦ ଓଭରରେ ୧୬୧/ଅଲଆଉଟ୍ (ଆୟୁଷ ବଦୋନି-୩୫, ମାର୍ଶ-୩୪, ନିକୋଲସ ପୁରନ-୨୭, ଯଶପ୍ରୀତ ବୁମରା-୪/୨୨, ଟ୍ରେଣ୍ଟ ବୋଲ୍ଟ-୩/୨୦, ୱିଲ ଜ୍ୟାକ୍ସ-୨/୧୮)।

**ଆଇପିଏଲ୍ ପଏଣ୍ଟ ଟେବୁଲ**

| ଦଳ | ମ୍ୟାଚ | ବିଜୟ | ପରାଜୟ | ବି.ଫ. | ପଏଣ୍ଟ | ରନ ହାର |
|---|---|---|---|---|---|---|
| ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ | ୧୦ | ୭ | ୩ | ୦ | ୧୪ | +୦.୫୨୧ |
| ଗୁଜରାଟ ଟାଇଟନ୍ସ | ୮ | ୬ | ୨ | ୦ | ୧୨ | +୧.୧୦୪ |
| ମୁମ୍ବାଇ ଇଣ୍ଡିଆନ୍ସ | ୧୦ | ୬ | ୪ | ୦ | ୧୨ | +୦.୮୮୯ |
| ଦିଲ୍ଲୀ କ୍ୟାପିଟାଲ୍ସ | ୯ | ୬ | ୩ | ୦ | ୧୨ | +୦.୪୮୨ |
| ପଞ୍ଜାବ କିଙ୍ଗ୍ସ | ୯ | ୫ | ୩ | ୧ | ୧୧ | +୦.୧୭୭ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୧୦ | ୫ | ୫ | ୦ | ୧୦ | -୦.୩୨୫ |
| କୋଲକାତା ନାଇଟ ରାଇଡର୍ସ | ୯ | ୩ | ୫ | ୧ | ୭ | +୦.୨୧୨ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୯ | ୩ | ୬ | ୦ | ୬ | -୧.୧୦୩ |
| ରାଜସ୍ଥାନ ରୟାଲ୍ସ | ୯ | ୨ | ୭ | ୦ | ୪ | -୦.୬୨୫ |
| ଚେନ୍ନାଇ ସୁପର କିଙ୍ଗ୍ସ | ୯ | ୨ | ୭ | ୦ | ୪ | -୧.୩୦୨ |




4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ